
# ମୁଁ କାହିଁକି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ଅଟେ

## Why I am a Member of the Church of Christ

- Leroy Brownlow



# ମୁଁ କାହିଁକି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ଅଟେ

## Why I am a Member of the Church of Christ

Author

**LEROY BROWNLOW**

Translator

**KABITA GOOTAM**

# ମୁଁ କାହିଁକି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ଅଟେ
## Why I am a Member of the Church of Christ

ଗ୍ରନ୍ଥକର୍ତ୍ତା :
ଲିରୋୟ ବ୍ର୍ୟାନ୍‌ଲୋ

ଅନୁବାଦକ :
କବିତା ଗୁଟମ୍

**Church of Christ**
**P.O. Box**
**KAKINADA-533001**
**INDIA**

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| 1. | ଏହା ଶାସ୍ତ୍ରୀୟ ସଂସ୍ଥାପକ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ... | 1 |
| 2. | ଏହା ଶାସ୍ତ୍ରୀୟ ମୂଳଦୁଆ ଉପରେ ସ୍ଥାପିତ ... | 4 |
| 3. | ଏହା ଶାସ୍ତ୍ରୀୟ ସ୍ଥାନ ଯିରୁଶାଲମରେ ସ୍ଥାପିତ ହୋଇଥିଲା ... | 6 |
| 4. | ଏହା ଶାସ୍ତ୍ରୀୟ ସମୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ପୁନଃରୁଥାନ ଅର୍ଥାତ୍ ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଥିଲା ... | 12 |
| 5. | ଖ୍ରୀଷ୍ଟ ଏକମାତ୍ର ମଣ୍ଡଳୀର ଅର୍ଥାତ୍ ତାହାଙ୍କ ମଣ୍ଡଳୀର ସ୍ଥାପକ ଅଟନ୍ତି ... | 14 |
| 6. | ଏହା ଶାସ୍ତ୍ରୀୟ ନାମ ଧାରଣ କରେ ... | 19 |
| 7. | ଏହାର ସଂଗଠନ ଶାସ୍ତ୍ରୀୟ ... | 28 |
| 8. | ଏହାର ସିଦ୍ଧାନ୍ତ, ବିଶ୍ୱାସ ଓ ନିୟମାବଳୀ ବାକ୍ୟଗତ ଅଟେ ... | 34 |
| 9. | ଏହା, ବାଇବଲ ଈଶ୍ୱର ନିଶ୍ୱସିତ ବୋଲି ବିଶ୍ୱାସ କରେ ... | 38 |
| 10. | ଏହା, ବାଇବଲ ଉପଯୁକ୍ତ ଭାବେ ବିଭାଜିତ ହେବା ଆବଶ୍ୟକ ବୋଲି ବିଶ୍ୱାସ କରେ ... | 45 |
| 11. | ଏହା ମତଶାଖା ସମ୍ବନ୍ଧୀୟ ନୁହେଁ ... | 54 |
| 12. | ଏହା ମିଶିନେରୀ କାର୍ଯ୍ୟ କରେ ... | 59 |
| 13. | ଏହା ଖ୍ରୀଷ୍ଟଙ୍କ ରାଜ୍ୟ ସ୍ଥାପନ ଓ ଖ୍ରୀଷ୍ଟଙ୍କ ରାଜ୍ୟ ବିଷୟରେ ସାକ୍ଷ୍ୟ ଦିଏ | 63 |
| 14. | ପରିତ୍ରାଣ ପାଇବାକୁ ମୁଁ କଅଣ କରିବି ? ପ୍ରଶ୍ନର ଉତ୍ତର ଦିଏ ... | 69 |
| 15. | ମନୁଷ୍ୟ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଏ, କିନ୍ତୁ କେବଳ ବିଶ୍ୱାସ ଯଥେଷ୍ଟ ନୁହେଁ ବୋଲି ଶିକ୍ଷା ଦିଏ ... | 75 |

| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| 16. | ଏହା, ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ ବୋଲି ଶିକ୍ଷା ଦିଏ | 81 |
| 17. | ପରିତ୍ରାଣ ପ୍ରାପ୍ତି ନିମନ୍ତେ ହୃଦୟ ପରିବର୍ତ୍ତନ ଆବଶ୍ୟକତା ବିଷୟରେ ଶିକ୍ଷା ଦିଏ | 87 |
| 18. | ପ୍ରାର୍ଥନା ବିଷୟରେ, ଏହାର ଶିକ୍ଷା ଓ ପ୍ରଥା ... | 93 |
| 19. | ଏହା ଶାସ୍ତ୍ରୀୟ ବାପ୍ତିସ୍ମ ଶିକ୍ଷା ଦିଏ ଓ ପ୍ରଦାନ କରେ ... | 100 |
| 20. | ଈଶ୍ୱରଙ୍କ ସନ୍ତାନ ପାପ କଲେ ଅନନ୍ତ ଜୀବନ ହରାଇବ ବୋଲି ଏହା ଶିକ୍ଷା ଦିଏ | 108 |
| 21. | ଶିଶୁମାନେ ଶୁଦ୍ଧ ଓ ସରଳ ଭାବେ ଜନ୍ମଗ୍ରହଣ କରନ୍ତି, କିନ୍ତୁ କଳୁଷିତ ନୁହନ୍ତି ବୋଲି ଏହା ଶିକ୍ଷା ଦିଏ ... | 117 |
| 22. | ପବିତ୍ର ଆତ୍ମାଙ୍କ ଅଲୌକିକ ପ୍ରଦର୍ଶନ ସମାପ୍ତ ହୋଇଅଛି ବୋଲି ଶିକ୍ଷା ଓ ପ୍ରଭୁଭୋଜ ପାଳନର ପ୍ରଥା ... | 121 |
| 23. | ଏହାର ଶାସ୍ତ୍ରୀୟ ଶିକ୍ଷା ଓ ପ୍ରଭୁଭୋଜ ପାଳନର ପ୍ରଥା ... | 129 |
| 24. | ଗୀତ ଗାଇବାରେ ଏହା ବାକ୍ୟ ଅନୁସରଣ କରେ ... | 134 |
| 25. | ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପରିତ୍ରାଣ ଅଛି ... | 140 |


✦✦✦

## ପ୍ରଥମ-କାରଣ

# ଏହା ଶାସ୍ତ୍ରୀୟ ସଂସ୍ଥାପକ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ

**(It was founded by the Scriptural Builder-Christ)**

**୧. ଶାସ୍ତ୍ରୀୟ ସଂସ୍ଥାପକ ଦ୍ୱାରା ଗଠିତ ନହେଲେ, ମଣ୍ଡଳୀ ଶାସ୍ତ୍ରୀୟ ହୋଇ ପାରେ ନାହିଁ ।**

ଆତ୍ମିକ ସଂସ୍ଥା ଗୁଡ଼ିକ, କୌଣସି ଏକ ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ ହୋଇଥାଏ । ଆଜିର ଜଗତରେ ଅସଂଖ୍ୟ ମଣ୍ଡଳୀ, ବିଭିନ୍ନଭାବେ ସ୍ଥାପିତ ହୋଇ ବିଭିନ୍ନ ଧର୍ମଶିକ୍ଷା, ନୀତିନିୟମ ଓ ପ୍ରଥା ଅନୁସରଣ କରୁଅଛନ୍ତି । ପ୍ରତ୍ୟେକ ସଂସ୍ଥା ଶାସ୍ତ୍ରାନୁଯାୟୀ କିଅବା ବିନା ଶାସ୍ତ୍ରନୁଯାୟୀ ଗଠିତ ହୋଇ ହୋଇଅଛି । ତେଣୁକରି ଏକ ମଣ୍ଡଳୀର ସଂସ୍ଥାପକ ଶାସ୍ତ୍ରୀୟ ସଂସ୍ଥାପକ ଅଟନ୍ତି କି ନାହିଁ ଜାଣିବା ଅତ୍ୟାବଶ୍ୟକ । ଯଦି ଏକ ମଣ୍ଡଳୀ ଶାସ୍ତ୍ରୀୟ ସଂସ୍ଥାପକ ଦ୍ୱାରା ଗଠିତ ହୋଇ ନାହିଁ, ତାହା ଖ୍ରୀଷ୍ଟଙ୍କ ଦ୍ୱାରା ନୁହେଁ କିନ୍ତୁ ମନୁଷ୍ୟ ଦ୍ୱାରା ଗଠିତ ହୋଇଅଛି ।

**୨. ଖ୍ରୀଷ୍ଟ ଶାସ୍ତ୍ରୀୟ ମଣ୍ଡଳୀ ସ୍ଥାପନ କରି ଅଛନ୍ତି ।**

(୨) "ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି..." (ମାଥିଉ ୧୬:୧୮), ଯୀଶୁଖ୍ରୀଷ୍ଟଙ୍କ ଏହି ବାକ୍ୟ ଉପରୋକ୍ତ ଉକ୍ତିକୁ ପ୍ରମାଣିତ କରେ । ଅତଏବ, ଯେଉଁ ମଣ୍ଡଳୀ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇନାହିଁ, ତାହା ଶାସ୍ତ୍ରୀୟ ମଣ୍ଡଳୀ ନୁହେଁ ବୋଲି ସରଳଭୋବେ ପ୍ରମାଣିତ ହୁଏ । ଯେଉଁ ମଣ୍ଡଳୀଗୁଡ଼ିକ Henery VIII, John Calvin, John Wesley, Joseph Smith Jr. କିଅବା ଅନ୍ୟ କୌଣସି ସଂସ୍ଥାପକ ଦ୍ୱାରା ସ୍ଥାପିତ ହୋଇଅଛି, ତାହା ମନୁଷ୍ୟ ଦ୍ୱାରା ଗଠିତ ଅଟେ ।

(୨) ଯୀଶୁ, ମଣ୍ଡଳୀ ସ୍ଥାପନର ପ୍ରତିଜ୍ଞା ସଙ୍ଗେ ସଙ୍ଗେ, ସେ ସେଥିରେ ପ୍ରବେଶ କରାଇବାର ଅଧିକାର ପ୍ରେରିତ ପିତରକୁ ଦେଇଥିଲେ । "ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ ।" (ମାଥିଉ.୧୬:୧୯) । କୌଣସି ମନୁଷ୍ୟକୁ ଏପରି ଅଧିକାର ଦେବାର କ୍ଷମତା ନାହିଁ । କାରଣ କୌଣସି ମନୁଷ୍ୟକୁ ମଣ୍ଡଳୀ ସ୍ଥାପନ କରିବା ନିମନ୍ତେ ଶାସ୍ତ୍ରୀୟ ଅଧିକାର ନାହିଁ ।

## ୩. ବାପ୍ତିଜକ ଯୋହନଙ୍କ ଦ୍ୱାରା ମଣ୍ଡଳୀ ସ୍ଥାପିତ ହୋଇ ନ ଥିଲା ।

(୧) ଅନେକ ଧାର୍ମିକନେତାମାନେ ମଣ୍ଡଳୀ ବାପ୍ତିଜକ ଯୋହନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ବୋଲି ବିଶ୍ୱାସ କରନ୍ତି । ଖ୍ରୀଷ୍ଟଙ୍କ ଦ୍ୱାରା ମଣ୍ଡଳୀ ସ୍ଥାପିତ ହୋଇଥିବାରୁ, ବାପ୍ତିଜିକ ଯୋହନଙ୍କ ଦ୍ୱାରା କିଅବା ଅନ୍ୟ ମନୁଷ୍ୟ ଦ୍ୱାରା ମଣ୍ଡଳୀ ସ୍ଥାପିତ ହୋଇ ନ ଥିଲା ବୋଲି ପ୍ରମାଣିତ ହୁଏ ।

(୨) ଖ୍ରୀଷ୍ଟ ମଣ୍ଡଳୀ ସ୍ଥାପନ କରିବି ବୋଲି ପ୍ରତିଜ୍ଞା କରିବା ସମୟରେ ବାପ୍ତିଜକ ଯୋହନ ମୃତ୍ୟୁବରଣ କରିଥିଲେ । ହେରାଦ, "...ଲୋକ ପଠାଇ ବନ୍ଦୀଶାଳାରେ ଯୋହନଙ୍କ ମସ୍ତକ ଛେଦନ କରାଇଲେ...." ବୋଲି ମାଥିଉ ୧୪:୧୦ରେ ପଢ଼ିପାରୁଁ । ଏହା ଘଟିବାର ଦୁଇ ଅଧ୍ୟାୟ ପରେ ମଣ୍ଡଳୀ ସ୍ଥାପନର ଯୀଶୁଙ୍କ ପ୍ରତିଜ୍ଞା (ମାଥିଉ ୧୬ ଅଧ୍ୟାୟରେ) ଲିଖିତ ହୋଇଅଛି । "ମୁଁ ମଣ୍ଡଳୀ ତୋଳିବି...",ଏହି ବାକ୍ୟ ଏକ ଭବିଷ୍ୟତବାଣୀ ଥିଲା, କିନ୍ତୁ ଯୀଶୁ ଏହି ପ୍ରତିଜ୍ଞା ବ୍ୟକ୍ତ କରିବା ସମୟରେ ଯୋହନ ମୃତ୍ୟୁବରଣ କରିଥିଲେ । ବାପ୍ତିଜକ ଯୋହନ ଏକ ମହାନ ବ୍ୟକ୍ତି ଥିଲେ, ସେ ଧର୍ମଶାସ୍ତ୍ରର ବାକ୍ୟାନୁଯାୟୀ ଯୀଶୁଙ୍କ ନିମନ୍ତେ ପଥ ପ୍ରସ୍ତୁତ କରିବା ନିମନ୍ତେ ଏହି ଜଗତରେ ଜନ୍ମ ଗ୍ରହଣ କରିଥିଲେ । ତାହାଙ୍କୁ ଦତ୍ତ କାର୍ଯ୍ୟ ସେ ସମ୍ପନ୍ନ କରିଥିଲେ । କିନ୍ତୁ ମଣ୍ଡଳୀ ସ୍ଥାପନର କାର୍ଯ୍ୟ ତାହାଙ୍କର ନ ଥିଲା । (ଯିଶାଇୟ ୪୦:୩, ମଲାଖି ୩:୧, ଲୂକ ୧:୧୭) ।

(୩) ଯୋହନଙ୍କ ସ୍ଥାପିତ ମଣ୍ଡଳୀ ସହିତ ଯୀଶୁଙ୍କ ସ୍ଥାପିତ ମଣ୍ଡଳୀ ସଂଯୁକ୍ତ କରିବେ ବୋଲି ଯୀଶୁଙ୍କ ପ୍ରବଚନର ଅର୍ଥ ନ ଥିଲା । କାରଣ ଯୀଶୁ କହିଲେ, "...ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି..." ।

(୪) ବାପ୍ତିଜକ ଯୋହନ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ନ ଥିଲେ । ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସ୍ତ୍ରୀ ଗର୍ଭଜାତ ସମସ୍ତଙ୍କ ମଧ୍ୟରେ ବାପ୍ତିଜିତ ଯୋହନଙ୍କ ଠାରୁ ମହାନ୍ କେହି ଉତ୍ପନ୍ନ ହୋଇ ନାହାନ୍ତି । ତଥାପି ସ୍ୱର୍ଗରାଜ୍ୟରେ ଯେ କ୍ଷୁଦ୍ରତମ, ସେ ତାହାଙ୍କ ଠାରୁ ମହାନ୍ ।" (ମାଥିଉ ୧୧:୧୧) । ସ୍ତ୍ରୀ ଗର୍ଭଜାତ ସମସ୍ତଙ୍କ ମଧ୍ୟରେ ମହାନ ହୋଇ ସେ କିପରି ସ୍ୱର୍ଗରାଜ୍ୟର କ୍ଷୁଦ୍ରତମ ମନୁଷ୍ୟଠାରୁ ନ୍ୟୁନ ହୋଇ ପାରିବେ ? ନିମ୍ନଲିଖିତ ଉଦାହରଣ ଦ୍ୱାରା ଏହା ଆମ୍ଭମାନେ ବୁଝି ପାରିବା । ପ୍ରାଥମିକ ପାଠଶାଳାରେ ଅଜିତ୍ ଠାରୁ ଶ୍ରେଷ୍ଠତ୍ୱର କେହି ନାହାନ୍ତି କିନ୍ତୁ ଉଚ୍ଚ ବିଦ୍ୟାଳୟର କ୍ଷୁଦ୍ରତମ, ଅଜିତ୍ ଠାରୁ ଶ୍ରେଷ୍ଠ । କାରଣ ଅଜିତ୍ ଉଚ୍ଚ ବିଦ୍ୟାଳୟରେ ପଢ଼େ ନାହିଁ । ଠିକ୍ ସେହିପରି ବାପ୍ତିଜକ ଯୋହନ ସ୍ୱର୍ଗରାଜ୍ୟ ଅର୍ଥାତ୍ ମଣ୍ଡଳୀର ଅନ୍ତର୍ଭୁକ୍ତ ନୁହନ୍ତି ।

୪.   ଖ୍ରୀଷ୍ଟଙ୍କ ଦ୍ୱାରା ରୋପିତ ହୋଇ ନ ଥିବା ବୃକ୍ଷ, ଉତ୍ପାଟିତ ହେବ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଅଛି, ନରକର ବଳ ତାହାଙ୍କୁ ପରାଜୟ କରି ପାରିବ ନାହିଁ । ମନୁଷ୍ୟମାନଙ୍କ ରୋପିତ ବୃକ୍ଷ, ଉତ୍ପାଟିତ ହେବ । ସରଳ ଭାବେ ସତର୍କ କରାଯାଉଅଛି । ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ମଣ୍ଡଳୀର ସଭ୍ୟମାନଙ୍କ ଗତି ଭୟଙ୍କର ହେବ । ଧାର୍ମିକ ନେତାମାନଙ୍କ ଦ୍ୱାରା ସ୍ଥାପିତ ମଣ୍ଡଳୀର ଗତି ବିଷୟରେ ଯୀଶୁ କହିଲେ, "...ମୋହର ପିତା ଯେଉଁ ସବୁ ବୃକ୍ଷ ରୋପଣ କରି ନାହାନ୍ତି, ସେହି ସବୁ ଉତ୍ପାଟିତ ହେବ ।" (ମାଥିଉ ୧୫:୧୩) । ଏହି ବାକ୍ୟ ମୋଶାଙ୍କ ବ୍ୟବସ୍ଥା ପ୍ରଚଳନ ସମୟରେ କୁହାଯାଇ ନ ଥିଲା । ସଦାପ୍ରଭୁ, ଏବ୍ରୀୟ କିଅବା ଯିହୂଦୀୟ ଧର୍ମ ରୋପଣ କରିଥିଲେ ଏବଂ ଅନ୍ୟ ଧର୍ମମତ ଉତ୍ପାଟିତ ହୋଇଥିଲା । ସେ ସମୟରେ ଅନ୍ୟ ଧର୍ମମତକୁ ଉତ୍ପାଟିତ କରିଥିବା ସଦାପ୍ରଭୁ, ଏହି ଖ୍ରୀଷ୍ଟିୟାନ ଯୁଗର୍ ମନୁଷ୍ୟମାନେ ରୋପଣ କରିଥିବା ବୃକ୍ଷ ଗୁଡ଼ିକକୁ କି ଉତ୍ପାଟିତ କରିବେ ନାହିଁ? ଆତ୍ମିକ ସ୍ଥିତିର କୌଣସି ପରିବର୍ତ୍ତନ ଆସି ନାହିଁ ବୋଲି ଆମ୍ଭେମାନେ ମନେ ରଖିବା ଆବଶ୍ୟକ । ତେଣୁକରି ବାକ୍ୟର ଲିଖିତ ପ୍ରତ୍ୟେକ ସତର୍କତା, ଏହି ଯୁଗରେ ମଧ୍ୟ ଲାଗୁ ହେବ । ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ସତର୍କତାରେ ମନୋଯୋଗୀ ହେଉଁ ।

❖❖❖

# ଦ୍ୱିତୀୟ-କାରଣ

## ଏହା ଶାସ୍ତ୍ରୀୟ ମୂଳଦୁଆ ଉପରେ ସ୍ଥାପିତ

### (It was founded on the Scriptural foundation)

### ୧. ଉତ୍ତମ ମୂଳଦୁଆର ଆବଶ୍ୟକତା ।

(୧) କୌଣସି ଭବନ କିଅବା କୌଣସି ସଂସ୍ଥା ସୁଦୃଢ଼ ମୂଳଦୁଆ ଉପରେ ସ୍ଥାପିତ ନ ହେଲେ ସୁଦୃଢ଼ ହୋଇ ରହିପାରିବ ନାହିଁ ବୋଲି ଆମ୍ଭେମାନେ ଜାଣୁ । ସେଗୁଡ଼ିକର ଶକ୍ତା ମୂଳଦୁଆ ଉପରେ ନିର୍ଭର କରେ । ସୁଦୃଢ଼ ମୂଳଦୁଆ ଉପରେ ସ୍ଥାପିତ ନ ହୋଇଥିବା ଭବନ ବା ସଂସ୍ଥାର ସ୍ଥିତି ସ୍ୱଳ୍ପ ସମୟ । ମଣ୍ଡଳୀର ବିଷୟରେ ମଧ୍ୟ ଏହା ସତ୍ୟ ଅଟେ । ଏହାର ସ୍ଥାୟିତ୍ୱ ଏବଂ ଉପଯୋଗିତା ଏହାର ମୂଳଦୁଆ ଉପରେ ନିର୍ଭର କରେ ।

(୨) ଶାସ୍ତ୍ରୀୟ ମଣ୍ଡଳୀର ଶାସ୍ତ୍ରୀୟ ମୂଳଦୁଆ ରହିବା ଆବଶ୍ୟକ, ନଚେତ୍ ଏହା ଶାସ୍ତ୍ରୀୟ ହୋଇ ପାରିବ ନାହିଁ । ଶାସ୍ତ୍ରୀୟ ମୂଳଦୁଆ ଉପରେ ସ୍ଥାପିତ ମଣ୍ଡଳୀର ସଭ୍ୟତ୍ୱ ଗ୍ରହଣ ନ କରି କେହି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇ ପାରିବ ନାହିଁ ।

### ୨. ସେହି ପଥର ଅଥବା ମୂଳଦୁଆ କିଏ ?

(୧) ସେହି ପଥର କିଏ ଜାଣିବା ନିମନ୍ତେ, ପିତରଙ୍କ ସ୍ୱୀକାର ବିଶ୍ଲେଷଣ କରିବା । ପିତର ସ୍ୱୀକାର କରି କହିଥିଲି, "...ଆପଣ ଖ୍ରୀଷ୍ଟ ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।" (ମାଥିଉ ୧୬:୧୬) । ତତ୍କ୍ଷଣାତ୍ ଯୀଶୁ ଉତ୍ତର ଦେଲେ, "...ହେ ଯୂନସର ପୁତ୍ର ଶିମୋନ୍, ତୁମ୍ଭ ଧନ୍ୟ..." ତତ୍ପରେ ଯୀଶୁ ମଣ୍ଡଳୀ ତୋଳିବାର ପ୍ରତିଜ୍ଞା କରିଥିଲେ । "ପିତର ଉପରେ ମଣ୍ଡଳୀ ତୋଳିବି ବୋଲି" କିଅବା "ପିତରଙ୍କ ସ୍ୱୀକାର" ଉପରେ ଯୀଶୁ ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିଥିଲେ ? "ପିତର" (Peter) ପଦର ଅର୍ଥ ପଥର (Peter) । ତେଣୁକରି ଅନେକେ ପିତରଙ୍କ ଉପରେ ଯୀଶୁଖ୍ରୀଷ୍ଟ ମଣ୍ଡଳୀ ତୋଳିବି ବୋଲି ପ୍ରତିଜ୍ଞା କରିଥିଲେ ବୋଲି ମନେ କରନ୍ତି । କିନ୍ତୁ ସେ କହିଥିଲେ, "ପୁଣି ଏହି ପଥର (Petra)" ଅର୍ଥାତ୍ "ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି ।" ପଥର ଉପରେ ଯୀଶୁ ମଣ୍ଡଳୀ ତୋଳିବ ବୋଲି ପ୍ରତିଜ୍ଞା କରିଥିଲେ ।

ଈଶ୍ୱରଙ୍କ ମଣ୍ଡଳୀ ମାଂସମୟ ଦୁର୍ବଳ ମନୁଷ୍ୟ ଉପରେ ସ୍ଥାପିତ ନ ହୋଇ ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଉପରେ ସ୍ଥାପିତ ।

(୨) ଶାସ୍ତ୍ରର ଅନ୍ୟ ଅଂଶରେ ଏହାର ସତ୍ୟତା ପ୍ରମାଣିତ ହୁଏ । (୧) "କାରଣ ଯେଉଁ ଭିତ୍ତିମୂଳ ସ୍ଥାପିତ ହୋଇଅଛି । ତାହା ବ୍ୟତୀତ ଅନ୍ୟ ଭିତ୍ତିମୂଳ କେହି ସ୍ଥାପନ କରିପାରେ ନାହିଁ । ସେହି ଭିତ୍ତିମୂଳ ଯୀଶୁଖ୍ରୀଷ୍ଟ" (୧ମ କରିନ୍ଥୀ ୩:୧୧) । "ତୁମ୍ଭେମାନେ ପ୍ରେରିତ ଓ ଭାବବାଦୀ ମାନଙ୍କର ଭିତ୍ତିମୂଳ ଉପରେ ନିର୍ମିତ ହୋଇଅଛି । ଖ୍ରୀଷ୍ଟ ଯୀଶୁ ସ୍ୱୟଂ ସେଥିର କୋଣର ପ୍ରଧାନ ପ୍ରସ୍ତର ।" (୨) "ଗ୍ରାହକମାନେ ଯେଉଁ ପଥର ଅଗ୍ରାହ୍ୟ କଲେ ତାହା କୋଣର ପ୍ରଧାନ ପଥର ହୋଇଅଛି ।" (ଗୀତ ୧୧୮:୨୨) । ଏହି ଭାବବାଣୀ ତାହାଙ୍କ ଠାରେ ସଫଳ ହୋଇଅଛି ବୋଲି ଯୀଶୁ ମାଥିଉ ୨୧:୪୨ ପଦରେ କହିଅଛନ୍ତି । ପ୍ରେରିତ ପିତର ମଧ କହିଥିଲେ । "ଗୃହ ନିର୍ମାଣକାରୀ ଯେ ଆପଣମାନେ, ଆପଣମାନଙ୍କ ଦ୍ୱାରା ଯେଉଁ ପ୍ରସ୍ତର ଅବଜ୍ଞାତ ହୋଇଥିଲା । କିନ୍ତୁ ଯାହା କୋଣରେ ପ୍ରଧାନ ପ୍ରସ୍ତର ହେଲା. ସେ ସେହି ପ୍ରସ୍ତର ।" (ପ୍ରେରିତ ୪:୧୧) । ଏହି ପ୍ରମାଣ କି ଯଥେଷ୍ଟ ନୁହେଁ ?

## ୩. ଏହି ମୂଳଦୁଆ ଅଟଳ ରହିବ ।

(୧) ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପତ୍ର ଏହି ସତ୍ୟତା ସୁଦୃଢ଼ ଓ ଅଟଳ ହୋଇ ରହିବ । ବିରୋଧୀମାନଙ୍କ ଆକ୍ରମଣ କିଅବା ସମାଲୋଚନା ଏହି ସତ୍ୟତାକୁ ଦୁର୍ବଳ କରି ନାହିଁ, କିଅବା କରି ପାରିବ ନାହିଁ । ମୂର୍ଖ, ବିତଣ୍ଡା, ନାସ୍ତିକ, ଆଧୁନିକ ମତବାଦୀମାନଙ୍କ ଅନେକ ଚେଷ୍ଟା ସତ୍ତ୍ୱେ, ଖ୍ରୀଷ୍ଟଙ୍କ ଜୀବନ୍ତଙ୍କ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ଏହାର ସତ୍ୟତା ତିଳେମାତ୍ର ଦୁର୍ବଳ ହୋଇନାହିଁ । ଏହି ପ୍ରସ୍ତରକୁ କୌଣସି ହାତୁଡ଼ି କ୍ଷତି କରି ପାରିବ ନାହିଁ । ଏହି ମୂଳଦୁଆ ସୁଦୃଢ଼ ଓ ଅଟଳ ଓ ନିତ୍ୟସ୍ଥାୟୀ ଅଟେ ।

(୨) ପରସ୍ପର ବିରୋଧ ଉଦାହରଣ :- ଏକଶତ ବର୍ଷ ସମୟାବଧିରେ ବାଇବଲ ଲୋପ ପାଇବ ବୋଲି Voltaire ଭାବବାଣୀ ପ୍ରକଟ କରିଥିଲେ । ଈଶ୍ୱର ନିନ୍ଦିକଙ୍କ ଭାବବାଣୀ ପ୍ରକଟ ହୋଇ ଅନେକ ଶତାବ୍ଦୀ ବହି ଗଲା । ଏଥିରେ ଲିଖିତ ଅନେକ ଭାବବାଣୀ ସଫଳ ହେଲା ଓ ଅତିଶୀଘ୍ର ସଫଳ ହେବ । ଯେଉଁ ଛାପା କଳ ଏହି ବିଷୟ ଛପିଥିଲା । ବର୍ତ୍ତମାନ ତାହା ବାଇବଲ ମୁଦ୍ରଣ ନିମନ୍ତେ (Geneva Bible Society) ବ୍ୟବହୃତ ହେଉଅଛି । କି ଭାବବାଣୀ ।

(୩) ମନୁଷ୍ୟମାନଙ୍କ ମୂଳଦୁଆ ଉପରେ ସ୍ଥାପିତ ସଂସ୍ଥା ଗୁଡ଼ିକ ଗତି କଅଣ ? ସେମାନେ ବାଲି ଉପରେ ବନ୍ଧା ଯାଇଥିବା ଗୃହ ସଦୃଶ୍ୟ ଅଟନ୍ତି । ସେ ଗୁଡିକ ଦୁର୍ବଳ ମୂଳଦୁଆ ପ୍ରସ୍ତର ଉପରେ ସ୍ଥାପିତ । ସେଗୁଡ଼ିକର ପତନ ହେବ, ଖ୍ରୀଷ୍ଟଙ୍କ ମଣ୍ଡଳୀର ବିଜୟ ହେବ !

❖❖❖

## ତୃତୀୟ - କାରଣ

# ଏହା ଶାସ୍ତ୍ରୀୟ ସ୍ଥାନ ଯିରୂଶାଲମରେ ସ୍ଥାପିତ ହୋଇଥିଲା

## (It was founded at the Scriptural place - Jerusalem)

### ୧. ଶାସ୍ତ୍ରୀୟ ସ୍ଥାନରେ ସ୍ଥାପିତ ହୋଇ ନ ଥିବା ମଣ୍ଡଳୀ, ଶାସ୍ତ୍ରୀୟ ମଣ୍ଡଳୀ ନୁହେଁ :

ମୁଁ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବାର ଅନ୍ୟ ଏକ କାରଣ ହେଲା, ଏହା ଶାସ୍ତ୍ରୀୟ ସ୍ଥାନ ଯିରୂଶାଲମରେ ସ୍ଥାପିତ ହୋଇଥିଲା । ଯେଉଁ ମଣ୍ଡଳୀ ଲଣ୍ଡନ ବା ନିଉୟର୍କରେ ସ୍ଥାପିତ ହୋଇଥିଲା, ତାହା ଖ୍ରୀଷ୍ଟଙ୍କ ମଣ୍ଡଳୀ ନୁହେଁ । କାରଣ ଖ୍ରୀଷ୍ଟଙ୍କ ମଣ୍ଡଳୀର ଆରମ୍ଭ ଲଣ୍ଡନ ବା ନିଉୟର୍କରେ ହୋଇ ନ ଥିଲା । ଶାସ୍ତ୍ରୀୟ ସ୍ଥାନ ଯିରୂଶାଲମରେ ସ୍ଥାପିତ ମଣ୍ଡଳୀର ସଭ୍ୟ ନ ହୋଇ, କେହି ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇ ପାରିବ ନାହିଁ ।

### ୨. ମଣ୍ଡଳୀ ସଂସ୍ଥାପନର ସ୍ଥାନ ବିଷୟକ କେତେକ ବାକ୍ୟାଂଶ :-

(୧) ସର୍ବପ୍ରଥମେ ଭାବବାଣୀ ଯିରୂଶାଲମଙ୍କ ଭାବବାଣୀ ପଢ଼ିବା - "ଶେଷକାଳରେ ଏରୂପ ଘଟିବ, ସଦାପ୍ରଭୁଙ୍କ ଗୃହରେ ପର୍ବତ, ପର୍ବତଗଣର ଶିଖର ଉପରେ ସ୍ଥାପିତ ହେବ ଓ ଉପପର୍ବତଗଣ ଅପେକ୍ଷା ଉଚ୍ଚୀକୃତ ହେବ, ସମୁଦାୟ ଗୋଷ୍ଠୀ ସ୍ରୋତପରି ତହିଁ ମଧ୍ୟକୁ ବହି ଆସିବେ । ପୁଣି ଅନେକ ଗୋଷ୍ଠୀ ଯାଉ ଯାଉ କହିବେ, ତୁମ୍ଭେମାନେ ଆସ, ଆମ୍ଭେମାନେ ସଦାପ୍ରଭୁଙ୍କ ପର୍ବତକୁ ଯାକୁବର ପରମେଶ୍ୱର ଗୃହକୁ ଯାଉ, ସେ ଆପଣା ପଥ ବିଷୟ ଆମ୍ଭମାନଙ୍କୁ ଶିକ୍ଷା ଦେବେ ଓ ଆମ୍ଭେମାନେ ତାହାଙ୍କ ମାର୍ଗରେ ଗମନ କରିବା, କାରଣ ସିୟୋନଠାରୁ ବ୍ୟବସ୍ଥା ଓ ଯିରୂଶାଲମଠାରୁ ସଦାପ୍ରଭୁଙ୍କ ବାକ୍ୟ ନିର୍ଗତ ହେବ ।" (ଯିଶାଇୟ ୨:୨,୩) । ସଦାପ୍ରଭୁଙ୍କ ଗୃହ ଯିରୂଶାଲମରେ ସ୍ଥାପିତ ହେବ ବୋଲି ଏହି ବାକ୍ୟ ସ୍ପଷ୍ଟ କରେ । ଦ୍ୱିତୀୟରେ ସଦାପ୍ରଭୁଙ୍କ ଗୃହ ଉଚ୍ଚୀକୃତ ହେବ ଓ ଅନେକ ଗୋଷ୍ଠୀ, ତହିଁ ମଧ୍ୟକୁ ବହି ଆସିବେ । ତୃତୀୟରେ, ଏହି ସବୁ ଶେଷକାଳରେ ଘଟିବ ବୋଲି ଏହି ବାକ୍ୟ ଦ୍ୱାରା ବୁଝିପାରୁ । "ସଦାପ୍ରଭୁଙ୍କ ଗୃହ"ର ଅର୍ଥ କଅଣ ? ପ୍ରେରିତ ପାଉଲ କହନ୍ତି, "...ଈଶ୍ୱରଙ୍କ ଗୃହରେ ଅର୍ଥାତ୍ ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ ...।" (୧ ତୀମଥି ୪:୧୫) । ଅତଏବ ସଦାପ୍ରଭୁ ଗୃହ ଅର୍ଥାତ୍ ମଣ୍ଡଳୀ, ଶେଷ ଦିନରେ ଯିରୂଶାଲମରେ ସ୍ଥାପିତ ହେବାର ଥିଲା ।

(୨) ଏହି ଭାବବାଣୀ, ଭାବବାଦୀ ମୀଖା ଦ୍ୱାରା ମଧ୍ୟ ପ୍ରକଟିତ ହୋଇଥିଲା । ଯାହା ମୀଖା ୪:୧,୨ ପଦରେ ପଢ଼ିପାରୁଁ ।

(୩) ସଦାପ୍ରଭୁଙ୍କ ଗୃହ, ଯିରୁଶାଲମରେ ସ୍ଥାପିତ ହେବ ବୋଲି ଭାବବାଣୀ ଯିଖରିୟ ମଧ୍ୟ ଭାବବାଣୀ ପ୍ରକଟ କରିଥିଲେ । "ଏଥିପାଇଁ ସଦାପ୍ରଭୁ ଏହି କଥା କହନ୍ତି, ଆମ୍ଭେ ଦୟା ସହିତ ଯିରୁଶାଲମ ପ୍ରତି ଫେରିଲୁ, ତହିଁ ମଧ୍ୟରେ ଆମ୍ଭ ଗୃହ ନିର୍ମିତ ହେବ ଓ ଯିରୁଶାଲମ ସୂତା ଦ୍ୱାରା ମପା ହେବ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି ।" (ଯିଖରିୟ ୧:୧୬) । ମଣ୍ଡଳୀ, ଯିରୁଶାଲମରେ ସ୍ଥାପିତ ହେବ ବୋଲି ଭାବବାଦୀ ଯିଖରିୟଙ୍କ ଦ୍ୱାରା ପବିତ୍ର ଆତ୍ମା ପ୍ରକଟ କରିଥିଲେ ।

(୪) ସର୍ବସୃଷ୍ଟିକୁ ସୁସମାଚାର ପ୍ରଚାର କର, ବୋଲି ଯୀଶୁ ଶିଷ୍ୟମାନଙ୍କୁ ଆଜ୍ଞା ଦେବା ବେଳେ, ଯିରୁଶାଲମରୁ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ । "ଆଉ, ସେ ସେମାନଙ୍କୁ କହିଲେ, ଏହି ପ୍ରକାରେ ଲେଖା ଅଛି, ଖ୍ରୀଷ୍ଟ ଦୁଃଖଭୋଗ କରିବେ, ଓ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନଃରୁତ୍‍ଥାନ କରିବେ । ପୁଣି ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ । ତୁମ୍ଭେମାନେ ଏହି ସମସ୍ତ ବିଷୟର ସାକ୍ଷୀ ଅଟ । ଆଉ ଦେଖ, ମୋହର ପିତା ଯାହା ପ୍ରତିଜ୍ଞା କରି ଅଛନ୍ତି, ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି, କିନ୍ତୁ ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଏହି ନଗରରେ ରହିଥାଅ ।" (ଲୂକ ୨୪:୪୬-୪୬) । ଏହି ବାକ୍ୟ ଗୁଡ଼ିକରୁ ଏହା ଜ୍ଞାତ ହେଉଛି ଯେ, (୧) ମନପରିବର୍ତ୍ତନ ଓ ପାପକ୍ଷମାର ପ୍ରସଙ୍ଗ ପ୍ରଚାରିତ ହେବା ପୂର୍ବେ ଯୀଶୁଖ୍ରୀଷ୍ଟ ଦୁଃଖଭୋଗ କରି, ମୃତ୍ୟୁରୁ ପୁନଃରୁତ୍ଥିତ ହେବାର ଥିଲା । (୨) ପ୍ରଚାର କାର୍ଯ୍ୟ ଯିରୁଶାଲମରୁ ଆରମ୍ଭ ହେବାର ଥିଲା । (୩) ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ହେବା ପର୍ଯ୍ୟନ୍ତ ସେମାନେ ଯିରୁଶାଲମରେ ଅପେକ୍ଷା କରିବାକୁ କୁହାଯାଇଥିଲେ । ଉର୍ଦ୍ଧ୍ୱସ୍ଥ ଶକ୍ତି ବିଷୟରେ ଯୀଶୁପ୍ରଭୁ ଏଥିପୂର୍ବେ ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ । ଯୀଶୁଙ୍କ ପ୍ରସ୍ଥାନ ପରେ ସାହାଯ୍ୟକାରୀ ପବିତ୍ର ଆତ୍ମାଙ୍କ ଅବତରଣ ହେବ । ସେ ଆସି ଶିଷ୍ୟମାନଙ୍କୁ ଶିକ୍ଷା ଦେବେ, ଯୀଶୁଙ୍କ କଥିତ ବାକ୍ୟ ସବୁ ମନେ ପକାଇ ଦେବେ ଓ ପାପ, ଧାର୍ମିକତା ଓ ବିଚାର ବିଷୟରେ ପ୍ରମାଣ ଦେବେ । (ଯୋହନ ୧୪:୨୬, ୧୫:୨୬,୨୭, ୧୬:୭,୮) ।

## ୩. ଭାବବାଣୀର ସଫଳତା :-

(୧) **ଯୀଶୁଖ୍ରୀଷ୍ଟଙ୍କ ପ୍ରସ୍ଥାନ ପରେ, ପବିତ୍ର ଆତ୍ମାଙ୍କ ଅବତରଣ ହେବାର ଥିଲା । (ଯୋହନ ୧୬:୧) । ଶିଷ୍ୟମାନେ ଯୀଶୁଙ୍କୁ ସ୍ୱର୍ଗାରୋହଣ କରିବା ସ୍ୱଚକ୍ଷୁରେ ଦେଖିଥିଲେ । (ପ୍ରେରିତ ୧:୯)।**

(୨) ପବିତ୍ର ଆତ୍ମାଙ୍କ ଆଗମନ ପର୍ଯ୍ୟନ୍ତ ଯିରୁଶାଲମରେ ଅପେକ୍ଷାରେ ଥିବା ନିମନ୍ତେ ଶିଷ୍ୟମାନେ ଆଜ୍ଞାପିତ ହୋଇଥିଲେ । (ଲୂକ ୨୪:୪) ଜୀତ ପର୍ବତ ଉପରୁ ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ କରିବା ପରେ ଶିଷ୍ୟମାନେ ଯିରୁଶାଲମରୁ ବାହୁଡ଼ି ଯାଇଥିଲେ । (ପ୍ରେରିତ ୧:୧୨) । ନିର୍ଦ୍ଧାରିତ ସ୍ଥାନରେ ସେମାନେ ଏକତ୍ରିତ ହୋଇ ପବିତ୍ର ଆତ୍ମାଙ୍କ ଅପେକ୍ଷାରେ ରହିଥିଲେ ।

(୩) ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ପୂର୍ଣ୍ଣ ହେଲେ । (ଲୂକ ୨୪:୪୯) । ପ୍ରେରିତ ୨:୧-୪ ପଦରେ ଏହି ପ୍ରତିଜ୍ଞାର ସଫଳତା ବିଷୟରେ ପଢ଼ିପାରୁଁ । "ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । ଆଉ, ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନରେ ଶବ୍ଦତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା । ଆଉ ଅଗ୍ନିସଦୃଶ୍ୟ ଜିହ୍ୱା ଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି, ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।" (ପ୍ରେରିତ ୨:୧-୪) । ପବିତ୍ର ଆତ୍ମା ଆସିବାର ଥିଲା ଓ ପେଣ୍ଟିକଷ୍ଟ ଦିନରେ, ଯିରୁଶାଲମରେ କିପରି ଆସିଲେ ଉପରୋକ୍ତ ବାକ୍ୟାଂଶରୁ ପଢ଼ିପାରୁ ।

(୪) ଶେଷଦିନରେ ଯିରୁଶାଲମରୁ ଈଶ୍ୱରଙ୍କ ବାକ୍ୟ ନିର୍ଗତ ହେବାର ଥିଲା । (ଯିଶାଇୟ ୨:୨,୩, ମୀଖା ୪:୧-୨) । ଏହି ଭାବବାଣୀର ସଫଳତା ଆମେ ପ୍ରେରିତ ୨:୧୪-୪୨ ପଢ଼ିପାରୁ । ଯେଉଁଠାରେ ଏକ ଶକ୍ତିବନ୍ତ ପ୍ରସଙ୍ଗ ପ୍ରଚାରିତ ହୋଇଥିଲା । ଶେଷ ଦିନରେ ସମୁଦାୟ ପ୍ରାଣୀ ଉପରେ ଆପଣା ଆତ୍ମା ଢ଼ାଳିବା ବୋଲି ଭାବବାଣୀ ଯୋୟେଲଙ୍କ ଦ୍ୱାରା ବ୍ୟକ୍ତ ଭାବବାଣୀ ଏଠାରେ ସଫଳ ହୋଇଥିଲା । ତେଣୁକରି ମଣ୍ଡଳୀ ସ୍ଥାପନର ଏହା ହିଁ ଉପଯୁକ୍ତ ସମୟ ଓ ସ୍ଥାନ ଥିଲା ।

(୫) ଯୀଶୁ କହିଲେ "ପୁଣି ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଜାତି ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ ।" (ଲୂକ ୨୪:୪୭) । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ପିତର ଏକ ହୃଦୟ ସ୍ପର୍ଶୀ ପ୍ରସଙ୍ଗ ପ୍ରଚାର କରି କହିଲେ, "...ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ।

(୬) ଶେଷ ଦିନରେ ଯିରୁଶାଲମରେ ଈଶ୍ୱରଙ୍କ ଗୃହ ସ୍ଥାପିତ ହେବାର ଥିଲା । (ମାଥିଉ ୨:୨,୩, ମୀଖା ୪:୧,୨, ଜିଖରିୟ ୧:୧୬) । ସେହି ସ୍ଥାନରେ ଓ ସେହି ସମୟରେ ସ୍ଥାପିତ ହୋଇଥିଲା । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ପିତରଙ୍କ ପ୍ରସଙ୍ଗ ଶୁଣି ବିଶ୍ୱାସ; ମନପରିବର୍ତ୍ତନ, ସ୍ୱୀକାର କରି ବାପ୍ତିଜିତ ହେବ । ଲୋକେ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ । "ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହି ଦିନ

ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।" (ପ୍ରେରିତ ୨:୪୧) ।ପୁନଃର୍ବାର, "...ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ ।" (ପ୍ରେରିତ ୨:୪୭) । ପ୍ରେରିତ ପିତର ଯୋୟେଲ ଭାବବାଦୀଙ୍କ ଭାବବାଣୀ ଉଲ୍ଲେଖ କରି କହିଥିଲେ, "ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା...ସେ ପରିତ୍ରାଣ ପାଇବ ।" (ପ୍ରେରିତ ୨:୧୭-୨୧) । ଏହି ବଚନଠାରୁ ମଣ୍ଡଳୀ ଆଉ ଭବିଷ୍ୟତ କାଳରେ କୁହା ନ ଯାଇ, ବର୍ତ୍ତମାନ କାଳରେ କୁହାଯାଇଅଛି । ଭାବବାଣୀର ପ୍ରକଟ ଓ ସଫଳତା ବିଷୟ ଆଲୋଚନା କଲେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥାପନ ଯିରୁଶାଲମରେ ହୋଇଥିଲା ବୋଲି ଜାଣିପାରୁ । ଏହି ମଣ୍ଡଳୀର ମୁଁ ସଭ୍ୟ ଅଟେ !

## ୪. ଆଦିମ ମଣ୍ଡଳୀ ସ୍ଥାପନ ନିମନ୍ତେ, ଆଦିମ ବୀଜ ଆବଶ୍ୟକ :

(୧) ମଣ୍ଡଳୀ ପାରମ୍ପର୍ଯ୍ୟରେ କିଛି ଲାଭ ନାହିଁ । କୌଣସି ଏକ ସଂସ୍ଥାର ପ୍ରାରମ୍ଭବସ୍ଥା ଜାଣିବା ନିମନ୍ତେ, ବର୍ଷ ପରେ ବର୍ଷ ପଛକୁ ଯାଇ ପରୀକ୍ଷା କଲେ, ସଂସ୍ଥା ଆଉ ଆରମ୍ଭ ସ୍ଥିତିରେ ପାଇ ପାରିବା ନାହିଁ । ସମୟାନୁକ୍ରମେ ଏତେ ପରିବର୍ତ୍ତନ ଆସେ ଯେ, ଆଦି ସଂସ୍ଥା ଆଉ ବର୍ତ୍ତମାନ ସଂସ୍ଥାରେ ଅନେକ ତାରତମ୍ୟ ଦେଖାଯାଏ । ମଣ୍ଡଳୀରେ ମଧ ଏପରି ପଥଭ୍ରଷ୍ଟତା ଆସିବ ବୋଲି ପ୍ରେରିତ ପାଉଲ ସତର୍କ କରିଥିଲେ । "ମୋର ପ୍ରସ୍ଥାନ ପରେ ଦୁରନ୍ତ ବାଘ ଗୁଡ଼ିକ ଯେ, ତୁମ୍ଭମାନଙ୍କ ମଧରେ ପ୍ରବେଶ କରି ପଲ ପ୍ରତି ନିର୍ଦ୍ଦୟ ବ୍ୟବହାର କରିବେ, ପୁଣି, ତୁମ୍ଭମାନଙ୍କ ମଧରୁ ସୁଦ୍ଧା ଲୋକେ ଉଠି ଶିଷ୍ୟମାନଙ୍କୁ ଆପଣାମନଙ୍କ ପଛରେ ଟାଣିନେବା ନିମନ୍ତେ ବିପରୀତ କଥା ଗୁଡ଼ିକ କହିବେ, ଏହା ମୁଁ ଜାଣେ ।" (ପ୍ରେରିତ ୨୦:୨୯,୩୦)
(୨) । "ମୁଁ ଈଶ୍ୱରଙ୍କ ସାକ୍ଷାତରେ ଆଉ ଯେଉଁ ଖ୍ରୀଷ୍ଟ ଯୀଶୁ ଜୀବିତ ଓ ମୃତ ଉଭୟଙ୍କର ବିଚାର କରିବାକୁ ଯାଉ ଅଛନ୍ତି, ତାହାଙ୍କ ସାକ୍ଷାତରେ, ପୁଣି ତାହାଙ୍କ ପୁନରାଗମନ ଓ ରାଜ୍ୟର ଶପଥ ଦେଇ ତୁମ୍ଭକୁ ଦୃଢ଼ ଆଜ୍ଞା ଦେଉଅଛି । ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦ୍ୟୋଗୀ ହୁଅ, ପୂର୍ଣ୍ଣ ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର, ପୁଣି ଧମକ ଓ ଉତ୍ସାହ ଦାନକର । କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷନୁସାରେ ଆପଣାମାନଙ୍କ ନିମନ୍ତେ ବହୁ ସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ । ପୁଣି ସତ୍ୟ ବାକ୍ୟରେ କର୍ଣ୍ଣ ନଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ ।" (୨ତୀମଥି ୪:୧-୪) । "ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଆଗମନ ଓ ତାହାଙ୍କ ନିକଟରେ ଆମ୍ଭମାନଙ୍କ ଏକତ୍ର ହେବା ସମ୍ବନ୍ଧରେ ତୁମ୍ଭମାନହ୍‌କୁ ଅନୁରୋଧ କରୁଅଛୁ । ପ୍ରଭୁଙ୍କ ଦିନ ଉପସ୍ଥିତ ହେଲାଣି ବୋଲି ତୁମ୍ଭେମାନେ କୌଣସି ଆତ୍ମା କି ବାକ୍ୟ କି ଆମ୍ଭମାନଙ୍କ ଦ୍ୱାରା ଲିଖିତ ବୋଲି ମନେ କରି କୌଣସି ପତ୍ର

ଦ୍ୱାରା ଶୀଘ୍ର ବିଚଳିତ ଓ ଉଦ୍‌ବିଗ୍ନ ନ ହୁଅ । କେହି କୌଣସି ପ୍ରକାରେ ତୁମ୍ଭମାନଙ୍କର ଭ୍ରାନ୍ତି ନ ଜନ୍ମାଉ, କାରଣ ଧର୍ମଚ୍ୟୁତି ଘଟିବ, ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବା ଆବଶ୍ୟକ, ନହେଲେ ପ୍ରଭୁଙ୍କ ଦିନ ଉପସ୍ଥିତ ହେବ ନାହିଁ । ସେ ଈଶ୍ୱରଙ୍କ ନାମରେ ଖ୍ୟାତ ବା ପୂଜିତ ସମସ୍ତଙ୍କ ବିରୋଧୀ ହୋଇ ନିଜକୁ ସେମାନଙ୍କଠାରୁ ଉନ୍ନତ କରେ । ଏପରିକି ଈଶ୍ୱରଙ୍କ ମନ୍ଦିରରେ ବସି ସେ ଆପଣାକୁ ଈଶ୍ୱର ବୋଲି ଦେଖାଏ ।" ( ୨ୟ ଥେସଲନୀକୀ ୨ : ୧-୪) ।

(୩) "ଆତ୍ମା ସ୍ପଷ୍ଟରୂପେ କହୁଅଛନ୍ତି, ଉତ୍ତର କାଳରେ କେହି କେହି ଭ୍ରଷ୍ଟ ବିବେକ ମିଥ୍ୟାବାଦୀ ଲୋକମାନଙ୍କ କପଟପଣରେ ଭ୍ରାନ୍ତିଜନକ ଆତ୍ମାମାନଙ୍କ ପ୍ରତି ଓ ଭୂତମାନଙ୍କ ଶିକ୍ଷା ପ୍ରତି ମନୋଯୋଗ କରି ବିଶ୍ୱାସ ପରିତ୍ୟାଗ କରିବେ । ସେହି ମିଥ୍ୟାବାଦୀମାନେ ବିବାହ ନିଷେଧ କରନ୍ତି, ପୁଣି ବିବିଧ ଖାଦ୍ୟ ପଦାର୍ଥରୁ ପୃଥକ୍ ରହିବା ନିମନ୍ତେ ଶିକ୍ଷା ଦିଅନ୍ତି । ବିଶ୍ୱାସୀ ଓ ସତ୍ୟ ଜାଣିଥିବା ଲେକମାନଙ୍କ ଦ୍ୱାରା ଧନ୍ୟବାଦ ସହ ଭୋଜନ କରାଯିବା ନିମନ୍ତେ ଈଶ୍ୱର ଏସବୁ ତ ସୃଷ୍ଟି କରିଅଛନ୍ତି ।" (୧ମ ତୀମଥି ୪:୧-୩) । ଉପରୋକ୍ତ ବାକ୍ୟାଂଶରୁ ସତ୍ୟ ମଣ୍ଡଳୀର ପଥଚ୍ୟୁତି ହେବାର ସମ୍ଭାବନା ଥିଲା ବୋଲି ଜାଣିପାରୁ । ଯେଉଁ ମଣ୍ଡଳୀ ଗୁଡ଼ିକ ଆପଣା ଉତ୍ପତ୍ତି ଯିରୁଶାଲମ କିଅବା ପେଣ୍ଟିକଷ୍ଟ ଦିନରେ ହୋଇଥିଲା ବୋଲି ବ୍‌ଶ୍ୱାସ କରନ୍ତି । ସେମାନେ ସ୍ୱଧର୍ମତ୍ୟାଗୀ ମଣ୍ଡଳୀର ସଭ୍ୟରୂପେ ଆପଣାକୁ ନିରୂପଣ କରନ୍ତି ।

(୪) ପ୍ରେରିତମାନେ ବପନ କରିଥିବା ଜୀବବପନରେ ଆମ୍ଭେମାନେ ଆସକ୍ତ ରହୁଁ । ବୀଜବପନ ଦୃଷ୍ଟାନ୍ତରେ ଈଶ୍ୱରଙ୍କ ବାକ୍ୟ ହିଁ ସେହି ବୀଜ ବୋଲି ଜାଣିଥାଉଁ । (ଲୂକ ୮:୧୧) । ପ୍ରେରିତମାନଙ୍କ ବାକ୍ୟ ବପନରେ ଯେଉଁ ମଣ୍ଡଳୀ ସ୍ଥାପିତ ହୋଇଥିଲା, ସେହି ବୀଜବପନରେ ସେହି ମଣ୍ଡଳୀ ସ୍ଥାପିତ ହେବ । "ଭ୍ରାନ୍ତ ନ ହୁଅ, ଈଶ୍ୱର ବିଦ୍ରୁପର ପାତ୍ର ନୁହନ୍ତି କାରଣ ମନୁଷ୍ୟ ଯାହା ବୁଣେ, ତାହାହିଁ କାଟିବ !" (ଗାଲାତି ୬:୭) । ପ୍ରତ୍ୟେକ ବୀଜ ଆପଣା ଆପଣା ପ୍ରକାର ବୃକ୍ଷ ଅଙ୍କୁରିତ କରିବ । ଧାନ ବୁଣିଲେ ଧାନ ପାଇବା, ଗହମ ବୁଣିଲେ, ଗହମ, ତୂଳା ବୁଣିଲେ, ତୂଳା । ଶୁଦ୍ଧ, ପବିତ୍ର ରାଜ୍ୟର ବୀଜ ବୁଣିଲେ, ଶୁଦ୍ଧ, ପବିତ୍ର ମଣ୍ଡଳୀ ଅଙ୍କୁରିତ ହୋଇ ସ୍ଥାପିତ ହେବ । ପ୍ରଥମ ଶତାବ୍ଦୀରେ ବୁଣା ଯାଇଥିବା ସ୍ୱର୍ଗରାଜ୍ୟର ବୀଜ, ତାହା ଅନ୍ୟ କୌଣସି ମଣ୍ଡଳୀ ସ୍ଥାପନ ନକରି ଶୁଦ୍ଧ, ପବିତ୍ର ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ବର୍ତ୍ତମାନ ଯୁଗରେ ସ୍ୱର୍ଗରାଜ୍ୟର ବିହନ, ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ବୁଣା ଯିବାରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୁଏ । ଅତଏବ ଆଜିର ଯୁଗରେ ଯେଉଁ ଅନ୍ୟ ମଣ୍ଡଳୀ ଦେଖାଯାଇ ଅଛି । ତାହା ଅନ୍ୟ ବୀଜ ଦ୍ୱାରା ସ୍ଥାପିତ ହୋଇଅଛି । ସ୍ୱର୍ଗରାଜ୍ୟରେ ବୀଜ ଯାହା ଈଶ୍ୱରଙ୍କ ବାକ୍ୟ ଅଟେ, ତାହା କେବଳ ଖ୍ରୀଷ୍ଟିୟାନ ଉତ୍ପାଦନ କରିବ । ଅନ୍ୟ ବୀଜ ଅନ୍ୟ ମଣ୍ଡଳୀ ଉତ୍ପାଦନ କରେ ।

(୫) ଉଦାହରଣ:- ଜଗତରେ ଥିବା ସମସ୍ତ ଗହମ ବିନଷ୍ଟ ହେଲେ ସୁଦ୍ଧା, ବୀଜରେ ଥିବା 'ଗହମତ୍ୱ' କେବେ ବି ବିନଷ୍ଟ ହେବ ନାହିଁ । ସେହି 'ଗହମ' ବପନରେ ପୁଣି ଗହମ ଉତ୍ପାଦନ କରି ପାରିବ । ଉତ୍ପାଦିତ ଗହମ, ପ୍ରଥମ ଗହମ ସମତୁଲ୍ୟ ରହିବ । ଠିକ୍ ସେହିପରି, ପଥଭ୍ରଷ୍ଟତା ଦ୍ୱାରା ଯଦିଓ ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀର ହ୍ରାସ ହୋଇଥିଲା । ବୀଜ ରୂପ ଈଶ୍ୱରଙ୍କ ବାକ୍ୟ ବପନରେ ଆଦିମ ମଣ୍ଡଳୀ ସ୍ଥାପିତ ହୋଇଅଛି । ଯାହା କି କେବେ ବି ବିନଷ୍ଟ ନୋହିବ । "ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟ ସମୂହ ଲୋପ ପାଇବ ନାହିଁ ।" (ମାର୍କ ୧୩:୩୧) । ଯେକୌଣସି ସମାଜରେ ସ୍ୱର୍ଗରାଜର ବାକ୍ୟ ବୁଣାଯିବ, ସେଠାରେ ଆଦିମ ମଣ୍ଡଳୀର ସ୍ଥାପନ ହେବ । ଖ୍ରୀଷ୍ଟଙ୍କ ମଣ୍ଡଳୀ ଯିରୁଶାଲମରୁ ସ୍ଥାପିତ ହୋଇଥିଲା, କିନ୍ତୁ ସ୍ୱର୍ଗରାଜର ବୀଜ ରୂପ ବାକ୍ୟ ବୁଣି ଖ୍ରୀଷ୍ଟଙ୍କ ମଣ୍ଡଳୀ ଯେକୌଣସି ସ୍ଥାନରେ ସ୍ଥାପନ କରିପାରିବ । ମଣ୍ଡଳୀ ସ୍ଥାପନର କେତେ କେତେ ବର୍ଷପରେ ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ କହିଥିଲେ । "ମୁଁ ରୋପଣ କରିଅଛି, ଅପଲ୍ଲ ଜଳସେଚନ କରିଅଛନ୍ତି, କିନ୍ତୁ ଈଶ୍ୱର ବୃଦ୍ଧି ସାଧନ କରିଅଛନ୍ତି ।" (୧ମ କରିନ୍ଥୀ ୩:୬) । ଆଦିମ ବୀଜ ବୁଣିଲେ, କରିନ୍ଥୀରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହେବାପରି, ଯେକୌଣସି ସ୍ଥାନରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇପାରିବ । ଆସ, ଶୁଦ୍ଧ ପବିତ୍ର ବୀଜ ବୁଣିବାରେ ଆସକ୍ତ ରହୁ ।

❖❖❖

# ଚତୁର୍ଥ - କାରଣ

## ଏହା ଶାସ୍ତ୍ରୀୟ ସମୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ପୁନଃରୁଥାନ ପରବର୍ତ୍ତୀ ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଥିଲା

**(It was founded at the Scriptural time-The Pentecost following resurrection of Christ)**

### ୧) ପରିଚୟ

ମଣ୍ଡଳୀ ସ୍ଥାପନ କରାଯିବାର ସ୍ଥାନ ବ୍ୟକ୍ତ କରାଯିବା ସମୟରେ ସ୍ଥାପନର ସମୟ ମଧ୍ୟ ବ୍ୟକ୍ତ ହୋଇଥିଲା । ମଣ୍ଡଳୀ ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଥିଲା ବୋଲି ବିଶେଷ ଚର୍ଚ୍ଚା ଆବଶ୍ୟକ ନାହିଁ । ପରପୃଷ୍ଠାରେ ଉପସ୍ଥାପିତ କରିଥିବା ତାଲିକା ମଣ୍ଡଳୀ ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଥିଲା ବୋଲି ପ୍ରମାଣିତ କରେ ।

ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇ ନ ଥିବା କୌଣସି ମଣ୍ଡଳୀ, ସତ୍ୟ ମଣ୍ଡଳୀ ନୁହେଁ। ମଣ୍ଡଳୀର ସତ୍ୟତା ପ୍ରମାଣିତ କରିବାର ଏହା ଏକ ମାପ । ଶାସ୍ତ୍ରୀୟ ମଣ୍ଡଳୀର ସନ୍ଧାନ କଲା ବେଳେ, କେତୋଟି ରୂପରେଖ ଦେଖନ୍ତୁ । (୧) ଖ୍ରୀଷ୍ଟଙ୍କ ଦ୍ୱାରା (୨) ଖ୍ରୀଷ୍ଟଙ୍କ ଉପରେ (୩) ଯିରୁଶାଲମରେ (୪) ପେଣ୍ଟିକଷ୍ଟ ଦିନରେ । ଯେଉଁ ମଣ୍ଡଳୀରେ ଏହି ରୂପରେଖ ନଥାଏ, ସେ ମଣ୍ଡଳୀ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରତିଜ୍ଞାତ ମଣ୍ଡଳୀ ନୁହେଁ । ଏହି ମଣ୍ଡଳୀ ଗୁଡ଼ିକରେ ଅନେକ ଉତ୍ତମ ବ୍ୟକ୍ତି ସଭ୍ୟତ୍ୱ କରି ପାରିଥା'ନ୍ତି, ଉତ୍ତମ ଶିକ୍ଷା ଦେବାରେ ଓ ଉତ୍ତମ କାର୍ଯ୍ୟରେ ନିପୁଣ ହୋଇଥା'ନ୍ତି, ତଥାପି ସେ ଗୁଡ଼ିକ ଜୀବନ୍ତ ଈଶ୍ୱରଙ୍କ ମଣ୍ଡଳୀ ନୁହନ୍ତି । ଏଗୁଡ଼ିକ ମନୁଷ୍ୟ ସ୍ଥାପିତ, ମନୁଷ୍ୟମାନଙ୍କ ଦ୍ୱାରା ଚାଳିତ ମଣ୍ଡଳୀ ।

ଯିଶାଇୟ ୨:୨-୪
ଶେଷ ଦିନରେ, ଯିରୁଶାଲମରେ

ମୀଖା ୪:୧-୨
ଶେଷ ଦିନରେ, ଯିରୁଶାଲମରେ

ମାଥିଉ ୩:୧-୨
ସ୍ୱର୍ଗରାଜ୍ୟ ସନ୍ନିକଟ

ପ୍ରେରିତମାନଙ୍କ କାର୍ଯ୍ୟାବଳୀ ୨:୪୭
ସେମାନଙ୍କ ସହିତ ସଂଯୁକ୍ତ ହେଲେ ।

କଲସୀ ୧:୧୩,୧୪
ପୁତ୍ରଙ୍କ ରାଜ୍ୟ ମଧ୍ୟରୁ ସ୍ଥାନାନ୍ତରିତ କରି ଅଛନ୍ତି ।

୧-ପ୍ରେରିତ କାର୍ଯ୍ୟାବଳୀ ୨:୧୪
ସେ ଦିନ ତିନି ସହସ୍ର ଲୋକ ସଂଯୁକ୍ତ ହେଲେ ।

ମାର୍କ ୧:୧-୨
ସ୍ୱର୍ଗରାଜ୍ୟ ସନ୍ନିକଟ

ମାଥିଉ ୬:୯-୧୦
ରାଜ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ

ମାଥିଉ ୧୬:୧୮
ସ୍ଥାପନ କରିବି

ମାର୍କ ୯:୧
ଶିଷ୍ୟମାନଙ୍କ ରାଜ୍ୟରେ ପ୍ରବେଶ କରି ନଥିଲେ ।

ଲୂକ ୧୦:୯
ତୁମ୍ଭମାନଙ୍କ ନିକଟକୁ ଆସିଛନ୍ତି

ଲୂକ ୨୨:୮
ଈଶ୍ୱରଙ୍କ ରାଜ୍ୟ ଆସିବ

୨-ପ୍ରେରିତ : କାର୍ଯ୍ୟାବଳୀ ୨:୧୭-୨୧
ତାହା ଶେଷକାଳ ।
୩-ଯିରୁଶାଲମରେ
ଲୂକ ୨୪:୪୬,୪୯, ପ୍ରେରିତ ମାନଙ୍କ କାର୍ଯ୍ୟାବଳୀ ୧:୧୨, ୨:୧୫
୪-ସେହି ରାଜାମାନଙ୍କ ସମୟରେ ।
୫- କେତୋଟି ଶିଷ୍ୟମାନଙ୍କ ଜୀବନ କାଳରେ ।
ପ୍ରେରିତ ୧:୧୫-୨:୧୯
୬-ଶକ୍ତି ଆସିବ
ପ୍ରେରିତ କାର୍ଯ୍ୟାବଳୀ ୨:୧-୪
୭-ପ୍ରେରିତମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବେ ।
ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମା ଅବତରଣ କଲେ । ପ୍ରେ:କା. ୧୧:୧୫
୮- ପବିତ୍ର ଆତ୍ମା ଆସିବାର ଥିଲା, ତତ୍‌ପରେ ପେଣ୍ଟିକଷ୍ଟ ଦିନରେ ଆସିଲେ ବୋଲି ବାକ୍ୟ ସାକ୍ଷ୍ୟ ଦିଏ ।

❖❖❖

# ପଞ୍ଚମ-କାରଣ

## ଖ୍ରୀଷ୍ଟ ଏକମାତ୍ର ମଣ୍ଡଳୀର-ଅର୍ଥାତ୍ ତାହାଙ୍କ ମଣ୍ଡଳୀର ସ୍ଥାପକ ଅଟନ୍ତି
## (Christ is the founder of only one Church - His Church)

୧. ପ୍ରମାଣ

୧) ସ୍ୱର୍ଗ ଓ ପୃଥିବୀ ଉପରେ ଯାହାଙ୍କ ଆଧିପତ୍ୟ ଅଛି ସେ କହିଲେ, "...ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି ...।" (ମାଥିଉ ୧୬:୧୮)। ମୁଁ ମଣ୍ଡଳୀ ଗୁଡିକ କିଅବା "ମଣ୍ଡଳୀ ଗୁଡିକ ମଧ୍ୟରୁ ଗୋଟିଏ ମଣ୍ଡଳୀ " ତୋଳିବି ନ କହି, ସେ କହିଲେ ମୁଁ ଆପଣା ମଣ୍ଡଳୀ ତୋଳିବି ବୋଲି କହିଥିଲେ । ଯୀଶୁଙ୍କ ପ୍ରତିଜ୍ଞାରେ ମଣ୍ଡଳୀ ଅର୍ଥାତ୍ ଏକ ବଚନ ଓ ଏକ ମଣ୍ଡଳୀ ତୋଳିବି ବୋଲି ଯୀଶୁ ବ୍ୟକ୍ତ କରିଥିଲେ । ସେ 'ମଣ୍ଡଳୀ ଗୁଡିକ' ତୋଳିବି ବୋଲି କହି ନ ଥିଲେ । ବର୍ତ୍ତମାନ ଯୁଗରେ ଅସଂଖ୍ୟ ମଣ୍ଡଳୀ ହୋଇଥିବାରୁ 'ଏକ ମଣ୍ଡଳୀ'ର ଭାବକୁ ଗ୍ରହଣ କରିବାରେ ଅନେକେ ଅସମକ୍ଷ । ଖ୍ରୀଷ୍ଟଙ୍କ ବ୍ୟକ୍ତ ପ୍ରତିଜ୍ଞାରେ ଥିବା 'ମଣ୍ଡଳୀ' ପଦକୁ ମଣ୍ଡଳୀ ଗୁଡିକ ବୋଲି ପରିବର୍ତ୍ତନ କରିବାରେ ଆମର ଅଧିକାର ନାହିଁ । ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟ ସମୂହ କଦାପି ଲୋପ ପାଇବ ନାହିଁ ବୋଲି ଯୀଶୁ ମାଥିଉ ୨୪:୩୫ ପଦରେ କହିଅଛନ୍ତି ।

୨) ପ୍ରେରିତ ପାଉଲ ଏକମାତ୍ର ଶରୀର ଅଛି ବୋଲି ଶିକ୍ଷା ଦିଅନ୍ତି । "ଏକ ଶରୀର ଓ ଏକ ଆତ୍ମା, ଯେଉଁ ରୂପେ ତୁମ୍ଭେମାନେ, ତୁମ୍ଭମାନଙ୍କ ଆହ୍ୱାନର ଏକ ଭରସାରେ ମଧ୍ୟ ଆହୂତ ହୋଇଅଛି । (ଏଫିସୀ ୪:୪) । "କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଏକ ପ୍ରକାର ନୁହେଁ, ସେହି ପ୍ରକାରେ ଏକ ଶରୀର ଓ ପ୍ରତ୍ୟେକ ପରସ୍ପରର ଅଙ୍ଗପ୍ରତ୍ୟଙ୍ଗ ।" (ରୋମୀୟ ୧୨:୪-୫) । "କିନ୍ତୁ ପ୍ରକୃତରେ ଅଙ୍ଗପ୍ରତ୍ୟଙ୍ଗ ଅନେକ, ମାତ୍ର ଶରୀର ଏକ ।" (୧ମ କରିନ୍ଥୀ ୧୨:୨୦) । ପ୍ରେରିତ ପାଉଲ, ମଣ୍ଡଳୀର ଏକତ୍ୱ ବିଷୟରେ ଆପଣା ପତ୍ରମାନଙ୍କର ବ୍ୟକ୍ତ କରି ଅଛନ୍ତି । ଏହି ଶରୀରର ଅର୍ଥ କଅଣ ? ବାକ୍ୟ କହେ, "ଆଉ ସମସ୍ତ ତାଙ୍କ ପାଦ ତଳେ ରଖି, ତାହାଙ୍କ ସର୍ବ ବିଷୟର ମସ୍ତକ ସ୍ୱରୂପ ମଣ୍ଡଳୀକୁ ଦାନ କଲେ । ସେହି ମଣ୍ଡଳୀ ତାହାଙ୍କ ଶରୀର ସ୍ୱରୂପ ଅର୍ଥାତ ଯେ ସମସ୍ତ ବିଷୟକୁ ସର୍ବତୋଭାବେ ପୂର୍ଣ୍ଣ କରନ୍ତି, ତାହାଙ୍କର ପୂର୍ଣ୍ଣତା ।" (ଏଫିସୀ ୧:୨୨-

୨୩) । ଏହି ବାକ୍ୟାଂଶରୁ ମଣ୍ଡଳୀହିଁ ଖ୍ରୀଷ୍ଟଙ୍କ ଶରୀର ଅଟେ ବୋଲି ଜାଣିପାରୁ । କଲସୀ ୧:୧୮ ପଦରେ ମଧ୍ୟ ଏହି ସତ୍ୟତା ପ୍ରମାଣିତ ହୁଏ । ଅତଏବ ଶରୀର ମଣ୍ଡଳୀ ଅଟେ ଓ ମଣ୍ଡଳୀ ହିଁ ଶରୀର ଅଟେ । ଏକ ଶରୀର ଥିବାରୁ ଏକ ମଣ୍ଡଳୀ । "ମୁଁ ଆପଣା ମଣ୍ଡଳୀ ତୋଳିବି" ବୋଲି ଯୀଶୁଖ୍ରୀଷ୍ଟଙ୍କ ପ୍ରବଚନ ଏହି ସତ୍ୟତା ସମଭାବାପନ୍ନ ଅଟେ ।

(୩) ଦ୍ରାକ୍ଷାକ୍ଷେତ୍ର ଓ କୃଷକର ଦୃଷ୍ଟାନ୍ତରେ, ମଣ୍ଡଳୀର ମଣ୍ଡଳୀର ଏକ ଭାବାପନ୍ନ ପ୍ରକଟ ହୁଏ । (ଯୋହନ ୧୫:୧) । ଦ୍ରାକ୍ଷାଲତାର ଅଭିବୃଦ୍ଧି ନିମନ୍ତେ କୃଷକ ଅନେକ ଦ୍ରାକ୍ଷାକ୍ଷେତ୍ର କାର୍ଯ୍ୟ କରିବାରେ ଦୃଶ୍ୟ ଆମ୍ଭେମାନେ ଏହି ଦୃଷ୍ଟାନ୍ତରେ ପଢ଼ି ନ ପାରୁ । ଆଜିର ଯୁଗରେ ଅନେକ ଦ୍ରାକ୍ଷାକ୍ଷେତ୍ର ଅଛି, ଯେଉଁମାନେ ସଦାପ୍ରଭୁଙ୍କୁ କୃଷକ ମଣନ୍ତି । ଏହା କେବଳ ଜାଗତିକ ଚିତ୍ର, ଧର୍ମଶାସ୍ତ୍ରରେ ଅନେକ ଦ୍ରାକ୍ଷାକ୍ଷେତ୍ର ଓ ଏକ କୃଷକର ଛବି ଚିତ୍ରାଙ୍କିତ ହୋଇନାହିଁ । ଈଶ୍ୱରଙ୍କ ବାକ୍ୟରେ ଏକ କୃଷକ ଓ ଏକ ଦ୍ରାକ୍ଷାକ୍ଷେତ୍ରର ବର୍ଣ୍ଣନା କରାଯାଇଅଛି ।

(୪) ଦ୍ରାକ୍ଷାକ୍ଷେତ୍ର ଓ ଶାଖାର ଉଦାହରଣରେ, ଏକ ମଣ୍ଡଳୀର ଭାବ ପ୍ରକଟିତ ହୁଏ । ଯୀଶୁଖ୍ରୀଷ୍ଟ ପ୍ରକୃତ ଦ୍ରାକ୍ଷାଲତା ଅଟନ୍ତି ଓ ତାହାଙ୍କ ରକ୍ତରେ ଧୌତ ପ୍ରତ୍ୟେକ ଖ୍ରୀଷ୍ଟିୟାନ ସେହି ଦ୍ରାକ୍ଷାଲତାର ଶାଖା ଅଟନ୍ତି । (ଯୋହନ ୧୫:୧-୬) । ଏଠାରେ ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଅନେକ ଶାଖା ଓ ପରସ୍ପର ବିରୁଦ୍ଧାଚରଣ କରୁଥିବା ପ୍ରଶାଖା ରୂପେ ଦେଖି ନ ପାରୁ । କିନ୍ତୁ ଏକ ମହାନ ଓ ସୁନ୍ଦର ଦ୍ରାକ୍ଷାଲତା ଯେ କି ଈଶ୍ୱରଙ୍କ ପୁତ୍ର ଅଟନ୍ତି ଓ ତାହାଙ୍କ ରକ୍ତରେ ଧୌତ ପ୍ରତ୍ୟେକ ଖ୍ରୀଷ୍ଟିୟାନ ତାହାଙ୍କ ସହିତ ସଂପୃକ୍ତ ରହି ତାହାଙ୍କ ଗୌରବାର୍ଥେ ଫଳ ଉତ୍ପନ୍ନକାରୀ ପ୍ରଶାଖା ତୁଲ୍ୟ ଶୋଭା ପାଆନ୍ତି । ମନୁଷ୍ୟର ଚିତ୍ରାଙ୍କନରେ ଓ ବାକ୍ୟର ଚିତ୍ରାଙ୍କନରେ କେତେ ପାର୍ଥକ୍ୟ !

ମତଶାଖା ତତ୍ତ୍ୱର ପ୍ରମାଣ କରିବା ନିମନ୍ତେ, ଲୋକେ 'ଦ୍ରାକ୍ଷାଲତା' ପ୍ରକୃତ ମଣ୍ଡଳୀ ଓ ମତଶାଖା ମଣ୍ଡଳୀ ଗୁଡିକ ସେହି 'ଦ୍ରାକ୍ଷାଲତା'ର ଶାଖା ପ୍ରଶାଖା ବୋଲି ଦାବୀ କରନ୍ତି । ଏହା ମତଶାଖା ତତ୍ତ୍ୱର ପ୍ରଥମ ଦାବୀ । ଏହି ଦାବୀ ଅନେକ କାରଣରୁ ସତ୍ୟ ହୋଇ ନ ପାରେ ।

(୧) "ମୁଁ ଦ୍ରାକ୍ଷାଲତା, ତୁମ୍ଭମାନେ ଶାଖା," (ଯୋହନ ୧୫:୫) ବୋଲି ଯୀଶୁ କହିବା ବେଳେ ସେ ମଣ୍ଡଳୀ ବିଷୟରେ ନ କହି ଆପଣା ବିଷୟରେ କହିଥିଲେ । ସେ ଆପଣା ବିଷୟରେ କହିବା ବଚନ, ମଣ୍ଡଳୀ ଗୁଡ଼ିକ ବିଷୟରେ ମନେ କରିବା ଉଚିତ ହେବ ନାହିଁ । (୨) ଖ୍ରୀଷ୍ଟ କହିଲେ, "ମୋ ଠାରେ ରୁହ" (୪ର୍ଥ ବଚନ) । ଖ୍ରୀଷ୍ଟଙ୍କ ସହିତ ନ ରହିବା ଲୋକ ପ୍ରକୃତ ଦ୍ରାକ୍ଷାଲତାରେ ସଂଯୁକ୍ତ ନ ରହି ଅନ୍ୟ ଲତାରେ ସଂଯୁକ୍ତ ରହିଥାନ୍ତି । କିନ୍ତୁ ଆମ୍ଭମାନଙ୍କୁ ପ୍ରକୃତ

ଦ୍ରାକ୍ଷାଲତା ଖ୍ରୀଷ୍ଟଙ୍କ ସଂଯୁକ୍ତ ରହିବା ଆବଶ୍ୟକ । (୩) ଦ୍ରାକ୍ଷାଲତାର ଶାଖାର ଅର୍ଥ ପ୍ରତ୍ୟେକ ମନୁଷ୍ୟ । ଯୀଶୁ କହିଲେ, "କେହି ଯେବେ ମୋ ଠାରେ ନ ରହି, ତାହା ହେଲେ... ... ବାହାରେ ପକାଇ ଦିଆଯାଏ ଓ ଶୁଖିଯାଏ... ..।" କେତେ ସରଳ ଭାଷାରେ ଏଠି ବର୍ଣ୍ଣନା କରାଯାଇଅଛି । (୪) ଗୋଟିଏ ଦ୍ରାକ୍ଷାଲତାରୁ ଦ୍ରାକ୍ଷାଫଳ, ତରଭୁଜ, କାକୁଡ଼ି, ଲାଉ ଫଳିବା ଯେପରି ହାସ୍ୟାସ୍ପଦ ଖ୍ରୀଷ୍ଟରୂପ ଦ୍ରାକ୍ଷାଲତାରୁ ଅନେକ ମତଶାଖା ମଣ୍ଡଳୀ ଉତ୍ପନ୍ନ ହେବା ସେତେ ହାସ୍ୟାସ୍ପଦ ।

(୫) ମଣ୍ଡଳୀର ଏକତ୍ୱ ଏକ ଗୃହ କିଅବା ଏକ ପରିବାର ରୂପେ ବର୍ଣ୍ଣନା କରାଯାଇଅଛି । "... ...ଈଶ୍ୱରଙ୍କ ଗୃହରେ ଅର୍ଥାତ୍ ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ...।" (୧ମ ତୀମଥି ୩:୧୫) । ଈଶ୍ୱରଙ୍କ ଗୃହ ଅର୍ଥାତ୍ ଈଶ୍ୱରଙ୍କ ପରିବାର । ଉଦାହରଣ:- କାରାଗାର ରକ୍ଷକ ଓ ତାଙ୍କ ଗୃହ ଅର୍ଥାତ୍ ତାହାଙ୍କ ପରିବାର ବର୍ଗ ବୋଲି ସୂଚାଏ । (ପ୍ରେରିତ ୧୬ ପର୍ବ) । ଈଶ୍ୱରଙ୍କ ଗୃହ ଈଶ୍ୱରଙ୍କ ପରିବାର ଅଟେ ଓ ପରମେଶ୍ୱରଙ୍କ ପରିବାର ତାହାଙ୍କ ମଣ୍ଡଳୀ ଅଟେ । ବାଇବଲ ଏକଆତ୍ମିକ ପରିବାର ଚିତ୍ରାଙ୍କନ କରେ, ଯାହାଠାରେ ସଦାପ୍ରଭୁ ପରମେଶ୍ୱର ପିତା, ଖ୍ରୀଷ୍ଟ ଜ୍ୟେଷ୍ଠ ଭ୍ରାତା ଓ ପରିତ୍ରାଣ ପ୍ରାପ୍ତ ପ୍ରତ୍ୟେକ ତାହାଙ୍କ ସନ୍ତାନ ଅଟନ୍ତି । "ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ, ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ ହେବା ନିମନ୍ତେ ତାହାଙ୍କ ସାଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ ।" (ରୋମୀୟ- ୮:୧୬-୧୭) । ବିଭିନ୍ନ ନାମ ଧାରଣକାରୀ ପରସ୍ପର ବିରୁଦ୍ଧାଚରଣ କରୁଥିବା ଅସଂଖ୍ୟ ପରିବାର ବିଷୟରେ ବାଇବଲ ଲିଖିତ ହୋଇନାହିଁ । ଏହା ଦ୍ୱିପତ୍ନୀ ଗ୍ରହଣ ସମାନ ହେବ । କିନ୍ତୁ ବାଇବଲ ଏକ ମହାନ ପରିବାରର ବର୍ଣ୍ଣନା କରେ, ଯାହାର ପିତା ସଦାପ୍ରଭୁ, ଖ୍ରୀଷ୍ଟ ଆମ୍ଭମାନଙ୍କ ଜ୍ୟେଷ୍ଠ ଭ୍ରାତା ଏବଂ ପରିବାର ସଭ୍ୟମାନେ ପରିବାର ମଙ୍ଗଳ ନିମନ୍ତେ କାର୍ଯ୍ୟ ଅଟନ୍ତି ।

(୬) ମଣ୍ଡଳୀର ଏକତ୍ୱ ଏକ ମେଷଶାଳା ଓ ଏକ ମେଷ ପାଳକର ଦୃଷ୍ଟାନ୍ତ ଦ୍ୱାରା ବର୍ଣ୍ଣନା କରାଯାଏ । "... ...ପୁଣି ସେମାନେ ମୋହର ସ୍ୱର ଶୁଣିବେ, ସେଥିରେ ଗୋଟିଏ ପଲ ଓ ଗୋଟିଏ ପାଳକ ହେବେ ।" (ଯୋହନ ୧୦;୧୬) । ଏହି ଜଗତରେ ଅନେକ ମେଷପଲ ଅଛି, ପ୍ରତ୍ୟେକ ମେଷପାଳକଙ୍କ ଖୁଆଡ଼ ବୋଲି ଦାବୀ କରନ୍ତି । ବାକ୍ୟରେ ବିଭିନ୍ନ ପ୍ରକାର ମେଷ ବିଷୟରେ କୁହା ନ ଯାଇ "ଏକ ମେଷପଲ" ଏକ ପଲ ବିଷୟରେ କୁହାଯାଏ । ଜାଗତିକ ଜ୍ଞାନ, ଧନ ସମ୍ପଦ ମାନସମ୍ମାନ ପରମେଶ୍ୱରଙ୍କ ବାକ୍ୟକୁ ପରିବର୍ତ୍ତନ କରି ପାରେ

ନାହିଁ। ଅସଂଖ୍ୟ 'ମେଷପଲ' କିଅବା ଅସଂଖ୍ୟ 'ମେଷପାଳକ' ନାହାନ୍ତି ।

(୭) ମଣ୍ଡଳୀର ଏକତ୍ୱ ମନୁଷ୍ୟ ଶରୀର ସହିତ ତୁଳନା କରାଯାଏ । ଯାହାର ମସ୍ତକ ସ୍ୱରୂପ ଖ୍ରୀଷ୍ଟ ଅଟନ୍ତି । ତାହାଙ୍କ ରକ୍ତ ଦ୍ୱାରା ଧୌତ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅଟନ୍ତି ଓ ଏକ ଶରୀର ରୂପେ କାର୍ଯ୍ୟ କରନ୍ତି । (୧ମ କରିନ୍ଥୀ ୧୨:୧୨-୨୭, କଲସୀ ୧:୧୮) । ଏକ ମସ୍ତକୁ ଏକ ଶରୀର । କିନ୍ତୁ ଆଧାତ୍ମିକ ଜଗତରେ ଆମ୍ଭେମାନେ ଖ୍ରୀଷ୍ଟରୂପ ମସ୍ତକର ଅନେକ ମଣ୍ଡଳୀରୂପ ଶରୀର ଦେଖିବାକୁ ପାଉ । ଏକ ମସ୍ତକ କି ଅନେକ ଶରୀର ରହିପାରେ ? କେଡେ ଅସମ୍ଭବ ବିଷୟ ! ଏକ ମସ୍ତକର ଅନେକ ଶରୀର ଥିବା ଜନ୍ତୁର ନାମ କଅଣ ହୋଇପାରେ ? ପରସ୍ପର ବିରୁଦ୍ଧାଚରଣ କରି ବାଦବିବାଦ କରୁଥିବା ଅଙ୍ଗପ୍ରତ୍ୟଙ୍ଗ କି ଏକ ମସ୍ତକର ଶରୀର ହୋଇପାରେ ? ଭୟ କରନ୍ତୁ ନାହିଁ । ଏପରି ଜନ୍ତୁ ଜୀବ ଜଗତରେ ନାହିଁ । କିନ୍ତୁ ଆଧାମିକ ଜଗତର ଅସଂଖ୍ୟ ଶରୀର ଯେଉଁମାନେ ଖ୍ରୀଷ୍ଟଙ୍କୁ ଆପଣା ମସ୍ତକ ମଣନ୍ତି । ନିଶ୍ଚିତ ଭାବେ ମନୁଷ୍ୟମାନଙ୍କ ଚକ୍ଷୁ ଥାଇ ଦେଖନ୍ତି ନାହିଁ । କର୍ଣ୍ଣ ଥାଇ ଶ୍ରବଣ କରନ୍ତି ନାହିଁ ଓ ଜ୍ଞାତ ହୁଅନ୍ତି ନାହିଁ ।

(୮) ମଣ୍ଡଳୀର ଏକତ୍ୱ, ପିତାଙ୍କ ଠାରେ ପୁତ୍ରଙ୍କ ପ୍ରାର୍ଥନାରେ ପ୍ରସ୍ଫୁଟିତ ହୁଏ । ଯୀଶୁ ପ୍ରାର୍ଥନା କରି ପିତା ପରମେଶ୍ୱରଙ୍କୁ ଅନୁରୋଧ କରି କହିଥିଲେ, "ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ନାହିଁ । ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋ ଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି । ଯେପରି ସେମାନେ ସମସ୍ତେ ଏକ ହୁଅନ୍ତି, ହେ ପିତା ତୁମ୍ଭେ ଯେ ପ୍ରକାର ମୋ ଠାରେ ଅଛ ଓ ମୁଁ ତୁମ୍ଭଠାରେ ଅଛି, ସେମାନେ ମଧ ସେ ପ୍ରକାରେ ଆମ୍ଭମାନଙ୍କ ଠାରେ ରହନ୍ତୁ, ଯେପରି ତୁମ୍ଭେ ମୋତେ ପ୍ରେରଣ କଲ ବୋଲି ଜଗତ ବିଶ୍ୱାସ କରେ ।" (ଯୋହନ ୧୭:୨୦-୨୧) । ତାହାଙ୍କ ଠାରେ ବିଶ୍ୱାସ କରିବା ପ୍ରତ୍ୟେକ ଯେପରି ଏକ ହୋଇ ରହି ପାରିବେ । ଏଥିନିମନ୍ତେ ଯୀଶୁ ଖ୍ରୀଷ୍ଟ ପିତାଙ୍କ ଠାରେ ପ୍ରାର୍ଥନା କରିଥିଲେ । ଅସଂଖ୍ୟ ମଣ୍ଡଳୀ ବିରୁଦ୍ଧରେ ଏହା ଯୀଶୁଙ୍କ ପ୍ରାର୍ଥନା । ଯୀଶୁ ଖ୍ରୀଷ୍ଟିୟାନମାନଙ୍କ ଏକତ୍ୱ ନିମନ୍ତେ ପ୍ରାର୍ଥନା କରି ଥିବା ସତ୍ତ୍ୱେ ଅସଂଖ୍ୟ ମଣ୍ଡଳୀ ସ୍ଥାପନ କରିବା ହାସ୍ୟାସ୍ପଦର ବିଷୟ । ଯେଉଁମାନେ ଅସଂଖ୍ୟ ମଣ୍ଡଳୀ, ଅସଂଖ୍ୟ ପ୍ରଥା, ଅସଂଖ୍ୟ ବିଚ୍ଛେଦର ସମର୍ଥନ କରନ୍ତି ସେମାନେ ଯୀଶୁଙ୍କୁ ଏକ କପଟୀରୂପେ ନ୍ୟସ୍ତ କରନ୍ତି, ଯାହା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପରମେଶ୍ୱରଙ୍କ ଶୁଦ୍ଧତା ଓ ପବିତ୍ରତାରେ ସନ୍ଦେହ କରିବା ତୁଲ୍ୟ । ଆମ୍ଭମାନଙ୍କ ତ୍ରାଣକର୍ତ୍ତାଙ୍କ ପ୍ରତି ଏପରି ନିନ୍ଦା ମୁଁ ସହ୍ୟ କରି ପାରେ ନାହିଁ ।

ଅନେକେ ବିଭିନ୍ନ ମତଶାଖା ନିମନ୍ତେ, ବିଭିନ୍ନ ମଣ୍ଡଳୀ, ବିଭିନ୍ନ ସିଦ୍ଧାନ୍ତ ନିମନ୍ତେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦିଅନ୍ତି । କିନ୍ତୁ ଖ୍ରୀଷ୍ଟଙ୍କ ପ୍ରାର୍ଥନାର ଉଦ୍ଦେଶ୍ୟ ଏହା ନ ଥିଲା । ଅନେକେ ଈଶ୍ୱରଙ୍କ ପଥରୁ ବିମୁଖ ହୋଇଅଛନ୍ତି ।

ଗ) **ବହୁଳ ମଣ୍ଡଳୀ ସମୂହ :**

ବାକ୍ୟ କହେ, "ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି ।" (ରୋମୀୟ ୧୬:୧୬) । "ଯୋହନ ଆସିଆସ୍ଥ ସପ୍ତ ମଣ୍ଡଳୀ ନିକଟକୁ ଲେଖୁଅଛି... ...।" (ପ୍ରକାଶିତ ବାକ୍ୟ ୧:୪) । ଏଠାରେ ସମସ୍ତ ମଣ୍ଡଳୀର ଅର୍ଥ ସ୍ଥାନୀକ ମଣ୍ଡଳୀଗଣ । ଶାସ୍ତ୍ରର ପ୍ରତ୍ୟେକ ଠାରେ ଏହି ଭାବ ପ୍ରକାଶ କରାଯାଏ । ଦେଶରେ ଅନେକ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଅଛି, କିନ୍ତୁ ପ୍ରତ୍ୟେକ ଏକ ମଣ୍ଡଳୀର ଅନ୍ତର୍ଭୁକ୍ତ । ସମସ୍ତ ସମଭାବାପନ୍ନ ଓ ସମରୂପ ବିଶିଷ୍ଟ ସଂସ୍ଥା ଗୁଡ଼ିକ । ଯୋହନଙ୍କ ବ୍ୟକ୍ତ "ଆସିଆସ୍ଥ ସପ୍ତ ମଣ୍ଡଳୀ"ର ଅର୍ଥ ଆସିସ୍ଥ ଅଞ୍ଚଳରେ ସ୍ଥିତ ସାତଟି ଖ୍ରୀଷ୍ଟଙ୍କ ମଣ୍ଡଳୀ ।

ଉପରୋକ୍ତ କାରଣ ଗୁଡ଼ିକରୁ ଯୀଶୁଖ୍ରୀଷ୍ଟ ଏକମାତ୍ର ମଣ୍ଡଳୀ ସ୍ଥାପନ କରିଥିଲେ ବୋଲି ପ୍ରମାଣ କରେ । ଆସ ଆମ୍ଭେମାନେ ତାହାଙ୍କ ସ୍ଥାପିତ ମଣ୍ଡଳୀରେ ସଭ୍ୟ ହୋଇ, ତାହାଙ୍କ ଶରୀର, ତାହାଙ୍କ ରାଜ୍ୟ, ତାହାଙ୍କ ପରିବାରର ଅନ୍ତର୍ଭୁକ୍ତ ହେଉ ।

❖❖❖

# ଷଷ୍ଠ-କାରଣ

# ଏହା ଶାସ୍ତ୍ରୀୟ ନାମ ଧାରଣ କରେ

## (It is scriptural in name)

### ୧. ନାମରେ କଅଣ ଅଛି ?

ନାମରେ କିଛି ପ୍ରାଧାନ୍ୟତା ନାହିଁ, ଏହି ସିଦ୍ଧାନ୍ତ ଏହି ଜଗତରେ ପ୍ରଚଳିତ ହୋଇ ଆସୁଅଛି । ଏହି ସିଦ୍ଧାନ୍ତ ଶାସ୍ତ୍ରୀୟ ଭାବେ ଓ ଜାଗତିକ ଭାବେ ମଧ୍ୟ ସତ୍ୟ ନୁହେଁ ।

୧) ନାମରେ ପ୍ରାଧାନ୍ୟତା ଅଛି, ଯେହେତୁ ସଦାପ୍ରଭୁ ପରମେଶ୍ୱର ମନୁଷ୍ୟଙ୍କୁ ସୃଷ୍ଟିକରି ନାମକରଣ କରିଥିଲେ । "ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ, ଆଉ ସେମାନେ ସୃଷ୍ଟ ହେବା ଦିନ ସେମାନଙ୍କୁ ଆଶୀର୍ବାଦ କରି, ଆଦମ ନାମ (ମନୁଷ୍ୟ) ଦେଲେ ।" (ଆଦି ୫:୨) । ନାମରେ ପ୍ରାଧାନ୍ୟତା ନ ଥିଲେ, ସଦାପ୍ରଭୁ ମନୁଷ୍ୟଙ୍କୁ 'ଆଦମ' ନାମ ଦେଇ ନ ଥାନ୍ତେ ।

୨) ନାମର ପ୍ରାଧାନ୍ୟତା ନ ଥିଲେ, ସଦାପ୍ରଭୁ 'ଅବ୍ରାମ'ଙ୍କ ନାମ ଅବ୍ରାହମ ଓ ସାରୀଙ୍କ ନାମ 'ସାରା' ରୂପେ ପରିବର୍ତ୍ତନ କରି ନ ଥାନ୍ତେ । (ଆଦି ୧୭:୫-୫) । ନାମରେ ପ୍ରାଧାନ୍ୟତା ଥିବାରୁ ସଦାପ୍ରଭୁ ସେମାନଙ୍କ ନାମ ପରିବର୍ତ୍ତନ କରିଥିଲେ ।

୩) ନାମର ପ୍ରାଧାନ୍ୟତା ଥିବାରୁ ସଦାପ୍ରଭୁ ଯାକୁବଙ୍କ ନାମ "ଇଶ୍ରାଏଲ" ରଖିଥିଲେ । (ଆଦି ୩୨:୨୭-୨୮) । ନାମର ପ୍ରାଧାନ୍ୟତା ନାହିଁ ବୋଲି ଦାବୀ କରିବା ଲୋକେ ଈଶ୍ୱରଙ୍କ ଜ୍ଞାନକୁ ନିନ୍ଦା କରି ତାହାଙ୍କ କାର୍ଯ୍ୟ ମୂର୍ଖତାର କାର୍ଯ୍ୟରୂପେ ସାବ୍ୟସ୍ତ କରିଥାନ୍ତି ।

୪) ମାନବିକ ଭେଦ ବିଭେଦକୁ ନିନ୍ଦା କରି ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "ଖ୍ରୀଷ୍ଟ କି ବିଭକ୍ତ ହୋଇ ଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲା ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥଲେ ?" (୧ମ କରିନ୍ଥୀ ୧:୧୩) । ପାଉଲଙ୍କ ନାମରେ କି ଅନ୍ୟମାନଙ୍କ ନାମରେ ବାପ୍ତିଜିତ ହେବା ଦ୍ୱାରା କି ଆମ୍ଭେମାନେ ପରିତ୍ରାଣ ପାଇପାରିବା ? ସେ କହିଲେ, "କାଳେ ତୁମ୍ଭେମାନେ ମୋହର ନାମରେ ବାପ୍ତିଜିତ ହୋଇଅଛି ବୋଲି କେହି କହିବ, ଏଥିପାଇଁ କ୍ରୀଷ୍ପ ଓ ଗାୟ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କାହାରିକି ବାପ୍ତିସ୍ମ ଦେଇ ନାହିଁ ବୋଲି ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ।" (୧:୧୪-୧୫) ।

୫) · ଲୋକେ ଆପଣା ପୋଷାକୁକୁରକୁ 'Fido' କିଅବା 'Satan' ଓ ଗଧକୁ 'Rebel' କିଅବା 'Lucifer' ବୋଲି ନାମ ଦିଅନ୍ତି । କିନ୍ତୁ ଆପଣା ପୁତ୍ରମାନଙ୍କୁ 'ଯୋହନ'; ଯାକୁବ ବୋଲି ନାମକରଣ କରନ୍ତି । ଯଦି ନାମର ପ୍ରାଧାନ୍ୟତା ନ ଥା'ନ୍ତା, ଲୋକେ ଆପଣା ପୁତ୍ରମାନଙ୍କ 'Fido'/'Satan' ଡ଼ାକି, କୁକୁରମାନଙ୍କୁ 'ଯୋହନ'/ଯାକୁବ ବୋଲି କଅଣ ଡ଼ାକି ନ ଥା'ନ୍ତେ ?

୬) ଜଣେ ଉତ୍ତମ ଭାରତୀୟ ନାଗରିକକୁ କି ଆପଣ 'ଇଷ୍କାରିଡ୍ ଯିହୂଦା', ବିଦ୍ରୋହୀ, 'ମିଥ୍ୟାବାଦୀ', 'ଦୋଷୀ' ବୋଲି ଡ଼ାକି ପାରିବ ? ତେବେ ନାମରେ କାହିଁକି କିଛି ପ୍ରାଧାନ୍ୟତା ନାହିଁ ?

## ୧. ମଣ୍ଡଳୀର ପରିଚୟ :

୧) 'ମୋହର ମଣ୍ଡଳୀ' ବୋଲି ଯୀଶୁ କହିଥିବାରୁ ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀ (ମାଥିଉ ୧୬:୧୮) ।

୨) ମଣ୍ଡଳୀ (ପ୍ରେରିତ ୮:୧) ବା Church, ଗ୍ରୀକ୍ ପଦ "Ekklesia"ରୁ ଆନୀତ । ଏହି ପଦର ଅର୍ଥ "ଆହୂତ" (Called out ) ପାପ ଜଗତରୁ ଆହୂତ ପବିତ୍ର ସମାଜର ନାମ 'ମଣ୍ଡଳୀ' (Church) ଅଟେ ।

୩) "ପରମେଶ୍ୱରଙ୍କ ମଣ୍ଡଳୀ" (୧ମ କରିନ୍ଥୀ ୧;୨) । ଏହା ଅଧିକାର ସୂଚକ । ଉଦାହରଣ :-"ପ୍ରଭାକରଙ୍କର ଗୃହ" ଅର୍ଥ 'ଗୃହ'ଯାହା ପ୍ରଭାକରଙ୍କର ଅଟେ ।

୪) "ଖ୍ରୀଷ୍ଟଙ୍କ ମଣ୍ଡଳୀ" (ରୋମୀୟ ୧୬:୧୬) :-ଲେଖକ ସ୍ଥାନୀୟ ମଣ୍ଡଳୀ ସମୂହ ବିଷୟରେ ଏଠାରେ କହି ଅଛନ୍ତି, ସ୍ଥାନୀୟ ମଣ୍ଡଳୀ ।

୫) "ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଅଟେ ।" (ଏଫିସୀ ୪:୧୨) । ଏହି ଶରୀର ଯାହା ଖ୍ରୀଷ୍ଟଙ୍କ ସହଲଗ୍ନ, ତାହା ଖ୍ରୀଷ୍ଟଙ୍କ ଆପଣାର ।

୬) "ଜୀବିତ ଈଶ୍ୱରଙ୍କ ମଣ୍ଡଳୀ" (୧ମ ତୀମଥି ୩:୧୫)—ଅର୍ଥାତ୍ ସମସ୍ତ ଆଧିପତ୍ୟ ପରମେଶ୍ୱରଙ୍କର ।

୭) "ପ୍ରଥମ ଜାତମାନ୍ଙ୍କର ମଣ୍ଡଳୀ" (ଏବ୍ରୀ ୧୨:୨୩)—ଖ୍ରୀଷ୍ଟଙ୍କ ସୁସମାଚାର ଗ୍ରହଣ କରିଥିବା ପ୍ରଥମ ଜାତମାନଙ୍କ ମଣ୍ଡଳୀ ।

ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟମାନେ, ମଣ୍ଡଳୀ ବିଷୟରେ ଈଶ୍ୱରଙ୍କ ବାକ୍ୟରେ ଲିଖିତ ଭାବ

ପ୍ରକଟ କରନ୍ତି । ତେବେ ଅନ୍ୟ ଦଳମାନଙ୍କ ବିଷୟ କଅଣ ? ଏପରି ଦଳମାନଙ୍କ ନାମ ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇନାହିଁ । ଧାର୍ମିକ ସଂସ୍ଥା ଗୁଡିକ ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇ ନ ଥିବା ନାମଧାରଣ କରିବା ଆଶ୍ଚର୍ଯ୍ୟ ବିଷୟ । ଏହା କି ଈଶ୍ୱରଙ୍କୁ ଖ୍ରୀଷ୍ଟଙ୍କୁ ଓ ବାଇବଲକୁ ଅମର୍ଯ୍ୟାଦାର ବିଷୟ ନୁହେଁ ?

**୧. ସଭ୍ୟମାନଙ୍କ ପରିଚୟ :**

ଈଶ୍ୱରଙ୍କ ବାକ୍ୟରେ ମଣ୍ଡଳୀର ସଭ୍ୟମାନଙ୍କୁ ବିଶେଷ ପରିଚୟ କରାଯାଏ ।

୧) **ଶିଷ୍ୟଗଣ**–(ପ୍ରେରିତ ୨୦:୭) :–ଏହାର ଅର୍ଥ ଛାତ୍ର ବା ଅନୁସରଣକାରୀ । ଏହି ଅନୁସରଣକାରୀମାନେ କାହାର ଅନୁସରଣ କରନ୍ତି ? ସେମାନଙ୍କ ଶିକ୍ଷକ କିଏ ? ଆମ୍ଭେମାନେ ଯୋହନଙ୍କ ଶିଷ୍ୟଗଣ (ମାଥିଉ ୨:୧୮), ଫାରୁଶୀମାନଙ୍କ ଶିଷ୍ୟଗଣ (ମାର୍କ ୨:୧୮), ମୋଶାଙ୍କ ଶିଷ୍ୟଗଣ (ଯୋହନ ୯:୨୮) ଏବଂ ଖ୍ରୀଷ୍ଟଙ୍କ ଶିଷ୍ୟଗଣ ବିଷୟରେ ବାକ୍ୟରେ ପଢ଼ିଥାଉଁ ।

୨) **ସାଧୁଗଣ**–(୧ମ କରିନ୍ଥୀ ୧;୨)–ପାପକ୍ଷମା ପ୍ରାପ୍ତ ହୋଇ, ତାହାଙ୍କ ରକ୍ତ ଦ୍ୱାରା ପବିତ୍ରିକୃତ ହୋଇ, ଖ୍ରୀଷ୍ଟଙ୍କ ସୁସମାଚର ଦ୍ୱାରା ଆହୂତ ଏହି ସମାଜକୁ ବାକ୍ୟ "ସାଧୁଗଣ"ରେ ବୋଲି ଲେଖାଯାଏ ।

୩) **ପ୍ରିୟ ପାତ୍ର**–ଖ୍ରୀଷ୍ଟଙ୍କ ରକ୍ତରେ ଧୌତ, ଈଶ୍ୱରଙ୍କ ସନ୍ତାନମାନେ ଈଶ୍ୱରଙ୍କ ଅତ୍ୟନ୍ତ ପ୍ରିୟପାତ୍ର ।

୪) **"ଭାଇମାନେ"**–(୧ମ କରିନ୍ଥୀ ୧୫:୬)–ଏହି ପଦ ସେମାନଙ୍କ ପରସ୍ପର ମଧ୍ୟରେ ଥିବା ସମ୍ବନ୍ଧରେ ସୂଚନା ଦିଏ । ଏକ ଆଧାତ୍ମିକ ପରିବାରଭୁକ୍ତ ସଭ୍ୟମାନେ ଏକ ପରିବାର ସଭ୍ୟ ।

୫) **ଈଶ୍ୱରଙ୍କ ସନ୍ତାନ**–(ରୋମୀୟ ୮:୧୪) :– ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପବିତ୍ରିକୃତ ସଭ୍ୟମାନେ, ଈଶ୍ୱରଙ୍କ ପୁତ୍ରରୂପେ ପରିଗଣିତ । "ଦେଖ, ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମଦାନ କରି ଅଛନ୍ତି ଯେ, ଆମ୍ଭମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭମାନେ ତାହାହିଁ ଅଟୁଁ ।" (୧ମ ଯୋହନ ୩:୧) ।

୬) **ଉତ୍ତରାଧିକାରୀ**–(ରୋମୀୟ ୮:୧୭):– ବାକ୍ୟ କହେ, ମଣ୍ଡଳୀର ସଭ୍ୟମାନେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ ।

୭)    **"ରାଜକୀୟ ଯାଜକ"**–(୧ମ ପିତର ୨:୯) :– ପ୍ରତ୍ୟେକ ଖ୍ରୀଷ୍ଟିୟାନ, "ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବା ନିମନ୍ତେ" ରାଜକୀୟ ଯାଜକ ଗଣ । (୧ମ ପିତର ୨:୫ ଓ ଏବ୍ରୀ ୮:୧-୨) ।

୮)    . **ଖ୍ରୀଷ୍ଟିୟାନ** (ପ୍ରେରିତ ୧୧:୨୬) :– ଏହା ଈଶ୍ୱରଙ୍କ ଦତ୍ତ ପ୍ୱବିତ୍ର ନାମ ଓ ଏହି ନାମ ଦ୍ୱାରା ଖ୍ରୀଷ୍ଟଙ୍କ ସମ୍ମତ ପ୍ରକଟିତ ହୁଏ । ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପବିତ୍ରିକୃତ ହୋଇ ତାହାଙ୍କ ଅନୁସରଣକାରୀମାନଙ୍କୁ ଏହି ନାମ ପ୍ରଦତ୍ତ ହୋଇ ଅଛି ।

(କ)ଏହି ନାମର ପ୍ରାଧାନ୍ୟତା ନ ଜାଣିବା ଲୋକେ, ଏହି ନାମର ଆଦର କରନ୍ତି ନାହିଁ । କିନ୍ତୁ ଏହି ନାମ ଈଶ୍ୱରଙ୍କ ଦତ୍ତ ନାମ । ବାକ୍ୟ କହେ, "ପୁଣି ଅନ୍ୟ ଦେଶୀୟମାନେ ତୁମ୍ଭର ଧର୍ମ  ଓ ସକଳ ରାଜା ତୁମ୍ଭର ପ୍ରତାପ ଦେଖିବେ, ଆଉ ତୁମ୍ଭେ ସଦାପ୍ରଭୁଙ୍କ ମୁଖ ଦ୍ୱାରା ଏକ ନୂତନ ନାମରେ ଖ୍ୟାତ ହେବ ।" (ଯିଶାଇୟ ୬୨:୨) । ଅନ୍ୟ ଦେଶୀୟ କିଅବା ବିଜାତୀୟମାନେ ପରମେଶ୍ୱରଙ୍କ ଧାର୍ମିକତାରେ ପରିବର୍ତ୍ତିତ ନ ହେବା ପର୍ଯ୍ୟନ୍ତ, ଏହି ନୂତନ ନାମ ଦତ୍ତ ହୋଇ ନଥିଲା । ପ୍ରେିତ ୧୦ମ ଅଧାୟରେ କର୍ଣ୍ଣଲୀୟ ଓ ତାହାଙ୍କ ପରିବାର ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହେବା ପରେ, ୧୧ମ ଅଧାୟରେ "...ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।" (ପ୍ରେରିତ ୧୧:୨୬) । ଅନ୍ୟ ଦେଶୀୟ ବିଜାତୀୟମାନେ ଈଶ୍ୱରଙ୍କ ନୀତି ଦେଖିବା ପରେ ଏହି ନୂତନ ନାମ ଦତ୍ତ ହୋଇଥିଲା । 'ଖ୍ରୀଷ୍ଟିୟାନ' ହିଁ ସେହି ନୂତନ ନାମ । ଯଦି ନୁହେଁ, ଆଉ କଅଣ ହୋଇପାରେ  ?

(ଖ)  ରାଜା ଆଗ୍ରିପ୍ପାଙ୍କୁ ପ୍ରେରିତ ପାଉଲ ସୁସମାଚାର ପ୍ରଚାର କରିବା ପରେ, ସେ କହିଲେ, "...ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭଙ୍କୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛୁ ।" (ପ୍ରେରିତ ୨୬:୨୮) । ପ୍ରତ୍ୟେକ ମନୁଷ୍ୟ ଖ୍ରୀଷ୍ଟଙ୍କ ଅନୁଚର ହୋଇ ଖ୍ରୀଷ୍ଟିୟାନ ହେବା ପାଉଲଙ୍କ ଆକାଂକ୍ଷା ଥିଲା । (୨୯ତମ ପଦ) । ପାଠକ, ପବିତ୍ର ଆତ୍ମା ମଧ ମଧ ଆପଣ ପ୍ରକୃତ ଖ୍ରୀଷ୍ଟିୟାନ ଜୀବନ ଯାପନ କର ବୋଲି ଇଚ୍ଛା କରନ୍ତି ।"

(ଗ)  ପ୍ରେରିତ ପିତର ଲେଖନ୍ତି, "...କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହା ହେଲେ ସେ ଲଜ୍ଜା ବୋଧ ନ କରୁ ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା ଓ କୀର୍ତ୍ତନ କରୁ ।" (୧ମ ପିତର ୪:୧୬) । ଅନ୍ୟ କୌଣସି ନାମ ଧାରଣ କରି, ଆମ୍ଭେମାନେ ତାହାଙ୍କ ନାମର ମହିମା କୀର୍ତ୍ତନ କରି ନ ପାରୁ । ଏହା ଈଶ୍ୱରଙ୍କ ଆଜ୍ଞା, ଅବଜ୍ଞାକାରୀମାନେ ଦଣ୍ଡିତ ହେବେ । ଏହି ଜଗତରେ ଅସଂଖ୍ୟ ନାମ ରହିଅଛି । କିନ୍ତୁ କୌଣସି ନାମ ପରିତ୍ରାଣ ଜନକ ନୁହେଁ । ବାକ୍ୟ ହକେ, "ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ କାରଣ ଯାହା

ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।" (ପ୍ରେରିତ ୪:୧୨) । ଅନ୍ୟ ନାମ ଧାରଣ ନ କରିବା ନିମନ୍ତେ ବାକ୍ୟ ଆମ୍ଭମାନଙ୍କୁ ସତର୍କ କରାଏ । ଆପଣ କି ଏହି ସତର୍କତା ପ୍ରତି ଧ୍ୟାନ ଦେଇ ଅଛନ୍ତି ?

## ୪. ମତ ଶାଖୀୟ ଖ୍ରୀଷ୍ଟିୟାନ :

ଈଶ୍ୱରଙ୍କ କାର୍ଯ୍ୟରେ କ୍ରମ ପଦ୍ଧତି (Method) ରହିବା ଆବଶ୍ୟକ ବୋଲି ମୁଁ ମନେ କଲେ ହେଁ ମୁଁ ଏକ Methodist ମଣ୍ଡଳୀର ସଭ୍ୟ ନୁହେଁ । ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀରେ କାର୍ଯ୍ୟ ନିର୍ବାହ କରିବା ନିମନ୍ତେ Bishop (Greek ଭାଷାରେ Episcopos)ର ରହିବା ଆବଶ୍ୟକ ବୋଲି ମୁଁ ବିଶ୍ୱାସ କଲେ ବି ମୁଁ ଜଣେ Episcopos ମଣ୍ଡଳୀର ସଭ୍ୟ ନୁହେଁ । ପ୍ରତ୍ୟେକ ସ୍ଥାନୀକ ମଣ୍ଡଳୀରେ Elder ବା ଅଧ୍ୟକ୍ଷ (ଗୀକ୍ ଭାଷାରେ Presbyterian) ଆବଶ୍ୟକ ବୋଲି ବିଶ୍ୱାସ କଲେ ବି ମୁଁ ଜଣେ Presbytors ମଣ୍ଡଳୀର ସଭ୍ୟ ନୁହେଁ । ପାପକ୍ଷମା ନିମନ୍ତେ ବାପ୍ତିସ୍ମ (Baptism) ନେବାର ଆବଶ୍ୟକ ବୋଲି ମୁଁ ଜାଣିଲେ ବି, ମୁଁ ଜଣେ Baptist ମଣ୍ଡଳୀର ସଭ୍ୟ ନୁହେଁ ଖ୍ରୀଷ୍ଟିୟାନମାନେ ପବିତ୍ର (Holy) ଜୀବନଯାପନ କରିବା ଆବଶ୍ୟକ ବୋଲି ମୁଁ ବିଶ୍ୱାସ କଲେ ବି ମୁଁ Holiness ମଣ୍ଡଳୀର ସଭ୍ୟ ନୁହେଁ । ଖ୍ରୀଷ୍ଟ ପୁନଃର୍ବାର ଏହି ଜଗତକୁ ଆସିବେ ବୋଲି ମୁଁ ବିଶ୍ୱାସ କରେ, କିନ୍ତୁ ମୁଁ ଜଣେ Adventist ମଣ୍ଡଳୀର ସଭ୍ୟ ନୁହେଁ । ମଣ୍ଡଳୀ ସର୍ବଜାନୀକ (Unversal or Catholic) ମୁଁ ପ୍ରତ୍ୟେକ ମତ ଓ ମନୋଭାବକୁ ବିଶ୍ୱାସ ଓ ଆଦର କରୁଥିବାରୁ ମୁଁ ଜଣେ Methodist-Eposcpalian-Presbyterian-Baptist-Holiness-Catholic-Christian ବୋଲି ନାମିତ ହୋଇ ପାରିବ କି ? ଏହା ଅସମ୍ଭବ ବିଷୟ । ବାଇବଲରେ ଖ୍ରୀଷ୍ଟଙ୍କ ଅନୁଚରମାନେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ବୋଲି ଲିଖିତ ହୋଇଅଛ । ଅନ୍ୟ କୌଣସି ନାମରେ ନୁହେଁ । ଅନ୍ୟମାନେ ଆପଣା ଇଚ୍ଛାନୁସାରେ ନାମ ଧାରଣ କରନ୍ତୁ, ମୁଁ କିନ୍ତୁ ବାଇବଲରେ ବ୍ୟକ୍ତ ନାମ ଧାରଣ କରିବି !

## ୫. ସ୍ୱରଜନ ଓ ଲୁଥରଙ୍କ ସାକ୍ଷ୍ୟ :

୧) ବାପଟିଷ୍ଟ ମଣ୍ଡଳୀର ପ୍ରଧାନ ପ୍ରଚାରକଙ୍କ କହନ୍ତି, "ବାପଟିଷ୍ଟ ନାମରେ ମୁଁ କହେ, ତାହା ଲୁପ୍ତ ହେଉ, କିନ୍ତୁ ଖ୍ରୀଷ୍ଟଙ୍କ ନାମ ଯୁଗେ ଯୁଗେ ମହିମା ପ୍ରାପ୍ତ ହେଉ । ବାପଟିଷ୍ଟ ନାମଧାରଣକାରୀ ମାନଙ୍କ ହ୍ରାସ ଦିନ ନିମନ୍ତେ ମୁଁ ଆନନ୍ଦରେ ଅପେକ୍ଷା କରୁଅଛି । ବାପଟିଷ୍ଟ ନାମ ହ୍ରାସ ଓ ଖ୍ରୀଷ୍ଟଙ୍କ ନାମ ନିତ୍ୟସ୍ଥାୟୀ ହେଉ ।" (Spurgeon Memorial Library, Vol., page-168).

୨)   ଅନେକ ଗୌରବାନ୍ୱିତ କରୁଥିବା ମାରଟିନ୍ ଲୁଥରଙ୍କ ଭାଷାରେ, "ମୋ ନାମରେ ଖ୍ୟାତ ନ ହୋଇ ମୁଁ ତୁମ୍ଭମାନଙ୍କୁ ପ୍ରାର୍ଥନା କରୁଅଛି । ଆପଣଙ୍କୁ ଲୁଥରାନ ନାମରେ ଖ୍ୟାତ ନ ହୋଇ, ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ହୁଅ । ଲୁଥର କିଏ ? ମୁଁ ପ୍ରଚାର କରିଥିବା ନୀତିନିୟମ ମୋର ନୁହେଁ ବା ମୁଁ କାହାର ନିମନ୍ତେ କ୍ରୁଶରେ ମୃତ ହୋଇ ନାହିଁ । ପିତର କିଅବା ପାଉଲ, ଖ୍ରୀଷ୍ଟଙ୍କ ଅନୁଚରମାଂନଙ୍କୁ ଆପଣା ନାମ ନ ଦେଇ, 'ଖ୍ରୀଷ୍ଟ'ଙ୍କ ନାମ ଦେଇ ଅଛନ୍ତି । ଧୂଳି ସଦୃଶ୍ୟ ଯେ ମୁଁ, ମୋ ନାମ ଈଶ୍ୱରଙ୍କ ସନ୍ତାନମାନଙ୍କୁ ଦେବା କି ଉପଯୁକ୍ତ ହେବ ? ପ୍ରିୟ ବନ୍ଧୁଗଣ ବିଭିନ୍ନ ଦଳର ନାମ ଧାରଣ କରିବା ଠାରୁ ଦୂର ହୋଇ କେବଳ ଖ୍ରୀଷ୍ଟଙ୍କ ନାମ ଧାରଣ କରୁ । ଯାହାଙ୍କ ଠାରୁ ପରିତ୍ରାଣ ଓ ପ୍ରତ୍ୟେକ ସିଦ୍ଧାନ୍ତ ଦତ୍ତ ହୋଇଅଛି ।" (The life of Luther, by Stork, P-289).

ଅତଏବ, ମନୁଷ୍ୟମାନଙ୍କ ଧାରଣ କରିବା ଦ୍ୱାରା ଈଶ୍ୱରଙ୍କୁ ତଥା ମହିମାନ୍ୱିତ କରୁଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଅସନ୍ତୋଷ କରିଥାଉ ।

୬.   ତର୍କବାଦ :

ତର୍କବାଦ ଦ୍ୱାରା ନାମ ବିଷୟକ ସତ୍ୟତା ପ୍ରମାଣିତ କରିପାରିବା ।

a)   କ) ପ୍ରଥମ ତର୍କ :- ମନୁଷ୍ୟମାନଙ୍କ ନାମଧାରଣ ବାଇବଲ ଖଣ୍ଡନ କରେ ।
   ଖ) "ଲୁଥର" ଏକ ମନୁଷ୍ୟର ନାମ ।
   ଗ) ତେଣୁକରି, "ଲୁଥରାନ୍" ନାମ ବାକ୍ୟ ବିରୁଦ୍ଧ ।

b)   କ) ଦ୍ୱିତୀୟ ତର୍କ :-ଭେଦବିଭେଦ ଶାରୀରିକ ଅଟେ ବୋଲି ୧ମ କରିନ୍ଥୀ ୩:୩,୪ ପଦରେ ପଢ଼ିଥାଉଁ ।
   ଖ) "Methodist" ଏକ ଦଳର ନାମ ।
   ଗ) ଅତଏବ "Methodist" ନାମ ଶାରୀରିକ ଅଟେ ।

c)   କ) ତୃତୀୟ ତର୍କ :- "ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ, ଓ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ।
   ଖ) "Episcopal" ମଣ୍ଡଳୀ ବାକ୍ୟରେ ଲିଖିତ ହୋଇ ନାହିଁ ।
   ଗ) ତେଣୁକରି "Episcopal Church" ବାକ୍ୟଗତ ନୁହେଁ ।

d)   କ) ଚତୁର୍ଥ ତର୍କ :- ସମସ୍ତ କାର୍ଯ୍ୟ ପ୍ରଭୁଯୀଶୁଙ୍କ ନାମରେ ସାଧିତ ଆବଶ୍ୟକ ବୋଲି ବାକ୍ୟ ଆମ୍ଭମାନଙ୍କୁ ଶିକ୍ଷା ଦିଏ । (କଲସୀ ୩:୧୭) ।
   ଖ) Presbyterian ସମସ୍ତ କାମ Presbyterian ନାମରେ କରନ୍ତି ।

ଗ) ସେମାନେ ଈଶ୍ୱରଙ୍କ ବାକ୍ୟ ଅନାଜ୍ଞାବହ ।

e) କ) ପଞ୍ଚମ ତର୍କ :- "ଖ୍ରୀଷ୍ଟିୟାନ" ନାମ ଦ୍ୱାରା ପରମେଶ୍ୱର ମହିମା ହୁଅନ୍ତି । (୧ମ ପିତର ୪:୧୬) ।

ଖ) Catholic ମାନେ, ଆପଣା ନାମ ମହିମାନ୍ୱିତ କରନ୍ତି ।

ଗ) ଅତଏବ ସେମାନେ ପରମେଶ୍ୱରଙ୍କ ଆଜ୍ଞାବହ ନୁହନ୍ତି ।

f) କ) ଷଷ୍ଠମ ତର୍କ :- ଅନ୍ୟ କୌଣସି ନାମରେ ପରିତ୍ରାଣ ନାହିଁ ।

ଖ) "ବାପଟିଷ୍ଟ" ନାମ ଅନ୍ୟାନ୍ୟ ନାମ ମଧ୍ୟରୁ ଗୋଟିଏ ।

ଗ) ଅତଏବ "ବାପଟିଷ୍ଟ" ନାମରେ ପରିତ୍ରାଣ ନାହିଁ ।

ଉପରୋକ୍ତ ତର୍କବାଦ ଗୁଡ଼ିକ କେତୋଟି ଉଦାହରଣ ମାତ୍ର ଅଟେ ।

ଏହିପରି ଅନେକ ଉଦାହରଣ ଆମ୍ଭେମାନେ ଉପସ୍ଥାପନ କରି ପାରୁ । ପ୍ରତ୍ୟେକ ଉଦାହରଣର ସାରାଂଶ ଏହି କି ଯେ, ଯୀଶୁଖ୍ରୀଷ୍ଟଙ୍କ ନାମ ବିନୁ କୌଣସି ନାମରେ ପରିତ୍ରାଣ ନାହିଁ । ଆମ୍ଭମାନଙ୍କୁ ତାହାଙ୍କ ନାମକରଣ କରିବା ଅତ୍ୟାବଶ୍ୟକ । ବିଭେଦ ସୃଷ୍ଟି କରୁଥିବା, ଶାସ୍ତ୍ରରେ ଲିଖିତ ହୋଇ ନଥିବା ନାମ ପରିତ୍ୟାଗ କରି, ସତ୍ୟ ଓ ନିତ୍ୟ ନାମଧାରଣ କରିବା ନିମନ୍ତେ ଆମ୍ଭେମାନେ ପ୍ରତ୍ୟେକ ମନୁଷ୍ୟଙ୍କୁ ଆହ୍ୱାନ ଜଣାଉ । ଅନେକେ ମାନବିକ ପ୍ରଥା, ମାନବିକ ନାମ ପରିତ୍ୟାଗ କରି ଖ୍ରୀଷ୍ଟଙ୍କ ନାଧାରଣ କରିଥିବା, ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଭ୍ୟତ୍ୱ ଗ୍ରହଣ କରୁ ଅଛନ୍ତି । ପ୍ରଭୁଙ୍କ ଧନ୍ୟବାଦ ହେଉ ।

୭. Titles :

ପୂର୍ବକାଳରେ 'ଆଷୋଦ' (Ashdod) ଭାଷା ଯିହୂଦୀୟ ଭାଷାରେ ମିଳିତ କରି ଯିହୂଦୀୟ ଭାଷା କଳୁଷିତ କରୁଅଛନ୍ତି ବୋଲି ପ୍ରବଚନ ଥିଲା । କିନ୍ତୁ ବର୍ତ୍ତମାନ ଯୁଗରେ ଆଧ୍ୟାତ୍ମିକ କ୍ଷେତ୍ରରେ ଅନେକ 'ଆଷୋଦ' ପଦ ମିଳିତ ହୋଇଅଛି । ବାଇବଲ ବାକ୍ୟ ବିରୁଦ୍ଧ ଅନେକ ପଦବୀ ମନୁଷ୍ୟମାନଙ୍କୁ ସମ୍ମାନିତ କରିବା ନିମନ୍ତେ ବ୍ୟବହୃତ ହେଉଅଛି ।

୧) Reverend :- ଏହି ପଦ ମୂଳ ଭାଷାରେ ଅନେକ ଥର ବ୍ୟବହୃତ ହେବା ସତ୍ତ୍ୱେ, ଅନୁବାଦିତ ଇଂରାଜୀ ବାଇବଲରେ ଏକଥର ମାତ୍ର ବ୍ୟବହୃତ ହୋଇଛି । ପବିତ୍ର ଆତ୍ମାଙ୍କ ନିଶ୍ୱସିତ ଈଶ୍ୱରଙ୍କ ବାକ୍ୟରେ କୌଣସି ବ୍ୟକ୍ତିଙ୍କୁ ଏହି ପଦ ଦ୍ୱାରା ସମ୍ମାନିତ ନକରିବା ସ୍ଥଳେ, ମନୁଷ୍ୟମାନେ ଆପଣା ଆପଣା ନିମନ୍ତେ ଏହି ପଦ ବ୍ୟବହୃଦ କରିବା ବାକ୍ୟ ବିରୁଦ୍ଧ । ବାକ୍ୟରେ "Reverend Paul" କିଅବା "Reverend Peter" କିଅବା "Right Reverend

James" ବୋଲି ଲେଖାଯାଏ ନାହିଁ । ସେମାନେ ଆପଣା ଆପଣାକୁ ନିକଅଁନ, ଦୁର୍ବଳ ମନେ କରି ପରମେଶ୍ୱରଙ୍କ ଗୌରବ ଓ ମହିମା ଅନ୍ୱେଷଣ କରୁଥିଲେ, ଆପଣାର ନୁହେଁ । ପାଉଲ କହିଲେ, "...କିନ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର କ୍ରୁଶ ବ୍ୟତିତ ଆଉ କାହିଁରେ ଦର୍ପ କରିବା ମୋ ଠାରୁ ଦୂରେ ଥାଉ...।" (ଗାଲାତୀ ୬:୧୪) । ଅନେକ ପ୍ରଚାରକ ଆପଣା ପ୍ରସଙ୍ଗରେ ପାଉଲ, ପିତର, ଯାକୁବ ଇତ୍ୟାଦି ଭକ୍ତମାନଙ୍କୁ ସରଳଭାବେ ପରିଚିତ କରି ଆପଣା ଆପଣାକୁ Reverend ରୂପେ ବର୍ଣ୍ଣନା କରନ୍ତି । ଯୀଶୁ ମଧ୍ୟ ଏହି ଜଗତରେ ଥିବା ବେଳେ 'ସତ୍' ବୋଲି ସମ୍ବୋଧିତ ହେବାକୁ ନାସ୍ତି କରିଥିଲେ । (ମାଥିଉ ୧୯:୧୬-୧୭) । ପ୍ରେରିତ ପାଉଲ ଆପଣାକୁ ଏକ ପ୍ରଭୁଯୀଶୁଙ୍କ ଏକ 'ଦାସ' ରୂପେ ଆପଣା ଛାତ୍ରମାନଙ୍କରେ ପରିଚିତ କରାନ୍ତି । ପବିତ୍ର ଓ ମହିମାନ୍ୱିତ ପଦବୀ ଗୁଡିକ ଅନେକ ପ୍ରଚାରକମାନେ ଆପଣା ନାମରେ ସଂଯୁକ୍ତ କରାନ୍ତି, କାରଣ ଆପଣା ଆପଣାକୁ ମହିମାନ୍ୱିତ କରିବା ସେମାନଙ୍କ ଉଦ୍ଦେଶ୍ୟ । କିନ୍ତୁ ଯୀଶୁ କହନ୍ତି, "...ତୁମ୍ଭମାନଙ୍କ ମଧ୍ୟରେ ଯେ କେହି ମହାନ ହେବାକୁ ଇଚ୍ଛା କରେ, ସେ ତୁମ୍ଭମାନଙ୍କର ସେବକ ହେଉ, ଆଉ ଯେ କେହି ପ୍ରଧାନ ହେବାକୁ ଇଚ୍ଛା କରେ, ସେ ତୁମ୍ଭମାନଙ୍କର ଦାସ ହେଉ ।" (ମାଥିଉ ୧୯:୨୬-୨୭) ।

୨) Pastor :- "ଅଧ୍ୟକ୍ଷ" କାର୍ଯ୍ୟରେ ନିଯୁକ୍ତି ନହୋଇ ମଣ୍ଡଳୀର ସେବକ କିଅବା ସୁସମାଚର ପ୍ରଚାର Pastor ପଦବୀ ଧାରଣ କରିପାରିବ ନାହିଁ । ଏକାଧିକ ବିଷପ/ଅଧ୍ୟକ୍ଷ/ ପ୍ରାଚୀନ/ପାଷ୍ଟରଙ୍କ ସ୍ଥାନୀୟ ମଣ୍ଡଳୀ ଗୁଡିକରେ ନିଯୁକ୍ତି ବିଷୟରେ ନୂତନ ନିୟମ ଶିକ୍ଷା ଦିଏ । (୧୪:୨୩) । ସେମାନେ ମଣ୍ଡଳୀର ସଭ୍ୟମାନଙ୍କ ଆଧାତ୍ମିକ ଅଭିବୃଦ୍ଧି ନିମନ୍ତେ ନିଯୁକ୍ତ ହୁଅନ୍ତି । ମେଷପାଳକ ଯେପରି ଆପଣା ପଲକୁ ସୁରକ୍ଷିତ ରଖେ, ପାଷ୍ଟରମାନେ ମଣ୍ଡଳୀର ଆତ୍ମା ଗୁଡିକର ସଂରକ୍ଷକ । ମନୁଷ୍ୟମାନଙ୍କ ନିମନ୍ତେ ପଦବୀ, କିନ୍ତୁ ସେମାନଙ୍କ ଉପରେ ନ୍ୟସ୍ତ କର୍ତ୍ତବ୍ୟ ବର୍ଣ୍ଣନା କରେ ।

୩) Father :- ଖ୍ରୀଷ୍ଟଙ୍କ ଶିକ୍ଷାର ବିପରିତ ଭାବେ ଏହି ପଦବୀ ଆଜିର ଆଧାତ୍ମିକ ସମାଜରେ ବ୍ୟବହୃତ ହେଉଅଛି । ଖ୍ରୀଷ୍ଟ କହିଲେ, "ଆଉ ପୃଥିବୀରେ କାହାକୁ ପିତା ବୋଲି ସମ୍ବୋଧନ କର ନାହିଁ, କାରଣ ତୁମ୍ଭମାନଙ୍କ ପିତା ଜଣେ, ସେ ସ୍ୱର୍ଗରେ ଅଛନ୍ତି ।" (ମାଥିଉ ୨୩:୯) ଏଠାରେ ଶାରୀରିକ ଭାବରେ କୁହା ନ ଯାଇ, ଆତ୍ମିକ ଭାବରେ କୁହାଯାଇଅଛି । ଖ୍ରୀଷ୍ଟଙ୍କ ଦ୍ୱାରା ନିବାରିତ 'ପଦବୀ'କୁ ଆଜି ଅସଂଖ୍ୟ ଲୋକେ ବ୍ୟବହୃତ କରିବା କି ଆଶ୍ଚର୍ଯ୍ୟଜନକ ନୁହେଁ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ନାମରେ ଓ ଭାଷାରେ ମଧ୍ୟ ଐଶ୍ୱରିକ ଅଟେ । ଏହା କେହି ନାସ୍ତି କରି

ପାରେ ନାହିଁ । ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଶ୍ୱାସରେ ଆଚରଣରେ ବାଇବଲ ବାକ୍ୟ ଅନୁସରଣ କରେ । ପ୍ରେରିତ ପାଉଲ, ଯୁବକ ତୀମଥିଙ୍କୁ ଲେଖନ୍ତି, ମୋଠାରୁ ଯେଉଁ ସବୁ ହିତବାକ୍ୟ ଶୁଣିଅଛ, ଖ୍ରୀଷ୍ଟଯୀଶୁ ସମ୍ବନ୍ଧୀୟ ବିଶ୍ୱାସ ଓ ପ୍ରେମରେ ତାହା ଆଦର୍ଶରୂପେ ଧରି ରଖ ।" (୨ୟ ତୀମଥି ୧:୧୩) । ମନୁଷ୍ୟମାନଙ୍କୁ ମହିମାନ୍ୱିତ କରି ପ୍ରଶଂସା କରୁ କରୁ କାଳେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ବାକ୍ୟରୁ ବିମୁଖ ନ ହେଉ, ଏଥିନିମନ୍ତେ ସାବଧାନ ରହୁ । ଆୟୁବ କହିଲେ "ବିନୟ କରୁଅଛି, ମୋତେ କୌଣସି ଲୋକର ମୁଖାପେକ୍ଷା କରିବାକୁ ଦିଅ ନାହିଁ, କିଅବା ମୁଁ କୌଣସି ଲୋକର ଋଟୁବାଦ କରିବି ନାହିଁ । କାରଣ ମୁଁ ଋଟୁବାଦ କରି ଜାଣେ ନାହିଁ, କଲେ ମୋହର ସୃଷ୍ଟିକର୍ତ୍ତା ଶୀଘ୍ର ମୋତେ ସଂହାର କରିବେ ।" (ଆୟୁବ ୩୨:୨୧-୨୨) ।

❖❖❖

# ସପ୍ତମ-କାରଣ

# ଏହାର ସଂଗଠନ ଶାସ୍ତ୍ରୀୟ

## (It is scriptural in Organisation)

### ୧. ଯାଜକୀୟ ପାଳନ ପଦ୍ଧତି :

୧) ମତଶାଖା ମଣ୍ଡଳୀ ଗୁଡ଼ିକ ଯାଜକୀୟ ପାଳନ ପଦ୍ଧତି ଦ୍ୱାରା ସଂଗଠିତ । ମସ୍ତକ ସ୍ୱରୂପ ଖ୍ରୀଷ୍ଟଙ୍କୁ ଅବହେଳା କରି ସ୍ୱଇଚ୍ଛାନୁଯାୟୀ ମଣ୍ଡଳୀ ଚଳନ କରନ୍ତି । "ସମସ୍ତ ଆଧିପତ୍ୟ ଖ୍ରୀଷ୍ଟଙ୍କର" ବୋଲି ସେମାନେ ମୁଖଦ୍ୱାରା ସ୍ୱୀକାର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଖ୍ରୀଷ୍ଟଙ୍କ ଆଜ୍ଞାସକଳରୁ ଦୂରରେ ଥାଏ । ଏଥିନିମନ୍ତେ ମଣ୍ଡଳୀ ଚଳନ ନିମନ୍ତେ "Synods", "Presbyteries", "Council" "General Assemblies" ପ୍ରଭୃତି ସଂଗଠିତ ହୁଏ । ଏହି ସଂଗଠନ ଦ୍ୱାରା ମଣ୍ଡଳୀ ଚଳନ ନିମନ୍ତେ ନୀତି ନିୟମ ଗଠିତ ହୁଏ ।

୨) ମଣ୍ଡଳୀର ନୀତିନିୟମ ଗଠନ କରିବା ନିମନ୍ତେ ମନୁଷ୍ୟମାନଙ୍କୁ ଅଧିକାର ଦତ୍ତ ହୋଇନାହିଁ । ବର୍ଷରେ କେତେ ଥର ପ୍ରଭୁ ଭୋଜ ପାଳନ କରିବା ଆବଶ୍ୟକ, ବାପ୍ତିସ୍ମର ନିୟମ ପରିତ୍ରାଣ ନିମନ୍ତେ ବାପ୍ତିସ୍ମର ଆବଶ୍ୟକତା ପ୍ରଭୃତି ଦୈବୀକ ପଦ୍ଧତିକୁ ମନୁଷ୍ୟ ପରିବର୍ତ୍ତନ କରିବାକୁ ମନୁଷ୍ୟମାନଙ୍କୁ ଅଧିକାର ଦିଆଯାଇନାହିଁ । ପବିତ୍ର ପ୍ରେରିତମାନଙ୍କ ଦତ୍ତ ମଣ୍ଡଳୀର ନିୟମାବଳୀ ମନୁଷ୍ୟମାନେ ପରିବର୍ତ୍ତନ କରିବା ଈଶ୍ୱର ବିଦ୍ରୋହୀ ହେବା ସମାନ । ମଣ୍ଡଳୀର ସମସ୍ତ ଆଧିପତ୍ୟ ଖ୍ରୀଷ୍ଟଙ୍କର । ତାହାଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରୁଥିବା ଲୋକେ ଦଣ୍ଡିତ ହେବେ ।

୩) ଖ୍ରୀଷ୍ଟଙ୍କ ନିୟମାବଳୀରେ ପରିବର୍ତ୍ତନ ଆଣିବାର ଅର୍ଥ ଖ୍ରୀଷ୍ଟଙ୍କ ଆଧିପତ୍ୟ ଅଗ୍ରାହ୍ୟ କରିବା । ଗୋଟିଏ ପରିବର୍ତ୍ତନ ଅନ୍ୟ ପରିବର୍ତ୍ତନକୁ କଢ଼ାଏ । ସଂଗଠନରେ ପରିବର୍ତ୍ତନ, ନିୟମରେ ପରିବର୍ତ୍ତନ ଆଣେ । ଅନେକେ ଖ୍ରୀଷ୍ଟଙ୍କ ନିୟମ ପାଳନ ନକରି ସର୍ବାଧିକାରୀ ରାଜାମାନଙ୍କ ରାଜା ଯୀଶୁଖ୍ରୀଷ୍ଟ ସିଂହାସନ ଚ୍ୟୁତ କରି ମନୁଷ୍ୟର ଆଧିପତ୍ୟ ଅଙ୍ଗୀକାର କରନ୍ତି ।

### ୨. ଏକ ରାଜତନ୍ତ୍ର :

୧) ଖ୍ରୀଷ୍ଟଙ୍କ ମଣ୍ଡଳୀ ରାଜତନ୍ତ୍ର ପଦ୍ଧତିରେ ଚଳିତ । ସେ ସର୍ବାଧିକାରୀ ଅଟନ୍ତି । "ଆଉ ସେ ମଣ୍ଡଳୀରୂପ ଶରୀରର ମସ୍ତକ ସ୍ୱରୂପ , ସେ ଆଜି ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ, ଯେପରି

ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।" (କଲସୀ ୧:୧୮) । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "ଆଉ ସମସ୍ତ ବିଷୟ ତାହାଙ୍କ ପାଦତଳେ ବଶୀଭୂତ କରି ରଖି ତାହାଙ୍କୁ ସର୍ବ ବିଷୟର ମସ୍ତକ ସ୍ୱରୂପେ ମଣ୍ଡଳୀକୁ ଦାନ କଲେ ।" (ଏଫିସୀ ୧:୨୨-୨୩) । ଯୀଶୁଖ୍ରୀଷ୍ଟ ରୂପାନ୍ତରିତ ସମୟରେ ପିତା ପରମେଶ୍ୱର କହିଲେ, "...ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ଏହାଙ୍କ ବାକ୍ୟ ଶ୍ରବଣ କର ।" (ମାଥିଉ ୧୭:୫) । ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାହରଣ ପୂର୍ବେ ସେ ଆପଣା ଶିଷ୍ୟମାନଙ୍କୁ କହିଥିଲେ, "...ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି ।" (ମାଥିଉ ୨୮:୧୮) । ସମସ୍ତ ଆଧିପତ୍ୟ ଖ୍ରୀଷ୍ଟଙ୍କର ହୋଇଥିବାରୁ ମନୁଷ୍ୟର ଆଧିପତ୍ୟ କିଛି ନାହିଁ । "ତତ୍ପରେ ଯୁଗାନ୍ତ ଉପସ୍ଥିତ ହେବ, ସେ ସମୟରେ ସେସମସ୍ତ କର୍ତ୍ତାପଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ ।" (୧ମ କରିନ୍ଥୀ ୧୫:୨୪) । ସେ ସମୟ ପର୍ଯ୍ୟନ୍ତ ଖ୍ରୀଷ୍ଟ ଆଧିପତ୍ୟ ଶେଷ ହେବ ନାହିଁ ।

୨) ସର୍ବସତ୍ୟକୁ କଢ଼ାଇ ନେବା ନିମନ୍ତେ, ଯୀଶୁଖ୍ରୀଷ୍ଟ ବ୍ୟକ୍ତ ସମସ୍ତ ବାକ୍ୟ ସ୍ମରଣ କରାଇବା ନିମନ୍ତେ, ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିବେ ବୋଲି ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ । (ଯୋହନ ୧୪:୨୬) । ସାହାଯ୍ୟକାରୀ ଓ ସତ୍ୟମୟ ଆତ୍ମା ଖ୍ରୀଷ୍ଟଙ୍କ ବିଷୟରେ ସାକ୍ଷ୍ୟ ଦେଲେ ଓ ପ୍ରେରିତମାନେ ଖ୍ରୀଷ୍ଟଙ୍କ ନିମନ୍ତେ ସାକ୍ଷୀ ହେଲେ । (ମାଥିଉ ୧୫:୨୬-୨୭) । ପ୍ରେରିତମାନଙ୍କ ଶିକ୍ଷା ଓ ସାକ୍ଷ୍ୟ ସ୍ୱର୍ଗସ୍ଥ ପିତାଙ୍କ ଦତ୍ତ । ଯେହେତୁ ଯୀଶୁ କହିଲେ, "...ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବା, ସ୍ୱର୍ଗରେ ତାହା ବନ୍ଦ କରିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ହେବ ।" (ମାଥିଉ ୧୬:୧୯) । ପ୍ରେରିତମାନଙ୍କ .ବ୍ୟତିତ ଯୀଶୁଖ୍ରୀଷ୍ଟ ଆପଣା ଆଧିପତ୍ୟ ଆଉ କାହାକୁ ଦେଇ .ନାହାନ୍ତି । "Synods", "Presbyteries", "Council" ପ୍ରଭୃତି ସଂଗଠନ ଗୁଡିକ ଆପଣା ଅଧିକାର ମଣ୍ଡଳୀ ଉପରେ ନ୍ୟସ୍ତ କରି ରାଜା ସ୍ୱରୂପ ଖ୍ରୀଷ୍ଟଙ୍କୁ ଅପମାନିତ କରୁଅଛନ୍ତି ।

**3 .ମଣ୍ଡଳୀର ସ୍ୱାଧୀନତା :**

୧) Autonomy of Church ଅର୍ଥାତ୍ ସ୍ଥାନୀୟ ମଣ୍ଡଳୀର ସ୍ୱାଧୀନତା । Autonomyର ଅର୍ଥ ସ୍ୱପାଳନ ପଦ୍ଧତି । ପ୍ରଥମ ଶତାବ୍ଦୀରରେ ମଣ୍ଡଳୀ ଗୁଡିକ ଏହି ପଦ୍ଧତି ଦ୍ୱାରା ପାଳିତ ହେଉଥିଲେ । ଗୋଟିଏ ମଣ୍ଡଳୀର ଅନ୍ୟ ମଣ୍ଡଳୀ ଉପରେ ଅଧିକାର ନଥିଲା । ରୋମରେ କି କିଅବା ଯିରୁଶାଲମସ୍ଥ ଖ୍ରୀଷ୍ଟଙ୍କ ମଣ୍ଡଳୀର ଅନ୍ୟ ସ୍ଥାନୀକ ମଣ୍ଡଳୀ ଉପରେ ଆଧିପତ୍ୟ ନ ଥିଲା ।

ମଣ୍ଡଳୀର ସଭ୍ୟ ବ୍ୟତିତ, ଅନ୍ୟ କୌଣସି ବ୍ୟକ୍ତିଙ୍କ ମଣ୍ଡଳୀ ଉପରେ ଆଧିପତ୍ୟ ନ ଥିଲା । ଏକ ସ୍ଥାନୀକ ମଣ୍ଡଳୀର ଅଧକ୍ଷ ଓ ସେବକମାନଙ୍କର ଅନ୍ୟ ଉପରେ ଅଧିକାର ନ ଥିଲା । ଖ୍ରୀଷ୍ଟଙ୍କ ଓ ପ୍ରେରିତମାନଙ୍କ ଶିକ୍ଷାର ପାରିଧିରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଗୁଡିକକେ କାର୍ଯ୍ୟ କରିବାକୁ ସ୍ୱାଧୀନତା ଥିଲା । ସାନ କିଅବା ବଡ଼ର କିଛି ତାରତମ୍ୟ ନାହିଁ । ପ୍ରତ୍ୟେକ ସ୍ଥାନୀକ ମଣ୍ଡଳୀର ଏକ ମୂଳଦୁଆ, ଏକ ଲକ୍ଷ୍ୟ ଏକ ଶିକ୍ଷା ଓ ଏକ ଶରୀର ଅନ୍ତର୍ଭୁକ୍ତ । ଏକ ଆରେକ ଠାରୁ ସ୍ୱାଧୀନ ।

୨) "ମଣ୍ଡଳୀ ପାଳନ ପଦ୍ଧତିରେ ଈଶ୍ୱରଙ୍କ ଜ୍ଞାନ ପ୍ରସ୍ପଟିତ ହୁଏ । ଏକ ସ୍ଥାନୀକ ମଣ୍ଡଳୀର ସିଦ୍ଧାନ୍ତରେ ପତନ ହେଲେ, ତାହା ଅନ୍ୟ ସ୍ଥାନୀକ ମଣ୍ଡଳୀ ଉପରେ ପ୍ରଭାବ ପଡିବ ନାହିଁ । ଏକ ସ୍ଥାନୀକ ମଣ୍ଡଳୀ ଖ୍ରୀଷ୍ଟଙ୍କ ଶିକ୍ଷାରେ ପଥଭ୍ରଷ୍ଟ ହେଲେ ଅନ୍ୟ ମଣ୍ଡଳୀ ଗୁଡିକର ପତନ ହେବ ନାହିଁ । ସାନ ସାନ ଭାଗରେ ନିର୍ମିତ କାଚ ଝରକାର ଏକ ସାନ ବାଗ ଭାଙ୍ଗିଗଲେ ପୁରା ଝରକା ଭାଙ୍ଗିବା ଦରକାର ହେବ ନାହିଁ । ସ୍ଥାନୀକ ମଣ୍ଡଳୀ ଗୁଡିକର ସ୍ୱାଧୀନତା ଏକ ଆରେକ ନିମନ୍ତେ ସୁରକ୍ଷା ଅଟେ ।" (H. Le Boles, Gospel Advocate Feb. 15, 1940)

୩) ମଣ୍ଡଳୀ ସରଳ ନିୟମ ଅନେକଙ୍କ ହୃଦୟରେ ଅସନ୍ତୋଷ ସୃଷ୍ଟି କରି ଅଛନ୍ତି । ତଦ୍ୱାରା ଅନେକେ ଅନେକ ପ୍ରକାର ପାଳନ ପଦ୍ଧତି ଅବଲମ୍ବନ କରୁଅଛନ୍ତି । ଯାହା ବାକ୍ୟଗତ ନୁହେଁ । ମଣ୍ଡଳୀ ପାଳନ ପଦ୍ଧତିରେ ଅସନ୍ତୁଷ୍ଟ ଲୋକେ, ସତ୍ୟ ପରିତ୍ୟାଗ କରିଥିବା ବିଷୟରେ ଇତିହାସ ସାକ୍ଷ୍ୟ ଦିଏ ।

୪. **ଅଧକ୍ଷଗଣ :**

୧) ପ୍ରତ୍ୟେକ ମଣ୍ଡଳୀରେ ଅଧକ୍ଷଗଣ ନିଯୁକ୍ତି କରିବା ନିମନ୍ତେ ପବିତ୍ର ଆତ୍ମା ଶିକ୍ଷା ଦିଅନ୍ତି । ଅଧକ୍ଷମାନଙ୍କୁ ବାକ୍ୟରେ Elders, Bishop, Overseers, Pastor ବୋଲି ମଧ କୁହାଯାଇଅଛି । (ତିତସ ୧:୫) । ପ୍ରେରିତ ପାଉଲ, "..,ଏଫିସକୁ ଲୋକେ ପଠାଇ ମଣ୍ଡଳୀର ପ୍ରାଚୀନମାନଙ୍କୁ ଆପଣା ନିକଟକୁ ଡକାଇ ଆଣିଲେ ।" (ପ୍ରେରିତ ୨୦:୧୭) । ପ୍ରାଚୀନମାନଙ୍କୁ American stardard Bibleରେ Bishop ଓ King James Version ରେ Oversees ବୋଲି କୁହାଯାଏ । (ପ୍ରେରିତ ୨୦:୨୮) । ଏହି ଦଳ ବ୍ୟକ୍ତିମାନଙ୍କୁ ପାଳକ (Pastor) ବୋଲି ମଧ ଏଫିସୀ ୪:୧୧ ପଦରେ କୁହାଯାଇଅଛି । ଏକ ମଣ୍ଡଳୀରେ ଏକାଧିକ ଅଧକ୍ଷ/ ପାଷ୍ଟର/ ବିଷପ ନିଯୁକ୍ତି ହେବା ଆବଶ୍ୟକ । ଯାଗତୀୟ ପାଳନ ପଦ୍ଧତିରେ ଅନେକ ସ୍ଥାନୀକ ମଣ୍ଡଳୀ ନିମନ୍ତେ ଏକ ବିଷପ ନିଯୁକ୍ତି ହୁଅନ୍ତି, ଯାହା ବାକ୍ୟ ବିରୁଦ୍ଧ ।

୨)    ବିଷପମାନଙ୍କ କର୍ତ୍ତବ୍ୟ : ୧) ଆପଣା ବିଷୟରେ ଓ ପଲ (ଖ୍ରୀଷ୍ଟିୟାନମାନଙ୍କ) ବିଷୟରେ ସାବଧାନ ରହିବା । ୨) ପଲମାନଙ୍କ ପ୍ରତିପାଳନ କରିବା । ୩) ଦୁର୍ବଳ ମାନଙ୍କୁ ସାହାଯ୍ୟ କରିବା । (ପ୍ରେରିତ ୨୦:୩୫) । ୪) ହିତ ଶିକ୍ଷାରେ ଉତ୍ସାହ ଦେବା । ୫) ବିପକ୍ଷବାଦୀମାନଙ୍କୁ ଅନୁଯୋଗ କରିବା । (ତିତ ୧:୯) । ୬) ବିଶ୍ୱାସରେ ଦୁର୍ବଳମାନଙ୍କୁ ଉତ୍ସାହିତ କରିବା । ୭) ସାହସହୀନ ମାନଙ୍କୁ ସାନ୍ତ୍ୱନା । ୮) ସମସ୍ତଙ୍କ ପ୍ରତି ଦୀର୍ଘ ସହିଷ୍ଣୁତା ବହନ କରିବା, (୧ମ ଥେସ ୫:୧୪) । ୯) ସେମାନେ, "...ବାଧ୍ୟ ହୋଇ ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସ୍ୱଚ୍ଛନ୍ଦ ମନରେ, କୁତ୍ସିତ ଲାଭ ନିମନ୍ତେ ନୁହେଁ, କିନ୍ତୁ ଆଗ୍ରହ ସହକାରେ..." କରିବା । ୧୦) "ପଲର ଆଦର୍ଶ ସ୍ୱରୂପ" ହୋଇ ରହିବା (୧ମ ପିତର ୫:୨-୩) । ୧୧) ରୋଗୀମାନଙ୍କ ପରାମର୍ଶ କରିବା (ଯାକୁବ ୫:୧୪) । ୧୨) ମଣ୍ଡଳୀ ସଭ୍ୟମାନଙ୍କ ଆତ୍ମା ସମ୍ବନ୍ଧରେ ପ୍ରହରୀକର୍ମ କରିବା । (ଏବ୍ରୀ ୧୩:୧୭) । ଉପରୋକ୍ତ କର୍ତ୍ତବ୍ୟ ଗୁଡିକ ଯୀଶୁଖ୍ରୀଷ୍ଟ ଅଧକ୍ଷମାନଙ୍କ ଉପରେ ନ୍ୟସ୍ତ କରିଅଛନ୍ତି । ଅଧକ୍ଷମାନେ ଆପଣା କର୍ତ୍ତବ୍ୟରେ ଅବହେଳା କଲେ ମଣ୍ଡଳୀ ହ୍ରାସ ପାଇବ । ଈଶ୍ୱରଙ୍କ ଦତ୍ତ ନିୟମରେ ପରିବର୍ତ୍ତନ ଆଣିବା ନିମନ୍ତେ ଈଶ୍ୱରଙ୍କ ବାକ୍ୟରେ ଅଧକ୍ଷମାନଙ୍କୁ ଅଧିକାର ଦିଆଯାଇନାହିଁ । କିନ୍ତୁ ଈଶ୍ୱରଙ୍କ ବାକ୍ୟରେ ଲିଖିତ ନିୟମାବଳୀ ପ୍ରୟୋଗ କରାଇବା ସେମାନଙ୍କ ଅଧିନସ୍ଥ । ବାକ୍ୟରେ ଲିଖିତ କର୍ତ୍ତବ୍ୟାବଳୀ ପ୍ରୟୋଗ କରୁଥିବା ଅଧକ୍ଷ ଚାଳିତ ମଣ୍ଡଳୀ କେତେ ଧନ୍ୟ ।

୩)    ବିଷପଙ୍କ ଯୋଗ୍ୟତା :- ୧) ନିର୍ଦ୍ଦୋଷ, ଏକ ସ୍ତ୍ରୀର ସ୍ୱାମୀ, ୩) ବିଶ୍ୱାସୀ ସନ୍ତାନ, ୪) ସଦ୍‌ବ୍ୟବାହାର, ୫) ସେ ସ୍ୱେଚ୍ଛାଚାରୀ କି ଆଶୁକ୍ରୋଧୀ କି ମଦ୍ୟାପାୟୀ ନହେବା ଆବଶ୍ୟକ, ୬) କୁତ୍ସିତ ଧନ ଲାଭର ଅଭିଳାଷୀ ନହୋଇ, ୭) ଆତିଥ୍ୟ ପ୍ରିୟ, ୮) ଉତ୍ତମ ବିଷୟର ଅନୁରାଗୀ, ୯) ସୁବୁଦ୍ଧି, ୧୦) ନ୍ୟାୟ ପରାୟଣ, ୧୧) ସାଧୁ, ୧୨) ମିତାଚାରୀ, ୧୩) ହିତଜନକ ଶିକ୍ଷା ଦେବାରେ ସକ୍ଷମ, ୧୪) ଉତ୍ସାହ ଦେବାକୁ ସକ୍ଷମ, ୧୫) ବିପକ୍ଷ ବାଦୀମାନଙ୍କୁ ଅନୁଯୋଗ କରିବାକୁ ସକ୍ଷମ । (ତିତସ ୧; ୫-୯), ୧୬) ନିଜ ପରିବାରକୁ ଉତ୍ତମ ରୂପେ ଶାସନ କରିବା, ୧୭) ଗାମ୍ଭିର୍ଯ୍ୟ ସହକାରେ ଆପଣା ସନ୍ତାନମାନଙ୍କୁ ବଶୀଭୂତ କରି ରଖିବା । (କେହି ଯେବେ ଆପଣା ପରିବାରକୁ ଶାସନ କରିବାକୁ ଜାଣେ ନାହିଁ, ତେବେ ସେ କିପରି ଈଶ୍ୱରଙ୍କ ମଣ୍ଡଳୀର ତତ୍ତ୍ୱ ନେବ ?) ୧୮) ନୂତନ ଶିଷ୍ୟ ହୋଇ ନଥିବେ କାଳେ ଅସାର ଗର୍ବୀ ହୋଇ ଶୟତାନ ସଦୃଶ୍ୟ ଦଣ୍ଡଗ୍ରସ୍ତ ହେବେ । ୧୯) ବାହାର ଲୋକମାନଙ୍କ ଠାରେ ସୁଖ୍ୟାତି ପ୍ରାପ୍ତ । ୨୦) ଶୁଦ୍ଧ ବିବେକ, ୨୧) ବିଶ୍ୱାସର ନିଗୁଢ଼ ତତ୍ତ୍ୱ ଅବଲମ୍ବନ କାରୀ, ୨୨) ଛଳନା ବାକ୍ୟ ରହିତ, ୨୩) ମଦ୍ୟପାନରେ ଅନାସକ୍ତ । (୧ମ ତୀମଥି ୩:୨-୯) ଅନେକ ସମୟରେ

ଉପରୋକ୍ତ ଯୋଗ୍ୟତା ଗୁଡିକ ନଥିବା ବ୍ୟକ୍ତିମାନେ ମଣ୍ଡଳୀର ଅଧକ୍ଷରୂପେ ନିଯୁକ୍ତ ହୁଅନ୍ତି । ନିଯୁକ୍ତ ଅଧକ୍ଷମାନେ ଆପଣା ଆପଣା କର୍ତ୍ତବ୍ୟ ବିଷୟରେ ଅଜ୍ଞାତ ହେବାରୁ, ମଣ୍ଡଳୀର ଅଭିବୃଦ୍ଧି ହୁଏ ନାହିଁ ।

୪) **ମଣ୍ଡଳୀକୁ ପ୍ରଭୁ ଆଜ୍ଞା ଦିଅନ୍ତି :-** ୧) ପରିଶ୍ରମ ଓ ଚେତନା ଦେବା ନେତାମାନଙ୍କୁ ମାନ୍ୟ କର । ୨) ସେମାନଙ୍କ କାର୍ଯ୍ୟ ସକାଶେ ସେମାନଙ୍କୁ ପ୍ରେମରେ ଅତ୍ୟନ୍ତ ଆଦର କର । (୧ମ ତୀମଥି ୫:୧୨,୧୩), ୩) "ଯେଉଁ ପ୍ରାଚୀନମାନେ ଉତ୍ତମରୂପେ ତତ୍ତ୍ୱବଧାନ କରନ୍ତି, ବିଶେଷତଃ ବାକ୍ୟ ପ୍ରଚାର ଓ ଶିକ୍ଷାଦାନରେ ପରିଶ୍ରମ କରନ୍ତି, ସେମାନେ ଦୁଇ ଗୁଣ ସମାଦର, ପାଇବାର ଯୋଗ୍ୟ ବୋଲି ଗଣିତ ହେଉନ୍ତୁ ।" (୧ମ ତିମଥି ୫:୧୭) । ୪) ନେତାମାନଙ୍କ ବାଧ୍ୟ ହୋଇ ସେମାନଙ୍କ ବଶୀଭୂତ ହୋଇରହ । (ଏବ୍ରୀ ୧୩:୧୭) । ୬) "ଦୁଇ ବା ତିନି ସାକ୍ଷୀଙ୍କ ବିନା କୌଣସି ପ୍ରାଚୀନ ବିରୁଦ୍ଧରେ ଅଭିଯୋଗ ଗ୍ରହଣ କର ନାହିଁ ।" (୧ମ ତୀମଥି ୫:୧୯) । ମଣ୍ଡଳୀର ସଭ୍ୟମାନଙ୍କ ଅଧକ୍ଷମାନେ ତତ୍ତ୍ୱାବଧାନ ନେବା ସଦୃଶ୍ୟ ମଣ୍ଡଳୀର ସଭ୍ୟମାନେ ଅଧକ୍ଷମାନଙ୍କୁ ପ୍ରେମ, ସମାଦର, ବଶୀଭୂତ ହେବା ଆବଶ୍ୟକ ।

୫) **ସେବକ ଗଣ (Deacons)** :-ଅଧକ୍ଷମାନଙ୍କ ବିଷୟରେ ବିପୁଳଭାବେ ବାକ୍ୟରେ କୁହାଯିବା ପରି, ସେବକମାନଙ୍କ ବିଷୟରେ ବାକ୍ୟରେ ବିପୁଳଭାବେ ଲିଖିତ ହୋଇ ନାହିଁ । ଯିରୂଶାଲମ ମଣ୍ଡଳୀରେ ଖାଦ୍ୟ ପରିବେଷଣ କରିବା ନିମନ୍ତେ ସୁଖ୍ୟାତି ସମ୍ପନ୍ନ ଏବଂ ଜ୍ଞାନରେ ପରିପୂର୍ଣ୍ଣ ସାତଜଣ ବ୍ୟକ୍ତିମାନଙ୍କୁ ନିଯୁକ୍ତି ହୋଇଥିଲା । (ପ୍ରେରିତ ୬:୧-୬) । ଏମାନଙ୍କୁ ସେବକ (Deacons) ନ କୁହାଯିବା ସତ୍ତ୍ୱେ ସେମାନେ "ସେବକ (Deacons)" କାର୍ଯ୍ୟ କରୁଥିଲେ । କାରଣ 'Deacons' ପଦରେ ଅର୍ଥ ସେବକ ବା ଦାସ (Servant) । ଅଧକ୍ଷମାନେ ମଣ୍ଡଳୀ ଶାସନ କରନ୍ତି, ଏବଂ ସେବକମାନେ ମଣ୍ଡଳୀର ସେବକ (ଦାସ) କର୍ମ କରନ୍ତି । ଅନ୍ୟପକ୍ଷରେ ଅଧକ୍ଷମାନଙ୍କ କାମ ଆଧାତ୍ମିକ ଓ ସେବକମାନଙ୍କ କାର୍ଯ୍ୟ ଶାରିରୀକ । କିନ୍ତୁ ସେମାନଙ୍କ କାର୍ଯ୍ୟ ସେହି ସେହି ପାରିଧୟରେ ପରିମିତ ନୁହେଁ । ଉଦାହରଣ ସ୍ୱରୂପ :- ବର୍ଣ୍ଣବା ଓ ଶାଉଲଙ୍କ ହସ୍ତରେ ଯିରୂଶାଲମସ୍ଥ ମଣ୍ଡଳୀକୁ ସାହାଯ୍ୟ ପ୍ରେରଣ କରିଥିଲେ । (ପ୍ରେରିତ ୧୧:୨୯-୩୦) । ଦ୍ୱିତୀୟରେ ସେବକମାନଙ୍କ କାର୍ଯ୍ୟ କେବଳ ଶାରିରୀକ କାର୍ଯ୍ୟ ନ ଥିଲା । ଯିରୂଶାଲମ ମଣ୍ଡଳୀର ସାତଜଣ ନିଯୁକ୍ତି ବ୍ୟକ୍ତିମାନଙ୍କ ମଧ୍ୟରୁ ସ୍ତିପାନ ଓ ଫିଲିପ ଅନେକ ବାଧାବିଘ୍ନ ସତ୍ତ୍ୱେ ଅନେକ ସ୍ଥାନରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ ।

୨) ସେବକ **'Deacons'** ମାନଙ୍କ ଯୋଗ୍ୟତା :- (୧) ସୁଖ୍ୟାତି ସମ୍ପନ୍ନ, (୨)

ଜ୍ଞାନ, (୩) ଆତ୍ମାରେ ପରିପୂର୍ଣ୍ଣ (ପ୍ରେରିତ ୬:୩), (୪) ଗମ୍ଭୀର, (୫) ଛଳନା ବାକ୍ୟ-ରହିତ, (୬) ମଦ୍ୟପାନରେ ଅନାସକ୍ତ (୭) କୁତ୍ସିତ ଧନ ଲୋଭରେ ନିର୍ଲୋଭ, (୮) ବିଶ୍ୱାସର ନିଗୂଢ଼ ତତ୍ତ୍ୱର ଅବଲମ୍ବନକାରୀ, (୯) ପ୍ରଥମେ ଶିକ୍ଷିତ ହୋଇ, (୧୦) ନିର୍ଦ୍ଦୋଷ, (୧୧) ସେମାନଙ୍କ ଭାର୍ଯ୍ୟାମାନେ ପରନିନ୍ଦାକାରିଣୀ ନ ହୋଇ ଗମ୍ଭୀର, ମିତାଚାରିଣୀ ସମସ୍ତ ବିଷୟରେ ବିଶ୍ୱସ୍ତା ହେବା ଆବଶ୍ୟକ, (୧୨) ଏକ ସ୍ତ୍ରୀର ସ୍ୱାମୀ, (୧୩) ଆପଣା ଆପଣା ସନ୍ତାନମାନଙ୍କୁ ଓ ପରିବାରକୁ ଉତ୍ତମରୂପେ ଶାସନକାରୀ । (୧ମ ତୀମଥି ୩:୮-୧୨) ।

ମଣ୍ଡଳୀ ପାଳନ ପଦ୍ଧତି ଅତି ସରଳ ଅଟେ । ପରମେଶ୍ୱରଙ୍କ ପଦ୍ଧତିକୁ ମନୁଷ୍ୟମାନେ ଅଦଳବଦଳ କରୁଅଛନ୍ତି । ସ୍ୱନିୟମ ପଦ୍ଧତି, ଯାଜକ ପାଳନ ପଦ୍ଧତି, ଖ୍ରୀଷ୍ଟଙ୍କ ପାଳନ ପଦ୍ଧତିରେ ସୁଧାର ଆଣିବାକୁ କରିଥିବା ଚେଷ୍ଟାର ପ୍ରତିଫଳ ।

❖❖❖

# ଅଷ୍ଟମ-କାରଣ

# ଏହାର ସିଦ୍ଧାନ୍ତ, ବିଶ୍ୱାସ ଓ ନିୟମାବଳୀ ବାକ୍ୟଗତ ଅଟେ

## (It has Bible as its only creed, confession of faith or Church manual )

**୧. ମଣ୍ଡଳୀ ବିଶ୍ୱାସର କାରଣ :**

ମାନବ ସିଦ୍ଧାନ୍ତ ଉପରେ ସ୍ଥାପିତ ମଣ୍ଡଳୀର ସଭ୍ୟ ହେବାକୁ ମୁଁ ଇଚ୍ଛା କରେ ନାହିଁ।

କାରଣ :-

୧) ପ୍ରେରିତମାନଙ୍କ ସମୟଠାରୁ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ, ବାଇବଲରେ ଲିଖିତ ସିଦ୍ଧାନ୍ତନୁଯାୟୀ ମଣ୍ଡଳୀ ପରିପାଳିତ ହେଉଥିଲା । ବର୍ତ୍ତମାନ ସେହି ସିଦ୍ଧାନ୍ତ କାହିଁକି ପାଳନ କରିବା ନାହିଁ ? ପ୍ରଥମ ଶତାବ୍ଦୀର ମଣ୍ଡଳୀରେ ଯେଉଁ ସିଦ୍ଧାନ୍ତ ଥିଲା, 'ତାହା ସଦୃଶ୍ୟ' ମଣ୍ଡଳୀର ସଭ୍ୟ ନ ହୋଇ ମୁଁ ପ୍ରଥମ ଶତାବ୍ଦୀର ମଣ୍ଡଳୀର ସଭ୍ୟ ହୋଇ ରହିବାକୁ ମୁଁ ଇଚ୍ଛା କରେ । ଏହା ସମ୍ଭବପର ହେବା ନିମନ୍ତେ ଆମ୍ଭମାନଙ୍କୁ ବାଇବଲ ନିକଟକୁ ଫେରି ଆସିବାକୁ ପଡିବ ।

(୨) ପ୍ରତ୍ୟେକ ସତକର୍ମ ନିମନ୍ତେ ବାଇବଲରେ ଲିଖିତ ବାକ୍ୟ ଆମ୍ଭମାନଙ୍କୁ ସଂପୂର୍ଣ୍ଣ ଓ ସମର୍ଥ କରେ । "ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମ ପରାୟଣ ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି ।" (୨ ପିତର ୧ :୩) । "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ୟ ତୀମଥି ୩:୧୬-୧୭) । ଆମ୍ଭମାନଙ୍କୁ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାର ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଦତ୍ତ ହୋଇ ଅଛି । ମନୁଷ୍ୟମାନଙ୍କ ସିଦ୍ଧାନ୍ତ, ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ କି ଲିଖିତ ହୋଇ ଅଛି ? ତେବେ ଆମ୍ଭେମାନେ ଈଶ୍ୱରଙ୍କ ସିଦ୍ଧାନ୍ତ ଅନୁସରଣ ନକରି ମନୁଷ୍ୟମାନଙ୍କ ସିଦ୍ଧାନ୍ତ କାହିଁକି ଅନୁସରଣ କରିବାକୁ ଇଚ୍ଛୁକ ଅଟୁଁ ? ଆସ, ଆମ୍ଭେମାନେ ସେହି ସତ୍ୟ ସ୍ଥିର ଓ ଅଟଳ ଈଶ୍ୱରଙ୍କ ବାକ୍ୟରେ ଲିଖିତ, ଈଶ୍ୱରଙ୍କ ସିଦ୍ଧାନ୍ତ ଅନୁସରଣ କରୁ ।

(୩) ବାଇବଲ ବିଷୟରେ କୁହାଯାଏ :- "ଏହି ପୁରାତନ ପୁସ୍ତକରେ ପରମେଶ୍ୱରଙ୍କ ମନ, ମନୁଷ୍ୟର ସ୍ଥିତି, ମନୁଷ୍ୟର ପରିତ୍ରାଣ, ପାପୀର ଗତି ଓ ବିଶ୍ୱାସର ପ୍ରତିଫଳ ବିଷୟରେ ଲିଖିତ ଅଛି । ଏହାର ଇତିହାସ ସତ୍ୟ, ସିଦ୍ଧାନ୍ତ ପବିତ୍ର, ଲିଖିତ ନିତିନିୟମ ଆମ୍ଭମାନଙ୍କୁ ବାନ୍ଧି ରଖେ । ଏଥିରେ ଲିଖିତ ପ୍ରତିଫଳ ନିଶ୍ଚିତ । ବିଶ୍ୱାସ ଜ୍ଞାନୀ ହେବା ନିମନ୍ତେ ଏହା ପାଠ କର । ପରିତ୍ରାଣ ପ୍ରାପ୍ତି ନିମନ୍ତେ ବିଶ୍ୱାସ କର, ଧାର୍ମିକ ହେବା ନିମନ୍ତେ ପାଳନ କର । ଏହି ଆଲୋକ ଆମ୍ଭମାନଙ୍କୁ କଢ଼ାଇ ନିଏ । ଏହି ଖାଦ୍ୟ ଆମ୍ଭମାନଙ୍କୁ ଶକ୍ତି ଦିଏ, ସାନ୍ତ୍ୱନା ଦିଏ । ଏହା ଯାତ୍ରୀର ମାନଚିତ୍ର, ପଥିକର ତଡ଼ା, ନାବିକର କମ୍ପାସ, ସୈନିକର ଖଗ୍ଗ ଏବଂ ଖ୍ରୀଷ୍ଟିୟାନର ଅଧିକାର ଗତ । ଏଠାରେ ପାରଦୀଶ ପୁନଃସ୍ଥାପିତ କରାଯାଇଅଛି, ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ କରାଯାଇ ଓ ପାତାଳର ଦ୍ୱାରା ବନ୍ଦ କରାଯାଇଅଛି । ଏହାର କେନ୍ଦ୍ରବିନ୍ଦୁ ଖ୍ରୀଷ୍ଟ, ମୁଖ୍ୟ ବିଷୟବସ୍ତୁ ମନୁଷ୍ୟର ପରିତ୍ରାଣ ଓ ପରମେଶ୍ୱରଙ୍କ ମହିମା । ଏଥିର ବାକ୍ୟ ଆମ୍ଭମାନଙ୍କ ହୃଦୟ ପୂର୍ଣ୍ଣ କରୁ, ଆମ୍ଭମାନଙ୍କ ଜୀବନ ରାଜତ୍ୱ କରୁ ଓ ସ୍ୱର୍ଗରାଜ୍ୟକୁ କଢ଼ାଇ ନେଉ । ଏହା ପ୍ରାର୍ଥନା ସହ ନିରନ୍ତର ପଠନ କରି ଧ୍ୟାନ କର, ଏହା ସମ୍ପଦର ଖଣି, ମହିମାମୟ ପାରଦୀଶ ଓ ସନ୍ତୋଷର ନଦୀ । ଏହା ଏହି ଜୀବନରେ ଆପଣଙ୍କୁ ଦତ୍ତ ହୋଇ ଅଛି, ଏହି ବାକ୍ୟ ଦ୍ୱାରା ଆମ୍ଭମାନେ ଶେଷଦିନରେ ବିଚାରିତ ହେବା । ଏହାର ବାକ୍ୟ ଚିରନ୍ତନ । ଏଥିରେ ଲିଖିତ ବାକ୍ୟ ପାଳନ କଲେ ଆଶୀର୍ବାଦ ପ୍ରାପ୍ତ ହେବା, ଏଥିରେ ବାକ୍ୟ ଯୋଗ ବିୟୋଗ କଲେ ଦଣ୍ଡିତ ହେବା ।" .... ମନୁଷ୍ୟ ସ୍ଥାପିତ ସିଦ୍ଧାନ୍ତର ଏପରି ବିଶେଷତା ନାହିଁ । ସେ ଗୁଡିକ କେତେ ଅଦରକାରୀ ।

(୪) ଅସଂପୂର୍ଣ୍ଣ ମନୁଷ୍ୟ ସ୍ଥାପିତ ପଦ୍ଧତି ଗୁଡିକ ପ୍ରତିବର୍ଷ ପରିବର୍ତ୍ତିତ ହେଉ ଥାଏ :- ଦଶବର୍ଷ ପରେ ମନୁଷ୍ୟର ସିଦ୍ଧାନ୍ତ ପାଳନକାରୀ ଜାଣନ୍ତି ନାହିଁ ଯେ, ସେମାନେ ଅବଲମ୍ବନ କରୁଥିବା ସିଦ୍ଧାନ୍ତ କଅଣ ହେବ । ଅନେକ ବର୍ଷ ଧରି ଶିଶୁମାନେ ପାପ ସହିତ ଏ ଜଗତରେ ଜନ୍ମ ନିଅନ୍ତି ବୋଲି ଶିକ୍ଷା ଦେବା ମଣ୍ଡଳୀ, କିନ୍ତୁ ବର୍ତ୍ତମାନ ଶିଶୁମାନେ ଏ ଜଗତରେ ଶୁଦ୍ଧ, ପବିତ୍ର ଭାବେ ଜନ୍ମ ନିଅନ୍ତି ବୋଲି ଶିକ୍ଷା ଦେଉଅଛନ୍ତି । ଏଦ୍ୱାରା "ଶିଶୁମାନେ ଘୋର ପାପ ସହିତ ଜନ୍ମ ନିଅନ୍ତି ।" ଏହି ଶିକ୍ଷାକୁ ସମର୍ଥନ କରିବା ସଭ୍ୟମାନେ ଅବମାନିତ ହୋଇ ମଣ୍ଡଳୀରୁ ଦୂରେଇ ଯାଆନ୍ତି । ଏହା ଏକ ଉଦାହରଣ ମାତ୍ର । ମନୁଷ୍ୟର ସିଦ୍ଧାନ୍ତର ପୁନଃ, ପରିବର୍ତ୍ତିତ ଓ ସଂଶୋଧିତ ହୋଇଥାଏ । ଏଦ୍ୱାରା ମନୁଷ୍ୟ ସିଦ୍ଧାନ୍ତ ଦୁର୍ବଳତା ଓ ଅସଂପୂର୍ଣ୍ଣତା ପ୍ରକାଶ ପାଏ ।

ମନୁଷ୍ୟ ସ୍ଥାପିତ ସିଦ୍ଧାନ୍ତ ଅସଂପୂର୍ଣ୍ଣ ଥିବା ସତ୍ତ୍ୱେ, ଈଶ୍ୱରଙ୍କ ସିଦ୍ଧାନ୍ତ ଚିରନ୍ତନ । ଈଶ୍ୱରଙ୍କ ବାକ୍ୟ ଅପରିବର୍ତ୍ତନୀ. ସତ୍ୟ ଓ ଅଟଳ । ଖ୍ରୀଷ୍ଟଙ୍କ ସୁସମାଚାରକୁ ପ୍ରେରିତ ଯାକୁବ "ସିଦ୍ଧ ସ୍ୱାଧୀନତାର ବ୍ୟବସ୍ଥା" ବୋଲି କହି ଅଛନ୍ତି । (ଯାକୁବ ୧:୨୫) । ଏହା ସିଦ୍ଧ. ସଂପୂର୍ଣ୍ଣ ଓ ଆଶୀର୍ବାଦପୂର୍ଣ୍ଣ । କିନ୍ତୁ ଯେଉଁମାନେ ଏହି ବାକ୍ୟ ଯୋଗ, ବିୟୋଗ କରି କଳୁଷିତ କରନ୍ତି,

ସେମାନେ ଦଣ୍ଡିତ ହେବେ । (ପ୍ର.ବା. ୨୨:୧୮-୧୯)। ଈଶ୍ୱରଙ୍କ ବାକ୍ୟ ସିଦ୍ଧ ଓ ତାହାର ପରିବର୍ତ୍ତନ କରିବା ନିମନ୍ତେ ସଦାପ୍ରଭୁ ମନୁଷ୍ୟକୁ ଅଧିକାର ଦେଇ ନାହାନ୍ତି । ପୁରାତନ ବ୍ୟବସ୍ଥା ସମୟରେ ସଦାପ୍ରଭୁ ମୋଶାକୁ କହିଥିଲେ, "ମୁଁ ତୁମ୍ଭମାନଙ୍କୁ ଯାହା ଆଜ୍ଞା କରୁଅଛି, ସେହି ବାକ୍ୟରେ ତୁମ୍ଭେମାନେ କିଛି ମିଶାଇବ ନାହିଁ, କିଅବା ତହିଁରୁ କିଛି ଊଣା କରିବ ନାହିଁ । ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଆଜ୍ଞା କରୁଅଛି, ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କର ସେହି ସବୁ ଆଜ୍ଞା ପାଳନ କର ।" (ଦ୍ୱି:ବି: ୪:୨) ।

(୫) ମନୁଷ୍ୟ ସ୍ଥାପିତ ସିଦ୍ଧାନ୍ତ ଗ୍ରାହ୍ୟ ଯୋଗ୍ୟ ନୁହେଁ :- Benajamin Franklinଙ୍କ ଭାଷାରେ :-

(କ) ବାଇବଲ ଠାରୁ ଅଧିକ ବିଷୟ ଥିବା ସିଦ୍ଧାନ୍ତ ପୁସ୍ତକ ଗ୍ରାହ୍ୟ ଯୋଗ୍ୟ ନୁହେଁ, କାରଣ ତାହା ବାଇବଲରେ ଲିଖିତ ବିଷୟରୁ ଅଧିକ ମାତ୍ରାରେ କୁହାଯାଇଅଛି ।

(ଖ) ବାଇବଲରୁ କମ୍ ବିଷୟ ଥିବା ସିଦ୍ଧାନ୍ତ ପୁସ୍ତକ ଗ୍ରାହ୍ୟ ଯୋଗ୍ୟ ନୁହେଁ, କାରଣ ତାହା ବାଇବଲରେ ଲେଖା ଯାଇଥିବା ବିଷୟରୁ କମ୍ ମାତ୍ରାରେ କୁହାଯାଇଅଛି ।

(ଗ) ବାଇବଲରେ ଲିଖିତ ହୋଇ ନଥିବା ନିୟମାବଳୀର ସିଦ୍ଧାନ୍ତ ପୁସ୍ତକ ଗ୍ରାହ୍ୟ ଯୋଗ୍ୟ ନୁହେଁ, କାରଣ ତାହା ବାଇବଲର ସିଦ୍ଧାନ୍ତ ଲିଖିତ ହୋଇ ନାହିଁ ।

(ଘ) ବାଇବଲ ସଦୃଶ୍ୟ ପୁସ୍ତକ ଅନାବଶ୍ୟକ, କାରଣ ଆମ୍ଭମାନଙ୍କ ନିକଟରେ ବାଇବଲ ଅଛି ।

ଅତଏବ, ବାଇବଲ ହିଁ ଅନୁସରଣୀୟ ଏକ ମାତ୍ର ପୁସ୍ତକ ।

(୬) ମନୁଷ୍ୟର ସିଦ୍ଧାନ୍ତ ବିଭକ୍ତ କରେ :- ମନୁଷ୍ୟର ସିଦ୍ଧାନ୍ତ ଗୁଡିକ ମନୁଷ୍ୟମାନଙ୍କୁ ଦଳ ଓ ବର୍ଗରେ ବିଭକ୍ତ କରେ । ପ୍ରତ୍ୟେକ ବର୍ଗର ଲୋକେ ଆପଣା ଆପଣା ଘରିଆରେ ଆପଣା ଆପଣା ପ୍ରାଚୀର ଗଢ଼ିଥାନ୍ତି । ଏକତା ନିମନ୍ତେ ଏପରି ପ୍ରାଚୀର ଭୂମିସାତଃ ହେବା ଆବଶ୍ୟକ । ମନୁଷ୍ୟମାନଙ୍କ ସିଦ୍ଧାନ୍ତ ଦ୍ୱାରା ଏକତା ଲବ୍ଧ ନୁହେଁ ।

## (୭) ନ୍ୟାୟ ବାକ୍ୟ :-

ବିଭକ୍ତକରଣ ଯେ ପାପ, ଏ ବିଷୟରେ କିଛି ସନ୍ଦେହ ନାହିଁ । ପବିତ୍ର ଆତ୍ମା ଦ୍ୱାରା ପ୍ରେରିତ ପାଉଲ କହନ୍ତି, "ହେ ଭାଇମାନେ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ

ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ ।" (୧ମ କରିନ୍ଥୀ ୧:୧୦) । ବିଭକ୍ତିକରଣ, ପାପଜନକ ଅଟେ । ଏହା ସଦାପ୍ରଭୁଙ୍କ ଆଜ୍ଞାରୁ ବ୍ୟତିରେକ ଥିବାରୁ, ତାହା ପାପଜନକ । ଯେଉଁ ମନୁଷ୍ୟ ସିଦ୍ଧାନ୍ତ ଗୁଡିକ ସମର୍ଥନ କରନ୍ତି ଓ ଅନୁସରଣ କରନ୍ତି, ସେମାନେ ପ୍ରତ୍ୟେକ ପାପର ଭାର ବହନ କରିବେ ।

କେତୋଟି ଉଦାହରଣ :-

(୧) ପ୍ରଥମ ତର୍କ :-

(କ) ବିଭକ୍ତକରଣ ପାପ ଅଟେ । (୧ମ କରିନ୍ଥୀ ୧:୧୦;୩:୩) ।

(ଖ) ମନୁଷ୍ୟର ସିଦ୍ଧାନ୍ତ ବିଭକ୍ତ କରେ ।

(ଗ) ଅତଏବ, ମନୁଷ୍ୟର ସିଦ୍ଧାନ୍ତ ଦୋଷାଯୁକ୍ତ ଅଟେ ।

(୨) ଦ୍ୱିତୀୟ ତର୍କ :-

(କ) ବିଭିନ୍ନ ନିୟମ ଅନୁସରଣ କରିବା ପାପ ଅଟେ । (ଫିଲିପ ୩:୧୬) ।

(ଖ) ମନୁଷ୍ୟ ସିଦ୍ଧାନ୍ତ ବିଭିନ୍ନ ନିୟମ ଅଟେ ।

(ଗ) ଅତଏବ ମନୁଷ୍ୟର ସିଦ୍ଧାନ୍ତ ଦୋଷଯୁକ୍ତ ଅଟେ ।

(୩) ତୃତୀୟ ତର୍କ :-

(କ) ମନୁଷ୍ୟର ସିଦ୍ଧାନ୍ତ ଅପବିତ୍ର ଅଟେ । (ଯୋହନ ୧୭:୨୦,୨୧) ।

(ଖ) ବିଭକ୍ତକରଣ ମନୁଷ୍ୟର ସିଦ୍ଧାନ୍ତ ଅଟେ ।

(ଗ) ଅତଏବ, ବିଭକ୍ତକରଣ ଅପବିତ୍ର ଅଟେ ।

ଉପରୋକ୍ତ ତର୍କ ଗୁଡିକୁ ଅଗ୍ରାହ୍ୟ କରିବାର ଅର୍ଥ, ସତ୍ୟତା ଅଗ୍ରାହ୍ୟ କରିବା । ଆସ ଏହି ସତ୍ୟତାକୁ ଗ୍ରହଣ କରୁ ଓ ଅନୁସରଣ କରୁ । ତଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ଐକତାରେ ରହି ପାରିବା ।

❖❖❖

# ନବମ-କାରଣ

## ଏହା ବାଇବଲ, ଈଶ୍ୱରଙ୍କ ନିଶ୍ୱସିତ ବାକ୍ୟ ବୋଲି ବିଶ୍ୱାସକରେ
## (It believes all the Bible to be the inspired word of God)

### ୧. ବିଭିନ୍ନ ପ୍ରଚାରମାନଙ୍କ ଅଭିପ୍ରାୟ :

L.R. Wilsonଙ୍କର ବାଇବଲ ବିଷୟରେ ଆଧୁନିକ ଅଭିପ୍ରାୟ ବୋଲି ଏକ ଲେଖନୀରେ (Firm foundation April 28, 1942) ଏପରି ଭାବେ ଲେଖାଯାଏ :- "Dr. Clece Edward McCartney ପ୍ରକାଶିତ । ମହିମାମୟ ସୁସମାଚାର କେତୋଟି ସତ୍ୟତା ପ୍ରକଟିତ ହୋଇଅଛି । ଯାହା କହେ :- "ତ୍ରିଏକତ୍ୱ ସିଦ୍ଧାନ୍ତ ଶତକଡା ତ୍ରୟୋଦଶ ଭାଗ ଅଗ୍ରାହ୍ୟ କରନ୍ତି, ବାଇବଲରେ ଲିଖିତ ସୃଷ୍ଟିର ବିବରଣ ଶତକଡା ଅଠଚାଳିଶି ଭାଗ ଅଗ୍ରାହ୍ୟ କରନ୍ତି, ଶୟତାନର ଅସ୍ତିତ୍ୱ ବିଷୟରେ ଶତକଡା ତେତିଶି ଭାଗ ଅଗ୍ରାହ୍ୟ କରନ୍ତି, ଈଶ୍ୱରଙ୍କ ଠାରୁ ପ୍ରକାଶନ ବିଷୟରେ ଶତକଡା ଅଠଚାଳିଶି ଭାଗ ଅଗ୍ରାହ୍ୟ କରନ୍ତି, ଈଶ୍ୱରଙ୍କ ନିଶ୍ୱସିତ ବାକ୍ୟକୁ ଶତକଡା ଚଉରାଳିଶି ଭାଗ ଅଗ୍ରାହ୍ୟ କରନ୍ତି । ଶତକଡା ଅଠତିରିଶି ଭାଗ ପୁରାତନ ନିୟମର ଭାବବାଣୀମାନଙ୍କ ଠାରେ ବିଶ୍ୱାସ କରନ୍ତି ନାହିଁ । ବାଇବଲରେ କାଳ୍ପନିକ କାହାଣୀ, କିମ୍ବଦନ୍ତୀ ଅନ୍ତର୍ଭୁକ୍ତ ନୁହେଁ ବୋଲି ଶତକଡା ପଞ୍ଚାନବେ ଭାଗ ବିଶ୍ୱାସ କରନ୍ତି ନାହିଁ । ମନୁଷ୍ୟ ରୂପ ଧାରଣ କରିବା ଶତକଡା ଅଣଇଶି ଭାଗ ବିଶ୍ୱାସ କରନ୍ତି ନାହିଁ । ଶତକଡା ଦ୍ୱାଦଶ ଭାଗ ପୁନଃଥାନରେ ବିଶ୍ୱାସ କରନ୍ତି ନାହିଁ । ଅଧାର୍ମିକମାନେ ଦଣ୍ଡିତ ହେବେ ବୋଲି ଶତକଡା ଚଉତିରିଶି ଭାଗ ବିଶ୍ୱାସ କରନ୍ତି ନାହିଁ । ଶରୀରର ପୁନରଥାନ ବିଷୟରେ ଶତକଡା ତେତିଶି ଭାଗ ବିଶ୍ୱାସ କରନ୍ତି ନାହିଁ ଜୀବିତ ଓ ମୃତମାନଙ୍କ ବିଚାର ନିମନ୍ତେ ଫେରି ଆସୁ ଅଛନ୍ତି ବୋଲି ଶତକଡା ସତେଇଶି ଭାଗ ଲୋକେ ବିଶ୍ୱାସ କରନ୍ତି ନାହିଁ । ଆଦି ପୁସ୍ତକରେ ଲିଖିତ ମନୁଷ୍ୟର ପତନ ବିଷୟରେ ଶତକଡା ତେତିଶି ଭାଗ ବିଶ୍ୱାସ କରନ୍ତି ନାହଁ । ବାପ୍ତିସ୍ମ ପ୍ରଭୁଭୋଜ ଅନାବଶ୍ୟକ ବୋଲି ଶତକଡା ଏକାବନ ଭାଗ ବିଶ୍ୱାସ କରନ୍ତି । ଉତ୍ତମ ବ୍ୟକ୍ତିମାନଙ୍କ ପରିତ୍ରାଣ ବିଷୟରେ ଯେକୌଣସି ବିଶ୍ୱାସ ଥିଲେ ସୁଦ୍ଧା, ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବେ ବୋଲି ଶତକଡା ଉଣଚାଳିଶି ଲୋକେ ବିଶ୍ୱାସ କରନ୍ତି ।"

ବାଇବଲର ବାକ୍ୟ ଈଶ୍ୱରଙ୍କ ନିସ୍ୱଶିତ ଓ ତାହାଙ୍କ ଅଧିକାର ଯୁକ୍ତ ବୋଲି ବିଶ୍ୱାସ ନ କରିବା କେତେ ଆଶ୍ଚର୍ଯ୍ୟମୟ ବିଷୟ ! ସେମାନେ ବାକ୍ୟକୁ ବିଶ୍ୱାସ କରନ୍ତି ନାହିଁ ଓ ପାଳନ କରନ୍ତି ନାହିଁ । ନାସ୍ତିକମାନେ ଈଶ୍ୱରଙ୍କ ଠାରେ ନାସ୍ତି କରନ୍ତି କିନ୍ତୁ ଆଧୁନିକ ମତବଲମ୍ବୀମାନେ ଆପଣା ମତମୁତାବକ ବିଷୟରେ ବିଶ୍ୱାସ କରନ୍ତି ।

## ୨. ବାଇବଲ ବିଶ୍ୱାସ କରିବାର କାରଣ :

୧. ବାଇବଲ ଯଦି ସତ୍ୟ ନୁହେଁ, ବିଶ୍ୱାସ ଯୋଗ୍ୟ, ଗ୍ରହଣ ଯୋଗ୍ୟ ଇତିହାସ ନାହିଁ । ବାଇବଲ ବିନୁ ଆଉ କୌଣସି ଭରସା ଯୋଗ୍ୟ ଇତିହାସ ପୁସ୍ତକ ନାହିଁ । ବାଇବଲ ସତ୍ୟତା ପ୍ରତିପନ୍ନ କରେ ।. ଖ୍ରୀଷ୍ଟଙ୍କ ବିଷୟରେ କୁହାଯାଏ, "...ଯାହା ବାକ୍ୟ ଶୁଣିଅଛୁ, . ଯାହାଙ୍କୁ ସ୍ୱଚକ୍ଷୁରେ ଦେଖିଅଛୁ ଓ ସ୍ୱହସ୍ତରେ ସ୍ପର୍ଶ କରିଅଛୁ... ...।" (୧ମ ଯୋହନ ୧:୧) । ଖ୍ରୀଷ୍ଟ ଏକ କାଳ୍ପନିକ ବ୍ୟକ୍ତି ନୁହନ୍ତି । ଲୋକେ ତାହାଙ୍କୁ ଦେଖିଛନ୍ତି, ତାହାଙ୍କ ବାକ୍ୟ ଶୁଣି ଅଛନ୍ତି, ନିରୀକ୍ଷଣ କରି ସ୍ପର୍ଶ କରି ଅଛନ୍ତି । ଯାହାଙ୍କ ବାକ୍ୟ ଲୋକେ ଶୁଣିଅଛନ୍ତି, ଯାହାଙ୍କୁ ଦେଖି ଅଛନ୍ତି ଓ ଯାହାଙ୍କୁ ସ୍ପର୍ଶ କରି ଅଛନ୍ତି, ସେ କିପରି କାଳ୍ପନିକ ବ୍ୟକ୍ତି ହୋଇପାରିବେ ? ସେମାନଙ୍କ ସତ୍ୟ ସାକ୍ଷ୍ୟ ଅଗ୍ରାହ୍ୟ କରି ନ ପାରୁ । ଖ୍ରୀଷ୍ଟଙ୍କ ବିଷୟରେ ସତ୍ୟ ସାକ୍ଷ୍ୟ ଦେବା ନିମନ୍ତେ ସେମାନେ କୌଣସି ମତେ ଲାଭ, ନ ପାଇ ବରଂ ତାଡନା ଓ ମୃତ୍ୟୁଦଣ୍ଡ ପାଇଥିଲେ । କୌଣସି ଅସତ୍ୟ ବିଷୟକୁ ସମର୍ଥ କରି, କିଏ ବା କାହିଁକି ମୃତ୍ୟୁଦଣ୍ଡ ଭୋଗିବେ ? ବାଇବଲ ଯଦି ସତ୍ୟ ନୁହେଁ, ଗ୍ରାହ୍ୟଯୋଗ୍ୟ ଇତିହାସ ଆଉ କିଛି ନହିଁ ।

"ବିଦ୍ୟାହୀନ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନରୁ, ବିଭିନ୍ନ ସମୟରେ ଐଶ୍ୱରିକ ଶକ୍ତି ବିନୁ କିପରି ଏକଭାବାପନ୍ନ ପୁସ୍ତକ ରଚନା କରିପାରିବେ ? ସେମାନଙ୍କ ଲେଖନୀ ଦ୍ୱାରା ଆମ୍ଭମାନଙ୍କୁ ଠକିବାକୁ ସେମାନେ କାହିଁକି ଯୋଜନା କରିବେ ? ସେମାନେ ଅଗ୍ରାହ୍ୟ ହୋଇ, ତଡିତ ହୋଇ, ମୃତ୍ୟୁ ଭୋଗିଲେ ।

୨. ଛଷଠି ପୁସ୍ତକ ବିଶିଷ୍ଟ, ଉତ୍କୃଷ୍ଟତମ ପୁସ୍ତକ ଚାଳିଶି ଭକ୍ତମାନଙ୍କ ଦ୍ୱାରା, ଷୋଳଶହ ବର୍ଷ ସମୟାବଧିରେ ଅକସ୍ମାତ୍‌ରେ ଲିଖିତ ହୋଇ ନ ଥିଲା । ଏହି ଲେଖକମାନେ ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ବିଭିନ୍ନ କର୍ମ କରି, ବିଭିନ୍ନ ପ୍ରଥାବଲମ୍ବନ କରିଥିବା ଭକ୍ତଗଣ । ତେଣୁକରି ସମସ୍ତେ ମିଶି, ଅସତ୍ୟ ବିଷୟ ଲେଖିବା ଅସମ୍ଭବ । ବାଇବଲ ଏକଭାବାପନ୍ନ ବିଶିଷ୍ଟ ପୁସ୍ତକ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରସ୍ପର ବିରିଦ୍ଧ ବିଷୟ ଆମ୍ଭେମାନେ ପଢ଼ି ନପାରୁ । ଏହା କେବଳ ଏକ ମହତ୍ୱର ଶକ୍ତିର କାର୍ଯ୍ୟ । ଶତ ଶତ କାରିଗର ଆପଣା ଆପଣା ସ୍ୱଯୋଜନା ଦ୍ୱାରା ଏକ ବିରାଟ ଭବନ ବାନ୍ଧିବା ଯେପରି ଅସମ୍ଭବ, ଏକ ମହାଶକ୍ତି ବିନୁ ବାଇବଲ ଲିଖିତ ହେବା ସେହିପରି ଅସମ୍ଭବ ।

୩. ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ; ବିଭିନ୍ନ ସ୍ତରରେ ବ୍ୟକ୍ତିମାନେ ଏକ ଭାବାପନ୍ନ ପୁସ୍ତକ ଲେଖିବା, ଏହା ପ୍ରମାଣ କରେ ଯେ, ସେମାନେ, "... ...ଈଶ୍ୱର ପ୍ରେରିତ ମନୁଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ ।" (୨ ପିତର ୧:୨୧) ।

ଉଦାହରଣ ସ୍ୱରୂପ :– ମୋଶା, ମିସରୀୟ ବିଦ୍ୟାରେ ଶିକ୍ଷିତ ଏକ ମେଷପାଳକ ଓ ଏକ
ନେତା; ଯିହୋଶୂୟ ଏକ ସୈନିକ ଓ ଗୁପ୍ତଚର, ଏଜ୍ରା ଏକ ସୁଖ୍ୟାତି ପ୍ରାପ୍ତ ଶାସ୍ତ୍ରୀ ଓ ଏକ ଭକ୍ତ
ଯାଜକ, ନିହିମିୟ-ରାଜାଙ୍କ ନିକଟରେ ପାନପାତ୍ର ବାହକ, ଦାଉଦ–ମେଷ ପାଳକ, ସଂଗୀତଜ୍ଞ,
ଯୁଦ୍ଧ ବିଜେତା, ରାଜା, ଶଲୋମନ–ପୃଥିବୀ ଅତ୍ୟନ୍ତ ଜ୍ଞାନୀ ଓ ଶକ୍ତିମାନ ରାଜା, ଯିଶାଇୟ–ଏକ
ଭାବବାଦୀ, ଯିହିଜିକଲଂ–ନିର୍ବାସିତ ଯିହୂଦୀ, ଦାନିୟେଲ–ରାଜ ଦରବାରର ମନ୍ତ୍ରୀ, ଆମୋଷ–
ମେଷ ପାଳକ ଓ ଚାଷୀ, ମାଥିଉ–କରଗ୍ରାହୀ, ପିତର ଓ ଯୋହନ–ମସ୍ୟଜୀବୀ, (ଅଶିକ୍ଷିତ
ଅଜ୍ଞ ଲୋକ), ଲୂକ–ଏକ ବୈଦ୍ୟ, ପାଉଲ–ତମ୍ବୁ ନିର୍ମାଣକାରୀ ଓ ଗମୋଲୀୟ ପାଦ ତଳେ
ଶିକ୍ଷା କରିଥିବା ଏକ ଶାସ୍ତ୍ରବେତ୍ତା । ଈଶ୍ୱରଙ୍କ ଶକ୍ତି, ମଧୁଠାରୁ ସୁମିଷ୍ଟ, ଖଡ଼୍‌ଗ ଠାରୁ ତୀକ୍ଷଣ
ଅନ୍ୟମାନଙ୍କୁ ଆଲୋକିତ କରୁଥିବା ଆଲୋକ, ମହିମାର ଗୃହ ମହିମାମୟ ସ୍ୱର୍ଗର ଦ୍ୱାର
ରଚନା କରିପାରି ନ ଥାନ୍ତେ । ଏହା କେବଳ ପରମେଶ୍ୱରଙ୍କ କୃତକାର୍ଯ୍ୟ ।

୪. ଯଦି ବାଇବଲ ସତ୍ୟ ନୁହେଁ, ମନେ ହୁଏ ଜଗତରେ ସତ୍ୟଠାରୁ ଅସତ୍ୟର ମୂଲ୍ୟ
ଅଧିକ ! ଏହା ଯଦି ସତ୍ୟ ନୁହେଁ, ତାହା ହେଲେ ଅସତ୍ୟ, କିନ୍ତୁ ବାଇବଲର ପ୍ରଭାବ ଦ୍ୱାରା ଏହି
ଜଗତ ବହୁଳ ଭାବେ ଆଶୀର୍ବାଦ ପ୍ରାପ୍ତ ଅଟେ । ଏହାର ପ୍ରଭାବରେ ମନୁଷ୍ୟ ଜାତି ଅଭିବୃଦ୍ଧି
ପାଇଅଛି । ଏହାର ପ୍ରଭାବର ଦ୍ୱାରା ମନୁଷ୍ୟ ଆପଣା ପଥ ପରିଷ୍କୃତ କରେ । ଧାର୍ମିକ,
ଭ୍ରାତୃପ୍ରେମ, ସରଳ ଲୋକେ ବାଇବଲକୁ ସତ୍ୟ ରୂପେ ଗ୍ରହଣ କରି ଅଛନ୍ତି ବାଇବଲ ଯଦି
ଅସତ୍ୟ, ଏହି ଜଗତ ସତ୍ୟଠାରୁ ଅସତ୍ୟକୁ ଅଧିକ ଭାବେ ସ୍ୱୀକାର କରୁଅଛି ।

୫. ଯଦି ବାଇବଲ ସତ୍ୟ ନୁହେଁ, ପ୍ରକୃତି କାର୍ଯ୍ୟ କରିବା ବ୍ୟର୍ଥ । "ଏହି ଭୂମିରେ ଏକ
ବର୍ଗର ପ୍ରାଣୀ ଅଛନ୍ତି, ଯାହାର ନିମନ୍ତେ ଅନ୍ୟ ସମସ୍ତ ବର୍ଗର ଜୀବ ସୃଷ୍ଟି କରାଯାଇ ଅଛନ୍ତି ।
ମନୁଷ୍ୟହିଁ ସେହି ଜୀବି । ଯଦି ମନୁଷ୍ୟ ବିନାଶ ପାଏ, ସମସ୍ତ ବିନାଶ ପାଏ । ପ୍ରତିବର୍ଷ
ପନିପରିବା, ଫଳପୁଷ୍ପ, ବିଭିନ୍ନ ପ୍ରକାର ଫସଲ ପ୍ରଭୃତି ଉତ୍ପନ୍ନ ହୋଇ ପୁଣି ଥରେ ମାଟିରେ
ମିଶିଯିବ । ବିଭିନ୍ନ ପଶୁ ଜନ୍ମ, ବୃଦ୍ଧିପାଇ, ଏକ ଆରକକୁ ଭୋଜନ କରି ମୃତ୍ୟୁ ଭୋଗ କରିବେ
ସୂର୍ଯ୍ୟ ଉଦତି ହେବ, ଅସ୍ତ ହେବ । ଋତୁ ଆସିବ, ଋତୁଯିବ । ମନୁଷ୍ୟ ମଧ ତାହାର ଆହାର
ସଦୃଶ୍ୟ ବିଲୁପ୍ତ ହେବ ।

"ଏହି ସବୁର ପ୍ରତିଫଳ କଅଣ ? ବାଇବଲ ଯଦି ସତ୍ୟ ନୁହେଁ–ମନୁଷ୍ୟ ଯଦି ପୁନର୍ଜନ୍ମ
ନ ନିଏ ପ୍ରକୃତିର କାର୍ଯ୍ୟ ବ୍ୟର୍ଥ । ବାଇବଲ ଲିଖିତ ସୃଷ୍ଟିର ବିବରଣ, ମନୁଷ୍ୟର ପତନ,
ପୁନଃସ୍ଥାପନ ଇତ୍ୟାଦି ଯଦି ଅସତ୍ୟ, ତେବେ ଏହି ବିଶ୍ୱରେ ଏହି ଜଗତ ଅସ୍ତିତ୍ୱର କାରଣ
କଅଣ ?"–..... ବାଇବଲ ଯଦି ଅସତ୍ୟ, ମନୁଷ୍ୟର ଜୀବନ ଉଦ୍ଦେଶ୍ୟହୀନ ଓ ବିଫଳ ।

୬. ଅନ୍ୟ ପୁସ୍ତକରେ ନ ଥିବା ବାଇବଲର ବିଶେଷ ସୁଗୁଣ ହେଲା, ଏହା ଅଧିକାରଯୁକ୍ତ ଭାଷାରେ ଲିଖିତ ହୋଇ ଅଛି । "ସଦାପ୍ରଭୁ ଏହା କହନ୍ତି"–ଏହି ବଚନ ବାଇବଲରେ ଦୁଇ ହଜାର ଥର ଲିଖିତ ହୋଇଅଛି । ଏହା ପରମେଶ୍ୱରଙ୍କ ଠାରୁ ଆଗତ ବୋଲି ଦାବୀ କରେ । ମନୁଷ୍ୟ ଲିଖିତ ପୁସ୍ତକ ସନ୍ଦେହ ଓ ଅନିଶ୍ଚିତାରେ ପୂର୍ଣ୍ଣ । କିନ୍ତୁ ଈଶ୍ୱରଙ୍କ ବାକ୍ୟରେ ପୂର୍ଣ୍ଣ ଅଧିକାର ଓ ପୂର୍ଣ୍ଣ ନିଶ୍ଚୟତାରେ ଅତୀତ ଓ ଭବିଷ୍ୟତ ବିଷୟରେ କୁହାଯାଏ । ଏହା ମନୁଷ୍ୟମାନଙ୍କ ଲିଖିତ ପୁସ୍ତକ ନୁହେଁ ।

୭. ବାଇବଲରେ ମୁଖାପେକ୍ଷ ନାହିଁ, ତେଣୁକରି ଏହା ମନୁଷ୍ୟ ଲିଖିତ ପୁସ୍ତକ ଠାରୁ ଭିନ୍ନ ଅଟେ । ମନୁଷ୍ୟର ଉତ୍ତମତା ସଙ୍ଗେ ସଙ୍ଗେ ଦୁଷ୍ଟତା ବିଷୟରେ ମଧ୍ୟ ବାଇବଲରେ ଲିଖିତ ହୁଏ । ଉଦାହରଣ ସ୍ୱରୂପ ଦାଉଦ ଈଶ୍ୱରଙ୍କ "ହୃଦୟନିଯାୟୀ ବ୍ୟକ୍ତି" ବୋଲି କହିବା ସଙ୍ଗେ ସଙ୍ଗେ ସେ ଜଣେ ବ୍ୟଭିଚାରୀ ଓ ନରହତ୍ୟାକାରୀ ବୋଲି ମଧ୍ୟ କୁହାଯାଏ । ବନ୍ଧୁମାନଙ୍କ ବିଷୟରେ ଉତ୍ତମ ଓ ଶତ୍ରୁମାନଙ୍କ ବିଷୟରେ ମନ୍ଦ ଲେଖିବା ମନୁଷ୍ୟମାନଙ୍କ ଗୁଣ । କିନ୍ତୁ ଈଶ୍ୱରଙ୍କ ବାକ୍ୟରେ ମୁଖାପେକ୍ଷା ନାହିଁ । ମନୁଷ୍ୟମାନଙ୍କ ବିଷୟରେ କେବଳ ସତ୍ୟ ବିଷୟ ଏଠାରେ ଲେଖାଯାଏ । ଏହା ମନୁଷ୍ୟମାନଙ୍କ କାର୍ଯ୍ୟଠାରୁ କେତେ ଭିନ୍ନ !

୮. ବାଇବଲ ଈଶ୍ୱରଙ୍କଠାରୁ ଆଗତ ଏଟେ, କାରଣ ଏଥିରେ ଲିଖିତ ଭାବବାଣୀ ଗୁଡିକ ସଫଳ ହୋଇଅଛି । ଖ୍ରୀଷ୍ଟଙ୍କ ବିଷୟଙ୍କ କେତୋଟି ଭାବବାଣୀ ଓ ତାହାର ସଫଳତା :

୧) ଖ୍ରୀଷ୍ଟ , ଏକ କନ୍ୟାଙ୍କ ଗର୍ଭରୁ ଜାତ ହେବେ ବୋଲି ଭାବବାଣୀ ଦ୍ୱାରା ବ୍ୟକ୍ତ ହୋଇଥିଲା । (ଯିଶା ୭:୧୩-୧୪) ଏହାର ସଫଳତା (ଲୂକ ୧:୨୬-୨୭ରେ ପଢ଼ିଥାଉଁ ।)

୨) ଖ୍ରୀଷ୍ଟ, ବେଥିଲିହିମ ଗ୍ରାମରେ ଜନ୍ମ ଗ୍ରହଣ କରିବେ ବୋଲି ଭାବବାଣୀ ଦ୍ୱାରା ବ୍ୟକ୍ତ ହୋଇଥିଲା । (ମୀଖା ୫:୨) । ଏହାର ସଫଳତା ମାଥିଉ ୨:୧-୧୧ ପଦରେ ପଢ଼ିଥାଉଁ ।

୩) ଖ୍ରୀଷ୍ଟଙ୍କ ପଥ ପ୍ରସ୍ତୁତକାରୀ ବିଷୟରେ ଯିଶାଇୟ ୪୦:୩ ଓ ମଲାଖି ୩:୧-୨ ପଦରେ ପଢ଼ିଥାଉଁ । ତାହାର ସଫଳତା ଯୋହନ ୧:୨୨-୨୩, ମାର୍କ ୧:୧-୭ରେ ପଢ଼ିଥାଉଁ ।

୪) "ଗର୍ଦ୍ଦଭ ଶାବକ ଉପରେ ଆରୋହଣ କରି...।" ଖ୍ରୀଷ୍ଟ ଯିରୁଶାଲମରେ ପ୍ରବେଶ କରିବେ ବୋଲି ଯିଖରିୟ ୯:୯-୧୦ ପଦରେ ଲିଖିତ ହୋଇଅଛି । ଯାହାର ସଫଳତା ଆମ୍ଭେମାନେ ମାଥିଉ ୨:୧-୧୧ ପଦରେ ପଢ଼ିଥାଉଁ ।

୫) ଆପଣା ଅତି ନିକଟ ବନ୍ଧୁ ଖ୍ରୀଷ୍ଟଙ୍କ ବିଶ୍ୱାସଘାତ କରିବ ବୋଲି ଗୀତ ୪୧:୯ ପଦରେ ପଢ଼ିପାରୁ । ଏହାର ସଫଳତା ବିଷୟରେ ଇତିହାସ ସାକ୍ଷ୍ୟ ଦିଏ । (ମାର୍କ ୧୪:୪୩-୪୯) ।

୬) ତିରିଶି ରୌପ୍ୟ ମୁଦ୍ରା ନିମନ୍ତେ ବିଶ୍ୱାସଘାତ କରିବ ବୋଲି ଭାବବାଣୀ ବ୍ୟକ୍ତ ହୋଇଥିଲା । (ଜିଖରିୟ ୧୧:୧୨-୧୩) । ଯାହାର ସଫଳତା ଆମ୍ଭେମାନେ ମାଥିଉ ୨୭:୩-୧୦ ପଦରେ ପଢ଼ିପାଉଁ ।

୭) ଖ୍ରୀଷ୍ଟଙ୍କ ବିଷୟକ ଭାବବାଣୀ, "ମୁଁ ପ୍ରହାରକ ପ୍ରତି ଆପଣା ପିଠି, ଦାଢ଼ି ଉପାଡିବା ଲୋକମାନଙ୍କ ପ୍ରତି ଆପଣା ଗାଲ ପାତି ଦେଲି, ମୁଁ ଅପମାନ ଓ ଥୁଥୁରୁ ମୋହର ମୁହଁ ଲୁଚାଇଲି ନାହିଁ ।" (ଯିଶାଇୟ ୫୦:୬) । ଏହାର ସଫଳତା ଆମେ ଯୋହନ ୧୯:୧, ମାର୍କ ୧୪:୬୫; ମାଥିଉ ୨୭:୨୭-୩୧ ପଦମାନଙ୍କରେ ପଢ଼ିପାରୁଁ ।

୮) ସେ ନୀରବ ଭାବେ ଯାତନା ସହ୍ୟ କରିବେ ବୋଲି ଭାବବାଣୀ ଦ୍ୱାରା ବ୍ୟକ୍ତ ହୋଇଥିଲା । (ଯିଶାଇୟ ୫୩:୪-୭) । ଏହାର ସଫଳତା ମାର୍କ ୧୫:୨-୫ । ପଦରେ ପଢ଼ିଥାଉଁ ।

୯) "ସେମାନେ ଆପଣାମାନଙ୍କର ମଧ୍ୟରେ ମୋହର ବସ୍ତ୍ର ବିଭାଗ କରନ୍ତି ଓ ସେମାନେ ମୋ' ଉତ୍ତରୀୟ ବସ୍ତ୍ର ପାଇଁ ଗୁଲିବାଣ୍ଟ କରନ୍ତି ।" (ଗୀତ ୨୨:୧୮) । ଖ୍ରୀଷ୍ଟଙ୍କ ବିଷୟକ ଏହି ଭାବବାଣୀର ସଫଳତା ଆମ୍ଭେମାନେ ଯୋହନ ୧୯:୨୩-୨୪ ପଦରେ ପଢ଼ିପାରୁଁ ।

ଖ୍ରୀଷ୍ଟଙ୍କ ବିଷୟକ ଭାବବାଣୀ ଓ ତାହାର ସଫଳତା ବିଷୟରେ ଅନେକ ଦୃଷ୍ଟାନ୍ତ ଆମ୍ଭେମାନେ ପବିତ୍ର ବାଇବଲରେ ପଢ଼ିଥାଉଁ । ୧ମ ତୀମଥି ୪:୧-୩ ପଦରେ ଲିଖିତ ଭାବବାଣୀ ଏକ ଜ୍ୱଳନ୍ତ ଉଦାହରଣ । ପ୍ରେରିତ ପାଉଲ, ଲୋକେ ପଥଭ୍ରଷ୍ଟ ହୋଇ ସତ୍ୟ ପରିତ୍ୟାଗ କରି ବିବାହ ନିଷେଧ କରିବେ, ପୁଣି ବିବିଧ ଖାଦ୍ୟ ପଦାର୍ଥରୁ ପୃଥକ୍ ରହିବା ନିମନ୍ତେ ଶିକ୍ଷା ଦେବେ ବୋଲି ଭାବବାଣୀ ପ୍ରକଟ କରିଥିଲେ । ଏହି ଭାବବାଣୀ ରୋମାନ କାଥ୍‌ଲିକ୍ ମଣ୍ଡଳୀ ଦ୍ୱାରା ସଫଳ ହୋଇଅଛି । ସେମାନେ ବିବାହ, ନିର୍ଦ୍ଦିଷ୍ଟ ଦିନ ଓ ଋତୁରେ ମାଂସ ଖାଇବା ନିଷେଧ କରନ୍ତି । ପ୍ରେରିତ ପାଉଲ ଏହି ଭବିଷ୍ୟତ ବିଷୟ କିପରି ଜ୍ଞାତ ହେଲେ? ପବିତ୍ର ଆତ୍ମା ଦ୍ୱାରା ।

୯) ପୃଥିବୀର ଗୋଲାକାର ଆକୃତି, ବାଇବଲଙ୍କ ଦୈବିକ ସ୍ଥିତି ପ୍ରମାଣିତ କରେ । ଖ୍ରୀ:ଜ: ୧୫୪୩ରେ ପୃଥିବୀ ଗୋଲାକାର ଓ ତାହାର କକ୍ଷ ଚତୁର୍ଦ୍ଦିଗରେ ଘୂର୍ଣ୍ଣମାନ ହୁଏ ବୋଲି କର୍ପନିକେନ୍ ସିଦ୍ଧାନ୍ତ ଦ୍ୱାରା ପ୍ରମାଣିତ ହେଲା । କିନ୍ତୁ ଶତ ଶତ ଶତାବ୍ଦୀ ପୂର୍ବେ ଏହି ସତ୍ୟତା ଈଶ୍ୱର ବାକ୍ୟରେ ଲିଖିତ ହୋଇଅଛି । "ସେ ଶୂନ୍ୟ ଉପରେ ଉତ୍ତର–କେନ୍ଦ୍ର ପ୍ରସାରନ୍ତି ଓ ଅବସ୍ତୁ ଉପରେ ପୃଥିବୀ ଝୁଲାନ୍ତି ।" (ଆୟୁବ ୨୬:୭) । ପୃଥିବୀ ବିଷୟରେ ଏହାଠାରୁ ଅଧିକ ବର୍ଣ୍ଣନା କଅଣ ଦିଆଯାଇପାରେ ? ଯିଶାଇୟ ଭାବବାଣୀ କହିଲେ, "ସେ ଭୂମଣ୍ଡଳ (Circle) ଉପରେ ଉପବିଷ୍ଟ... ।" (ଯିଶାଇୟ ୪୦:୨୨) । ମନୁଷ୍ୟମାନେ ପୃଥିବୀକୁ ସମତଳ ଭୂମି (Flat) ବୋଲି ବିଶ୍ୱାସ କରୁଥିବା ସମୟରେ ଏହା ଗୋଲାକାର ବୋଲି ବାଇବଲରେ ଲିଖିତ ହୋଇଅଛି । ଏବେ ତାହା ମନୁଷ୍ୟମାନେ ପ୍ରମାଣିତ କରି ଅଛନ୍ତି । ଯୀଶୁଖ୍ରୀଷ୍ଟ ଆପଣା ଦ୍ୱିତୀୟ ଆଗମନ ବିଷୟରେ କହିଥିଲେ । ସେ ଦିନରେ ରାତିରେ ଆସିବେ । (ଲୂକ ୧୭:୩୧-୩୪) । ତାହାଙ୍କ ବିପକ୍ଷମାନେ ତାହା କିପରି ସମ୍ଭବପର ବୋଲି ବଚସା କରିଥିଲେ । ପୃଥିବୀ ଗୋଲାକାର ହେବାରୁ ଏକ ଭାଗରେ ଦିନ ବେଳେ, ଅନ୍ୟ ଭାଗରେ ରାତ୍ରି ହୁଏ ବୋଲି ଜାଣିବା ପରେ, ଯୀଶୁଙ୍କ ଏହି ବାକ୍ୟ ବୁଝିବା ସହଜକର ହୋଇଅଛି । ଯୀଶୁ ଦ୍ୱିତୀୟ ଆଗମନ ଦିନ ଓ ରାତିରେ ହେବ । ମନୁଷ୍ୟ ପୃଥିବୀର ଆକାର ଆବିଷ୍କାର କରିବା ଶତ ଶତ ବର୍ଷପୂର୍ବେ ଏବିଷୟରେ ବାଇବଲରେ ଲିଖିତ ହୋଇଅଛି । ଏହା କିପରି ସମ୍ଭବପର ହୋଇଅଛି ? ଏକମାତ୍ର ଉତ୍ତର:– ଲେଖକ ମହତ୍ତର ଶକ୍ତି ଦ୍ୱାରା ଚାଳିତ ହୋଇ ଲେଖିଥିଲେ ।

୧୦) ଐତିହାସିକ ଯୋସେଫ୍ ବାଇବଲର ସତ୍ୟତାରେ ସହମତ :- "ଏକ ସମୟରେ ଯୀଶୁ ନାମକ ଏକ ଜ୍ଞାନୀ ମନୁଷ୍ୟ, (ତାହାଙ୍କୁ ମନୁଷ୍ୟ ବୋଲି କହିବା ଉଚିତ୍ ହେଲେ ।) କାରଣ ସେ ଆଶ୍ଚର୍ଯ୍ୟ କର୍ମକାରୀ, ସନ୍ତୋଷରେ ଗ୍ରହଣକାରୀ ମାନଙ୍କ ନିମନ୍ତେ ସତ୍ୟର ଶିକ୍ଷକ । ଯିହୂଦୀ ଓ ଅଣଯିହୂଦୀମାନଙ୍କୁ ଆକର୍ଷଣ କରିଥିଲେ । ସେ ଖ୍ରୀଷ୍ଟ ଅଟନ୍ତି, ଆମ୍ଭମାନଙ୍କ ପ୍ରଧାନ ଓ ନେତାମାନଙ୍କ ମନ୍ତ୍ରଣାରେ ପିଲାତ କ୍ରୁଶୀୟ ମରଣରେ ଦଣ୍ଡିତ କଲେ ସୁଦ୍ଧା, ତାହାଙ୍କୁ ପ୍ରେମ କରିବା ଲୋକେ ତାହାଙ୍କୁ ପରିତ୍ୟାଗ କଲେ ନାହିଁ କାରଣ ତୃତୀୟ ଦିନରେ ସେ ସେମାନଙ୍କୁ ଆପଣାକୁ ସଜୀବ ଦେଖାଇଲେ । ପବିତ୍ର ଭାବବାଦୀମାନେ ତାହାଙ୍କ ବିଷୟରେ ଦଶ ହଜାର ଭାବବାଣୀ ବ୍ୟକ୍ତ କରିଥିଲେ । ତାହାଙ୍କ ଅନୁଗତ ତାହାଙ୍କ ନାମରେ ଖ୍ୟାତ ଖ୍ରୀଷ୍ଟିୟାନମାନେ ଏବେ ପର୍ଯ୍ୟନ୍ତ ବିଲୁପ୍ତ ହୋଇନାହାନ୍ତି ।" (Book 18, Chapter 3)

ଏହି ପ୍ରଖ୍ୟାତ ଐତିହାସିକ ଖ୍ରୀ:ଜ: ୩୭ ମସିହାରୁ ୧୦୦ ମସିହା ପର୍ଯ୍ୟନ୍ତ ଏହି ଧାରାରେ ଜୀବନଯାପନ କରିଥିଲେ । ଖ୍ରୀଷ୍ଟଙ୍କ ବିଷୟକ ଦାବୀ ପରୀକ୍ଷା କରିବାକୁ ତାହାଙ୍କୁ ସୁଯୋଗ ଲବ୍ଧ ଥିଲା । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ନ ଥିବାରୁ ଖ୍ରୀଷ୍ଟଧର୍ମର ଦାବୀ ସ୍ଥାପନ

କରିବା ତାହାଙ୍କ ଉଦ୍ଦେଶ୍ୟ ନ ଥିଲା । ସେ ଜଣେ ଐତିହାସିକ ଥିଲେ ଓ ଇତିହାସର ସତ୍ୟତା ସେ ଆପଣା ଲେଖନରେ ବର୍ଣ୍ଣନା କରନ୍ତି । ଯୋସେଫ୍‌ଙ୍କ ଅନୁଯାୟୀ, ଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିଥିଲେ "ସେ ଜଣେ ଜ୍ଞାନୀ ମନୁଷ୍ୟ (ଯଦି ତାହାଙ୍କୁ ମନୁଷ୍ୟଭାବେ ପରିଗଣିତ କରାଯାଏ । ସେ ଆଶ୍ଚର୍ଯକର୍ମ ସାଧନ କଲେ, ପିଲାତ ତାହାଙ୍କୁ କ୍ରୁଶୀୟ ମୃତ୍ୟୁରେ ଦଣ୍ଡିତ କଲେ, ଏବଂ ସେ ତୃତୀୟ ଦିନରେ ମୃତ୍ୟୁକୁ ଜୟ କରି ପୁନଃରୁତ୍ଥିତ ହେଲେ । ସେ ଆପଣା ଶିଷ୍ୟମାନଙ୍କୁ ଦର୍ଶନ ଦେଲେ ।" ପୁରାତନ, ଅଣଖ୍ରୀଷ୍ଟିୟାନ ଐତିହାସିକଙ୍କ ଲେଖନ, ନୂତନ ନିୟମରେ ଦାବୀ ସମର୍ଥନ କରେ ।

ପ୍ରଥମ ଶତାବ୍ଦୀର ଏକ ଇତିହାସିକ Gains Cornelius Tacticus ଏବଂ "Pliny, the Younger" (6240-114 AD)ର ନାମକ ଅନ୍ୟଏକ ପୁରାତନ ଇତିହାସକ ଏବଂ ବାଇବଲର ସତ୍ୟତାକୁ ସମର୍ଥନ କରନ୍ତି ।

୧୧) ଆମ୍ଭେ ବାଇବଲର ବାକ୍ୟକୁ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରୁ–କାରଣ କୌଣସି ମନୁଷ୍ୟ ଏହି ବାକ୍ୟକୁ ଅଭିବୃଦ୍ଧି କରି ପାରେନାହିଁ । ମନୁଷ୍ୟର କାର୍ଯ୍ୟକୁ ଅଭିବୃଦ୍ଧି କରାଯାଇ ପାରେ । ବିଜ୍ଞାନ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ମନୁଷ୍ୟ ଅନେକ ଅଭିବୃଦ୍ଧି ପ୍ରାପ୍ତ କରିଅଛି । ପୁରାତନ ପୁସ୍ତକର ପରିବର୍ତ୍ତେ ନୂତନ ପୁସ୍ତକ ସ୍ଥାନ ପାଇଅଛି , କିନ୍ତୁ ୨୦୦୦ ବର୍ଷପୂର୍ବେ ଲିଖିତ ପୁସ୍ତକ ବର୍ତ୍ତମାନ ସୁଦ୍ଧା ପୃଥିବୀରେ ଅଧିକ ସଂଖ୍ୟାରେ ବିକ୍ରିତ ପୁସ୍ତକ । ଏହା ପ୍ରତ୍ୟେକଙ୍କ ଗୃହରେ ସ୍ଥାନ ପାଇଅଛି ଓ ଅୟୁତ ଅୟୁତ ଲୋକଙ୍କ ଓଠ ଦ୍ୱାରା ସ୍ୱୀକୃତ ହୋଇଅଛି । "ଅନେକେ ଏହାର ବିନାଶ ଚାହିଁଲେ, ଅନେକ ଯିହୂଦା ପରି ଏହାକୁ ଏକ ଚୁମ୍ବନ ଦ୍ୱାରା ବିଶ୍ୱାସଘାତ କଲେ, ଅନେକ ପିତର ସଦୃଶ୍ୟ ଏହାକୁ ଅସ୍ୱୀକାର କଲେ, ଅନେକେ ସୀମା ସଦୃଶ୍ୟ ପରିତ୍ୟାଗ କଲେ କିନ୍ତୁ ଈଶ୍ୱରଙ୍କ ବାକ୍ୟ ଅନନ୍ତକାଳସ୍ଥାୟୀ ।" କୌଣସି ମନୁଷ୍ୟ ବାଇବଲର ବାକ୍ୟ ଅଭିବୃଦ୍ଧି କରି ଉତ୍ତମତର ବାଇବଲ ଦେଇ ପାରେନାହିଁ । ଏହା କି ଆଶ୍ଚର୍ଯ୍ୟମୟ ବିଷୟ ? କଦାପି ନୁହେଁ-କାରଣ ବାଇବଲ ଦୈବିକ ଲେଖକ ଦ୍ୱାରା ଲିଖିତ ।

❖❖❖

## ଦଶମ-କାରଣ

# ଏହା ବାଇବଲ ଉପଯୁକ୍ତଭାବେ ବିଭାଜିତ କରିବା ଆବଶ୍ୟକ ବୋଲି ବିଶ୍ୱାସ କରେ

**(It believes the Bible is a book to be rightly Devided)**

### ୧. ପରିଚୟ :

ପ୍ରେରିତ ପାଉଲ ଯୁବକ ତୀମଥିକୁ ଆଜ୍ଞା ଦେଇ କହିଲେ, "ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।" (୨ୟ ତୀମଥି ୨:୧୫) । ଅନେକ ପ୍ରଚାରକ, ଶିକ୍ଷକମାନଙ୍କର ଈଶ୍ୱରଙ୍କ ବାକ୍ୟ ବିଷୟରେ ସଂପୂର୍ଣ୍ଣ ଜ୍ଞାନ ନ ଥିବା ସତ୍ତ୍ୱେ ଶିକ୍ଷା ଦିଅନ୍ତି । ସ୍ୱର୍ଗୀୟ ବାର୍ତ୍ତାକୁ ଯଥାର୍ଥରୂପେ ବିଭାଜିତ କରି, ଯଥାର୍ଥରୂପେ ବ୍ୟବହାର କରିବା ସେମାନେ ଜାଣନ୍ତି ନାହିଁ । ଖ୍ରୀଷ୍ଟଙ୍କ ଠାରେ ମନପରିବର୍ତ୍ତନ ବିଷୟ "ପ୍ରେରିତମାନଙ୍କ କାର୍ଯ୍ୟାବଳୀ"ରୁ ଶିକ୍ଷା ନ ଦେଇ ଗୀତ ସଂହିତାରୁ ଶିକ୍ଷା ଦିଅନ୍ତି ।

### ୨. ପୁସ୍ତକ ଗୁଡିକର ବିଭାଜନ :

୧. ବାଇବଲ ପୁସ୍ତକ ଗୁଡିକକୁ ଯଥାର୍ଥଭାବେ ବିଭକ୍ତ କଲେ, ଲିଖିତ ବାକ୍ୟ ବୁଝିବା ସହଜମୟ ହେବ । ବାଇବଲ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ । (କ) ପୁରାତନ ନିୟମ, (ଖ) ନୂତନ ନିୟମ । ପୁରାତନ ନିୟମ ଅଣଚାଳିଶି ପୁସ୍ତକ ବିଶିଷ୍ଟ ଓ ନୂତନ ନିୟମ ସତେଇଶି ପୁସ୍ତକ ବିଶିଷ୍ଟ ଅଟେ ।

୨. ବ୍ୟବସ୍ଥା, ଇତିହାସ, ପଦ୍ୟ ଓ ଭାବବାଣୀର ପୁସ୍ତକ ଗୁଡିକ ପୁରାତନ ନିୟମରେ ଅନ୍ତର୍ଭୁକ୍ତ । ବାଇବଲର ପ୍ରଥମ ପାଞ୍ଚଟି ପୁସ୍ତକରେ 'ମୋଶାଙ୍କ ପୁସ୍ତକ' ଲିଖିତ ହୋଇଥିବାରୁ ଏହି ବିଭାଗକୁ 'ବ୍ୟବସ୍ଥା' ବିଭାଗ ବୋଲି କୁହାଯାଏ । ତତ୍ପର ବାରଟି ପୁସ୍ତକ ଗୁଡିକ ଇତିହାସର ପୁସ୍ତକ ଗୁଡିକ । ଛଅଟି ପଦ୍ୟର ପୁସ୍ତକ ସେ ଗୁଡିକ ହେଲା–ଆୟୁବ, କୀର୍ତ୍ତନ, ହିତୋପଦେଶ, ଉପଦେଶ, ପରମ ଗୀତ ଓ ବିଳାପ ବାକ୍ୟ । ପୁରାତନ ନିୟମର ଅନ୍ୟ ଷୋହଳ ପୁସ୍ତକ ଭାବବାଣୀର ପୁସ୍ତକ ।

୩. ସୁସମାଚାର, ପରିବର୍ତ୍ତନର ଇତିହାସ, ପତ୍ରମାଳା ଓ ଭାବବାଣୀର ପୁସ୍ତକ ଗୁଡ଼ିକ୍କ ନୂତନ ନିୟମର ଅନ୍ତର୍ଭୁକ୍ତ । ନୂତନ ନିୟମର ପ୍ରଥମ ଚାରି ପୁସ୍ତକ 'ସୁମାଚାର'ର ପୁସ୍ତକ । "ପ୍ରେରିତମାନଙ୍କ କାର୍ଯ୍ୟବଳୀର" ପୁସ୍ତକରେ ମନପରିବର୍ତ୍ତନର ଘଟଣା ଗୁଡ଼ିକର ଇତିହାସ । ତତ୍ପର ଏକୋଇଶି ପୁସ୍ତକ ମଣ୍ଡଳୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଲେଖିଥିବା ପତ୍ରମାଳା । ପ୍ରକାଶିତ ବାକ୍ୟ, ଏକ ଭାବବାଣୀ ପୁସ୍ତକ ।

## ୩. ଯୁଗର ବିଭାଜନ :

ବାଇବଲରେ ଲିଖିତ ଇତିହାସକୁ ତିନୋଟି ଭାଗରେ ବିଭକ୍ତ କରାଯାଏ । (୧) କୁଳପତିମାନଙ୍କ ଯୁଗ, (୨) ଯିହୂଦୀୟ ଯୁଗ, (୩) ଖ୍ରୀଷ୍ଟିୟାନ ଯୁଗ ।

## କୁଳପତିମାନଙ୍କ ଯୁଗ :-

୧. (Patriachal Dispensation) :- ଏହି ନାମ, କୁଳର ବା ଗୋଷ୍ଠୀର ମୁଖ୍ୟ ନାମରୁ ଆନୀତ । Partiach ଅର୍ଥାତ୍ ପରିବାର ପିତା ବା ମୁଖ୍ୟ । ଏହି ନିୟମ ସମୟାବଧିରେ ପିତାମାନେ ଭାବବାଦୀ, ଯାଜକ ଓ ଶାସନକର୍ତ୍ତା ଥିଲେ । ପରିବାରର ଧାର୍ମିକ, ସାମାଜିକ, ରାଜନୈତିକ ବିଷୟ ଗୁଡ଼ିକର ତତ୍ତ୍ୱ ନେଉଥିଲେ । ସଦାପ୍ରଭୁ ପରିବାରର ମୁଖ୍ୟ ବ୍ୟକ୍ତିଙ୍କର ମାଧ୍ୟମରେ ପରିବାର ପ୍ରତ୍ୟେକ ସଭ୍ୟ ସହିତ କଥାବାର୍ତ୍ତା କରି ଶାସନ ଜାରି କରୁଥିଲେ ।

୨. ଏହା ପାରିବାରିକ ଧାର୍ମିକ ବ୍ୟବସ୍ଥା । ପ୍ରତ୍ୟେକ ପରିବାର ଆପଣା ଆପଣା କାର୍ଯ୍ୟ ନିର୍ବାହ କରିବାରେ ସ୍ୱାଧୀନ ଥିଲେ । ଏକ ପରିବାରକୁ ଦିଆଯାଇଥିବା ଆଜ୍ଞା ଅନ୍ୟ ପରିବାର ପାଳନ କରିବା ଆବଶ୍ୟକ ନ ଥିଲା । ଉଦାହରଣ ସ୍ୱରୂପ :- ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ଏକ ଜାହାଜ ନିର୍ମାଣ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । ଅନ୍ୟମାନେ ଏହି ଆଜ୍ଞା ପାଳନ କରିବା ଆବଶ୍ୟକ ନଥିଲା । ଅବ୍ରାହାମ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ବଳି ଦେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ଅନ୍ୟ କୌଣସି ପରିବାରର ମୁଖ୍ୟକୁ ଏହି ଆଜ୍ଞା ଦିଆଯାଇ ନ ଥିଲା ।

୩. ସେମାନଙ୍କ ନିମନ୍ତେ କୌଣସି ଲିଖିତ ଆଜ୍ଞା ନ ଥିଲା । ସଦାପ୍ରଭୁ ମୁଖାମୁଖି ଭାବେ ପରିବାରର ମୁଖ୍ୟ ସହିତ କଥାବାର୍ତ୍ତା କରୁଥିଲେ ।

୪. ଏହି ବ୍ୟବସ୍ଥାର ସମୟାପାରିଧି ପଚିଶି ଶହ ବର୍ଷ ଥିଲା । ଆଦମଙ୍କ ସମୟ ଠାରୁ ମୋଶା ସୀନୟ ପର୍ବତରୁ ବ୍ୟବସ୍ଥା ଦେବା ସମୟ ପର୍ଯ୍ୟନ୍ତ । ତତ୍ପର ସମୟରେ ଏହି ବ୍ୟବସ୍ଥା, ବିଜାତୀୟ ମାନଙ୍କ ନିମନ୍ତେ ପ୍ରଚଳିତ ହେଲା ।

## ୨. ଯିହୂଦୀୟ ଯୁଗ :-

୧. "ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ୍ କରିବା, ତୁମ୍ଭେ ଆଶୀର୍ବାଦର ଆକାର ହେବ ।" (ଆଦି ୧୨:୨) । ଅବ୍ରାହମଙ୍କୁ, ସଦାପ୍ରଭୁ କରିଥିବା ଆଶୀର୍ବାଦର ପ୍ରତିଜ୍ଞାରୁ ଏହି ବ୍ୟବସ୍ଥାର ଜନ୍ମ ହେଲା । ଏହି ପ୍ରତିଜ୍ଞା ଦତ୍ତ ହେବାର ଚାରିଶହ ତିରିଶି ବର୍ଷ ପରେ ଯିହୂଦୀୟ ବ୍ୟବସ୍ଥା (ମୋଶାଙ୍କ ବ୍ୟବସ୍ଥା)ର ସମୟ ଆରମ୍ଭ ହେଲା । (ଗାଲାତି ୩:୧୬-୧୭) । ଏହି ସମୟରେ ସଦାପ୍ରଭୁ ମୋଶାଙ୍କ ବ୍ୟବସ୍ଥା ଦ୍ୱାରା ଧାର୍ମିକତାରେ ଓ ରାଜନୈତିକତାରେ କଢ଼ାଇ ନେଇଥିଲେ ।

୨. ଯିହୂଦୀୟ ବ୍ୟବସ୍ଥା କିଅବା ମୋଶାଙ୍କ ବ୍ୟବସ୍ଥା ପ୍ରଥମ ଲିଖିତ ବ୍ୟବସ୍ଥା । ଅବ୍ରାହମଙ୍କ ବଂଶଧର ମାନେ, ମିସରର ଦାସତ୍ୱରୁ ମୁକ୍ତ ହୋଇ, ସୀନୟ ପର୍ବତ ପ୍ରାନ୍ତରରେ କଢ଼ାଇ ନିଆ ଯାଇଥିଲେ । ଏଠାରେ ସଦାପ୍ରଭୁ ତାହାଙ୍କ ସ୍ୱହସ୍ତରେ ଦୁଇ ପ୍ରସ୍ତର ଫଳକରେ 'ଦଶ ଆଜ୍ଞା' ଲେଖି, ଇଶ୍ରାଏଲ୍ ପ୍ରଜାମାନଙ୍କୁ ଦେଇଥିଲେ । ସେହି ଦିନଠାରୁ ମନୁଷ୍ୟମାନଙ୍କ ଧର୍ମାବଳୀ ଲିଖିତ ରୂପରେ ରହି ଆସୁଅଛି ।

୩. ପାରିବାରିକ ଆରାଧନା ପଦ୍ଧତି ଏବେ ବିସ୍ତାରିତ ହୋଇ ଜାତୀୟ ଆରାଧନା ପଦ୍ଧତିରେ ପରିଣତ ହେଲା । ଏକ ଗୋଷ୍ଠୀ ଶାସନ କରିବାରେ, ଏକ ଗୋଷ୍ଠୀ ଯାଜକତ୍ୱ କରିବାରେ ନିଯୁକ୍ତ ହେଲେ । ପିତା ଆପଣା ପରିବାର ଶାସନ କରିବା ସଦୃଶ୍ୟ, ଏକ ଗୋଷ୍ଠୀ ସଂପୂର୍ଣ୍ଣ ଜାତିକୁ ଶାସନ କରିବାକୁ ଏବଂ ଏକ ଗୋଷ୍ଠୀ ଯାଜକତ୍ୱ କରିବାକୁ ମନୋନୀତ ହେଲେ । ଇଶ୍ରାଏଲୀୟ ଜାତି ନିମନ୍ତେ ଏକ ବଳିପୀଠ ଓ ଏକ ମନ୍ଦିର ସ୍ଥାପନ ହେଲା ।

୪. ଯିହୂଦୀୟ ବ୍ୟବସ୍ଥାର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା, ଅବ୍ରାହାମଙ୍କ ବଂଶଧର ଠାରୁ ପ୍ରତିଜ୍ଞାତ ବୀଜ (ଖ୍ରୀଷ୍ଟଙ୍କ) ଆଗମନ ପର୍ଯ୍ୟନ୍ତ ଯିହୂଦା ବଂଶର ସଂରକ୍ଷଣ । (ଗାଲାତୀ ୩:୧୬-୧୯) । ଯିହୂଦୀୟ ଓ ବିଜାତିୟମାନଙ୍କ ମଧ୍ୟରେ ବିଚ୍ଛେଦ ପ୍ରାଚୀର ରୂପେ ମୋଶାଙ୍କ ବ୍ୟବସ୍ଥାଙ୍କୁ ବର୍ଣ୍ଣିତ କରାଯାଏ । (ଏଫିସୀ ୨:୧୪) । ମୋଶାଙ୍କ ବ୍ୟବସ୍ଥା "ଆଗାମୀ ଉତ୍ତମର ଛାୟା ସଦୃଶ୍ୟ" ବୋଲି ଏବ୍ରୀ ୧୦:୧ ପଦରେ ପଢ଼ିଥାଉଁ । ଅଧିକ ଗୌରବମୟ ବ୍ୟବସ୍ଥା ସ୍ଥାପନ ବିଷୟରେ ସୂଚାଇବା ନିମନ୍ତେ ଏହି ବ୍ୟବସ୍ଥା ପ୍ରଚଳିତ ହେଲା । ପାଉଲ କହନ୍ତି, "ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁମାନଙ୍କ ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା ନିମନ୍ତେ ସେହିସବୁ ଲେଖା ଯାଇଅଛି ।" (୧ମ କରିନ୍ଥୀ ୧୦:୧୧) । ପ୍ରାନ୍ତରରେ ଇଶ୍ରାଏଲୀୟମାନଙ୍କ ଭ୍ରମଣ, ନୂତନ ନିୟମର ଈଶ୍ୱରଙ୍କ ପ୍ରଜାମାନଙ୍କ ସ୍ୱରୂପ ଅଟେ । ସେ ସମୟରେ ସମାଗମ ତମ୍ବୁ ଓ ମନ୍ଦିର,

ନୂତନ ନିୟମରେ ମଣ୍ଡଳୀର ସ୍ୱରୂପ ଅଟେ । ପୁରାତନ ନିୟମର ବଳିପଶୁ, ନୂତନ ନିୟମର ଖ୍ରୀଷ୍ଟଙ୍କ ସ୍ୱରୂପ ଅଟେ ଯେ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାଙ୍କୁ ବଳିରୂପେ ସମର୍ପଣ କରିଥିଲେ । ଏହି ଦୁଇ ନିୟମର ପାର୍ଥକ୍ୟ ବୁଝାଇବା ନିମନ୍ତେ ପାଉଲ ହାଗର, ଇଶ୍ରାଏଲ, ସାରା, ଇସ୍ହାକଙ୍କ ଉଦାହରଣ ସ୍ୱରୂପ ନେଇ ଅଛନ୍ତି । ମୋଶା, ଆଗାମୀ ଖ୍ରୀଷ୍ଟଙ୍କ ସ୍ୱରୂପ । ଖ୍ରୀଷ୍ଟିୟାନ ଧର୍ମକୁ ଜାଣିବା ନିମନ୍ତେ, ନିଶ୍ଚିତଭାବେ ମୋଶାଙ୍କ ବ୍ୟବସ୍ଥା ବୁଝିବା ଆବଶ୍ୟକ ।

୬. ଖ୍ରୀଷ୍ଟଙ୍କ ନିକଟକୁ ଆସିବା ନିମନ୍ତେ, ମୋଶାଙ୍କ ବ୍ୟବସ୍ଥା ଆମ୍ଭମାନଙ୍କ ଶିକ୍ଷକ ସ୍ୱରୂପ ଥିଲା । ଖ୍ରୀଷ୍ଟଙ୍କୁ ଓ ତାହାଙ୍କ ସୁସମାଚାରକୁ ଗ୍ରହଣ କରିବା ନିମନ୍ତେ ଜଗତ ପ୍ରସ୍ତୁତ ନ ଥିଲା । ଖ୍ରୀଷ୍ଟଙ୍କ ଆଗମନ ପୂର୍ବେ ଏହି ଜଗତ ଶିକ୍ଷକ ଦ୍ୱାରା ଶିକ୍ଷିତ ହୋଇଥିଲା । ପ୍ରଥମ ନିୟମ ଦ୍ୱାରା ଶିକ୍ଷିତ ହୋଇ, ଜଗତ ନୂତନ ନିୟମ ନିମନ୍ତେ ପ୍ରସ୍ତୁତ ହେଲା ।

୭. ପ୍ରଥମ ନିୟମ ଦୋଷଯୁକ୍ତ ଥିଲା :–"କାରଣ ପ୍ରଥମ ନିୟମ ଯଦି ଦୋଷ ରହିତ ହୋଇଥାଆନ୍ତା, ତେବେ ଦ୍ୱିତୀୟ ନିୟମର କଥା ଉଠି ନଥାନ୍ତା ।" (ଏବ୍ରୀ ୮:୭) । ପୁରାତନ ନିୟମ ଦୁର୍ବଳ ଥିଲା । "ଯେଉଁ ଶରୀର ସକାଶେ ଦୁର୍ବଳ ହେବାରୁ ବ୍ୟବସ୍ଥା ଯାହା ସାଧନ କରି ପାରିଲା ନାହିଁ, ତାହା ଈଶ୍ୱର ଆପଣା ପୁତ୍ରଙ୍କୁ ପାପମୟ ଶରୀରର ସାଦୃଶ୍ୟରେ ପାପ ବିନାଶ ନିମନ୍ତେ ପ୍ରେରଣ କରି ଶରୀରେ ପାପକୁ ଦଣ୍ଡାଜ୍ଞା ଦେବା ଦ୍ୱାରା କଲେ ।" (ରୋମୀୟ ୮:୩) । ଏହି ଦୁର୍ବଳ ନିୟମ ପାପ ଓ ଅପରାଧକୁ ସଂପୂର୍ଣ୍ଣଭାବେ ମୁକ୍ତ କରିବାରେ ଅକ୍ଷମ ଥିଲା । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି,"କାରଣ ବ୍ୟବସ୍ଥା ଆଗାମୀ ଉତ୍ତମ ବିଷୟର ଛାୟାସ୍ୱରୂପ ହୋଇ ସେହିସବୁ ବିଷୟର ଅବିକଳ ପ୍ରତିମୂର୍ତ୍ତି ନ ହେବାରୁ ଯାଜକମାନଙ୍କର ବର୍ଷକୁ ବର୍ଷ ସର୍ବଦା ସେହି ଏକ ପ୍ରକାର ବଳି ଉତ୍ସର୍ଗ କରିବା ଦ୍ୱାରା ଉପବାସକମାନଙ୍କୁ କଦାପି ସିଦ୍ଧ କରି ପାରେନାହିଁ । ଯଦି କରିପାରି ଥାଆନ୍ତା, ତେବେ ଉପାସକମାନେ ଥରେ ଶୁଚୀକୃତ ହୋଇ ବିବେକରେ ଆଉ ପାପର ବୋଧ ନ ପାଇବାରୁ ସେହି ସବୁ ବଳିର ଉତ୍ସର୍ଗ କଅଣ ନିବୃତ୍ତ ହୋଇ ନ ଥାଆନ୍ତା ? କିନ୍ତୁ ସେହିସବୁ ବଳିରେ ବର୍ଷକୁ ବର୍ଷ ପାପ ସ୍ମରଣ କରାଯାଏ । କାରଣ ବୃଷ ଓ ଛାଗର ରକ୍ତ ଯେ ପାପହରଣ କରିବ ଏହା ଆସମ୍ଭବ ।" (ଏବ୍ରୀ ୧୦:୧-୪) ।

## ୩. ଖ୍ରୀଷ୍ଟୀୟ ଯୁଗ :-

୧. "... ଆଉ ତୁମ୍ଭଠାରୁ ପୃଥିବୀର ସମସ୍ତ ବଂଶ ଆଶୀର୍ବାଦ ପ୍ରାପ୍ତ ହେବେ ।" (ଆଦି ୧୨:୩), ଅବ୍ରାହାମଙ୍କ ପ୍ରତି ସଦାପ୍ରଭୁଙ୍କ ଏହି ପ୍ରତିଜ୍ଞା ଖ୍ରୀଷ୍ଟୀୟ ଯୁଗର ଆରମ୍ଭର କାରଣ । ଆଦି ୨୨:୧୮ ପଦରେ ମଧ୍ୟ ଏହି ପ୍ରତିଜ୍ଞାର ପୁନଃରାବୃତ୍ତି ପଢ଼ିପାରୁଁ । (ଗାଲାତୀ ୩:୧୬) । ପୃଥିବୀର ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ବଂଶ ଅବ୍ରାହାମଙ୍କ ବଂଶଜାତ ସନ୍ତାନ ଦ୍ୱାରା ଆଶୀର୍ବାଦ

ପ୍ରାପ୍ତ ହେବାର ଥିଲା । ଯେଉଁ ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ହତ ହେଲେ, ସେହି ଖ୍ରୀଷ୍ଟ ଉତ୍କୃଷ୍ଟତର ବ୍ୟବସ୍ଥାର ମଧ୍ୟସ୍ଥ ହୋଇ ଅଛନ୍ତି ।

୨. ଏହି ନୂତନ ବ୍ୟବସ୍ଥା ବିଷୟରେ ଭାବବାଣୀ ଯିରିମିୟ ଭାବବାଦୀ ପ୍ରକଟ କରିଥିଲେ । "ସଦାପ୍ରଭୁ କହନ୍ତି, ଦେଖ ଯେଉଁ ସମୟରେ ଆମ୍ଭେ ଇଶ୍ରାଏଲ ବଂଶ ଓ ଯିହୂଦା ବଂଶ ସହିତ ଏକ ନୂତନ–ନିୟମ ସ୍ଥାପନ କରିବା, ଏପରି ସମୟ ଆସୁଅଛି । ମିସର ଦେଶରୁ ସେମାନଙ୍କର ପିତୃ ପୁରୁଷଗଣକୁ ବାହାର କରି ଆଣିବା ନିମନ୍ତେ ଆମ୍ଭେ ସେମାନଙ୍କର ହସ୍ତ ଧରିବା ଦିନ ସେମାନଙ୍କ ସହିତ ଆମ୍ଭର କୃତ ନିୟମାନୁସାରେ ନୁହେଁ, ସଦାପ୍ରଭୁ କହନ୍ତି, ଆମ୍ଭେ ସେମାନଙ୍କ ସ୍ୱାମୀ ହେଲେ ହେଁ ସେମାନେ ଆମ୍ଭର ନିୟମ ଲଂଘନ କଲେ । ମାତ୍ର ସଦାପ୍ରଭୁ କହନ୍ତି, ସେହି ସକଳ ଦିନର ଉତ୍ତାରେ ଆମ୍ଭେ ଇଶ୍ରାଏଲ ବଂଶ ସହିତ ଏହି ନିୟମ ସ୍ଥିର କରିବା, ଆମ୍ଭେ ସେମାନଙ୍କ ଅନ୍ତରରେ ଆମ୍ଭର ବ୍ୟବସ୍ଥା ରଖିବା ଓ ସେମାନଙ୍କ ହୃଦୟରେ ଆମ୍ଭେ ତାହା ଲେଖିବା, ଆଉ ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା ଓ ସେମାନେ ଆମ୍ଭର ଲୋକ ହେବେ ।" (ଯିରିମିୟ ୩୧:୩୧-୩୩) । ନୂତନ ନିୟମକ ପ୍ରତିଜ୍ଞା ସଫଳ ହୋଇଅଛି ବୋଲି ଏବ୍ରୀ ୮:୬-୧୩ ପଦରେ ପଢ଼ିପାରୁଁ । ସଦାପ୍ରଭୁ ଆମ୍ଭମାନଙ୍କ ଏକ ନୂତନ ବ୍ୟବସ୍ଥା ଦେଇ ଅଛନ୍ତି, ଆମ୍ଭେମାନେ ସେହି ବ୍ୟବସ୍ଥାଧିନ ଅଟୁଁ ।

୩. ଯାଜକତ୍ୱର ପରିବର୍ତ୍ତନ ହେବାରୁ ବ୍ୟବସ୍ଥାର ପରିବର୍ତ୍ତନ ଆବଶ୍ୟକ ହେଲା । "କାରଣ ଯାଜକତ୍ୱ ଯଦି ପରିବର୍ତ୍ତିତ ହୁଏ । ତେବେ ବ୍ୟବସ୍ଥାର ମଧ ଅବଶ୍ୟ ପରିବର୍ତ୍ତନ ଘଟେ ।" (ଏବ୍ରୀ ୧:୧୨) । ନୂତନ ନିୟମାନୁଯାୟୀ ଯୀଶୁଖ୍ରୀଷ୍ଟ ପ୍ରଧାନ ଯାଜକ ଅଟନ୍ତି । (ଏବ୍ରୀ ୯:୧୧) । ପ୍ରତ୍ୟେକ ଖ୍ରୀଷ୍ଟିୟାନମାନେ ଯାଜକ ଅଟନ୍ତି । (୨ୟ ପିତର ୨:୫) । ଅତଏବ ଆମ୍ଭେମାନେ ଯିହୂଦୀୟ ବ୍ୟବସ୍ଥାଧିନ୍ ନୋହୁଁ, କିନ୍ତୁ ନୂତନ ବ୍ୟବସ୍ଥାଧିନ ଅଟୁଁ ।

୪. "... ଦ୍ୱିତୀୟଟି ସ୍ଥାପନ କରିବା ନିମନ୍ତେ ସେ ପ୍ରଥମଟି ଲୋପ କରନ୍ତି ।" (ଏବ୍ରୀ ୧୦:୯) । ଖ୍ରୀଷ୍ଟଙ୍କର ଏହି ଜଗତରେ ଅବତରଣ କରିବାର ମୁଖ୍ୟ ଉଦ୍ଦେଶ୍ୟ ପୁରାତନ ନିୟମ ସଫଳ କରି ଲୋପ କରି, ନୂତନ ନିୟମ ସ୍ଥାପନ କରିବା ।

୫. କ୍ରୁଶରେ ହତ ହୋଇ ଆମ୍ଭମାନଙ୍କ ବିରୁଦ୍ଧରେ ଥିବା ଅଭିଯୋଗ ପତ୍ରକୁ ସେ ଲୋପ କରିଅଛନ୍ତି । "ପୁଣି, ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର, କରି ଦେଇ ଅଛନ୍ତି ।" (କଲସୀ ୨:୧୪) । ଖ୍ରୀଷ୍ଟ ମୋଶାଙ୍କ ବ୍ୟବସ୍ଥାର ଯୁଗରେ ଜନ୍ମ ଗ୍ରହଣକରି, ମୋଶାଙ୍କ ବ୍ୟବସ୍ଥାଧୀନ ହୋଇ ଜୀବନଯାପନ କଲେ ଓ ମୋଶାଙ୍କ ବ୍ୟବସ୍ଥା ସଫଳ କରିଥିଲେ ।

(ମାଥିଉ ୫:୧୭) । ପୁରାତନ ନିୟମ ସମୟରେ ଖ୍ରୀଷ୍ଟ ଜୀବନଯାପନ କଲେ ଓ ମୃତ୍ୟୁ ଭୋଗିଲେ । ଯୀଶୁଖ୍ରୀଷ୍ଟ ମରଣପରେ ନୂତନ ନିୟମର ସମୟ ଆରମ୍ଭ ହେଲା ।

ଯୀଶୁଖ୍ରୀଷ୍ଟଙ୍କ ମରଣପୂର୍ବେ ନୂତନ ନିୟମ ପ୍ରଚଳିତ ନଥିଲା । "କାରଣ ଉଇଲ୍ କରାଯାଇଥିଲେ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣ ଆବଶ୍ୟକ । ଯେଣୁ ମୃତ୍ୟୁ ଘଟିଲେ ଉଇଲ୍ ବଳବତ୍ ହୁଏ, କାରଣ ଉଇଲ୍ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ ତାହା କଦାପି କାର୍ଯ୍ୟକାରୀ ହୁଏ ନାହିଁ ।" (ଏବ୍ରୀ ୯:୧୬-୧୭) । ଏହା ଏହି ଜଗତର ନିୟମ । ଉଇଲ୍ କର୍ତ୍ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଉଇଲ୍ ବଳବତ୍ ହୁଏ ନାହିଁ । ପ୍ରେରିତ ପାଉଲ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କ ନିୟମ ମଧ୍ୟ ଠିକ୍ ଉଇଲ୍ ସଦୃଶ୍ୟ ବୋଲି ଆପଣା ପତ୍ରରେ ବର୍ଣ୍ଣନା କରନ୍ତି । (କଲସୀ ୨:୧୪) । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁପରେ ତାହାଙ୍କ ନିୟମ ପ୍ରଚଳନ ହେବାରେ ଆରମ୍ଭ ହେଲା ।

୭. ନୂତନ ନିୟମ ଜଗତରେ ପ୍ରତ୍ୟେକ ଗୋଷ୍ଠୀ ନିମନ୍ତେ ଦତ୍ତ ହୋଇଅଛି । "ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହି ସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର.. ..।"(ମାଥିଉ ୨୮:୧୯) । "ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମସ୍ତ ଜଗତକୁ ଯାଇ ସମସ୍ତ ଜାତି ନିକଟରେ ସୁସମାଚାର ଘୋଷଣା କର ।" (ମାର୍କ ୧୬:୧୫) । ବିଜାତିୟ ଓ ଯିହୂଦୀୟମାନଙ୍କ ମଧ୍ୟରେ ଥିବା ପ୍ରାଚୀର ଭଗ୍ନ ହୋଇ ଅଛି । (ଏଫିସୀ ୨:୧୪) । ଦୁହେଁ ଏକ ଶରୀର ହେବା ନିମନ୍ତେ ଆହୂତ ହୋଇଛନ୍ତି । (ଏଫିସୀ ୨:୧୬) । ଏହି ଶରୀର, ମଣ୍ଡଳୀ ଅଟେ । ଅତଏବ "ଯିହୂଦୀ କି ଗ୍ରୀକ୍ ଦାସ କି ସ୍ୱାଧୀନ ପୁରୁଷ କି ସ୍ତ୍ରୀ, ତୁମ୍ଭମାନଙ୍କ ମଧ୍ୟରେ ଏକ ।" (ଗାଲାତୀ ୩:୨୮) ।

୮. ଖ୍ରୀଷ୍ଟୀୟ ଯୁଗରେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଆବଶ୍ୟକ । ମୋଶା ଭାବବାଣୀ ପ୍ରକଟ କରି କହିଥିଲେ, "ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ନିମନ୍ତେ ତୁମ୍ଭ ଭିତରୁ ତୁମ୍ଭ ଭାଇମାନଙ୍କ ମଧ୍ୟରୁ ଆମ୍ଭର ସଦୃଶ୍ୟ ଏକ ଭବିଷ୍ୟତ୍‌ବକ୍ତା ଉତ୍ପନ୍ନ କରିବେ, ତୁମ୍ଭେମାନେ ତାହାଙ୍କ ବାକ୍ୟରେ କର୍ଣ୍ଣପାତ କରିବେ ।" (ଦ୍ୱି:ବ-୧୮:୧୫) । ମୋଶାଙ୍କ ଏହି ଭାବବାଣୀ ସଫଳ ହୋଇଅଛି ବୋଲି ପିତର, ପେଣ୍ଟିକଷ୍ଟ ଦିନରେ ପ୍ରଚାର କରିଥିଲେ । "ମୋଶା ତ କହିଥିଲେ, ପ୍ରଭୁ ଈଶ୍ୱର ତୁମ୍ଭମାନଙ୍କ ଭ୍ରାତୃଗଣ ମଧ୍ୟରୁ ତୁମ୍ଭମାନଙ୍କ ନିମନ୍ତେ ମୋହର ସଦୃଶ୍ୟ ଜଣେ ଭାବବାଦୀଙ୍କୁ ଉତ୍ପନ୍ନ କରିବେ, ଯେଉଁ ଯେଉଁ ବିଷୟରେ ସେ ତୁମ୍ଭମାନଙ୍କୁ କହିବେ, ସେହି ସବୁ ବିଷୟରେ ତୁମ୍ଭେମାନେ ତାହାଙ୍କ କଥା ଶୁଣିବ । କିନ୍ତୁ ଏପରି ଘଟିବ ଯେ, ଯେଉଁ ପ୍ରାଣୀ ସେହି ଭାବବାଦୀମାନଙ୍କ କଥା ଶୁଣିବ ନାହିଁ, ସେ ଲୋକମାନଙ୍କ ମଧ୍ୟରୁ ଉଚ୍ଛିନ୍ନ ହେବ ।"

(ପ୍ରେରିତ ୩:୨୨, ୨୩) । ଏହି ବିଷୟ ଯୀଶୁଖ୍ରୀଷ୍ଟ ପର୍ବତ ଉପରେ ରୂପାନ୍ତରିତ ହେବା ସମୟରେ ଦୃଢ଼ୀକରଣ କରାଯାଇଥିଲା । ଯୀଶୁଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ ମୋଶା ଓ ଏଲିୟ ଦର୍ଶନ ଦେଇଥିଲେ । ପିତର ସେଠାରେ ତିନିଜଣ ପାଇଁ ତିନୋଟି ପତ୍ର କୁଟୀର ନିର୍ମାଣ କରିବାକୁ ଇଚ୍ଛା କରିବାରୁ, ପିତା ପରମେଶ୍ୱର କହିଲେ, ".. ..ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ଏହାଙ୍କ ବାକ୍ୟ ସ୍ମରଣ କର ।" (ମାଥିଉ ୧୭:୫) । ଅର୍ଥାତ୍ ବର୍ତ୍ତମାନ ପର୍ଯ୍ୟନ୍ତ ତୁମ୍ଭେମାନେ ମୋଶା ଓ ଏଲିୟଙ୍କ ବାକ୍ୟ ଶୁଣିଲ, ଏବେ ମୋହର ପ୍ରିୟପୁତ୍ରଙ୍କ ବାକ୍ୟ ଶ୍ରବଣ କର । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ଈଶ୍ୱର ପୁରାକାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ ।" (ଏବ୍ରୀ ୧:୧-୨) ।

## ୪. ଦୁଇ ନିୟମର ତୁଳନା :

ପ୍ରଥମ ନିୟମ (ଏବ୍ରୀ ୧୦:୯)

୧. ପୁରାତନ ନିୟମ । (୨ୟ କରିନ୍ଥୀ ୩:୪) ।
୨. ପ୍ରଥମ ନିୟମ ଲୋପ ପାଇଲା । (ଏବ୍ରୀ ୧୦:୯)
୩. ଭାବବାଦୀ ଦ୍ୱାରା ଦତ୍ତ ହେଲା । (ଏବ୍ରୀ ୧:୧-୨)
୪. ଯିହୂଦୀମାନଙ୍କ ନିମନ୍ତେ ଦତ୍ତ ହୋଇଥିଲା । (ଆଦି ୧୭:୧୩)
୫. ପଥର ଉପରେ ଲିଖିତ ଥିଲା । (୨ୟ କରିନ୍ଥୀ ୩:୭)
୬. ଉତ୍ତମ ବିଷୟର ଛାୟା । (ଏବ୍ରୀ ୧୦:୧)
୭. ବାରମ୍ବାର ବଳିଦାନ ଦେବା ଆବଶ୍ୟକ ଥିଲା । (ଏବ୍ରୀ ୧୦:୧)
୮. ପଶୁର ରକ୍ତ । (ଏବ୍ରୀ ୧୦:୧-୪) ।
୯. ମୃତ ବଳିଦାନ । (୧୦:୧-୪) ।
୧୦. ବର୍ଷକୁ ବର୍ଷ ପାପ ସ୍ମରଣ କରାଯାଏ । (ଏବ୍ରୀ ୧୦:୩) ।
୧୧. କୌଣସି ବିଷୟ ସିଦ୍ଧ କରିପାରି ନଥିଲା । (୯:୧୯) ।
୧୨. ଶାରିରୀକ ସୁନ୍ନତ । (ଆଦି ୧୭:୯-୧୧) ।
୧୩. ଦଣ୍ଡାଜ୍ଞାର ସେବା କାର୍ଯ୍ୟ । (କରିନ୍ଥୀ ୩:୯) ।
୧୪. ଲେବୀୟ ଯାଜକ । (ଏବ୍ରୀ ୭:୧୧) ଇ
୧୫. ପୁରାତନ ଯାଜକତ୍ୱ ଓ ନିୟମ । (ଏବ୍ରୀ ୭:୧୨) ।

୧୬. ଦୋଷାମୁକ୍ତ ନ ଥିଲା । (ଏବ୍ରୀ ୮:୭) ।

୧୭. ଲୋପ ହେଲା । (୨:୧୪) ।

## ଦ୍ୱିତୀୟ ନିୟମ (ଏବ୍ରୀ ୧୦:୯) ।

୧. ନୂତନ ନିୟମ (ଏବ୍ରୀ ୧୦:୯) ।

୨. ଦ୍ୱିତୀୟ ନିୟମ ସ୍ଥାପିତ ହେଲା । (ଏବ୍ରୀ ୧୦:୯) ।

୩. ଖ୍ରୀଷ୍ଟଙ୍କ ଦ୍ୱାରା ଦତ୍ତ ହେଲା । (ଏବ୍ରୀ ୧:୧-୨) ।

୪. ସମସ୍ତ ଜାତି ନିମନ୍ତେ ଦତ୍ତ ହେଇଅଛି । (ମାର୍କ ୧୬:୧୫-୧୬) ।

୫. ମନୁଷ୍ୟମାନଙ୍କ ହୃଦୟରେ ଲିଖିତ ହେଲା । (୨ୟ କରିନ୍ଥୀ ୩:୩) ।

୬. ଉତ୍ତମ ଓ ସତ୍ୟ ବିଷୟ । (ଏବ୍ରୀ ୮:୧-୨) ।

୭. ଖ୍ରୀଷ୍ଟ ଏକାଥରେ ବଳୀକୃତ ହେଲେ । (ଏବ୍ରୀ ୭:୨୭) ।

୮. ଖ୍ରୀଷ୍ଟଙ୍କ ରକ୍ତ । (ଏବ୍ରୀ ୯:୧୪) ।

୯. ମନୁଷ୍ୟ ଶରୀରର ସଜୀବ ବଳିଦାନ । (ରୋମୀୟ ୧୨:୧-୧୨) ।

୧୦. ପାପ ବିସ୍ମୃତ ହୁଏ । (ଏବ୍ରୀ ୮:୧୨) ।

୧୧. ଖ୍ରୀଷ୍ଟଙ୍କ ଠାରେ ସଂପୂର୍ଣ୍ଣତା । (କଲସୀ ୧:୨୮) ।

୧୨. ହୃଦୟର ସୁନ୍ନତି । (ରୋମୀୟ ୨:୨୯) ।

୧୩. ଧାର୍ମିକତାର ସେବା କାର୍ଯ୍ୟ । (୨ୟ କରିନ୍ଥୀ ୩:୯) ।

୧୪. ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ଏକ ଯାଜକ । (୧ ପିତର ୨:୫) ।

୧୫. ଯାଜକତ୍ୱ ଓ ବ୍ୟବସ୍ଥାର ପରିବର୍ତ୍ତନ । (ଏବ୍ରୀ ୭:୧୨) ।

୧୬. ସିଦ୍ଧ ବ୍ୟବସ୍ଥା । (ଯାକୁବ ୧:୨୫) ।

୧୭ ଚିରକାଳ ସ୍ଥାୟୀ । (୨ୟ କରିନ୍ଥୀ ୩:୧୧) ।

### ୫. କ୍ରୁଶରେ ହତ ଡକାୟତ :

"ଯଦି ପରିତ୍ରାଣ ନିମନ୍ତେ ବାପ୍ତିସ୍ମ ଏତେ ଆବଶ୍ୟକ, ତେବେ କ୍ରୁଶରେ ଡକାୟତ ବାପ୍ତିସ୍ମ ବିନୁ କିପରି ପରିତ୍ରଣ ପାଇଥିଲେ ? ଏହି ପ୍ରଶ୍ନର ଉତ୍ତର ବାକ୍ୟ ଦ୍ୱାରା ଜ୍ଞାତ ହୋଇ ପାରିବା !

ପ୍ରିୟ ବନ୍ଧୁ, ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିସ୍ମ ଆବଶ୍ୟକ ବୋଲି ମାର୍କ ୧୬:୧୬; ପ୍ରେରିତ ୨:୨୮, ପ୍ରେରିତ ୨୨:୧୬, ୧ମ ପିତର ୩:୨୦-୨୧ ବୋଲି ପଢ଼ିପାରୁ ।

ତେବେ ଯୀଶୁ କି ଆପଣା ଆଜ୍ଞା ବିରୁଦ୍ଧରେ ଡକାୟତକୁ ପାରଦୀଶକୁ ଘେନି ଯାଇଥିଲେ ।

୧. ଡକାୟତ ବାପ୍ତିଜିତ ହୋଇ ନ ଥିଲେ ବୋଲି ପ୍ରମାଣିତ କରି ନ ପାରୁ । ବାପ୍ତିଜକ ଯୋହନ ଅନେକ ସ୍ଥାନରେ ସ୍ୱର୍ଗରାଜ୍ୟର ସୁସମାଚାରର ପ୍ରଚାର କରି, ଅନେକଙ୍କୁ ବାପ୍ତିସ୍ମ ଦେଇଥିଲେ । ସମ୍ଭବତଃ, ଏହି ଡକାୟତ ତାହାଙ୍କ ଦ୍ୱାରା ବାପ୍ତିଜିତ ହୋଇଥିବେ ।

୨. ଡକାୟତଙ୍କ ମୃତ୍ୟୁ ମୋଶାଙ୍କ ବ୍ୟବସ୍ଥା ସମୟରେ ଘଟିଥିଲା । ଯୀଶୁଙ୍କ ମୃତ୍ୟୁ ପୂର୍ବରୁ ନୂତନ ନିୟମ ପ୍ରଚଳନରେ ନ ଥିଲା । ମୋଶାଙ୍କ ବ୍ୟବସ୍ଥା ସମୟରେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିଜିତ ହେବା ନିମନ୍ତେ ଆଜ୍ଞା ଜାରି ହୋଇ ନ ଥିଲା । ବର୍ତ୍ତମାନ ଯୁଗର ଆଜ୍ଞା, ମୋଶାଙ୍କ ଯୁଗରେ ପାଳନ କରିବା ଆବଶ୍ୟକ ନ ଥିଲା । (କଲସୀ ୨:୧୪) ।

୩. ତୃତୀୟରେ ଯୀଶୁ କହିଲେ, "... ପୃଥିବୀରେ ପାପକ୍ଷମା କରିବାକୁ ମନୁଷ୍ୟ ପୁତ୍ରଙ୍କର ଯେ ଅଧିକାର ଅଛି... ।" (ଲୂକ ୫:୨୪) । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନ ଯାପନ କଲା ବେଳେ, ଅନ୍ଧକୁ କହିଲେ, "ଦୃଷ୍ଟି ପ୍ରାପ୍ତ ହୁଅ ।" "ବଧିରକୁ, ଶ୍ରବଣ କର, ରୋଗୀମାନଙ୍କୁ ଆପଣା ଖଟିଆ ଘେନି ଚାଲ", ପାପୀକୁ "ତୁମ୍ଭର ପାପସବୁ କ୍ଷମା", ବୋଲି କଥା ମାତ୍ରେ ଆଜ୍ଞା ଦେବାରୁ ସେମାନେ ସୁସ୍ଥତା ପ୍ରାପ୍ତ ହୋଇଥିଲେ । ତାହାଙ୍କ ବ୍ୟବସ୍ଥା ଏହି ଜଗତରେ ଅମଳରେ ଆସିବା ପୂର୍ବରୁ ଜଗତରେ ତାହାଙ୍କ ଅଧିକାର ଅଛି । ପ୍ରେରିତ ପାଉଲ କହିଲେ, "ଉଇଲ କରାଯାଇ ଥିବା ବ୍ୟକ୍ତିଙ୍କର ମୃତ୍ୟୁର ପ୍ରମାଣ ଆବଶ୍ୟକ । ଯେଣୁ ମୃତଡ୍ୟ ଘଟିଲେ ଉଇଲ ବଳବତ୍ ହୁଏ, କାରଣ ଉଇଲ କରିଥିବା ଲୋକ ଜୀବିତ ଥିବା ପର୍ଯ୍ୟନ୍ତ ତାହା କଦାପି କାର୍ଯ୍ୟକାରୀ ହୁଏ ନାହିଁ ।" (ଏବ୍ରୀ ୯:୧୬-୧୭) । ଉଇଲ କରିଥିବା ଖ୍ରୀଷ୍ଟଙ୍କ ମୃତ୍ୟୁ ଠାରୁ ତାହାଙ୍କ ବ୍ୟବସ୍ଥା ଅମଳରେ ଅଛି । ଏହି ବ୍ୟବସ୍ଥାଧିନ ହୋଇ ଜୀବନଯାପନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ଯେଉଁମାନେ ତାହା ପରିବର୍ତ୍ତନ କରିବାକୁ ଇଚ୍ଛା କରନ୍ତି, ସେମାନେ ଶାପଗ୍ରସ୍ତ ।

❖❖❖

# ଏକାଦଶ–କାରଣ

# ଏହା ମତଶାଖା ସମ୍ବନ୍ଧୀୟ ନୁହେଁ

## (It is undenomonational)

୧. ପରିଚୟ :

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକ ମତଶାଖା ସମ୍ବନ୍ଧୀୟ ସଂସ୍ଥା ନୁହେଁ । ଖ୍ରୀଷ୍ଟଙ୍କ ମଣ୍ଡଳୀ ଅନେକ ଶାଖାର ଅର୍ନ୍ତଭୁକ୍ତ ବୋଲି ଏହାର ଅର୍ଥ ନୁହେଁ । ଯେଉଁମାନେ କୌଣସି ମତଶାଖାର ଅର୍ନ୍ତଭୁକ୍ତ ନୁହନ୍ତି ବୋଲି ଦାବୀ କରନ୍ତି । ପ୍ରକୃତରେ ସେମାନେ ସମସ୍ତ ମତଶାଖା ଅର୍ନ୍ତଭୁକ୍ତ ଅଟନ୍ତି । କାରଣ ସେମାନେ ସମସ୍ତ ମତଶାଖା ମଣ୍ଡଳୀମାନଙ୍କ ସମର୍ଥନ କରନ୍ତି । 'ଖ୍ରୀଷ୍ଟଙ୍କ ମଣ୍ଡଳୀ' ମତଶାଖା ମଣ୍ଡଳୀ ସମର୍ଥନ କରେ ନାହିଁ ।

୨. **ମତଶାଖା ବାଇବଲ ବିରୁଦ୍ଧ ଅଟେ :**

'ମତଶାଖା ତତ୍ତ୍ୱ ବାଇବଲ ଶିକ୍ଷାର ବିରୁଦ୍ଧ ଅଟେ । ନିମ୍ନଲିଖିତ ବାଖ୍ୟାନ ଦ୍ୱାରା ଏହା ସ୍ପଷ୍ଟରୂପେ ବୁଝିପାରିବା ।'

**ମତଶାଖା ସମ୍ବନ୍ଧୀୟ ମଣ୍ଡଳୀ :**

୧. ଅନେକ ଶରୀର କିମ୍ବା ଅନେକ ମଣ୍ଡଳୀ
୨. ମନୁଷ୍ୟମାନଙ୍କ ଦ୍ୱାରା ସ୍ଥାପିତ
୩. ମନୁଷ୍ୟମାନେ ମସ୍ତକ ସ୍ୱରୂପ ଅଟନ୍ତି
୪. ମନୁଷ୍ୟ ସ୍ଥାପିତ ସିଦ୍ଧାନ୍ତ
୫. ମନୁଷ୍ୟମାନଙ୍କ ନାମ ଧାରଣ କରେ
୬. ମନୁଷ୍ୟମାନଙ୍କୁ ଅନୁସନ୍ଧାନ କରେ
୭. ବାଇବଲରେ ଲିଖିତ ହୋଇ ନ ଥିବା ଅନେକ ମଣ୍ଡଳୀ
୮. ପରିତ୍ରାଣ ପ୍ରାପ୍ତି ନିମନ୍ତେ, ଏହି ମଣ୍ଡଳୀ ଗୁଡ଼ିକର ସଭ୍ୟ ହେବା ଆବଶ୍ୟକ ପଡେ ନାହିଁ ।
୯. ଅନେକ ସୁସମାଚାର ପ୍ରଚାର କରନ୍ତି ।
୧୦. ସାମୟିକ ଭାବେ ସିଦ୍ଧାନ୍ତର ପରିବର୍ତ୍ତନ କରାଯାଏ ।
୧୧. ଅନେକ ବିଶ୍ୱାସ
୧୨. ଅନେକ ବାପ୍ତିସ୍ମ
୧୩. ମନୁଷ୍ୟମାନେ ଯୋଗ କରନ୍ତି

୧୪. ବିଭିନ୍ନ ନିତିନିୟମ ପାଳନ କରନ୍ତି
୧୫. ସଦାପ୍ରଭୁଙ୍କୁ ଅନେକ ମଣ୍ଡଳୀ ନିମନ୍ତେ ଧନ୍ୟବାଦ ଦିଅନ୍ତି ।
୧୬. ସିଦ୍ଧାନ୍ତର ପ୍ରାଧାନ୍ୟତା ନାହିଁ ବୋଲି ଶିକ୍ଷା ଦିଅନ୍ତି ।

**ଖ୍ରୀଷ୍ଟଙ୍କ ମଣ୍ଡଳୀ :**

୧. ଏକ ଶରୀର ଓ ଏକ ମଣ୍ଡଳୀ । (ମାଥିଉ ୧୬:୧୮ ଓ ୧ମ କରିନ୍ଥୀ ୧୨:୨୦)
୨. ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ । (ମାଥିଉ ୧୬:୧୮) ।
୩. ଖ୍ରୀଷ୍ଟ ମସ୍ତକ ସ୍ୱରୂପ ଅଟନ୍ତି । (ଏଫିସୀ ୧:୨୨-୨୩) ।
୪. ବାଇବଲ ଏକ ମାତ୍ର ସିଦ୍ଧାନ୍ତ ପୁସ୍ତକ । (୨ ତୀମଥି ୩:୧୬-୧୭) ଈ
୫. ଖ୍ରୀଷ୍ଟଙ୍କ ନାମ ଧାରଣ କରି, ଈଶ୍ୱରଙ୍କୁ ଗୌରବ ଦିଏ । (୧ମ ପିତର ୪:୧୬) ।
୬. ମନୁଷ୍ୟମାନଙ୍କୁ ଅନୁସରଣ କରିବା ଖଣ୍ଡନ କରେ । (୧ମ କରିନ୍ଥୀ ୧:୧୦-୧୩)
୭. ବାଇବଲରେ ଲିଖିତ ମଣ୍ଡଳୀ । (ରୋମୀୟ ୧୬:୧୬) ।
୮. ପରିତ୍ରାଣ ପ୍ରାପ୍ତି ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଭ୍ୟ ହେବା ଆବଶ୍ୟକ । (ଏଫିସୀ ୬:୨୩) ।
୯. ଅନ୍ୟ ସୁସମାଚାର ପ୍ରଚାର କରିବା ଲୋକେ ଦଣ୍ଡିତ ହେବେ । (ଗାଲାତୀ ୧:୮-୯) ।
୧୦. ବାଇବଲ ଅପରିବର୍ତ୍ତନୀୟ । (ମାଥିଉ ୨୪:୩୫) ।
୧୧. ଏକ ବିଶ୍ୱାସ । (ଏଫିସୀ ୪:୫) ।
୧୨. ଏକ ବାପ୍ତିସ୍ମ । (ଏପିସୀ ୪;୫) ।
୧୩. ପରିତ୍ରାଣ ପ୍ରାପ୍ତ ଲୋକମାନଙ୍କୁ ପ୍ରଭୁ, ମଣ୍ଡଳୀରେ ଯୋଗ କରନ୍ତି । (ପ୍ରେରିତ ୨:୪୭) ।
୧୪. ନିତିନିୟମ ପାଳନ କରନ୍ତି । (ଫିଲିପୀ ୩:୧୬) ।
୧୫. ଯୀଶୁଖ୍ରୀଷ୍ଟ ଏକମାତ୍ର ମଣ୍ଡଳୀ ନିମନ୍ତେ ପ୍ରାର୍ଥନା କରିଥିଲେ । (ଯୋହନ ୧୭:୨୦-୨୧) ।
୧୬. ଆପଣାର ଓ ଶ୍ରୋତାମାନଙ୍କ ପରିତ୍ରାଣ ନିମନ୍ତେ ଆପଣା ଶିକ୍ଷା ବିଷୟରେ ସତର୍କ ହେବା ନିମନ୍ତେ ପାଉଲ ଆଜ୍ଞା ଦିଅନ୍ତି । (୧ମ ତୀମଥି ୪:୧୬) ।

ଏହା ଅଳ୍ପ କେତୋଟି ବ୍ୟତିରେକ । ସତ୍ୟ ମଣ୍ଡଳୀ ଓ ମତଶାଖା ସମ୍ବନ୍ଧୀୟ ମଣ୍ଡଳୀ ମଧ୍ୟରେ ଥିବା ତାରତମ୍ୟ ଉପରୋକ୍ତ ବାଖ୍ୟାନ ଯଥେଷ୍ଟ ।

### ୩. କାଥଲିକ୍ ମଣ୍ଡଳୀ ଓ ମତଶାଖା ମଣ୍ଡଳୀ ଗୁଡିକର ଉତ୍‌ଥାନ :

ଦୁଇ ହଜାର ପୂର୍ବେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀ ସ୍ଥାପନ କରିଥିଲେ । ଏହି ପବିତ୍ର ସଂସ୍ଥା ଅନେକ ବର୍ଷ ପର୍ଯ୍ୟନ୍ତ ସିଦ୍ଧ ଓ ନିଷ୍କଳଙ୍କ ଥିଲା । ତତ୍ପରେ ଭାବବାଣୀ ଦ୍ୱାରା ପ୍ରକଟିତ ହୋଇଥିବା ପଥଭ୍ରଷ୍ଟତା ଆରମ୍ଭ ହେଲା । (ପ୍ରକା: ୨୦:୨୯-୩୦ ଓ ୨ୟ ଥେସ୍ ୨:୧୪,

୧ମ ତୀମଥି ୪:୧-୬) । ଆଜ୍ଞାରୁ ବିମୁଖତା ଓ ମନୁଷ୍ୟମାନଙ୍କ ଆଲୋଚନାର ପ୍ରଭାବ ଦ୍ୱାରା କାଥଲିକ୍ ମଣ୍ଡଳୀ ଉଦ୍ଭାବିତ ହେଲା । ତତ୍ ପରବର୍ତ୍ତୀ ସମୟରେ ଲୋକେ କାଥଲିକ୍ ମଣ୍ଡଳୀ ସଂସ୍କରଣ କରିବାକୁ ଆରମ୍ଭ କଲେ, ତତ୍‌ଫଳରେ ଅନେକ ମନୁଷ୍ୟ-ସ୍ଥାପିତ ଅସଂଖ୍ୟ ସିଦ୍ଧାନ୍ତ ସହ ଜନ୍ମ ହେବାର କାରଣ ହେଲା । କାଥଲିକ୍ ମଣ୍ଡଳୀରୁ ପ୍ରତ୍ୟେକ ମତଶାଖା ମଣ୍ଡଳୀର ଜନ୍ମହେଲା ବୋଲି ପ୍ରତ୍ୟେକ ଇତିହାସକ ଜାଣନ୍ତି । କିନ୍ତୁ ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ସତ୍ୟ ଖ୍ରୀଷ୍ଟଙ୍କ ମଣ୍ଡଳୀ କାଥଲିକ୍ ବା ପ୍ରୋଟେଷ୍ଟାଣ୍ଡ ନୁହେଁ । ଏହି ମଣ୍ଡଳୀର ସଭ୍ୟମାନେ କାଥଲିକ୍ ବା ପ୍ରୋଟେଷ୍ଟାଣ୍ଡ ନୁହନ୍ତି । ଖ୍ରୀଷ୍ଟଙ୍କ ସତ୍ୟ ଅନୁସରଣମାନେ ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ଅଟନ୍ତି ।

## ୪. ସତ୍ୟ ଖ୍ରୀଷ୍ଟଧର୍ମର ପୁନଃର୍ଦ୍ଧାର :

ଊଣବିଂଶ ଶତାବ୍ଦୀର ଆରମ୍ଭରେ, କେତେକ ଭକ୍ତ ଖ୍ରୀଷ୍ଟଧର୍ମ ଜଗତରେ ଏକ ନୂତନ ସଂଚାରଣ ଆଣିଥିଲେ । ସେହି ଶତାବ୍ଦୀର ଶେଷ ଭାଗରେ ଯୁକ୍ତରାଷ୍ଟ୍ର ଆମେରିକାର ଅନେକ ଅଞ୍ଚଳରେ ନୂତନ ନିୟମର ଖ୍ରୀଷ୍ଟଙ୍କ ପୁନଃରୁଥାନରେ ପ୍ରଚେଷ୍ଟା ପ୍ରବଳବାବେ ବ୍ୟାପ୍ତି ହେଲା । ଏହି ଭକ୍ତମାନେ ଅନ୍ୟ କୌଣସି ମଣ୍ଡଳୀ ସ୍ଥାପନ କରିବାକୁ ଚେଷ୍ଟା ନକରି ସତ୍ୟ ଖ୍ରୀଷ୍ଟଙ୍କ ମଣ୍ଡଳୀର ପୁନଃରୁର୍ଦ୍ଧାନ କରିବାକୁ ଚେଷ୍ଟା କରିଥିଲେ । ଏହି ଭକ୍ତମାନେ କୌଣସି ମତଶାଖା ମଣ୍ଡଳୀର ସଭ୍ୟ ନ ହୋଇ, ସତ୍ୟ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବା ନିମନ୍ତେ ଆହ୍ୱାନ କରିଥିଲେ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ଯେଉଁ ନିତିନିୟମ ପାଳନ କରି 'ଖ୍ରୀଷ୍ଟିୟାନ' ହୋଇ ପାରିଥିଲେ । ସେହି ନିତିନିୟମ ପାଳନ କରି ସେମାନେ ଖ୍ରୀଷ୍ଟିୟାନ ହୋଇପାରିବେ ବୋଲି ବିଶ୍ୱାସ କରିଥିଲେ । ଯେଉଁ ବୀଜ ସେହି ଫସଲ ଉତ୍ପାଦନ କରିବ ଓ ସେହି ମଣ୍ଡଳୀ ସ୍ଥାପନ ହେବ ବୋଲି ସେମାନେ ଜ୍ଞାତ ଥିଲେ ।

## କେତୋଟି ମୁଖ୍ୟ ବ୍ୟକ୍ତିମାନଙ୍କ କାର୍ଯ୍ୟ :-

୧) ଉତ୍ତର କାରୋଲିନା ରାଷ୍ଟ୍ରର James O' Kelly, ଡିସେମ୍ବର ୨୫, ୧୭୯୩ ମସିହାରେ Methodist ମଣ୍ଡଳୀ ପରିତ୍ୟାଗ କରି Republical Methdists ନାମଧାରଣ କଲେ । କିନ୍ତୁ ୧୯୦୧ ମସିହାରେ ସେମାନେ କେବଳ 'ଖ୍ରୀଷ୍ଟିୟାନ' ନାମ ଧାରଣା କଲେ । ଖ୍ରୀଷ୍ଟ କେବଳ ସେମାନଙ୍କ ମସ୍ତକ ସ୍ୱରୂପ ହେଲେ । କେବଳ ବାଇବଲ ସେମାନଙ୍କ ସିଦ୍ଧାନ୍ତ ପୁସ୍ତକ ହେଲା ।

୨) ଓ୍ୱେରମଣ୍ଟ ପ୍ରଦେଶର Dr. Abner Jones ବିଭିନ୍ନ ଦଳ, ମତ ଓ ସିଦ୍ଧାନ୍ତ ପରିତ୍ୟାଗ କରିବା ନିମନ୍ତେ ପ୍ରଚାର କରିଥିଲେ । ଖ୍ରୀ:ଜ: ୧୮୦୦ରେ ସେ Lyndon, Vermontରେ ଓ ତପ୍ରେ Bradfordରେ ଏବଂ ଖ୍ରୀ:ଜ: ୧୮୦୩ରେ Piermont New Himspshireରେ ମଣ୍ଡଳୀ ସ୍ଥାପନ କରିଥିଲେ । ବାପ୍ଟିଷ୍ଟ ପ୍ରଚାରକ Elias Smith ଏହି ଆନ୍ଦୋଳନରେ ଆପଣା ସମସ୍ତ ଅନୁଚରମାନଙ୍କ ସହ ଯୋଗଦାନ ଦେଇଥିଲେ ।

୩) "ବାପ୍ତିସ୍ମ"ର ଅର୍ଥ ଜଳରେ ନିମଗ୍ନ ହୋଇ ଡୁବନ ନେବା ବୋଲି ଜାଣିବା ପରେ

Chester Bullard ନାମକ ବ୍ୟକ୍ତି Methodist ମଣ୍ଡଳୀ ପରିତ୍ୟାଗ କରିଥିଲେ । ତଥାପି ସେ ବାପ୍ତିଷ୍ଟ ଡୁବନ ଗ୍ରହଣ ନକରି ତାହାଙ୍କ ବନ୍ଧୁ Landon Duncan ଦ୍ୱାରା ଡୁବିତ ହୋଇଥିଲେ । ସେ ବାପ୍ତିଜିତ ହେବା ତତ୍କ୍ଷଣାତେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର ଆରମ୍ଭ କରି Virginiaରେ ଅନେକ ସ୍ଥାନୀୟ ମଣ୍ଡଳୀ ସ୍ଥାପନ କରିଥିଲେ ।

୪) Kentucky ରାଷ୍ଟ୍ରର Barton W. Stone ନାମକ ଏକ ମୁଖ୍ୟ ପ୍ରଚାରଙ୍କ ଦ୍ୱାରା ପରିଚାଳିତ ଆନ୍ଦୋଳନ ସବୁଠାରୁ ବଡ଼ ପୁନଃଉର୍ଦ୍ଧାନର ଆନ୍ଦୋଳନ ଥିଲା । ଏହି Presbyterion ପ୍ରଚାରକଙ୍କ ଶିକ୍ଷା ମଣ୍ଡଳୀର ସିଦ୍ଧାନ୍ତରୁ ବିରୁଦ୍ଧରେ ଥିବାରୁ ତାହାଙ୍କୁ ମଣ୍ଡଳୀର ବହିଷ୍କାର କରାଯାଇଥିଲା । ବହିଷ୍କାରିତ ଲୋକେ ଏକ ନୂତନ ସଂସ୍ଥା Spring Field ସ୍ଥାପନ କଲେ । କିନ୍ତୁ ଏକବର୍ଷ ପରେ ଏପରି କର୍ମର ମୂର୍ଖତା ବୁଝି, ତାହା ପରିତ୍ୟାଗ କଲେ । ଖ୍ରୀ:ଜ; ୧୮୦୪ରେ "The last will and Treatment of Sping field" ବୋଲି ଏକ ଉଇଲ ସ୍ଥାପନ ହେଲା । ସେ ଉଇଲର କେତୋଟି ବିଷୟ ନିମ୍ନରେ ଲେଖାଯାଇଥିଲା ।

(୧) "ଏହି ସଂସ୍ଥା, ଖ୍ରୀଷ୍ଟଙ୍କ ଶରୀର ରୂପ ସଂସ୍ଥାରେ ବିଲୀନ ହେବ ବୋଲି ଆମେ ଇଚ୍ଛା କରୁଁ ।" (୨) ଆମ୍ଭମାନଙ୍କ ବିଶେଷ ନାମ ପଦବୀ ବିଲୁପ୍ତ ହେଉ । (୩) ମଣ୍ଡଳୀ ଉପରେ ଆଁମ୍ଭମାନଙ୍କ ଆଧିପତ୍ୟ ବିଲୁପ୍ତ ହେଉ । (୪) ଖ୍ରୀଷ୍ଟଙ୍କ ମଣ୍ଡଳୀ ଉପରେ ଖ୍ରୀଷ୍ଟଙ୍କ ଆଦିପତ୍ୟ ରହୁ । (୫) ବାଇବଲ ହିଁ ଏକମାତ୍ର ସିଦ୍ଧାନ୍ତ ପୁସ୍ତକ ହୋଇରହୁ-ଏହା ଆମ୍ଭମାନଙ୍କ ଇଚ୍ଛା ଅଟେ ।

"Spring Field Presbytery" ନାମକ ସଂସ୍ଥା ଏକ ନୂତନ ମତଶାଖା ନହୋଇ, ପ୍ରକୃତ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହେଲେ ଓ ଖ୍ରୀଷ୍ଟଙ୍କ ନାମ ଧାରଣ କଲେ । ଅଳ୍ପ କିଛି ବର୍ଷରେ ଏପରି ଅନେକ ଦଳ ଖ୍ରୀଷ୍ଟଙ୍କ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।

Alexander Campbell, ଆମେରିକାକୁ ଆସିବାର ପାଞ୍ଚବର୍ଷ ପୂର୍ବେ ଏହି ସବୁ ଘଟିଥିଲା । ଅତଏବ, Alexander Campbell ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନ କରି ନ ଥିଲେ ବୋଲି ପ୍ରମାଣିତ ହୁଏ ।

୫) Presbyterian ପ୍ରଚାରକ Thomas, ଖ୍ରୀ:ଜ: ୧୮୦୭ରେ ଆମେରିକା ଆସିଥିଲେ । ତାହାଙ୍କ ସ୍ୱେଚ୍ଛା ମତ ନିମନ୍ତେ ସେ ମଣ୍ଡଳୀରୁ ବହିଷ୍କୃତ ହେଲେ । ତାହାଙ୍କ ସଦୃଶ୍ୟ ସମଭାବନାପନ୍ନ ବ୍ୟକ୍ତିମାନେ ଏକ ସଂଗଠନ ସ୍ଥାପନ କରି ସେଠାରେ ଏକ ଦୃଢ଼ ସଂକଳ୍ପ ନେଇଥିଲେ । ସେମାନଙ୍କ ସୂକ୍ତି ଥିଲା । "ଧର୍ମଶାସ୍ତ୍ର ଯାହା କହେ, ତାହା କହିବା, ଯେଉଁଠାରେ ଧର୍ମଶାସ୍ତ୍ର ମୌନ ରହେ ସେଠାରେ ମୌନ ରହିବା ।" "Speak where the Scriptures speaks, where the scriptures are silent we are silent" ଏହି ପ୍ରସ୍ତାବ ଗ୍ରାହ୍ୟଯୋଗ ଥିଲା, ଏବଂ ଅନ୍ୟ ଏକ ସଂସ୍କରଣ ଆନ୍ଦୋଳନର ଜନ୍ମ ହେଲା । ଏତଦ୍ଦ୍ୱାରା ଏକ ସତ୍ୟ ଅନ୍ୟ ଏକ ସତ୍ୟକୁ କଢ଼ାଇ ନେଲା । ଶେଷରେ ଏହି ସଂଗଠନ "Christian Association of Washington" ନାମରେ ଅଗଷ୍ଟ ୧୭, ୧୮୦୯ ମସିହାରେ ପ୍ରତିଷ୍ଠିତ ହେଲା ।

୬) Thomas Campbellଙ୍କ ପୁତ୍ର, Alexander Campbell ଖ୍ରୀ:ଢ: ୧୮୦୯, ସେପ୍ଟେମ୍ବର ୨୯ ତାରିଖରେ ଆମେରିକା ଦେଶରେ ଆଗମନ କଲେ । ସେମାନେ ସଂସ୍କରଣ ଆନ୍ଦୋଳନ, ଆନନ୍ଦରେ ସମର୍ଥ କଲେ । "ଧର୍ମଶାସ୍ତ୍ର ଯାହା କହେ, ତାହା କହିବା, ଯେଉଁଠାରେ ଧର୍ମଶାସ୍ତ୍ର ମୌନ ରହେ ମୌନ ରହିବା ଏହି ସୂକ୍ତି, ମତଶାଖା ଗୁଡିକର ମୂଳଦୁଆ ହେଲା । ପ୍ରେରିତ ଅଷ୍ଟମ ଅଧ୍ୟାୟରେ କୂଶଦେଶୀଙ୍କ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ସ୍ୱୀକାର ପରେ ଫିଲିପ ଯେପରି ତାହାଙ୍କୁ ବାପ୍ତିସ୍ମ ଦେଇଥିଲେ, ସେମାନେ ମଧ୍ୟ ଜୁନ ୧୨, ୧୮୧୨ ତାରିଖରେ ଏକ ଅଧକ୍ଷଙ୍କ ଦ୍ୱାରା ବାପ୍ତିଜିତ ହୋଇଥିଲେ । ଏହା ବାପଟିଷ୍ଟ ସିଦ୍ଧାନ୍ତ ବିରୁଦ୍ଧ ଥିବାରୁ, ସେମାନେ ବାପଟିଷ୍ଟ ମଣ୍ଡଳୀର ସଭ୍ୟ ହୋଇ ନ ଥିଲେ । ବାଇବଲରୁ ହିଁ ଶିକ୍ଷା ଦେବେ ବୋଲି ଏକ ସର୍ତ୍ତ ରଖି Campbells ଓ Brush Run Church, Red Stone ନାମକ ଏକ ବାପଟିଷ୍ଟ ସଂଗଠନରେ ସଂଯୁକ୍ତ ହେଲେ । କ୍ରମଶଃ Campbells ସତ୍ୟର ନିକଟବର୍ତ୍ତୀ ହେଉଁ ହେଉଁ, ବାପଟିଷ୍ଟ ଶିକ୍ଷାରୁ, ସହଭାଗିତାରୁ ଦୂରେଇ ଥିଲେ ।"

Campbellsଙ୍କ ପ୍ରାୟ ବାର ହଜାର ଲୋକ ଓ Barton W. Stone ଙ୍କ ପଦରେ ହଜାର ଲୋକଙ୍କ ଏକ ମହାନ ସମ୍ମିଳିନୀର ସଂଗଠନ ହେଲା । ବାଇବଲ ସେମାନଙ୍କ ଏକମାତ୍ର ପଥଦର୍ଶକ ଥିବାରୁ, ଏହି ସଂଗଠନ ଦିନ ଦିନ ବୃଦ୍ଧି ପାଇଲା । ୧୮୩୫ରେ ସଂସ୍କରଣ ଆନ୍ଦୋଳନର ଏକମାତ୍ର ଲକ୍ଷ୍ୟ ଥିଲା । ପ୍ରତ୍ୟେକ ମନୁଷ୍ୟ କେବଳ ବାଇବଲର ଶିକ୍ଷା କରି, କେବଳ ବାଇବଲ ଅନୁସରଣ କଲେ ବିବାଦର ଆଉ ସ୍ଥାନ ନଥାଏ । ଆଜିର ଦୁନିଆରେ ଅନେକ ଭେଦ ବିଭାଦ ଦେଖାଯାଏ, କାରଣ ମନୁଷ୍ୟମାନେ କେବଳ ବାଇବଲକୁ ଅନୁସରଣ କରିନାହାନ୍ତି ।

ଏତଦ୍ୱାରା ଏହା ପ୍ରମାଣିତ ହୁଏ ଯେ, Campbellsରେ Alexander Campbell ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନ କରି ନ ଥିଲେ । ସେ ଆମେରିକାକୁ ଆସିବା ପୂର୍ବରୁ, ମଣ୍ଡଳୀ ପୁନଃରୁଦ୍ଧାରଣ କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲା । ସେ ସିଦ୍ଧାନ୍ତ ପରିତ୍ୟାଗର କରି କେବଳ ବାଇବଲକୁ ଅନୁସରଣ କରିବାକୁ ମନସ୍ଥ କରିଥିଲେ । ଆପଣା ପ୍ରଚାର, ଲେଖନ ତର୍କ ବିବାଦ ଦ୍ୱାରା ପୁନଃରୁଦ୍ଧାରଣରେ ଆନ୍ଦୋଳନ ସମର୍ଥନ କରୁଥିଲେ, ସେ ଏହି କାର୍ଯ୍ୟରେ ଦକ୍ଷଶୀଳ ଥିଲେ । ତାହାଙ୍କ ହେତୁ ଏହି ଆନ୍ଦୋଳନ ଅଭିବୃଦ୍ଧି ପାଇଲା । ଅସଂଖ୍ୟ ଲୋକେ ମତଶାଖା ସମ୍ବନ୍ଧୀୟ ମଣ୍ଡଳୀ ପରିତ୍ୟାଗ କରି ପ୍ରକୃତ ସତ୍ୟ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହେଲେ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକ ମତଶାଖା ସମ୍ବନ୍ଧୀୟ ମଣ୍ଡଳୀ ନୁହେଁ । ଏହା ଦୁଇ ହଜାର ବର୍ଷ ପୂର୍ବେ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ପରିତ୍ରାଣ ପ୍ରାପ୍ତ ଲୋକଙ୍କୁ ଖ୍ରୀଷ୍ଟ ଏହି ମଣ୍ଡଳୀରେ ସଂଯୁକ୍ତ କରନ୍ତି । (ପ୍ରେରିତ ୨:୪୭) । ଏହି ସତ୍ୟ ପ୍ରକୃତ ଓ ଆଦିମ ସୁସମାଚାର ନିକଟକୁ ଫେରି ଆସିବା ନିମନ୍ତେ ପ୍ରତ୍ୟେକଙ୍କୁ ଆହ୍ୱାନ ଜଣାଉ ।

❖❖❖

# ଦ୍ୱାଦଶ-କାରଣ

# ଏହା ମିଶିନେରୀ କାର୍ଯ୍ୟ କରେ

## (It is Scriptural in doing Missionary work)

୧. ପ୍ରଚାର କାର୍ଯ୍ୟର ଆବଶ୍ୟକତା :

ସ୍ଥାନୀୟ ମଣ୍ଡଳୀ ବ୍ୟତୀତ ଅନ୍ୟ କୌଣସି 'ମିଶିନେରୀ ସଂଗଠନ' ନ ଥିବାରୁ, ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ଅନ୍ୟମାନେ ମିସିନେରୀ କାର୍ଯ୍ୟ କରେ ନାହିଁ ବୋଲି ନିନ୍ଦା କରନ୍ତି । ଏହି ନିନ୍ଦତାକୁ ମିଥ୍ୟା ବୋଲି ପ୍ରମାଣିତ କରିବା ନିମନ୍ତେ, ମୁଁ ନିମ୍ନଲିଖିତ କାରଣ ଉପସ୍ଥାପନ କରେ :

୧) ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ, ଆମ୍ଭେମାନେ ତାହାଙ୍କ ଦ୍ୱାରା ଆଜ୍ଞାପିତ ହୋଇଅଛୁ । ଯୀଶୁ ଖ୍ରୀଷ୍ଟ କହିବା, "....ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୫-୧୬) । ପ୍ରଥମ ବାକ୍ୟ ପାଳନ କରିବା ଯେତେ ଆବଶ୍ୟକ, ଦ୍ୱିତୀୟ ବାକ୍ୟ ପାଳନ କରିବା ସେତେ ଆବଶ୍ୟକ । ବାପ୍ତିଜିତ ହେବା ଓ ସୁସମାଚାର ପ୍ରଚାର କରିବା ଦ୍ୱୟ ମହତ୍ତ୍ୱପୂର୍ଣ୍ଣ ଆଜ୍ଞା ଅଟେ ।

୨) ସ୍ୱର୍ଗରାଜ୍ୟର ବୀଜବପନ ନ କରି, ସୁସମାଚାରର ଫଳ ପ୍ରାପ୍ତ ହେବା ଅସମ୍ଭବ । ବୀଜବପନ ଦୃଷ୍ଟାନ୍ତରେ, ଯୀଶୁଖ୍ରୀଷ୍ଟଙ୍କ ଫସଲ ଉତ୍ପାଦନ ହେବା ପୂର୍ବେ ବୀଜବପନର ଆବଶ୍ୟକତା ବିଷୟରେ କହି ଅଛନ୍ତି । (ମାଥିଉ ୧୩:୩-୮, ୮-୨୩) । ଖ୍ରୀଷ୍ଟଙ୍କ ରାଜ୍ୟର ଅଭିବୃଦ୍ଧି ନିମନ୍ତେ ସୁସମାଚାର ପ୍ରଚାର ଅତ୍ୟାବଶ୍ୟକ ।

୩) ଶ୍ରବଣ ବିନୁ ବିଶ୍ୱାସ ଜନ୍ମେ ନାହିଁ । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "....ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) । ଈଶ୍ୱରଙ୍କ ବାକ୍ୟ ଲିଖିତ ହୋଇଅଛି । "ଯୀଶୁ ଶିଷ୍ୟମାନଙ୍କ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ସେହି ସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ । କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏ ସମସ୍ତ ଲେଖା ଯାଇଅଛି ।" (ଯୋହନ ୨୦:୩୦-୩୧) । ବିଶ୍ୱାସ କିପରି ଜାତ ହୁଏ, ଶୟତାନ ଜ୍ଞାତ ଅଟେ । ଯୀଶୁ କହିଲେ, "ଆଉ ଯେଉଁମାନେ ବାଟ ପାଖରେ ଅଛନ୍ତି, ସେମାନେ ବାକ୍ୟ ଶୁଣନ୍ତି, ତାହା ପରେ ଶୟତାନ ଆସି, ଯେପରି ସେମାନେ ପରିତ୍ରାଣ ନ ପାଆନ୍ତି, ଏଥି ନିମନ୍ତେ ସେମାନଙ୍କ ହୃଦୟରୁ ବାକ୍ୟ ହରଣ କରିନିଏ ।" (ଲୂକ ୮:୧୨) । କରିନ୍ଥୀୟମାନେ ଏହି ମାଧ୍ୟମରେ ପରିତ୍ରାଣ ପାଇଥିଲେ । ".... ଆଉ କରିନ୍ଥୀୟମାନଙ୍କ ମଧ୍ୟରୁ ଅନେକେ ବିଶ୍ୱାସ

କରିବାକୁ ଲାଗିଲେ ଓ ବାପ୍ତିଜିତ ହେଲେ ।" (ପ୍ରେରିତ· ୧୮:୮) ।

୪) ଈଶ୍ୱରଙ୍କ ବିଷୟରେ ଶିକ୍ଷିତ ନ ହୋଇ ମନୁଷ୍ୟମାନେ ଈଶ୍ୱରଙ୍କ ନିକଟକୁ ଆକର୍ଷିତ ହୋଇ ପାରିବ ନାହିଁ । "ମୋହର ପ୍ରେରଣ କର୍ତ୍ତା ପିତା ଯାହାକୁ ଆକର୍ଷଣ କରନ୍ତି. କେବଳ ସେ ମୋ ନିକଟକୁ ଆସି ପାରେ, ଆଉ ମୁଁ ଶେଷଦିନରେ ତାହାଙ୍କୁ ଉତ୍‌ଥାପନ କରିବି । ଭାବବାଦୀମାନଙ୍କ ଧର୍ମଶାସ୍ତ୍ରରେ ଲିଖିତ ଅଛି, ସମସ୍ତେ ଈଶ୍ୱରଙ୍କ କର୍ତ୍ତୃକ ଶିକ୍ଷାପ୍ରାପ୍ତ ହେବେ । ସେକେହି ପିତାଙ୍କ ଠାରୁ ଶ୍ରବଣ କରି ଶିକ୍ଷା ଲାଭ କରିଅଛି, ସେ ମୋ ନିକଟକୁ ଆସେ ।" (ଯୋହନ ୬:୪୪-୪୫) । ପିତା, ଖ୍ରୀଷ୍ଟଙ୍କ ନିକଟକୁ ବାକ୍ୟ ଦ୍ୱାରା ଆକର୍ଷଣ କରନ୍ତି । ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା କେତେ ଆବଶ୍ୟକ !

୫) ପରିବର୍ତ୍ତନର ଯୋଜନାରେ 'ଶିକ୍ଷାକୁ ଯୀଶୁ ପ୍ରଥମ ସ୍ଥାନ ଦେଇଅଛି, "କାରଣ ଏହି ଲୋକଙ୍କର ହୃଦୟ ଜଡ ହେଲା, ସେମାନେ କଷ୍ଟରେ ଶୁଣିଲେ ଓ ଆପଣା ଆପଣା ଆଖି ବୁଜିଲେ ଯେପରି ସେମାନେ ଆଖିରେ ଦେଖିବେ ନାହିଁ ଓ କାନରେ ଶୁଣିବେ ନାହିଁ, ଆମ୍ଭେ ସେମାନଙ୍କୁ ସୁସ୍ଥ କରିବୁ ନାହିଁ ।" (ମାଥିଉ ୧୩:୧୫) । ଏହି ବାକ୍ୟରେ ଆମ୍ଭେମାନେ ଚାରୋଟି ବିଷୟ ଜ୍ଞାତ ହେଉ :- (୧) ଶିକ୍ଷା-କଷ୍ଟରେ ଶୁଣିବା ଓ ଆଖି ବୁଜିବା । (୨) ହୃଦୟରେ ନ ବୁଝିବା । (୩) ନ ଫେରିବା । (୪) ସୁସ୍ଥ ନ ହେବା । ଶିକ୍ଷିତ ନ ହେଲେ ବୁଝିବା କଷ୍ଟ, ନ ବୁଝିଲେ ପରିବର୍ତ୍ତିତ ହେବା କଷ୍ଟ, ପରିବର୍ତ୍ତିତ ନ ହେଲେ ସୁସ୍ଥତା ବା ପାପକ୍ଷମା ପାଇବା କଷ୍ଟ । ଏହି ବାକ୍ୟରୁ ଖ୍ରୀଷ୍ଟିୟାନମାନେ ସୁସମାଚାର ପ୍ରଚାର କରିବା କେତେ ଆବଶ୍ୟକ ଜାଣିପାରୁ । ଖ୍ରୀଷ୍ଟିୟାନମାନେ ବାକ୍ୟ ପ୍ରଚାର କରିବାର କର୍ତ୍ତବ୍ୟ ପାଳନ ନକଲେ, ଅସଂଖ୍ୟ ଆତ୍ମା ଗୁଡିକ ବିନଷ୍ଟ ହେବେ ।

୬) ନୂତନ ଜନ୍ମ ନିମନ୍ତେ ଈଶ୍ୱରଙ୍କ ବାକ୍ୟରୂପ ବୀଜ ଆବଶ୍ୟକ, "ଯେଣୁ ତୁମ୍ଭେମାନେ କ୍ଷୟଣୀୟ ବୀଜରୁ ନୁହେଁ, ବରଂ ଅକ୍ଷୟ ବୀଜରୁ ଅର୍ଥାତ୍ ଈଶ୍ୱରଙ୍କ ଜୀବନ୍ତ ଓ ଚିରସ୍ଥାୟୀ ବାକ୍ୟ ଦ୍ୱାରା ପୁନର୍ଜାତ ହୋଇଅଛ ।" ଜନକ ବିନୁ ଯେପରି ମନୁଷ୍ୟ ଶାରିରୀକ ଭାବେ, ଏ ଜଗତରେ ଜନ୍ମ ଗ୍ରହଣ କରି ନ ପାରେ, ଠିକ୍ ସେହିପରି ଈଶ୍ୱରଙ୍କ ବାକ୍ୟ ବିନୁ କେହି ସ୍ୱର୍ଗରାଜ୍ୟରେ ପ୍ରବେଶ କରି ପାରେନାହିଁ । (୧ମ ପିତର ୧:୨୩)

୭) ବାକ୍ୟ ପ୍ରଚାର ବିନୁ ପରିତ୍ରାଣ ନାହିଁ । ଏହି ସତ୍ୟତା ପ୍ରେରିତ ପାଉଲଙ୍କ ଲେଖନୀରେ ସୁସ୍ପଷ୍ଟ ହୁଏ । "ଯେ କେହି ପ୍ରଭୁଙ୍କ ନାମଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ । ତେବେ ଯାହାଙ୍କୁ ସେମାନେ ବିଶ୍ୱାସ କରି ନାହାନ୍ତି, ତାହାଙ୍କ ନିକଟରେ କିପରି ପ୍ରାର୍ଥନା କରିବେ ? ପୁଣି ଯାହାଙ୍କ କଥା ସେମାନେ ଶୁଣି ନାହାନ୍ତି, କିପରି ତାହାଙ୍କ ଠାରେ ବିଶ୍ୱାସ କରିବେ ? ଆଉ ପ୍ରଚାର ବିନା ସେମାନେ କିପରି ଶୁଣିବେ ? (ରୋମୀୟ ୧୦:୧୩-୧୪) ।" ବାକ୍ୟ ପ୍ରଚାର ନକଲେ କିପରି ଶ୍ରବଣ କରିବେ ? କିପରି ବିଶ୍ୱାସ କରିବେ ଓ ବିଶ୍ୱାସ ନକଲେ କିପରି ପରତ୍ରାଣ ପାରିବେ ? ଏ ସବୁର ସାରାଂଶ ହେଲା ମନୁଷ୍ୟର ପରତ୍ରାଣ ନିମନ୍ତେ ଈଶ୍ୱରଙ୍କ ବାକ୍ୟ ପ୍ରଚାରିତ ହେବା ଆବଶ୍ୟକ ।

୮)	କେତେକ ବର୍ଗର ଲୋକ ଅଛନ୍ତି, ଯେଉଁମାନେ ପବିତ୍ର ଆତ୍ମାଙ୍କ ପ୍ରତ୍ୟକ୍ଷ ପ୍ରଭାବ ଦ୍ୱାରା ମନୁଷ୍ୟମାନେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ କରନ୍ତି । ଏହା ଯଦି ସତ୍ୟ ହୁଅନ୍ତା, ବାକ୍ୟ ପ୍ରଚାରର ଆବଶ୍ୟକତା ନ ଥାଆନ୍ତା ।

୨. **ମଣ୍ଡଳୀ - ଐଶ୍ୱରିକ ମିଶିନେରୀ ସୋସାଇଟି :-**

ସ୍ଥାନୀୟ ମଣ୍ଡଳୀରୁ ବଡ କିମ୍ବା ସ୍ଥାନୀୟ ମଣ୍ଡଳୀର ସାନ ମିଶିନେରୀ ସଂସ୍ଥା ବାକ୍ୟଗତ ନୁହେଁ । ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକମାତ୍ର, ଐଶ୍ୱରିକ ମିଶିନେରୀ ସୋସାଇଟି । ଏହି ମିସିନେରୀ ସୋସାଇଟିର ପ୍ରଭାବ ଏତେ ପ୍ରବଳ ଥିଲା ଯେ, ଅଳ୍ପ କେତେ ବର୍ଷ ପରେ ପ୍ରେରିତ ପାଉଲ, "…. ସେହି ସୁସମାଚାର ତୁମ୍ଭେମାନେ ତ ଶୁଣିଅଛି, ତାହା ଆକାଶ ମଣ୍ଡଳ ତଳେ ଥିବା ସମସ୍ତ ସୃଷ୍ଟି ନିକଟରେ ପ୍ରଚାରିତ ହୋଇଅଛି.. .. ।" (କଲସୀ ୧:୨୩) ବୋଲି ଲେଖିଅଛନ୍ତି । ଏହା ଆଧୁନିକ ଯାତ୍ରାର ସୁବିଧା, ଛପାକଳ, ରେଡିଓ ପ୍ରଭୃତିର ବିନା ସମ୍ଭବପର ହୋଇଥିଲା । ନୂତନ ନିୟମରେ ବର୍ଣ୍ଣିତ ପରିତ୍ରାଣର ଯୋଜନା ପ୍ରକଟିତ କରିବା ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀ ଠାରୁ ଶ୍ରେଷ୍ଠରେ ମିଶିନେରୀ ସୋସାଇଟି ନାହିଁ ବୋଲି ମନୁଷ୍ୟ କେବେ ଶିକ୍ଷା କରିବ ?

ସୁସମାଚାର ପ୍ରଚାର କରିବାର କାର୍ଯ୍ୟ, ପରମେଶ୍ୱର ସ୍ଥାନୀୟ ମଣ୍ଡଳୀ ଉପରେ ନ୍ୟସ୍ତ କରିଅଛନ୍ତି :-

୧.	ପରମେଶ୍ୱରଙ୍କ ଜ୍ଞାନ, ମଣ୍ଡଳୀ ଦ୍ୱାରା ପ୍ରକଟିତ ହେବା ନିମନ୍ତେ ସେ ସଂକଳ୍ପ କରିଅଛନ୍ତି । "ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟଯୀଶୁଙ୍କ ଠାରେ ଈଶ୍ୱର ଯେଉଁ ଚିରନ୍ତନ ସଂକଳ୍ପ କରିଥିଲେ ତଦନୁସାରେ ମଣ୍ଡଳୀ ଦ୍ୱାରା ଯେପରି ତାହାଙ୍କର ବହୁବିଧ. ଜ୍ଞାନ ସ୍ୱର୍ଗରେ କର୍ତ୍ତାଗଣ ଓ ଅଧିକାର ପ୍ରାପ୍ତ ବ୍ୟକ୍ତିମାନଙ୍କୁ ଜ୍ଞାତ କରାଯାଏ…. ।" (ଏଫିସୀ ୩:୧୦-୧୧) । କୌଣସି ଭିନ୍ନ ମିଶିନେରୀ ସୋସାଇଟି ନୁହେଁ, କିନ୍ତୁ ମଣ୍ଡଳୀ ଦ୍ୱାରା ହିଁ ଈଶ୍ୱରଙ୍କ ସତ୍ୟ ଜଗତରେ ଘୋଷିତ ହୁଏ ।

୨.	ସତ୍ୟ ଧରି ରଖିବାର କାର୍ଯ୍ୟ, ପବିତ୍ର ଆଜ୍ଞା ମଣ୍ଡଳୀ ଉପରେ ନ୍ୟସ୍ତ କରିଅଛନ୍ତି । "ମାତ୍ର ଯେବେ ମୋହର ବିଳମ୍ବ ହୁଏ, ତେବେ ଈଶ୍ୱରଙ୍କ ଗୃହରେ ଅର୍ଥାତ୍ ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ, କିପରି ଆଚରଣ କରିବାକୁ ହୁଏ ତାହା ଯେପରି ତୁମ୍ଭେ ଜ୍ଞାତ ହୁଅ, ଏ ହେତୁ ଏହି ସମସ୍ତ ତୁମ୍ଭ ନିକଟକୁ ଲେଖୁଅଛି ।" (୧ମ ତୀମଥି ୩:୧୫) । ମଣ୍ଡଳୀକୁ "ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ସ୍ଥାପନ କରିଥିବାରୁ ଅନ୍ୟ କୌଣସି 'ମିଶିନେରୀ ସୋସାଇଟି'ର ଆବଶ୍ୟକତା ନାହିଁ ।"

୩.	ଆମ୍ଭେମାନେ ମଣ୍ଡଳୀ ଦ୍ୱାରା ପରମେଶ୍ୱରଙ୍କୁ ମହିମାନ୍ୱିତ କରିବାକୁ ଶିକ୍ଷିତ ହୋଇଅଛୁ । "ଯୁଗେ ଯୁଗେ ପୁରୁଷାନୁକ୍ରମେ ମଣ୍ଡଳୀ ଓ ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ତାହାଙ୍କର ଗୌରବ ହେଉ । ଆମେନ୍ ।" (ଏଫିସୀ ୩:୨୧) । ମଣ୍ଡଳୀ ବ୍ୟତୀତ ଅନ୍ୟ କୌଣସି ସୋସାଇଟି ଦ୍ୱାରା ଈଶ୍ୱରଙ୍କ ଗୌରବ କରିବା, ଉପରୋକ୍ତ ଆଜ୍ଞା ଲଂଘନ ସଦୃଶ୍ୟ ଅଟେ ।

୪.	ଯୀଶୁଖ୍ରୀଷ୍ଟଙ୍କ ନାମରେ ସମସ୍ତ ଧାର୍ମିକ କାର୍ଯ୍ୟ କରିବା ନିମନ୍ତେ ଖ୍ରୀଷ୍ଟିୟାନମାନେ ଆଜ୍ଞାପିତ ହୋଇଅଛନ୍ତି । "ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ

ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" (କଲସୀ ୩:୧୭) । ତାହାଙ୍କ ନାମରେ କରିବାର ଅର୍ଥ, ତାହାଙ୍କ ଦ୍ୱାରା ଅଧିକାର ପ୍ରାପ୍ତ ହୋଇ କାର୍ଯ୍ୟ କରିବା । ସ୍ଥାନୀୟ ମଣ୍ଡଳୀ ଦ୍ୱାରା ହିଁ, ସୁସମାଚାର ପ୍ରଚାର କରିବା ତାହାଙ୍କ ଆଧିପତ୍ୟର ନିୟମ, ଅନ୍ୟ କୌଣସି "ମିଶିନେରୀ ସୋସାଇଟି" ଦ୍ୱାରା କାର୍ଯ୍ୟ କରିବା ତାହାଙ୍କ ଆଜ୍ଞା ବିରୁଦ୍ଧରେ ଆଚରଣ କରିବା ।

୫. "ମିସିନେରୀ ସୋସାଇଟି ମାନଙ୍କୁ ଲିଖିତ ବାକ୍ୟାନୁଯାୟୀ ମସ୍ତକ, ଭିତ୍ତିମୂଳ କାର୍ଯ୍ୟ କ୍ଷେତ୍ର ନୁହେଁ । କାରଣ ଖ୍ରୀଷ୍ଟ କୌଣସି 'ମିଶିନେରୀ ସୋସାଇଟି'ର ମସ୍ତକ ନୁହନ୍ତି କିନ୍ତୁ ମଣ୍ଡଳୀର ମସ୍ତକ ସ୍ୱରୂପ ଅଟନ୍ତି । କିଅବା ଖ୍ରୀଷ୍ଟ ସୋସାଇଟି ମାନଙ୍କ ଭିତ୍ତିମୂଳ ନୁହନ୍ତି, କାରଣ ସେ ମଣ୍ଡଳୀର ଭିତ୍ତିମୂଳ ଅଟନ୍ତି । ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହି ଭିତ୍ତିମୂଳ ଉପରେ ମଣ୍ଡଳୀ ସ୍ଥାପିତ ହୋଇଅଛି ।"

## ୩) **ମଣ୍ଡଳୀର ସହଭାଗିତା :-**

ପ୍ରଥମ ଶତାବ୍ଦୀରେ ସ୍ଥାନୀୟ ମଣ୍ଡଳୀ ଗୁଡ଼ିକ ସ୍ୱାଧୀନ ଥିଲେ, କିନ୍ତୁ ସହଯୋଗରେ କାର୍ଯ୍ୟ ନିର୍ବାହ କରୁଥିଲେ । କୌଣସି ସଂଗଠନ ବିନୁ ସହଯୋଗ ଥିଲା । ଅନେକ ସ୍ଥାନୀୟ ମଣ୍ଡଳୀ ମିଳିତ ଭାବେ,ଏକ ସୁସମାଚାର ପ୍ରଚାରକଙ୍କୁ ସାହାଯ୍ୟ କରି ପାରନ୍ତି । ପ୍ରେରିତ ପାଉଲ ଲେଖନ୍ତି, "ରେ ଫିଲିପୀୟମାନେ ତୁମ୍ଭେମାନେ ମଧ୍ୟ ଜାଣ ଯେ, ସୁସମାଚାର ପ୍ରଚାର କରିବା ଆରମ୍ଭ ସମୟରେ ଯେତେବେଳେ ମୁଁ ମାକଦନିଆରୁ ପ୍ରସ୍ଥାନ କଲି, ସେତେବେଳେ ତୁମ୍ଭମାନଙ୍କ ବିନା ଆଉ କୌଣସି ମଣ୍ଡଳୀ ମୋହର ସହଭାଗୀ ହୋଇ ମୋ ସହିତ ଦେବା ନେବାର ହିସାବରେ ରଖି ନ ଥିଲେ । କାରଣ ଥେସଲନୀକାରେ ମୁଁ ଥିବା ସମୟରେ ସୁଦ୍ଧା ତୁମ୍ଭେମାନେ ମୋହର ଅଭାବ ମୋଚନ ନିମନ୍ତେ ଥରେ, ହଁ ଦୁଇଥର ଦାନ ପଠାଇଥିଲ ।" (ଫିଲିପ ୪:୧୫-୧୬) । ଅନେକ ମଣ୍ଡଳୀମାନଙ୍କ ଠାରୁ ପ୍ରେରିତ ପାଉଲ ବେତନ ଗ୍ରହଣ କରୁଥିଲେ । ସେ ଲେଖିଲେ, "ତୁମ୍ଭେମାନଙ୍କର ସେବା କରିବା ନିମନ୍ତେ ମୁଁ ଅନ୍ୟାନ୍ୟ ମଣ୍ଡଳୀ ସମୂହର ବେତନ ଗ୍ରହଣ କରି ସେମାନଙ୍କୁ ଲୁଣ୍ଠନ କଲି....।" (୨ୟ କରିନ୍ଥୀ ୧୧:୮) । ପରସ୍ପର ସହଯୋଗରେ ସୁସମାଚାର ପ୍ରଚାର କାର୍ଯ୍ୟ କରି ପାରନ୍ତି ବୋଲି ଏହି ବାକ୍ୟ ପ୍ରମାଣିତ କରେ । ଯଦି ଏକ ସ୍ଥାନୀୟ ମଣ୍ଡଳୀ ପ୍ରଚାରକଙ୍କୁ ସାହାଯ୍ୟ କରିବାରେ ଅସଂଖ୍ୟକ, ଦୁଇ ବା ତିନି ମଣ୍ଡଳୀ ଏକତ୍ର ମିଶି ସାହାଯ୍ୟ କରିପାରନ୍ତି । ଏଥିନିମନ୍ତେ ସଂଗଠନର ଆବଶ୍ୟକତା ନାହିଁ ସ୍ଥାନୀୟ ମଣ୍ଡଳୀ ବ୍ୟତିତ ଅନ୍ୟ କୌଣସି ସଂସ୍ଥା, ବାକ୍ୟାନୁଯାୟୀ ନୁହେଁ ।

ମିଶିନେରୀ କାର୍ଯ୍ୟରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଶ୍ୱାସ କରେ, କାରଣ ଏହା ବାକ୍ୟଗତ ଅଟେ । ଦ୍ୱିତୀୟରେ ବାଇବଲ ବାକ୍ୟାନୁଯାୟୀ ମଣ୍ଡଳୀ ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହୁଏ ।

❖❖❖

# ତ୍ରୟୋଦଶ–କାରଣ

## ଏହା ଖ୍ରୀଷ୍ଟଙ୍କ ରାଜ୍ୟ ସ୍ଥାପନ ଓ ଖ୍ରୀଷ୍ଟଙ୍କ ରାଜତ୍ୱ ବିଷୟରେ ଶିକ୍ଷା ଦିଏ

**(It Teaches the kingdom has been established and Christ is now reigning)**

୧. ପରିଚୟ :

ଖ୍ରୀଷ୍ଟଙ୍କ ରାଜ୍ୟ ଏହି ଜଗତରେ ସ୍ଥାପନ ଓ ଖ୍ରୀଷ୍ଟଙ୍କ ଏହି ଜଗତରେ ପ୍ରତ୍ୟକ୍ଷ ପାଳନ ବିଷୟକ ସିଦ୍ଧାନ୍ତ ମନୁଷ୍ୟମାନଙ୍କ ମନରେ ଆନ୍ଦୋଳନ ସୃଷ୍ଟି କରିଅଛି । ଏହି ସିଦ୍ଧାନ୍ତକୁ ଅନେକ ମତଶାଖା ମଣ୍ଡଳୀ ଗୁଡିକ ସମର୍ଥନ କରେ । ମନୁଷ୍ୟମାନଙ୍କ ସ୍ୱଆଲୋଚନାର ସିଦ୍ଧାନ୍ତ ଅନୁସରଣ କରୁଥିବା ମଣ୍ଡଳୀର ସଭ୍ୟ ହେବାକୁ ମୁଁ ଇଚ୍ଛା କରେ ନାହିଁ । ଏହି ସିଦ୍ଧାନ୍ତର ନାମ 'ସହସ୍ର ବର୍ଷ ପାଳନ' Premillennialism । ଏହି ସିଦ୍ଧାନ୍ତ ଅନୁଯାୟୀ ଖ୍ରୀଷ୍ଟଙ୍କ ଦ୍ୱିତୀୟାଗମନ ସମୟରେ ଏହି ଜଗତରେ ଅନ୍ତ ହେବ ନାହିଁ, କିନ୍ତୁ ଏକ ସହସ୍ର ପରିବ୍ୟାପ୍ତ ଏକ ନୂତନ ଯୁଗର ସ୍ଥାପନ ହେବ । ଏହି ସମୟରେ ଯୀଶୁଖ୍ରୀଷ୍ଟ ଯିରୁଶାଲମରୁ ଶରୀରଧାରୀ ପ୍ରତ୍ୟେକ ମନୁଷ୍ୟ ଉପରେ ରାଜତ୍ୱ କରିବେ । ଏହି ସିଦ୍ଧାନ୍ତ ବୁଝିବା କଷ୍ଟକର ହେଲେ ସୁଦ୍ଧା ଏହି ସିଦ୍ଧାନ୍ତ ଯେ ସତ୍ୟ ନୁହେଁ ଏହା ବୁଝିବା କଷ୍ଟକର ନୁହେଁ ।

୨. **ରାଜ୍ୟ ସ୍ଥାପିତ ହୋଇଅଛି :-**

ପ୍ରଥମେ ଏହି ସିଦ୍ଧାନ୍ତ ସତ୍ୟ ହୋଇ ନ ପାରେ, ଯେହେତୁ ଖ୍ରୀଷ୍ଟଙ୍କ ରାଜ୍ୟର ସ୍ଥାପନ ହୋଇ ସାରିଅଛି ।

୧) ରାଜା ନବୂଖଦ୍ନିତ୍ସରଙ୍କ ଭୂଲି ଯାଇଥିବା ସ୍ୱପ୍ନର ଅର୍ଥ ପ୍ରକାଶ କରି ଦାନିୟେଲ କହିଥିଲେ । "ପୁଣି, ସେହି ରାଜଗଣର ସମୟରେ ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ । ତାହା କଦାପି ବିନଷ୍ଟ ହେବ ନାହିଁ, କିଅବା ତହିଁରେ ଆଧିପତ୍ୟ ଅନ୍ୟ ଗୋଷ୍ଠୀର ହସ୍ତରେ ଛଡା ଯିବ ନାହିଁ, ମାତ୍ର ତାହା ଏହି ସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ ଓ ନଷ୍ଟ କରି ଆପେ ଚିରସ୍ଥାୟୀ ହେବ ।" (ଦାନିୟେଲ ୨:୪୪) । କେଉଁ ରାଜ୍ୟ ? ପବିତ୍ର ଲେଖନ ଓ ଜାଗତିକ ଇତିହାସ ପରୀକ୍ଷା କଲେ, ଏହା 'ରୋମୀୟ ରାଜ୍ୟ' ବୋଲି ଜାଣୁପାରୁ । ପରମେଶ୍ୱରଙ୍କ ଚିରସ୍ଥାୟୀ ରାଜ୍ୟ, ରୋମୀୟ ରାଜମାନଙ୍କ ରାଜୁତି ସମୟରେ ସ୍ଥାପିତ ହେବାର ଥିଲା ।

୨) ସେହି ରାଜାମାନଙ୍କ ସମୟରେ ବାପ୍ତିଜକ ଯୋହନ ଘୋଷଣା କରି କହିଲେ, "...ମନ ପରବର୍ତ୍ତନ କର୍, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।" (ମାଥିଉ ୩:୧-୨) ।

୩) ବାପ୍ତିଜକ ଯୋହନ କାରାଗାରରେ ନିକ୍ଷିପ୍ତ ହେବା ପରେ ଯୀଶୁ ଘୋଷଣା କରି କହିଲେ, "କାଳ ସଂପୂର୍ଣ୍ଣ ହେଲାଣି, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ, ମନ ପରିବର୍ତ୍ତନ କର ଓ

ସୁସମାଚାରରେ ବିଶ୍ୱାସ କର ।" (ମାର୍କ ୧:୧୫) ।

୪) ସ୍ୱର୍ଗରାଜ୍ୟର ଆଗମନ ନିମନ୍ତେ ପ୍ରାର୍ଥନା କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ । "ଅତଏବ, ତୁମ୍ଭେମାନେ ଏହି ପ୍ରକାର ପ୍ରାର୍ଥନା କର, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭର ରାଜ୍ୟ ଆସୁ.... ।" (ମାଥିଉ ୬:୯-୧୦) ।

୫) ଶିଷ୍ୟମାନଙ୍କ ଜୀବିତାବସ୍ଥାରେ ସ୍ୱର୍ଗରାଜ୍ୟ ସ୍ଥାପନ ହେବ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଶ୍ରୁତି ଦେଇଥିଲେ । "ପୁନଶ୍ଚ, ସେ ସେମାନଙ୍କୁ କହିଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି । ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦନ ପାଇବେ ନାହିଁ ।" (ମାର୍କ ୯:୧୦) । ବାକ୍ୟାନୁଯାୟୀ ଶିଷ୍ୟମାନଙ୍କ ଜୀବିତାବସ୍ଥାରେ ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇଥିଲା, ଅଥବା ଶିଷ୍ୟମାନେ ଏବେ ପର୍ଯ୍ୟନ୍ତ ମୃତ୍ୟୁ ଭୋଗିନାହାନ୍ତି । ଶିଷ୍ୟମାନେ ମୃତ୍ୟୁ ନ ଭୋଗିବାର ଅର୍ଥ ଦୁଇ ହଜାର ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବା ।

୬) "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।" ମାଥିଉ ୧୮:୩ ପଦରେ ଲିଖିତ ଯୀଶୁ ଏହି ବାକ୍ୟ ଉଚ୍ଚାରଣ କରିବା ସମୟରେ ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇ ନଥିଲା ।

୭) ସତୁରିଜଣ ଶିଷ୍ୟଙ୍କୁ ଦୁଇ ଦୁଇ ଜଣ କରି ଗ୍ରାମ ଗ୍ରାମ ଓ ନଗରଗୁଡିକୁ ପ୍ରେରଣ କରିବା ସମୟରେ ଯୀଶୁ କହିଲେ, ".... ଆଉ ସେମାନଙ୍କୁ କୁହ, "ଈଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ ସନ୍ନିକଟ ।" (ମାଥିଉ ୧୦:୯) । ସ୍ୱର୍ଗରାଜ୍ୟ ଅତି ଅଳ୍ପ ସମୟରେ ସ୍ଥାପିତ ହେବାର ଥିଲା ।

୮) ପ୍ରଭୁଭୋଜ ସ୍ଥାପିତ କରିବା ସେହି ରାତ୍ରି ପର୍ଯ୍ୟନ୍ତ ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇ ନଥିଲା । କାରଣ ସେହି ରାତ୍ରିରେ ଯୀଶୁଖ୍ରୀଷ୍ଟ କହିଲେ, "କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ଈଶ୍ୱରଙ୍କ ରାଜ୍ୟ ନ ଆସିବା ପର୍ଯ୍ୟନ୍ତ ମୁଁ ଆଜିଠାରୁ ଦ୍ରାକ୍ଷାରସର ରସ ଆଉ ପାନ କରିବି ନାହିଁ ।" (ମାଥିଉ ୨୨:୧୮) ।

୯) ଏବେ ସ୍ୱର୍ଗରାଜ୍ୟ କେବେ ସ୍ଥାପିତ ହୋଇଥିଲା, ସମୟ ନିର୍ଦ୍ଧାରଣ କରିବା । ସ୍ୱର୍ଗରାଜ୍ୟ ପ୍ରେରିତମାନଙ୍କ ଜୀବତବସ୍ଥାରେ ଶକ୍ତି ସହ ସ୍ଥାପିତ ହେବାର ଥିଲା ବୋଲି ଆମ୍ଭେ ମାର୍କ ୯:୧ ଓ ଲୂକ ୧୪:୪୯ ପଦରୁ ଜାଣୁ । ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ପରେ ଯିରୁଶାଲମରେ ସେହି ଶକ୍ତି ପ୍ରେରିତମାନଙ୍କ ଉପରେ ଅବତରଣ କରିଥିଲା । ପ୍ରେରିତ ୨:୧-୪) । ଅତଏବ ପେଣ୍ଟିକଷ୍ଟ ଦିନରେ ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇଥିଲା । ପ୍ରେରିତ ପିତରଙ୍କୁ ସ୍ୱର୍ଗରାଜ୍ୟର କଞ୍ଚି ଦତ୍ତ ହୋଇଥିଲା । (ମାଥିଉ ୧୬:୧୯) । କଞ୍ଚି ଅଧିକାର ସୂଚକ, ଅତଏବ ସ୍ୱର୍ଗରାଜ୍ୟର ଦ୍ୱାର ଖୋଲିବା ନିମନ୍ତେ ଏବଂ ସେଥିର ପ୍ରବେଶର ସର୍ତ୍ତ ମାଁନବ ସମାଜକୁ ଜଣାଇବା ନିମନ୍ତେ ପିତରକୁ ଅଧିକାର ଦତ୍ତ ହୋଇଥିଲା । ପିତରକୁ ଦତ୍ତ ଏହି ଅଧିକାର ସେ ଖ୍ରୀ:ଜ: ୩୩ ମସିହାର ପେଣ୍ଟିକଷ୍ଟ ଦିନରେ ପ୍ରୟୋଗ କରିଥିଲେ । (ପ୍ରେରିତ ୨ୟ ଅଧ୍ୟାୟ) । ସୁସମାଚାରର ପ୍ରଥମ ପ୍ରସଙ୍ଗ ପ୍ରଚାର କରି

ସ୍ୱର୍ଗରାଜ୍ୟର ଦ୍ୱାର ଖୋଲି ପ୍ରତ୍ୟେକ ମନୁଷ୍ୟକୁ ଓ ପ୍ରତ୍ୟେ ଜାତିକୁ ସେହି ସ୍ୱର୍ଗରାଜ୍ୟରେ ପ୍ରବେଶ କରାଇଲେ । ଐଶ୍ୱରିକ ଯୋଜନାର ଆଜ୍ଞାବହ ହୋଇ, ସେ ଦିନ ତିନି ସହସ୍ର ଯିହୂଦୀମାନେ ସ୍ୱର୍ଗରାଜ୍ୟର ପ୍ରଜା ହେଲେ । "ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।" (ପ୍ରେରିତ ୨:୪୧) ।

୧୦) କେତେ ବର୍ଷପରେ ପ୍ରେରିତ ପାଉଲ ସେମାନେ ସ୍ୱର୍ଗରାଜ୍ୟକୁ ସ୍ଥାନାନ୍ତରିତ ହୋଇଥିଲେ ବୋଲି କଲସୀ ୧:୧୩ ପଦରେ ଲେଖିଛନ୍ତି । "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତରିତ କରିଅଛନ୍ତି ।" ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇ ନ ଥିଲେ, ସେଠାକୁ କିପରି ସ୍ଥାନାନ୍ତର ହୋଇପାରିବା ? "ଭବିଷ୍ୟତରେ ସ୍ୱର୍ଗରାଜ୍ୟ ସ୍ଥାପିତ ହେବ, ଏହି ମତବାଦ ପ୍ରେରିତ ପାଉଲଙ୍କ ଲେଖନୀର ବିପରୀତ ଅଟେ ।"

୧୧) "ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସ, ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।" (ଏବ୍ରୀ ୧୨:୨୮) । ଉପରୋକ୍ତ ବାକ୍ୟରୁ ଆମ୍ଭେମାନେ ଅଟଳ ରାଜ୍ୟ ପାଇଅଛୁ, ଯାହା ନିରନ୍ତର ଅଟେ ବୋଲି ବୁଝିପାରୁ । ଏହି ଚିରନ୍ତନ ରାଜ୍ୟ ଥାଉଁ ଥାଉଁ ଅନ୍ୟ ଏକ ରାଜ୍ୟ ସ୍ଥାପନର ଆବଶ୍ୟକତା ନାହିଁ ।

୧୨) ଦୁଇ ହଜାର ବର୍ଷ ପୂର୍ବେ ରାଜ୍ୟ ନିମନ୍ତେ ଅପେକ୍ଷାରେ ରହିବା ହାସ୍ୟାସ୍ପଦର ବିଷୟ । ଏହା ଜାଗତିକ ସମ୍ବନ୍ଧୀୟ ରାଜ୍ୟ ନୁହେଁ । ଏହି ଆତ୍ମିକ ରାଜ୍ୟ ବିଷୟରେ ଯୀଶୁ କହିଥିଲେ, "... କିନ୍ତୁ ମୋହର ରାଜ୍ୟ ତତ୍‌ସମ୍ବନ୍ଧୀୟ (ଜଗତ ସମ୍ବନ୍ଧୀୟ) ନୁହେଁ ।" (ଯୋହନ ୧୮:୩୬) । ଯୀଶୁ ଆପଣା ରାଜ୍ୟ ଜାଗତିକ ନୁହେଁ ବୋଲି କହିବା ସତ୍ତ୍ୱେ, ଲୋକେ ଯୀଶୁଙ୍କ ଦ୍ୱାରା ଜାଗତିକ ରାଜ୍ୟର ସ୍ଥାପନ ନିମନ୍ତେ ଅପେକ୍ଷାରେ ଅଛନ୍ତି ।

### ୩. ଯୀଶୁଙ୍କ ସିଂହାସନ ସ୍ୱର୍ଗରେ ଅଛି :

ସହସ୍ର ବର୍ଷ ପାଳନ (Premillenialism) ସିଦ୍ଧାନ୍ତ ବାକ୍ୟଗତ ନୁହେଁ । କାରଣ ଖ୍ରୀଷ୍ଟ ସିଂହାସନ ସ୍ୱର୍ଗରେ ଅଛି ।

ଖ୍ରୀଷ୍ଟଙ୍କ ସିଂହାସନ ସ୍ୱର୍ଗରେ ଥିବାରୁ, 'ସହସ୍ର ବର୍ଷ ପାଳନ' ବାକ୍ୟାନୁଯାୟୀ ସିଦ୍ଧାନ୍ତ ନୁହେଁ ।

୧) ଯିଖରିୟ ଖ୍ରୀଷ୍ଟଙ୍କ ବିଷୟରେ କହିଲେ, "ହଁ, ସେ ସଦାପ୍ରଭୁଙ୍କର ମନ୍ଦିର ନିର୍ମାଣ କରିବେ ଓ ମହିମା ପ୍ରାପ୍ତ ହେବେ, ଆଉ ଆପଣା ସିଂହାସନରେ ବସି ରାଜତ୍ୱ କରିବେ ଓ ସେ ସିଂହାସନରେ ବସି ଯାଜକ ହେବେ, ଆଉ ସେ ଉଭୟ ମଧ୍ୟରେ ଶାନ୍ତିର ମନ୍ତ୍ରଣା ହେବ ।" (ଯିଖରିୟ ୬:୧୩) । ଖ୍ରୀଷ୍ଟ ବର୍ତ୍ତମାନ ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ ଅଛନ୍ତି । ଅତଏବ, ଖ୍ରୀଷ୍ଟଙ୍କ ସିଂହାସନ, ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ, କିନ୍ତୁ ପୃଥିବୀରେ

ନାହିଁ । (ପ୍ରେରିତ ୨:୩୦-୩୫) ।

୨) ଖ୍ରୀଷ୍ଟ ଆପଣା ସିଂହାସନରୁ ଯାଜକତ୍ୱ କରିବେ ବୋଲି ଯିଖରିୟ ଭାବବାଦୀ ଘୋଷଣା କରିଥିଲେ । (ଯିଖରିୟ ୬:୧୩) । ଏବ୍ରୀ ୪:୧୪ ପଦନୁଯାୟୀ ଯୀଶୁଖ୍ରୀଷ୍ଟ ସ୍ୱର୍ଗରେ ଯାଜକତ୍ୱ କରୁଅଛନ୍ତି । ଅତଏବ ଖ୍ରୀଷ୍ଟଙ୍କ ସିଂହାସନ ପୃଥିବୀରେ ନାହିଁ, କିନ୍ତୁ ସ୍ୱର୍ଗରେ ଅଛି ।

୩) ଯିଖରିୟଙ୍କ ଅନୁଯାୟୀ ଖ୍ରୀଷ୍ଟଙ୍କ ସିଂହାସନରୁ ଯାଜକତ୍ୱ କରୁଅଛନ୍ତି । ସେ ଜଣେ ଲେବୀ ନ ଥିବାରୁ, ଏହି ଜଗତରେ ଯାଜକତ୍ୱ କରି ପାରନ୍ତି ନାହିଁ । (ଏବ୍ରୀ ୮:୪) । ଅତଏବ, ତାହାଙ୍କ ସିଂହାସନ ପୃଥିବୀରେ ନାହିଁ, କିନ୍ତୁ ସ୍ୱର୍ଗରେ ଅଛି ।

## ୪. ଖ୍ରୀଷ୍ଟ ଦାଉଦଙ୍କ ସିଂହାସନରେ ଉପବିଷ୍ଟ :

ଖ୍ରୀଷ୍ଟ ଦାଉଦଙ୍କ ସିଂହାସନରେ ଉପବିଷ୍ଟ ଥିବାରୁ, ଏହି 'ସହସ୍ର ବର୍ଷ ପାଳନ'ସିଦ୍ଧାନ୍ତ ଦାଉଦଙ୍କୁ ଦେବେ ବୋଲି ପିତା ପରମେଶ୍ୱର ପ୍ରତିଜ୍ଞା କରିଥିଲେ । (ଲୂକ ୧:୩୨) । ଏହି ପ୍ରତିଜ୍ଞାର ସଫଳତା ଆମ୍ଭେମାନେ ପ୍ରେରିତ ୨:୩୦-୩୧ ପଢ଼ିପାରୁ । ଯାହା କହେ, "ତଥାପି ସେ ଭାବବାଦୀ ହେବାରୁ ଏବଂ ତାଙ୍କ ଔରସଜାତ ଜଣେ ବ୍ୟକ୍ତିଙ୍କୁ ଈଶ୍ୱର ଯେ ତାଙ୍କ ସିଂହାସନରେ ବସାଇବାକୁ ତାଙ୍କ ନିକଟରେ ଶପଥ କରି ପ୍ରତିଜ୍ଞା କରିଥିଲେ । ସେ ଭବିଷ୍ୟତ୍ ଦର୍ଶନ ଦ୍ୱାରା ଖ୍ରୀଷ୍ଟଙ୍କର ପୁନଃରୁତ୍ଥାନ୍ ବିଷୟରେ କହିଥିଲେ, କାରଣ ସେ ପାତାଳରେ ପରିତ୍ୟକ୍ତ ହେଲେ ନାହିଁ, କିଅବା ତାହାଙ୍କ ଶରୀର କ୍ଷୟ ପାଇଲା ନାହିଁ ।" (ପ୍ରେରିତ ୨:୩୦-୩୧) । ଦାଉଦଙ୍କ ସିଂହାସନରେ ବସିବା ନିମନ୍ତେ, ଯୀଶୁଖ୍ରୀଷ୍ଟ ପୁନଃରୁତ୍ଥିତ ହୋଇଥିଲେ । ବର୍ତ୍ତମାନ ସେ ଦାଉଦଙ୍କ ସିଂହାସନରେ ଉପବିଷ୍ଟ ଅଟନ୍ତି । ସେ ଦାଉଦଙ୍କ ସିଂହାସନ ଉପରେ ଉପବିଷ୍ଟ ନାହାନ୍ତି ବୋଲି ନାସ୍ତି କରିବା, ତାହାଙ୍କ ପୁନଃରୁତ୍ଥାନ୍ ନାସ୍ତି କରିବା ସମାନ ।

୨) ଯିଖରିୟ ୬:୧୩ ପଦରୁ ଦୁଇଟି ବିଷୟ ଜାଣିପାରୁ । ଖ୍ରୀଷ୍ଟ - (କ) ସିଂହାସନ ଉପରେ ବିସବେ । (ଖ) ରାଜତ୍ୱ କରିବେ । ଉପରୋକ୍ତ ବାଖ୍ୟାନ୍‌ରେ ଖ୍ରୀଷ୍ଟ ସିଂହାସନ ଉପରେ ଉପବିଷ୍ଟ ଅଛନ୍ତି ବୋଲି ଜାଣିପାରିଲୁ । ଯଦି ସେ ସିଂହାସନ ଉପରେ ଉପବିଷ୍ଟ, ସେ ନିଶ୍ଚିତରୂପେ ରାଜତ୍ୱ କରୁଅଛନ୍ତି । ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପିତର ଆପଣା ପ୍ରଥମ ସୁସମାଚାର ପ୍ରଚାରରେ କହିଥିଲେ । "ଏହି ଯୀଶୁଙ୍କୁ ଈଶ୍ୱର ଉଠାଇ ଅଛନ୍ତି, ସେ ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ । ଅତଏବ, ଈଶ୍ୱରଙ୍କ ଦକ୍ଷିଣ ହସ୍ତ ଦ୍ୱାରା ଉନ୍ନତ ଓ ପିତାଙ୍କ ଠାରୁ ପ୍ରତିଜ୍ଞାତ 'ପବିତ୍ର ଆତ୍ମା' ପ୍ରାପ୍ତ ହୋଇ, ଏହି ଯାହା ଆପଣମାନେ ଦେଖୁ ଅଛନ୍ତି ଓ ଶୁଣୁ ଅଛନ୍ତି, ତାହା ସେ ବୃଷ୍ଟି କରିଅଛନ୍ତି । କାରଣ ଦାଉଦ ସ୍ୱର୍ଗାରୋହଣ କରି ନ ଥିଲେ । କିନ୍ତୁ ସେ ନିଜେ କହନ୍ତି, ପ୍ରଭୁ ମୋହର ପ୍ରଭୁଙ୍କ କହିଲେ, ଆମ୍ଭେ ଯେପର୍ଯ୍ୟନ୍ତ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ପାଦପୀଠ କରି ନାହଁ, ସେ ପର୍ଯ୍ୟନ୍ତ ଆମ୍ଭର ଦକ୍ଷିଣରେ ବସିଥାଅ ।" (ପ୍ରେରିତ ୨:୩୨-୩୫) । ଯୀଶୁଖ୍ରୀଷ୍ଟ, ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇ, ରାଜତ୍ୱ କରୁଅଛନ୍ତି ।

## ୫. ଶେଷ କାଳ :

ଆମ୍ଭେମାନେ ଶେଷକାଳରେ ଜୀବନଯାପନ କରୁଥିବା ବିଷୟ ଶିକ୍ଷା ଦେଉ ନ ଥିବା ଏହି ସିଦ୍ଧାନ୍ତ ମିଥ୍ୟା ଅଟେ । ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପିତରଙ୍କ ପ୍ରସଙ୍ଗର, "ଶେଷକାଳରେ ଏପରି ଘଟିବ ।", ପଦ - 'ସହସ୍ର ବର୍ଷ ପାଳନ'ର ସିଦ୍ଧାନ୍ତ ମିଥ୍ୟା ବୋଲି ପ୍ରମାଣିତ କରେ । ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରୁ ଶେଷକାଳର ଆରମ୍ଭ ହେବ ବୋଲି ଏହି ସିଦ୍ଧାନ୍ତ ସମର୍ଥକାରୀମାନଙ୍କ ମତ । ଆମ୍ଭେମାନେ ଏବେ ଶେଷକାଳରେ ଜୀବନଯାପନ କରୁଥିବା ବିଷୟରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ବାକ୍ୟ କହେ, "କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛ, ଏ ସେହି ଘଟନା :- ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ର କନ୍ୟାମାନେ ଭାବବାଣୀ କହିବେ । ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ । ପୁଣି ତୁମ୍ଭମାନଙ୍କର ପୁଣି ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ ।" (ପ୍ରେରିତ ୨:୩୨-୩୫) । ପିତରଙ୍କ ଅନୁଯାୟୀ, ପେଣ୍ଟିକଷ୍ଟ ଦିନରେ ମଣ୍ଡଳୀ ସ୍ଥାପିତ ହେଲା ଓ 'ଶେଷକାଳ'ର ଆରମ୍ଭ ହେଲା । ଅତଏବ ଏହି କାଳର ସମାପ୍ତି ପରେ ଆଉ କୌଣସି 'କାଳ' ନାହିଁ, କିନ୍ତୁ 'ଅନନ୍ତକାଳ'ରେ ପ୍ରତ୍ୟେକ ମନୁଷ୍ୟ ସ୍ୱର୍ଗରେ ନିବାସ କରିବ କିଅବା ନରକରେ ନିକ୍ଷିପ୍ତ ହେବ ।

## ୬. ୧ମ କରିନ୍ଥୀ ୧୫:୨୩-୨୫ :

୧ମ କରିନ୍ଥୀ ୧୫:୨୩-୨୫ ପଦ ଗୁଡିକରେ ପ୍ରେରିତ ପାଉଲ ବର୍ଣ୍ଣନା କରିଥିବା ବିଷୟ ଗୁଡିକ, 'ସହସ୍ର ବର୍ଷ ପାଳନ ପଦ୍ଧତି'ର ସିଦ୍ଧାନ୍ତ ସହ ତୁଳନା କଲେ, ଏହି ସିଦ୍ଧାନ୍ତର ମିଥ୍ୟାତା ପ୍ରମାଣିତ ହୁଏ । "କିନ୍ତୁ ପ୍ରତ୍ୟେକ ଜଣ ଆପଣା ଆପଣା ଶ୍ରେଣୀରେ ପ୍ରଥମଫଳ ସ୍ୱରୂପ ଖ୍ରୀଷ୍ଟ, ପରେ ଖ୍ରୀଷ୍ଟଙ୍କ ଆଗମନ ସମୟରେ ତାହାଙ୍କ ଆଶ୍ରିତମାନେ, ତତ୍ପରେ ଯୁଗାନ୍ତ ଉପସ୍ଥିତ ହେବ, ସେ ସମୟରେ ସେ ସମସ୍ତ କର୍ତ୍ତାଗଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ । କାରଣ ସେ ସମସ୍ତ ଶତ୍ରୁଙ୍କୁ ନିଜର ପାଦତଳେ ନ ରଖିବା ପର୍ଯ୍ୟନ୍ତ ତାହାଙ୍କୁ ଅବଶ୍ୟ ରାଜତ୍ୱ କରିବାକୁ ହେବ ।" (୧ କରିନ୍ଥୀ ୧୫:୨୨-୨୫) । ପିତରଙ୍କ ଅନୁଯାୟୀ ପେଣ୍ଟିକଷ୍ଟ ଦିନରେ ମଣ୍ଡଳୀ ସ୍ଥାପିତ ହେଲା ଓ 'ଶେଷକାଳ'ର ଆରମ୍ଭ ହେଲା ।

## ୭. ପୃଥିବୀ ଅଗ୍ନିରେ ଦଗ୍ଧ ହେବ :

ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ଏହି ପୃଥିବୀ ରାଜତ୍ୱ ଆରମ୍ଭ କରିବେ ନାହିଁ, କିନ୍ତୁ ସେ ସମୟରେ ଏହି ପୃଥିବୀ ଅଗ୍ନିରେ ଦଗ୍ଧ ହେବ । "ପ୍ରଭୁଙ୍କ ଦିନ ଚୋରର ପରି

ଉପସ୍ଥିତ ହେବ । ସେହିଦିନ ଆକାଶମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳି ଯିବ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁସବୁ ଦଗ୍ଧ ହେବ ।" ( ୨ ପିତର ୩:୧୦ ) ପୃଥିବୀ ଅଗ୍ନିରେ ଦଗ୍ଧ ହେଲେ ପ୍ରଭୁଯୀଶୁ କେଉଁଠାରେ ରାଜତ୍ୱ କରିବେ ଓ ସିଂହାସନ ସ୍ଥାପନ କରିବେ ? ଏହି ପୃଥିବୀ ଅଗ୍ନିରେ ଦଗ୍ଧ ହେବ । ଏଠାରେ ରାଜତ୍ୱ ଆରମ୍ଭ କରିବାର ସମ୍ଭାବନା ରହିବ ନାହିଁ ।

**୮. ପ୍ରକାଶିତ ବାକ୍ୟ ୨୦:୧-୬ ପଦଗୁଡିକ ସହସ୍ରବର୍ଷ ପାଳନ ପ୍ରମାଣିତ କରେ ନାହିଁ :**

"ସହସ୍ର ବର୍ଷ ପାଳନ" ସିଦ୍ଧାନ୍ତ ସମର୍ଥନକାରୀମାନଙ୍କ ମୂଳ ବାକ୍ୟ ପ୍ରକାଶ : ବାକ୍ୟ ୨୦:୧-୬, ଯାହା ସେମାନଙ୍କ ବିବାଦକୁ ସମର୍ଥନ କରେ ନାହିଁ । ପ୍ରକାଶିତ ବାକ୍ୟର ପୁସ୍ତକ ସୂଚକ ଓ ରୂପକ ଭାଷାରେ ଲିଖିତ ହୋଇଥିବାରୁ ଉପରୋକ୍ତ ବାକ୍ୟର ଅର୍ଥ ବର୍ଣ୍ଣନା କରିବା କଷ୍ଟକର । ସହସ୍ର ବର୍ଷ ପାଳନର ସିଦ୍ଧାନ୍ତକୁ ପ୍ରମାଣିତ କରିବା ନିମନ୍ତେ, ଆବଶ୍ୟକୀୟ ଅନ୍ୟ ବିଷୟ ଏଠାରେ ଉଲ୍ଲେଖିତ ହୋଇନାହିଁ । ଉଦାହରଣ ସ୍ୱରୂପ (୧) ଯୀଶୁଖ୍ରୀଷ୍ଟ ଦ୍ୱିତୀୟ ଆଗମନ । (୨) ଖ୍ରୀଷ୍ଟଙ୍କ ପୃଥିବୀରେ ରାଜତ୍ୱ । (୩) ଶରୀରର ପୁନଃରୁତ୍ଥାନ୍ । (୪) ଖ୍ରୀଷ୍ଟ ଏ ପୃଥିବୀରେ ପାଦ ରଖିବା ବିଷୟ କୁହାଯାଏ ନାହିଁ । (୫) ଆମ୍ଭେମାନେ ତାହାଙ୍କ ସହିତ ରାଜତ୍ୱ କରିବୁ ନାହିଁ, କିନ୍ତୁ ଯେଉଁମାନଙ୍କର ଖ୍ରୀଷ୍ଟଙ୍କ ନିମନ୍ତେ ମସ୍ତକ ଛେଦନ ହୋଇଥିଲେ , ସେମାନେ ଖ୍ରୀଷ୍ଟଙ୍କ ସହିତ ଜୀବିତ ହୋଇ ଏକ ସହସ୍ର ବର୍ଷ ରାଜତ୍ୱ କରିବେ ।

୨) ଏହି ବାକ୍ୟାଂଶରେ ଅନେକ ସୂଚତାତ୍ମକ ବିଷୟ ଲିଖିତ ହୋଇଅଛି । ଯଥା :- "ପାତାଳ କୁଣ୍ଡର ଚାବି", "ବୃହତ ଶୃଙ୍ଖଳ", "ମୁଖ ବନ୍ଦ କଲେ ଓ ତାହା ଉପରେ ମୁଦ୍ରାଙ୍କ ଦେଲେ", "କଣ୍ଟ", "ଆତ୍ମାକୁ ଦେଖିବା", "ପଶୁ", "ପ୍ରତିମା", "ତାହାର ଚିହ୍ନ ଆପଣା ଆପଣା କପାଳରେ ଓ ହସ୍ତରେ ଧାରଣ କରି ନ ଥିଲେ"., "ପ୍ରଥମ ପୁନରୁତ୍ଥାନ", "ଦ୍ୱିତୀୟ ମରଣ", ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ତାହଙ୍କ ସହିତ ରାଜତ୍ୱ କରିବେ ।" ଏହି ଅନେକ ସୂଚକାତ୍ମକ ବିଶିଷ୍ଟ ବାକ୍ୟାଂଶରୁ "ସହସ୍ର ବର୍ଷ ପାଳନ" ସୂଚକାତ୍ମକ ବିଷୟକୁ ବିଶିଷ୍ଟ ସତ୍ୟରୂପେ ଗ୍ରହଣ କରୁଅଛନ୍ତି । ଏହି ବାକ୍ୟାଂଶରେ ଲିଖିତ ଅନ୍ୟ ବିଷୟ ସୂଚକାତ୍ମକ ଭାବେ ନିଆଯିବା ସମୟରେ, କେବଳ "ସହସ୍ର ବର୍ଷ ପାଳନ" କାହିଁକି ଯଥାର୍ଥ ରୂପେ ଗ୍ରହଣ କରୁଅଛନ୍ତି ?

ଆସ, ଆମ୍ଭେମାନେ ମାନବ କଳ୍ପନାରୁ ସିଦ୍ଧାନ୍ତକୁ ପାଳନ ନ କରି, ଈଶ୍ୱରଙ୍କ ଦତ୍ତ ଧର୍ମଶାସ୍ତ୍ରର ବାକ୍ୟକୁ ପାଳନ କରୁ ।

❖❖❖

# ଚତୁର୍ଦ୍ଦଶ–କାରଣ

## ପରିତ୍ରାଣ ପାଇବାକୁ ମୁଁ କଅଣ କରିବି ?–ପ୍ରଶ୍ନ ଉତ୍ତର ଏହା ଦିଏ

**(It gives scriputral answers to the Question-
what must I do to be saved)**

୧. ବିଶ୍ଳେଷଣ :

"ପରିତ୍ରାଣ ପାଇବାକୁ ମୁଁ କଅଣ କରିବ ?-ଏହି ପ୍ରଶ୍ନ ଦ୍ୱାରା ପରିତ୍ରାଣ ପ୍ରାପ୍ତି ନିମନ୍ତେ କେତୋଟି ଆବଶ୍ୟକୀୟ ବିଷୟ କରିବା ଆବଶ୍ୟକ ବୋଲି ଜାଣିପାରୁ ।"

୧) ପରିତ୍ରାଣ ପ୍ରାପ୍ତି ନିମନ୍ତେ କେତୋଟି ସର୍ତ୍ତ ପାଳନ କରିବା ଏବଂ ପରିତ୍ରାଣ କର୍ତ୍ତାଙ୍କ ଆବଶ୍ୟକ ବୋଲି ଏହି ପ୍ରଶ୍ନରୁ ଆମ୍ଭେମାନେ ଜ୍ଞାତ ହେଉଁ ।

୨) ପିତା ପରମେଶ୍ୱର, ଯୀଶୁଖ୍ରୀଷ୍ଟଙ୍କ ଓ ପବିତ୍ର ଆତ୍ମା ପରିତ୍ରାଣ ପ୍ରାପ୍ତି ନିମନ୍ତେ କଅଣ କରନ୍ତି–"ମୁଁ ପରିତ୍ରାଣ ପ୍ରାପ୍ତି ନିମନ୍ତେ କଅଣ କରିବା ଆବଶ୍ୟକ ?"–ପରିତ୍ରାଣ ପ୍ରାପ୍ତି ତ୍ରିଏକ ପରମେଶ୍ୱରଙ୍କ ଠାରୁ ହୁଏ, ଏହା ସମସ୍ତେ ଜ୍ଞାତ ଅଟନ୍ତି । ପ୍ରଶ୍ନକାରୀର ପରିତ୍ରାଣ ପ୍ରାପ୍ତି ନିମନ୍ତେ ବ୍ୟକ୍ତିଗତ କର୍ତ୍ତବ୍ୟ କଅଣ ?

୩) "ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଁ କଅଣ ଆଲୋଚନା କରିବା ଆବଶ୍ୟକ ?" କିଅବା "ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଁ କଅଣ ବିଶ୍ୱାସ କରିବା ଆବଶ୍ୟକ" ପ୍ରଶ୍ନ ନୁହେଁ କିନ୍ତୁ, ପ୍ରଶ୍ନ ହେଲା, "ପରିତ୍ରାଣ ପରମେଶ୍ୱରଙ୍କ ଠାରୁ ହୁଏ" । "ସୁସମାଚର ଈଶ୍ୱରଙ୍କ ଶକ୍ତି ।" (ରୋମ-୧:୧୬, ପ୍ରେରି:କା: ୨:୪୦) ହୋଇଥିବାରୁ ସୁସମାଚରର ସର୍ତ୍ତପାଳନ କରିବା ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରୁ । ଆତ୍ମାଙ୍କ ଦ୍ୱାରା ପରିଚାଳିତ କୌଣସି ବ୍ୟକ୍ତି, ପରିତ୍ରାଣ ପ୍ରାପ୍ତି ନିମନ୍ତେ ପାପୀର କୌଣସି ମାର୍ଗ ନାହିଁ ବୋଲି କହିପାରେ ନାହିଁ ।

୨. ନିଶ୍ଚିତ ଉତ୍ତର :

୧) ଏହି ପ୍ରଶ୍ନର ଉତ୍ତର ଆମ୍ଭେମାନେ ବାଇବଲର ଲେଖନରେ ପାଇପାରିବୁ । ଏହି ପ୍ରଶ୍ନ ବାଇବଲରେ, ଶତଥର ଲିଖିତ ପାଇଲେ ପ୍ରତିଥର ତାହାର ଉତ୍ତର ପଢ଼ନ୍ତୁ । ଶାସ୍ତ୍ରନୁଯାୟୀ ଏହାହିଁ ସତ୍ୟ ଅଟେ । କିନ୍ତୁ ଏହି ପ୍ରଶ୍ନ ଲେଖନରେ ଶତଥର ଲିଖିତ ହୋଇନାହିଁ । ଏହି ପ୍ରଶ୍ନ ନୂତନ ନିୟମ ଚାରିଥର ପଢ଼ିପାରୁଁ ।

୨) ଏହି ପ୍ରଶ୍ନ ପ୍ରଥମେ ଏକ ଯୁବକ ଯୀଶୁଖ୍ରୀଷ୍ଟଙ୍କୁ ପଚାରିଥିଲେ । (ମାର୍କ ୧୦:୧୭) । ଯୀଶୁ, ଦଶ ଆଜ୍ଞାରୁ ଉତ୍ତର ଦେଇଥିଲେ । ସେ ସମୟରେ ଯୀଶୁଖ୍ରୀଷ୍ଟ କ୍ରୁଶରେ ହତ ହୋଇ ନ ଥିବାରୁ, ପୁରାତନ ନିୟମ ପ୍ରଚଳନରେ ଥିଲା । (କଲସୀ ୧:୧୪) । ପୁରାତନ ନିୟମ ପାଳନ

କରିବା ପ୍ରତ୍ୟେକ ଯିହୂଦୀଙ୍କ କର୍ତ୍ତବ୍ୟ । ଯୁବକ ବାଲ୍ୟକାଳରୁ ବ୍ୟବସ୍ଥା ପାଳନ କରି ଆସୁଅଛନ୍ତି ବୋଲି ଉତ୍ତର ଦୋଇଥିବାରୁ ଯୀଶୁ ତାହାଙ୍କୁ କହିଲେ, "... ତୁମ୍ଭର ଗୋଟିଏ ବିଷୟ ଊଣା ଅଛି, ତୁମ୍ଭେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର, ଆଉ ତୁମ୍ଭେ ସ୍ୱର୍ଗରେ ଧନ ପାଇବ; ପୁଣି ଆସି ମୋହର ଅନୁଗମନ କର ।" (ମାର୍କ ୧୦:୨୧) । ସେ ସମୟରେ ମୋଶାଙ୍କ ବ୍ୟବସ୍ଥା ବିଲୁପ୍ତ ହୋଇ ନ ଥିଲା, ତେଣୁ ସେ ଗୁଡିକ ପାଳନ କରିବା ତାହାଙ୍କ କର୍ତ୍ତବ୍ୟ ଥିଲା । ସେ ଧନସଂପଦ, ସୁଖ ସୌଭାଗ୍ୟ ପରିତ୍ୟାଗ କରି ଯୀଶୁଙ୍କ ଅନୁସରଣ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ଏହିପରି ଉତ୍ତର ନୂତନ ନିୟମର ଖ୍ରୀଷ୍ଟିୟାନମାନଙ୍କୁ ଦିଆଯାଏ ନାହିଁ । ଏହି ଘଟଣା ମୋଶାଙ୍କ ବ୍ୟବସ୍ଥା ସମୟରେ ଘଟିଥିଲା । (ଏବ୍ରୀ ୯:୧୬,୧୭) ।

ଏହି ଯିହୂଦୀୟ ଯୁବକ ଯୀଶୁଙ୍କ ଉତ୍ତରରେ ମୁଖମଳିନ କରି ଚାଲି ଯାଇଥିଲେ । (୨୨ ପଦ) ସେ ପରିତ୍ରାଣ ପାଇବାକୁ କଅଣ କରିବାକୁ ହେବ ଜାଣିବାକୁ ଇଚ୍ଛୁକ ଥିଲେ, କିନ୍ତୁ ପାଳନ ନ କରି ପଛେଇ ଗଲେ । ଯୀଶୁଙ୍କ ଉତ୍ତର ତାଙ୍କର ମନମୁତାବକ ଥିଲେ, ସେ ତାହା ପାଳନ କରିଥା'ନ୍ତେ । ଦୁଃଖର ବିଷୟ ଏହି କି ଯେ, ଆଜିର ଜଗତରେ ଅନେକ ସଂଖ୍ୟାର ଲୋକ ଯୀଶୁଙ୍କୁ ଅନୁସରଣ କରିବାରେ ଅନିଚ୍ଛୁକ ।

୩) ଏହି ପ୍ରଶ୍ନ ପ୍ରେରିତମାନଙ୍କ କାର୍ଯ୍ୟବଳୀର ପୁସ୍ତକରେ ତିନିଥର ଲେଖାଯାଇଅଛି । ତିନୋଟି ସମୟରେ ଦିଆଯାଇଥିବା ବିଭିନ୍ନ ଉତ୍ତର ନିମ୍ନଲିଖିତ ବାଖ୍ୟାନରୁ ଜାଣି ପାରିବା ।

### ୩. ପେଣ୍ଟିକଷ୍ଟ ଦିନର ଯିହୂଦୀଗଣ :

୧) ପ୍ରଶ୍ନ ଓ ଉତ୍ତର : ପ୍ରେରିତ ୨ୟ ଅଧ୍ୟାୟରେ ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମାଙ୍କ ଅବତରଣ ବିଷୟ ପଢ଼ିଥାଉଁ । ସୁସମାଚାରର ସତ୍ୟ ଜ୍ଞାତ କରାଇବା ନିମନ୍ତେ, ତାହାର ପ୍ରଚାର କାର୍ଯ୍ୟ ନିର୍ଦ୍ଦେଶନ କରିବା ନିମନ୍ତେ ପବିତ୍ର ଆତ୍ମା ଶିଷ୍ୟମାନଙ୍କ ଉପରେ ଅବତରଣ କରିଥିଲେ । ସର୍ବଜଗତରେ ଥିବା ଯିହୂଦୀମାନେ ନିସ୍ତାରପର୍ବ ପାଳନ କରିବା ନିମନ୍ତେ ଯିରୁଶାଲମରେ ଏକତ୍ରିତ ହୋଇଥିଲେ । ଶିଷ୍ୟମାନଙ୍କୁ, ସେମାନଙ୍କ ଭାଷାରେ ପ୍ରଭୁଙ୍କ ସ୍ତୁତିଗାନ କରିବା ସେମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ ଓ ଆନନ୍ଦିତ କରିଥଲା । ଅନେକ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ ଅନେକେ ଅପନିନ୍ଦା କରି କହିଲେ, "... ଏମାନେ ମିଷ୍ଟ ଦ୍ରାକ୍ଷାରସରେ ମତ୍ତ ହୋଇ ଅଛନ୍ତି ।" (ପ୍ରେରିତ ୨:୧୩) । ତତ୍ପରେ ପ୍ରେରିତ ପାଉଲ ପବିତ୍ର ପ୍ରସଙ୍ଗ ପ୍ରଚାର କରିଥିଲେ । ତାହାଙ୍କ ପ୍ରସଙ୍ଗ ଶ୍ରବଣକାରୀମାନଙ୍କ ହୃଦୟ ବିଦୀର୍ଣ୍ଣ ହେଲା ଓ ସେମାନେ ପ୍ରଶ୍ନ କଲେ, "... ଭାଇମାନେ ଆମ୍ଭେମାନେ କଅଣ କରିବା ?" (ପ୍ରେରିତ ୨:୨୭) । ସେମାନଙ୍କୁ ଉତ୍ତର ଦେଇ କହିଲେ, "... ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ

ନାମରେ ବାପ୍ତିଜିତ ହେଉନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୨୮) । ବିଶ୍ୱାସ କରିବା ନିମନ୍ତେ ପ୍ରେରିତ, ପିତର ସେମାନଙ୍କୁ କାହିଁକି କହି ନ ଥିଲେ ? କାରଣ ସେମାନେ ପିତରଙ୍କ କଥାରେ ବିଶ୍ୱାସ କରି, ଏହି ପ୍ରଶ୍ନ କରିଥିଲେ । ପାପକ୍ଷମା ନିମନ୍ତେ ମନ ପରିର୍ତ୍ତନ କରି ବାପ୍ତିଜିତ ହେବା ନିମନ୍ତେ ପ୍ରେରିତ ପିତର ସେମାନଙ୍କୁ ଆଜ୍ଞା ଦେଇଥିଲେ । ମନ ପରିବର୍ତ୍ତନ ଯେତେ ଆବଶ୍ୟକ ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିସ୍ମ ସେତେ ଆବଶ୍ୟକ । "ମନ ପରିବର୍ତ୍ତନ" ଓ "ବାପ୍ତିସ୍ମ" ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରୁ । କେବଳ  ଏକ କର୍ମ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇ ନ ପାରୁ ।

୨) ପରିତ୍ରାଣ ପ୍ରାପ୍ତି ନିମନ୍ତେ ବିଶ୍ୱାସ ଓ ମନ ପରିବର୍ତ୍ତନ ଯଥେଷ୍ଟ ନୁହେଁ, ସେ ଦିନ ଯିରୁଶାଲମସ୍ଥ ଯିହୂଦୀମାନେ ବିଶ୍ୱାସ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଥିଲା । ପ୍ରଥମେ ସେମାନେ ଶିଷ୍ୟମାନେ ମିଷ୍ଟ ଦ୍ରାକ୍ଷାରସରେ ମତ ଅଟନ୍ତି ବୋଲି ନିନ୍ଦା କରି ଥିଲେ । କିନ୍ତୁ ପ୍ରେରିତ ପିତରଙ୍କ ପ୍ରସଙ୍ଗ ଶୁଣିବା ପରେ, ପରିତ୍ରାଣ ପ୍ରାପ୍ତି ନିମନ୍ତେ କଅଣ କରିବା ଆବଶ୍ୟକ ଜାଣିବାକୁ ଇଚ୍ଛା ପ୍ରକଟ କରିଥିଲେ । ସେମାନେ ବିଶ୍ୱାସ କରି, ମନ ପରିବର୍ତ୍ତନ କରିଥିଲେ । କିନ୍ତୁ ପରିତ୍ରାଣ ପ୍ରାପ୍ତ ହୋଇ ନ ଥିଲେ । ପରିତ୍ରାଣ ପ୍ରାପ୍ତି ନିମନ୍ତେ ବିଶ୍ୱାସ ଓ ମନ ପରିବର୍ତ୍ତନ ଯଥେଷ୍ଟ ବୋଲି ପ୍ରେରିତ ପିତର ସେମାନଙ୍କୁ ନ କହି, ବାପ୍ତିଜିତ ହେବା ନିମନ୍ତେ ଆଜ୍ଞା ଦେଇଥିଲଲେ । ସେମାନେ ଶ୍ରବଣ କଲେ, ବିଶ୍ୱାସ କଲେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ବାପ୍ତିଜିତ ହୋଇଥିଲେ ।

## ୪. ତାର୍ଷ ନଗରବାସୀ ଶାଉଲ :

୧) ଶାଉଲ, ଅର୍ଥାତ୍ ପାଉଲ ଏକ ତାଡନାକାରୀ ଯିହୂଦୀ ଥିଲେ । ସ୍ତିଫାନଙ୍କ ପ୍ରସ୍ତରଘାତରେ ମରଣ ସମୟରେ ତାହାଙ୍କ ବିଷୟରେ ପ୍ରଥମେ ଉଲ୍ଲେଖିତ.କରାଯାଏ । (ପ୍ରେରିତ ୭:୫୮; ୮:୧) । ବ୍ୟବସ୍ଥାଗତ ଧାର୍ମିକତା ସମ୍ବନ୍ଧରେ ନିର୍ଦ୍ଦୋଷ ଓ ଉଦ୍‌ଯୋଗ ସମ୍ବନ୍ଧରେ ମଣ୍ଡଳୀର ତାଡନାକାରୀ ଶାଉଲଙ୍କ ଜୀବନକୁ ପ୍ରଭୁଯୀଶୁ ସ୍ପର୍ଶ କରିଥିଲେ । (ଫିଲିପି ୩:୬) । ଖ୍ରୀଷ୍ଟିୟାନମାନଙ୍କ ମୁଖ ବନ୍ଦ କରିବା ନିମନ୍ତେ ସେ ଶତଚେଷ୍ଟା କରିଥିଲେ । (ପ୍ରେରିତ ୨୦:୧୦.୧୧) । ଏହି ତାଡନାକାରୀଙ୍କ ମନ ନିର୍ମଳ ଥିଲା । ସେ କହ୍‌ଲେ, "ନାଜରିତୀୟ ଯୀଶୁଙ୍କ ନାମ ବିରୁଦ୍ଧରେ ମୋହର ଅନେକ କାର୍ଯ୍ୟ କରିବା ଯେ କର୍ତ୍ତବ୍ୟ, ଏହା ମୁଁ ନିଜେ ମନେ କରିଥିଲି ।" (ପ୍ରେିତ ୨୬:୯) । ଏହି ଦୁଇ ବାକ୍ୟରୁ ମନୁଷ୍ୟର ମନର ଭାବନା ଐଶ୍ୱରିକତାର ମୂଳ ନହେଁ ବୋଲି ବୁଝିପାରୁ । ମନୁଷ୍ୟ ଯାହା ଉତ୍ତମ ମଣେ, ତାହାର ମନ ନିର୍ମଳ ମାନେ । ପ୍ରେରିତ ଶାଉଲଙ୍କ ମନ ନିର୍ମଳ ଓ ଶୁଦ୍ଧ ଥିଲା । କିନ୍ତୁ ତାହାଙ୍କ ମନର ଭାବନା ବାକ୍ୟାନୁଯାୟୀ

ନ ଥିବାରୁ ତାହା ଭ୍ରମଧାରଣା ଥିଲା । ଆଜିର ଜଗତରେ ଅନେକ ଏପରି ଭ୍ରମଧାରଣାର ଅବଲମ୍ବନ କରୁଅଛନ୍ତି ।

୨) ଶାଉଲ ଆପଣା ପ୍ରଶ୍ନର ଉତ୍ତର ପାଇଥିଲେ : ଦାମ୍ମେସକର ଖ୍ରୀଷ୍ଟିୟାନମାନଙ୍କୁ ତାଡନା କରିବା ଶାଉଲ ଅଧିକାର ପତ୍ର ପାଇ, ସେ ନଗରକୁ ଯାତ୍ରା କରୁଥିବା ସଳଖ ନାମକ ପଥରେ ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ପାଇଥିଲେ । ଅନେକଙ୍କ ମନୋଭାବାନୁଯାୟୀ ଯୀଶୁଙ୍କୁ କେବଳ ତାହାଙ୍କ ପାପକ୍ଷମା କରିବା ନିମନ୍ତେ ଦର୍ଶନ ନ ଦେଇ ଏକ ସେବକ ଓ ଏକ ସାକ୍ଷୀ ହେବା ନିମନ୍ତେ ମନୋନୀତ କରିଥିଲେ । ଯୀଶୁଙ୍କ ଦର୍ଶନ ତାହାଙ୍କୁ ରକ୍ଷା କରି ନ ଥିଲା । "ପରିତ୍ରାଣ ପାଇବାକୁ କଅଣ କରିବାକୁ ହେବ ?" ପାଉଲଙ୍କ ଏହି ପ୍ରଶ୍ନରେ ଯୀଶୁ ଉତ୍ତର ଦେଲେ, "... ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କଅଣ କରିବାକୁ ହେବ, ତାହା କୁହାଯିବ ।" (ପ୍ରେରିତ ୯:୬) । ପରିତ୍ରାଣ ପ୍ରାପ୍ତି ନିମନ୍ତେ ଅନ୍ୟ ବିଷୟର ଆବଶ୍ୟକତା ଥିଲା । ତାହା ବିଶ୍ୱାସ ନୁହେଁ, କାରଣ ସେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିଥିଲେ । ତାହା ମନ ପରିବର୍ତ୍ତନ ନୁହେଁ । କାରଣ ସେ ତିନିଦିନ ପର୍ଯ୍ୟନ୍ତ ଅପେକ୍ଷାରେ ଏହି ଦୁଃଖରେ ଅନ୍ନପାନ ଗ୍ରହଣ ନ କରି, ପ୍ରାର୍ଥନାରେ ବିତାଉଥିଲେ । (ପ୍ରେରିତ ୯:୯, ୧୧) । ତାହାଙ୍କର ମନପରିବର୍ତ୍ତନ କରିବା ମଧ ଆବଶ୍ୟକ ନ ଥିଲା । କାରଣ ସେ ଖ୍ରୀଷ୍ଟିୟାନଙ୍କୁ ତାଡନା ନ କରି, ନିଜେ ଖ୍ରୀଷ୍ଟିୟାନ ହେବା ନିମନ୍ତେ ନିର୍ଣ୍ଣୟ ନେଇଥିଲେ । ଏସବୁ ସତ୍ତ୍ୱେ ସେ କି ପରିତ୍ରାଣ ପ୍ରାପ୍ତ ହୋଇଥିଲେ ? ନୁହେଁ, ତାହାଙ୍କ ପାପକ୍ଷମା ହୋଇ ନଥିଲା । ପାପକ୍ଷମା ନିମନ୍ତେ ତାହାଙ୍କୁ କଅଣ କରିବା ଆବଶ୍ୟକ ହନନିୟ ଜଣାଇବେ ବୋଲି ଯୀଶୁ ତାହାଙ୍କୁ କହିଥିଲେ । ହନନିୟ ତାହାଙ୍କୁ କହିଲେ, "ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରିତ ୨୨:୧୬) । "ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ମୁଁ କଅଣ କରିବି ?" ଏହା ଦ୍ୱିତୀୟ ଉତ୍ତର କେବଳ ବିଶ୍ୱାସ, ମନପରିବର୍ତ୍ତନ ଓ ହୃଦୟର ପରିବର୍ତ୍ତନ ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୋଇପାରେ ବୋଲି ବିଶ୍ୱାସ କରିବା ମନୁଷ୍ୟର ଭ୍ରମଧାରଣା ।

### ୫. କାରାଗାର ରକ୍ଷକ :

ପ୍ରେରିତ ପାଉଲ ଓ ଶୀଲା ଫିଲିପୀୟ କାରଗାରରେ ନିକ୍ଷିପ୍ତ ହେଲେ । କିନ୍ତୁ ପ୍ରାୟ ମଧରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ । ସେତେବେଳେ ହଠାତ୍ ଏପରି ମହାଭୂମିକମ୍ପ ହେଲା ଯେ, କାରଗାରର ଭିତ୍ତିମୂଳ କମ୍ପିବାକୁ ଲାଗିଲା । ଆଉ ତତ୍କ୍ଷଣାତ୍ ସମସ୍ତ ଦ୍ୱାର ମେଲା ହୋଇଗଲା, ପୁଣି ପ୍ରତ୍ୟେକ ଜଣର ବନ୍ଧନ ଫିଟିଗଲା । ଏଥିରେ କାରାରକ୍ଷକ ନିଦ୍ରାରୁ ଉଠି କାରାଗାର ଦ୍ୱାର ମେଲା ହେବା

ଦେଖି ବନ୍ଦୀମାନେ ପଳାଇ ଯାଇ ଅଛନ୍ତି ବୋଲି ମନେ କରି; ଖଣ୍ଡା ବାହାର କରି ଆପଣାକୁ ବଧ କରିବାକୁ ଯାଉଥିଲେ । କିନ୍ତୁ ପାଉଲ ଉଚ୍ଚ ସ୍ୱରରେ କହିଲେ, ଆପଣାର କୌଣସି କ୍ଷତି କର ନାହିଁ, କାରଣ ଆମ୍ଭେମାନେ ସମସ୍ତେ ଏଠାରେ ଅଛୁ । ସେଥିରେ ସେ ଦୀପ ଆଣିବାକୁ କହି ଡେଇଁପଡି ଭୟରେ ଥରି ଥରି ପାଉଲ ଓ ଶୀଲାଙ୍କର ସମ୍ମୁଖରେ ପଡିଗଲେ । ଆଉ, ସେମାନଙ୍କୁ ବାହାର କରି ଆଣି କହିଲେ, ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ? (ପ୍ରେରିତ ୧୬:୩୦) । ବିଜାତୀୟ ଏହି କାରାରକ୍ଷକ ହୁଏତ କେବେ ବି ସୁସମାଚାର ପ୍ରସଙ୍ଗ ଶ୍ରବଣ କରି ନ ଥିବେ ତାହାଙ୍କୁ ପ୍ରେରିତ ପାଉଲ କହିଲେ, "... ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେମାନେ ସପରିବାରେ ପରିତ୍ରାଣ ପାଇବ ।" (୩୧ଯ ପଦ) । କଥାଟା ଏଠାରେ ଶେଷ ହୁଏ ନାହିଁ । "ପରେ ସେମାନେ ତାହାଙ୍କୁ ଓ ତାଙ୍କ ଗୃହରେ ଥିବା ସମସ୍ତଙ୍କୁ ଈଶ୍ୱରଙ୍କ ବାକ୍ୟ କହିଲେ ।" (୩୨ଯ ପଦ) । ସେମାନଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିଥିଲେ, ଯେପରି ସେମାନେ ବିଶ୍ୱାସ କରି ପାରିବେ । (ରୋମୀୟ ୧୦:୭୨) । କାରାରକ୍ଷକ "ସେମାନଙ୍କ ପ୍ରହାରର କ୍ଷତସବୁ ଧୋଇ...।" ତାହାଙ୍କ ହୃଦୟର ପରିବର୍ତ୍ତନ ପ୍ରକଟ କରିଥିଲେ । ବିଶ୍ୱାସ ଓ ମନପରିବର୍ତ୍ତନ କରିଥିବା କାରାରକ୍ଷକ ତତ୍‌କ୍ଷଣାତ୍ ସପରିବାରେ ଅର୍ଦ୍ଧରାତ୍ରିରେ ବାପ୍ତିଜିତ ହେଲେ । ଶାଉଲ ବାପ୍ତିଜିତ ହୋଇ ପାପରୁ ଧୌତ ହୋଇଥିଲେ । (ପ୍ରେରିତ ୧୦:୩୪) ।

### ୬. ତିନୋଟି ଭିନ୍ନ ପ୍ରଶ୍ନର ଏକ ଉତ୍ତର :

ତିନୋଟି ବିଭିନ୍ନ ପ୍ରଶ୍ନର ଏକ ଉତ୍ତର । ବିଷୟବସ୍ତୁ ଅର୍ଥ ବୁଝିବା ସେତେ କଷ୍ଟକର ନୁହେଁ ।

୧) କାରାଗାରରକ୍ଷକ ଏକ ଅବିଶ୍ୱାସୀ ବ୍ୟକ୍ତି ଥିଲେ । ତାହାଙ୍କୁ ବିଶ୍ୱାସ କରିବା ନିମନ୍ତେ କୁହାଯାଇଥିଲା । ସେ ସପରିବାର ସହ ବିଶ୍ୱାସ ଓ ମନପରିବର୍ତ୍ତନ କରି ବାପ୍ତିଜିତ ହୋଇଥିଲେ ।

୨) ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଉପସ୍ଥିତ ଜନତା ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଥିଲେ । ତେଣୁକରି ସେମାନେ ବାପ୍ତିଜିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ ।

୩) ଶାଉଲ ଏକ ଅନୁତପ୍ତ ବିଶ୍ୱାସୀ ଥିଲେ । ସେ ବାପ୍ତିଜିତ ହୋଇ ଆପଣା ପାପ ଧୌତ ହେବାକୁ ଆଜ୍ଞାପିତ ହୋଇଥିଲେ ।

୪) ସେମାନେ ବିଭିନ୍ନ ଉତ୍ତର ପାଇଥିଲେ, କାରଣ ପରିତ୍ରାଣ ପଥର ବିଭିନ୍ନ ଦଶାରେ ସେମାନେ ଅଗ୍ରସର ହୋଇଥିଲେ । କିନ୍ତୁ ପ୍ରଥମେ ସତ୍ୟ ପଥର ଅନୁସରଣ କରି, ସତ୍ୟର

ଆଜ୍ଞାପିତ ହୋଇଥିଲେ । ଉଦାହରଣ ସ୍ୱରୂପ–ଏକ ଯାତ୍ରୀ କଟକ ନଗର କେତେ ଦୂର ବୋଲି ପ୍ରଶ୍ନ କରିବାରୁ, ତିରଶି ମାଇଲ ବୋଲି ଉତ୍ତର ପାଇଲେ । ସେ ଦଶ ମାଇଲ ଯାତ୍ରା କରି, କଟକ କେତେଦୂର ବୋଲି ପ୍ରଶ୍ନ କଲେ । କୋଡିଏ ମାଇଲ ବୋଲି ଉତ୍ତର ପାଇଲେ । ଆଉ ଦଶ ମାଇଲ ଯାତ୍ରା କର କଟକ କେତେଦୂର ବୋଲି ପ୍ରଶ୍ନ କଲେ । ଦଶ ମାଇଲ ବୋଲି ଉତ୍ତର ପାଇଲେ । ସେ ତିନଥର ପ୍ରଶ୍ନକଲେ, ତିନୋଟି ଜବାବ ପାଇଲେ । "ପରିତ୍ରାଣ ପାଇବାକୁ ମୁଁ କ'ଣ କରିବି ?" ପ୍ରଶ୍ନର ଜବାବ ମଧ ଠିକ୍ ସେହିପରି । ବିଶ୍ୱାସ, ମନପରିବର୍ତ୍ତନ ଓ ବାପ୍ତିସ୍ମ ଗ୍ରହଣ କରିବା କୁହାଯାଇ ଅଛି । ଯେଉଁମାନେ ବିଶ୍ୱାସ କରି ଅଛନ୍ତି, ସେମାନଙ୍କୁ ମନପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଗ୍ରହଣ କରିବାକୁ କୁହାଯାଇଅଛି । ଅନୁତପ୍ତ ଶାଉଲ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବାରୁ ବିଶ୍ୱାସ ଓ ଅନୁତାପ କରିବାକୁ କୁହା ନ ଯାଇ ବରଂ ବାପ୍ତିଜିତ ହୋଇ ପାପ ଧୋଇବା ନିମନ୍ତେ କୁହାଯାଇଥିଲେ । ପ୍ରତ୍ୟେକ ଏକ ସତ୍ୟପଥର ଅନୁସରଣକାରୀ । ପ୍ରତ୍ୟେକଙ୍କ ପରିବର୍ତ୍ତନ ଏକ ସଦୃଶ୍ୟ ହୋଇଥିଲା । ବାଇବଲରେ ପରସ୍ପର ବିରୁଦ୍ଧ ବିଷୟ କିଛି ନାହିଁ । ଯାହା ଆଜ୍ଞା ଦିଆଯାଇଅଛି, ତାହାର ପରିବର୍ତ୍ତନ ନାହିଁ । ମନୁଷ୍ୟ ଏହି ଯୋଜନାରେ ପରିବର୍ତ୍ତନ ଆଣିବାର ଅର୍ଥ ପରମେଶ୍ୱରଙ୍କ ଆଜ୍ଞାଧିକାର କରିବା ।

❖❖❖

## ପଞ୍ଚଦଶ–କାରଣ

# ମନୁଷ୍ୟ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଏ, କିନ୍ତୁ କେବଳ ବିଶ୍ୱାସ ଯଥେଷ୍ଟ ନୁହେଁ ବୋଲି ଶିକ୍ଷା ଦିଏ

**(It teaches that man is saved by faith but not by faith only)**

### ୧. ବିଶ୍ୱାସର ଅର୍ଥ :

୧) ସତ୍ୟ ସାକ୍ଷ୍ୟରୁ ଯାହା ଜାତ ହୁଏ, ତାହା 'ବିଶ୍ୱାସ' । ମନୁଷ୍ୟର ହୃଦୟରେ ବିଶ୍ୱାସ ଜାତ କରିବା କରିବା ନିମନ୍ତେ, ବାଇବଲ ଏକ ସାକ୍ଷ୍ୟ ପୁସ୍ତକ । "ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି । ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ । ଏଥିନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" (ଯୋହନ ୨୦:୩୧) । ଯେଉଁମାନେ ଏହି ପ୍ରକଟନ ଜାଣନ୍ତି ନାହିଁ । ସେମାନେ ଖ୍ରୀଷ୍ଟଙ୍କୁ ଚିହ୍ନନ୍ତି ନାହିଁ । ଯେଉଁଠାରେ ସାକ୍ଷ୍ୟ ନାହିଁ, ସେଠାରେ ବିଶ୍ୱାସ ନାହିଁ ।

୨) "ବିଶ୍ୱାସ ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ ।" (ଏବ୍ରୀ ୧୧:୧) । ବିଶ୍ୱାସ ଭରସାର ମୂଳଦୁଆ । ଆମ୍ଭମାନଙ୍କ ଭରସା, ଅମ୍ଭମାନଙ୍କ ବିଶ୍ୱାସ ଉପରେ ଆଧାରିତ । ମୁଁ କେବେ ବି ଲଣ୍ଡନ, ପ୍ୟାରିସ୍, ବା ମେକ୍ସିକୋ ନଗର ଦେଖି ନାହିଁ । କିନ୍ତୁ ମୁଁ ଏହାର ଅସ୍ତିତ୍ୱ ବିଷୟରେ ବିଶ୍ୱାସ କରେ । ମୁଁ ବ୍ୟକ୍ତିଗତ ଭାବେ ଖ୍ରୀଷ୍ଟଙ୍କୁ ସ୍ୱଚକ୍ଷୁରେ ଦେଖିନାହିଁ । କିନ୍ତୁ ମୋ ନିମନ୍ତେ ମୃତ୍ୟୁ ଭୋଗି, ପୁନଃରୁତ୍ଥିତ ହୋଇ ଯୁଗେ ଯୁଗେ ଜୀବିତ ଅଛନ୍ତି ବୋଲି ବିଶ୍ୱାସ କରେ ।

### ୨. ବିଶ୍ୱାସ କିପରି ଜାତ ହୁଏ :

"ବିଶ୍ୱାସ", ଆଶ୍ଚର୍ଯ୍ୟଭାବେ ମନୁଷ୍ୟ ହୃଦୟରେ ଜାତ ହୁଏ ବୋଲି ଅନେକଙ୍କ ମନୋଭାବ । ଯଦି ଏହି ମତ ସତ୍ୟ, ତେବେ ପ୍ରତ୍ୟେକ ହୃଦୟରେ ବିଶ୍ୱାସ ଜାତ ହୁଅନ୍ତା । କାରଣ ଈଶ୍ୱରଙ୍କଠାରେ ମୁଖାପେକ୍ଷା ନାହିଁ (ପ୍ରେରିତ ୧୦:୩୮) । ଅତଏବ "ବିଶ୍ୱାସ" ସ୍ୱର୍ଗରୁ ଅବତରିତ ବିଷୟ ନୁହେଁ, ଯାହା କେବଳ ମନୁଷ୍ୟ ହୃଦୟରେ ଜାତ ହୁଏ ଓ କେତେକ ହୃଦୟରେ ଜାତ ହୁଏ ନାହିଁ । ବିଶ୍ୱାସ ବାସ୍ତବିକ ଭାବେ, ବାସ୍ତବିକ ମନୁଷ୍ୟମାନଙ୍କ ହୃଦୟରେ ଜାତ ହୁଏ ।

୧) ବିଶ୍ୱାସ ଜନ୍ମ ହେବା ନିମନ୍ତେ ପବିତ୍ର ଲେଖନ ଦତ୍ତ ହୋଇଅଛି । "କିନ୍ତୁ ତୁମ୍ଭମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଛନ୍ତି, ପୁଣି ବିଶ୍ୱାସ କରି ଯେପରି

ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" (ଯୋହନ ୨୦:୩୧) ।

୨) ପ୍ରେରିତମାନଙ୍କ ଶିକ୍ଷା ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ବିଶ୍ୱାସ ଜାତ ହୁଏ ବୋଲି ଖ୍ରୀଷ୍ଟଙ୍କ ପ୍ରାର୍ଥନା ଶିକ୍ଷା ଦିଏ । "ମୁଁ କେବଳ ଏମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ନାହିଁ, ମାତ୍ର ଏମାନଙ୍କ ବାକ୍ୟ ଦ୍ୱାରା ଯେଉଁମାନେ ମୋଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ନିମନ୍ତେ ସୁଦ୍ଧା ପ୍ରାର୍ଥନା କରୁଅଛି ।" (ଯୋହନ ୧୭:୨୦) ।

୩) ବିଶ୍ୱାସ, ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣଠାରୁ ଜାତ ହୁଏ ବୋଲି ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ।

୪) ପ୍ରେରିତ ପିତର ମଧ୍ୟ ଶ୍ରବଣ ଦ୍ୱାରା, ବିଶ୍ୱାସ ଜାତ ହୁଏ ବୋଲି କହିଅଛନ୍ତି । "...ହେ ଭାଇମାନେ ଆପଣମାନେ ଜାଣନ୍ତି ଯେ, ମୋହର ମୁଖ ଦ୍ୱାରା ବିଜାତିମାନେ ଯେପରି ସୁସମାଚାରର ବାକ୍ୟ ମୋହର ଶୁଣି ବିଶ୍ୱାସ କରନ୍ତି, ଏଥିପାଇଁ ଅନେକ ଦିନ ପୂର୍ବେ ଈଶ୍ୱର ଆପଣମାନଙ୍କ ମଧ୍ୟରୁ ମୋତେ ମନୋନୀତ କରିଥିଲେ ।" (ପ୍ରେରିତ ୧୫;୭) ।

୫) ବିଜାତୀୟ କରିନ୍ଥୀମାନେ ଈଶ୍ୱରଙ୍କ ବାକ୍ୟ ଶୁଣି ବିଶ୍ୱାସ କଲେ ଓ ବାପ୍ତିଜିତ ହେଲେ । "... ଆଉ କରିନ୍ଥୀୟମାନଙ୍କ ମଧ୍ୟରୁ ଅନେକେ ଶୁଣି ବିଶ୍ୱାସ କରିବାକୁ ଲାଗିଲେ ଓ ବାପ୍ତିଜିତ ହେଲେ ।" (ପ୍ରେରିତ ୧୮:୮) ।

୬) ବିଶ୍ୱାସ ଶ୍ରବଣରୁ ଜାତ ହୁଏ ବୋଲି କର୍ଣ୍ଣଲୀୟ ନିକଟକୁ ପ୍ରେରିତ ଦୂତ ଜ୍ଞାତ ଥିଲେ । "... ସେହି ଦୂତ କିପରି ତାଙ୍କ ଗୃହରେ ଠିଆ ହୋଇ କହିଲେ, ଯାଫୋକୁ ଲୋକ ପଠାଇ ପିତର ଉପନାମ ପ୍ରାପ୍ତ ଶିମୋନକୁ ଡକାଇଆଣ, ଯେ ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେ ଓ ତୁମ୍ଭର ସମସ୍ତ ପରିବାର ପରିତ୍ରାଣ ପାଇବ, ସେ ତୁମ୍ଭକୁ ସେହି ସବୁ କହିବେ ।" (ପ୍ରେରିତ ୧୧:୧୩,୧୪) । ଈଶ୍ୱରଙ୍କ ବାକ୍ୟ ସେମାନଙ୍କୁ ହୃଦୟରେ ବିଶ୍ୱାସ ଜାତ କରାଇଥିଲା ଓ ସେମାନେ ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ।

୭) ଈଶ୍ୱରଙ୍କ ବାକ୍ୟ ବିଶ୍ୱାସର ବୀଜ ଅଟେ । ଏହି ବିଷୟ ଜ୍ଞାତ ଶୟତାନ ତାହା ମନୁଷ୍ୟ ହୃଦୟରୁ ହରଣ କରିବାରେ ଚେଷ୍ଟା କରେ । "ଆଉ ଯେଉଁମାନେ ବାଟ ପାଖରେ ଅଛନ୍ତି, ସେମାନେ ବାକ୍ୟ ଶୁଣନ୍ତି, ତାହାପରେ ଶୟତାନ ଆସି ଯେପରି ସେମାନେ ବିଶ୍ୱାସ କରି ପରିତ୍ରାଣ ନ ପାଆନ୍ତି, ଏଥିନିମନ୍ତେ ସେମାନଙ୍କ ହୃଦୟରୁ ବାକ୍ୟ ହରଣ କରିନିଏ ।" ଲୂକ ୮:୧୨ ।

ଉପରୋକ୍ତ ବାକ୍ୟାଂଶରୁ ଏହା ସ୍ପଷ୍ଟ ହୁଏ ଯେ, ପିତା ପରମେଶ୍ୱର, ଯୀଶୁଖ୍ରୀଷ୍ଟ, ପବିତ୍ର ଆତ୍ମା, ପ୍ରେରିତଗଣ, ଦୂତଗଣ ଓ ଶୟତାନ ଜାଣନ୍ତି ଯେ ଈଶ୍ୱରଙ୍କ ବାକ୍ୟ ଶ୍ରବଣରୁ ଜାତ ହୁଏ ।

୩. ବିଶ୍ୱାସର ଆବଶ୍ୟକତା :

ବିଶ୍ୱାସର ନିତାନ୍ତ ଆବଶ୍ୟକତା ବାଇବଲର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଅଛି । ଏହା ପରିତ୍ରାଣରୁ ଅଭିନ୍ନ ଅଂଶ । 'ବିଶ୍ୱାସ'କୁ ପରିତ୍ରାଣର ଏକ ଅଂଶ ବୋଲି ଗ୍ରହଣ ନ କରିବା ଲୋକେ, ବାଇବଲର ବାକ୍ୟକୁ ଅଗ୍ରାହ୍ୟ କରୁଅଛନ୍ତି, କାରଣ :–

୧) ବିଶ୍ୱାସ ଦ୍ୱାରା ମନୁଷ୍ୟର ହୃଦୟ ଶୁଦ୍ଧି ହୁଏ । (ପ୍ରେରିତ ୧୫:୯) ।

୨) ବିଶ୍ୱାସ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ହୁଏ । (ରୋମୀୟ ୫:୧) ।

୩) ପରିତ୍ରାଣ ନିମନ୍ତେ ବିଶ୍ୱାସ କରିବା ନିତାନ୍ତ ଆବଶ୍ୟକ । (ପ୍ରେରିତ ୧୬:୩୧) ।

୪) "କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନଯାପନ ନ କରି ବିଶ୍ୱାସରେ ଜୀବନଯାପନ କରୁଅଛୁ ।" (୨ୟ କରିନ୍ଥୀ ୫:୭)

୫) ଖ୍ରୀଷ୍ଟିୟାନ ଜୀବନ ବିଶ୍ୱାସରେ ଯାପନ କରାଯାଏ । (ଗାଲାତି ୨:୨୦) ।

୬) ବିନା ବିଶ୍ୱାସରେ ପରମେଶ୍ୱରଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ । (ଏବ୍ରୀ ୧୧:୬) ।

୭) "...ଯାହା କିଛି ବିଶ୍ୱାସରୁ ନାହିଁ , ତାହା ପାପ ।" (ରୋମୀୟ ୧୪:୨୩) ।

ଖ୍ରୀଷ୍ଟିୟାନ ଧର୍ମର ପ୍ରତ୍ୟେକ ଧର୍ମକର୍ମ ଓ ପରିଚର୍ଯ୍ୟା "ବିଶ୍ୱାସ" ଉପରେ ଆଧାରିତ । ଧର୍ମ ଜଗତରେ ସ୍ୱନୀତି ଈଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱାସ ରହିବା ଆବଶ୍ୟକ, ନଚେତ୍ ଆମ୍ଭେମାନେ ପଥଭ୍ରଷ୍ଟ ହେବୁ ।

୪. "କେବଳ ବିଶ୍ୱାସ"–ଏହି ସିଦ୍ଧାନ୍ତ କାର୍ଯ୍ୟ ବିରୁଦ୍ଧ :-

ଉପରୋକ୍ତ ବାକ୍ୟାନରୁ ଈଶ୍ୱରଙ୍କ ପରିତ୍ରାଣର ଯୋଜନାରେ ଈଶ୍ୱରଙ୍କ ଯୋଜନାର ପ୍ରାଧାନ୍ୟତା ବୁଝି ପାରିଲୁ । ଦୁଃଖକର ବିଷୟ ଏହି କି ଯେ, ମନୁଷ୍ୟମାନେ ପରିତ୍ରାଣ ପ୍ରାପ୍ତି ନିମନ୍ତେ, "କେବଳ ବିଶ୍ୱାସ" ଥିଲେ ଯଥେଷ୍ଟ ବୋଲି ମନେ କରନ୍ତି ଶିକ୍ଷା ଦିଅନ୍ତି । ଏହି ମିଥ୍ୟାଶିକ୍ଷା ଅନେକଙ୍କୁ ପଥଭ୍ରଷ୍ଟ କରିଅଛି । "କେବଳ ବିଶ୍ୱାସ" ସିଦ୍ଧାନ୍ତ ବିଶ୍ୱାସ କରିବାର ଅର୍ଥ, ବାଇବଲର ଅନ୍ୟ ବାକ୍ୟାଂଶର ବିପରିତ ବିଶ୍ୱାସ କରିବା । ସେଗୁଡ଼ିକ ହେଲା :–

୧) କର୍ମବିନୁ ବିଶ୍ୱାସ ବୃଥା ବୋଲି ଯାକୁବ ଆପଣା ଲେଖନୀରେ ଜ୍ଞାତ କରାନ୍ତି । "ସେହିପରି ମଧ୍ୟ ବିଶ୍ୱାସ କର୍ମ ବିନା ନିଜେ ମୃତ ।" (ଯାକୁବ ୨:୧୭) ।

୨) "କେବଳ ବିଶ୍ୱାସ" ଦ୍ୱାରା ପରିତ୍ରାଣ ପ୍ରାପ୍ତି ହୋଇ ପାରିବା ସିଦ୍ଧାନାତ ସତ୍ୟ ହେଲେ, ଭୂତମାନେ ମଧ୍ୟ ପରିତ୍ରାଣ ପ୍ରାପ୍ତ ହୁଅନ୍ତେ । ଯାକୁବ କହନ୍ତି, "ଈଶ୍ୱର ଏକମାତ୍ର, ଏହା ତୁମ୍ଭେ ବିଶ୍ୱାସ କରୁଅଛ । ଭଲ କଥା ଦୂତମାନେ ମଧ୍ୟ ବିଶ୍ୱାସ କରି ଥରହର ହୁଅନ୍ତି ।" (ଯାକୁବ ୨:୧୯) ।

୩) "କେବଳ ବିଶ୍ୱାସ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ନହୋଇ କର୍ମ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ । ଏହା ତୁମ୍ଭେମାନେ ଦେଖୁଅଛ ।" (ଯାକୁବ ୨:୨୪) । "କେବଳ

ବିଶ୍ୱାସ" ଆମ୍ଭମାନଙ୍କୁ ପରିତ୍ରାଣ ଲବ୍ଧ କରାଏ ନାହିଁ ବୋଲି ବାକ୍ୟରେ ଲିଖିତ ହୋଇ ଥିବାରୁ. "କେବଳ ବିଶ୍ୱାସ" ଦ୍ୱାରା ପରିତ୍ରାଣ ପ୍ରାପ୍ତି ହେବେ ବୋଲି ମନେ କରୁଥିବା ଲୋକେ ଯାକୁବଙ୍କ ଲିଖିତ ଏହି ବାକ୍ୟ ଅମାନ୍ୟ କରୁ ଅଛନ୍ତି ।

୪) କର୍ମ ବିନୁ ବିଶ୍ୱାସ ମୃତ ବୋଲି ଯାକୁବ ଆପଣା ପତ୍ରରେ ସ୍ୱଷ୍ଟ କରନ୍ତି । "କାରଣ ଆତ୍ମାବିନା ଶରୀର ଯେପରି ମୃତ, ସେହିପରି କର୍ମ ବିନା ବିଶ୍ୱାସ ମଧ୍ୟ ମୃତ ।" (ଯାକୁବ ୨;୨୬) । ମୃତ ମନୁଷ୍ୟ ତୁଲ୍ୟ, ମୃତ ସିଦ୍ଧାନ୍ତକୁ ମନୁଷ୍ୟମାନେ କିଭଳି ପ୍ରଚାର କରୁ ଅଛନ୍ତି ? ଯାକୁବଙ୍କ ଏହି ପଦ, "କେବଳ ବିଶ୍ୱାସ" ଯଥେଷ୍ଟ ମନେ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମୁକ ବନ୍ଦ କରେ ।

୫) ଯୀଶୁ ଏହି ଜଗତରେ ଜୀବନଯାପନ କରିବା ସମୟରେ, ଅନେକେ ଅଧିପତିମାନେ ତାହାଠାରେ ବିଶ୍ୱାସ କରୁଥିଲେ । "ତଥାପି ନେତାମାନଙ୍କ ମଧ୍ୟରୁ ସୁଦ୍ଧା ଅନେକେ ତାହାଙ୍କ ଠାରେ, କିନ୍ତୁ କାଳେ ସେମାନେ ସମାଜଚ୍ୟୁତ ହୁଅନ୍ତି, ଏଥିପାଇଁ ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁ ନ ଥିଲେ, କାରଣ ସେମାନେ ଈଶ୍ୱରଙ୍କଠାରୁ ଗୌରବ ଅପେକ୍ଷା ବରଂ ମନୁଷ୍ୟମାନଙ୍କ ଠାରୁ ଗୌରବ ଭଲ ପାଇଲେ ।" (ମାଥିଉ ୧୨:୪୧-୪୨) । ସେମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କଲେ ସେମାନଙ୍କ ବିନାଶ ସୁନିଶ୍ଚିତ । "ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି ।" (ମାଥିଉ ୧୦;୩୩) । ନେତାମାନେ ବିଶ୍ୱାସ କଲେ, ପରିତ୍ରାଣ ପ୍ରାପ୍ତ ହୋଇ ନଥିଲେ । କାରଣ ସେମାନେ ପ୍ରଭୁଙ୍କୁ ଗ୍ରହଣ କରି ନ ଥିଲେ । ଆତ୍ମାର ପରିତ୍ରାଣ ଅପେକ୍ଷା, ମନୁଷ୍ୟର ପ୍ରଶଂସା ଅଧିକ ମଣିଲେ । ଆଜିର ଦୁନିଆର ଅନେକେ ଏପରି ପରିସ୍ଥିତିରେ ଅଛନ୍ତି । ଅନେକେ ବିଶ୍ୱାସ କରନ୍ତି, କିନ୍ତୁ ଆଜ୍ଞାବହତା ଠାରୁ ଶରୀରର ଇଚ୍ଛାନୁସାରେ ଚାଲିବାକୁ ଇଚ୍ଛା କରନ୍ତି ।

## ୫. ବିଶ୍ୱାସ+ ଆଜ୍ଞାବହତା= ପରିତ୍ରାଣ :-

ମନୁଷ୍ୟ ବିଶ୍ୱାସ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ । "ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କର, ପରିତ୍ରାଣ ପ୍ରାପ୍ତ ହେବ ।" କେବେ ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରେ ? ନିମ୍ନଲିଖିତ ବାଖ୍ୟାନ ବର୍ଣ୍ଣନା କରେ :-

୧) ବିଶ୍ୱାସ ଦ୍ୱାରା ଯିରିହୋର ପ୍ରାଚୀରର ପତନ ହେଲା :- ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁଙ୍କ ଆଜ୍ଞା ଶ୍ରବଣ କରି ବିଶ୍ୱାସ କରିବାରେ ଯିରିହୋର ପ୍ରଚୀରର ପତନ କେବେବି ହୋଇ ନ ଥାନ୍ତା । କିନ୍ତୁ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ସେମାନେ ଯିରିହୋ ନଗରର ସାତଦିନ ପ୍ରଦକ୍ଷଣ କରିବାରେ ଯିରିହୋ ପ୍ରାଚୀର ପତନ ହୋଇ ନ ଥାନ୍ତା ।

(ଏବ୍ରୀ ୧୧:୩୦) । ଇଶ୍ରାଏଲ ସନ୍ତାନମାନେ କେବଳ ବିଶ୍ୱାସ କରି, ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ କର୍ମ ନ କରି, ନୀରବ ଭାବେ ବସି ରହିଥିଲେ, ଯିରିହୋର ପ୍ରାଚୀରରେ ପତନ କେତକ ନଥିଲା । ସଦାପ୍ରଭୁ ଯିରିହୋର ପତନର ନିମନ୍ତେ କେତେକ ସର୍ତ୍ତ ରଖିଥିଲେ । (ଯିହୋଶୂୟ ୬ମ ଅଧ୍ୟାୟ) । ତାହାଙ୍କ ସର୍ତ୍ତ ପାଳନ ନ କରିବାର ଅର୍ଥ, ଅବିଶ୍ୱାସ କରିବା । ସଦାପ୍ରଭୁଙ୍କ ଆଜ୍ଞା ସେମାନଙ୍କ ନିମନ୍ତେ ଏକ ପରୀକ୍ଷା ଥିଲା । ବିଶ୍ୱାସରେ ସଦାପ୍ରଭୁଙ୍କ ସର୍ତ୍ତ ପାଳନ ନ କରିବା ପର୍ଯ୍ୟନ୍ତ ଯିରିହୋର ପ୍ରାଚୀର ପତନ ନ ଥିଲା ।

୨) ବିଶ୍ୱାସ ଦ୍ୱାରା ନୋହ ଓ ତାହାଙ୍କ ପରିବାର ପରିତ୍ରାଣ ପ୍ରାପ୍ତ ହୋଇଥିଲେ । ପ୍ରଶ୍ନ ହେଲା, କେବେ ସେମାନେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ? ନୋହ ଯଦି ଆଜିର ଅନେକ ପ୍ରଚାରକଙ୍କ ସଦୃଶ୍ୟ, "ମୋ ପାଇଁ ବିଶ୍ୱାସ ଯଥେଷ୍ଟ ଜାହାଜ ନିର୍ମାଣର ଆବଶ୍ୟକତା କଅଣ ଅଛ ?" ବୋଲି ମନେ କରିଥିଲେ, ସେ ଓ ତାହାଙ୍କ ପରିବାର ପରିତ୍ରାଣ ପ୍ରାପ୍ତ ହୋଇ ନ ଥା'ନ୍ତେ । କିଅବା ମହାବନ୍ୟାରୁ ରକ୍ଷା ପାଇ ନ ଥାନ୍ତା । ନୋହ କେବଳ ବିଶ୍ୱାସ ଦ୍ୱାରା ନୁହେଁ, କିନ୍ତୁ ଆଜ୍ଞାବହତା ଦ୍ୱାରା ଅର୍ଥାତ୍ ଜାହାଜ ନିର୍ମାଣ କରିବା ଦ୍ୱାରା ମହାବନ୍ୟାରୁ ସେ ଓ ତାହାଙ୍କ ପରିବାର ରକ୍ଷା ପାଇଥିଲେ ।

୩) ଗଣନା ପୁସ୍ତକର ୨୧ତମ ଅଧ୍ୟାୟରେ ପ୍ରାନ୍ତରରେ ଦାହକ ସର୍ପ ଦଂଶନରେ ଅନେକ ଇଶ୍ରାଏଲୀୟମାନେ ମୃତବରଣ କରିବାର ଘଟଣା ପଢ଼ିଥାଉଁ । ମୋଶା ଇଶ୍ରାଏଲ ସନ୍ତାନମାନଙ୍କ ନିମନ୍ତେ ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କରିଥିଲେ । "ତେବେ ସଦାପ୍ରଭୁ ମୋଶାଙ୍କ କହିଲେ, ତୁମ୍ଭେ ଗୋଟିଏ ଦାହକ ସର୍ପ ନିର୍ମାଣ କରି ପତାକା-ଦଣ୍ଡ ଉପରେ ରଖ, ତହିଁରେ ସର୍ପଦ୍ରଷ୍ଟ ପ୍ରତ୍ୟେକ ଲୋକ ତାହା ପ୍ରତି ଅନାଇଲେ ବଞ୍ଚିବ ।" (ଗଣନା ୨୧:୮) । "ମୁକ୍ତିର ପଥ ଶୁଣାଇ ଦିଆଗଲା । ମୃତ୍ୟୁରୁ ରକ୍ଷା ପାଇବା ନିମନ୍ତେ କି କେବଳ ବିଶ୍ୱାସ ଯଥେଷ୍ଟ ଥିଲା ?" ନୁହେଁ, କିନ୍ତୁ ସର୍ତ୍ତନୁଯାୟୀ ବିଶ୍ୱାସରେ ଆଜ୍ଞାବହତାରେ ସେମାନେ ମୃତ୍ୟୁରୁ ରକ୍ଷା ପାଇଲେ ।

## ୫. ଧାର୍ମିକରୂପେ ଗଣତି ହେବାର ଅନେକ କାରଣ :-

ଅନେକ କାରଣ ଦ୍ୱାରା ଆମ୍ଭେମାନେ ଧାର୍ମିକ ଗଣିତ ହେବୁ ବୋଲି ନୂତନ ନିୟମ ଶିକ୍ଷା ଦିଏ । ସେଗୁଡ଼ିକ ହେଲା :-

୧) "ପୁଣି ସେମାନେ ବିନା ମୂଲ୍ୟରେ ତାହାଙ୍କ ଅନୁଗ୍ରହରେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଯେଉଁ ମୁକ୍ତି ଅଛି, ତଦ୍ଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି ।" ଈଶ୍ୱରଙ୍କ ଅନୁଗ୍ରହ, ଆମ୍ଭମାନଙ୍କ ପରିତ୍ରାଣ ପ୍ରାପ୍ତିର ଏକ କାରଣ ।

୨) "... ବିଶ୍ୱାସୀକାରୀ ପ୍ରତ୍ୟେକ ଲୋକ ତାହାଙ୍କ (ଖ୍ରୀଷ୍ଟଙ୍କ) ଦ୍ୱାରା ପାପରୁ ମୁକ୍ତ ହୋଇ ଧାର୍ମିକ ଗଣିତ ହୁଅନ୍ତି । ଖ୍ରୀଷ୍ଟ ଆମ୍ଭମାନଙ୍କ ପରିତ୍ରାଣ କର୍ତ୍ତା ଓ ଧାର୍ମିକତାର କାରକ ।"

୩) "...ଆମ୍ଭେମାନେ ଏବେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହେବାରୁ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ କ୍ରୋଧରୁ ରକ୍ଷା ପାଇବା ।" ଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ସମସ୍ତ ପାପରୁ ଧୌତକରି ଧାର୍ମିକ ଗଣିତ କରାଏ ।

୪) "... କିନ୍ତୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଓ ଆମ୍ଭମାନଙ୍କ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଧୌତ ହୋଇଅଛ, ପବିତ୍ରୀକୃତ ହୋଉଅଛ ଓ ଧାର୍ମିକ ବୋଲି ଗଣିତ ହୋଇଅଛ ।" (୧ମ କରିନ୍ଥୀ ୬:୧୧) । ଖ୍ରୀଷ୍ଟଙ୍କ ନାମରେ ଅର୍ଥାତ୍ ତାହାଙ୍କ ଆଧିପତ୍ୟରେ ମନୁଷ୍ୟର ପରିତ୍ରାଣ ।

୫) "... ବିଶ୍ୱାସ ଦ୍ୱାରା ଧାର୍ମିକ...।" (ରୋମୀୟ ୫:୧) । ମନୁଷ୍ୟର ବିଶ୍ୱାସ ବିନୁ ଧାର୍ମିକ ଗଣିତ ହୋଇ ନପାରେ ।

୬) "... କର୍ମ ଦ୍ୱାରା (ମନୁଷ୍ୟ) ଧାର୍ମିକ ଗଣିତ ହୁଏ ।" (ଯାକୁବ ୨:୨୪) । ମନୁଷ୍ୟର କର୍ମ, ମନୁଷ୍ୟକୁ ଧାର୍ମିକ ଗଣିତ ହେବାରେ ସାହାଯ୍ୟ କରେ ।

ଉପରୋକ୍ତ ବିଷୟ ଗୁଡ଼ିକ ଏକ ଉଦାହରଣ ଦ୍ୱାରା ବିଶ୍ଳେଷଣ କରିବା । ଜଳରେ ବୁଡ଼ି ଯାଉଥିବା ଏକ ମନୁଷ୍ୟର ଚିତ୍କାର ଏକ ଭଦ୍ରବ୍ୟକ୍ତି ଶ୍ରବଣ କଲେ । ସେ ତାହାଙ୍କ ଉପରେ ଦୟାବହ, ତାହାଙ୍କୁ ରକ୍ଷା କରିବା ନିମନ୍ତେ ଆପଣା ପୁତ୍ରକୁ ପ୍ରେରଣ କଲେ । ସେ ଜଳରେ ଏକ ରଜ୍ଜୁ ପକାଇ, ବୁଡ଼ି ଯାଉଥିବା ବ୍ୟକ୍ତି ତାହା ଧରି କୂଳକୁ ଆସିବାକୁ କହିଲେ । ବୁଡ଼ି ଯାଉଥିବା ବ୍ୟକ୍ତି ରଜ୍ଜୁ ଧରି ରକ୍ଷା ପାଇଲେ । ଚିତ୍କାର ଶୁଣି, ଭଦ୍ରଲୋକଙ୍କ ହୃଦୟରେ "ଦୟାର ମନୋଭାବ", ରକ୍ଷା ପାଇବା ନିମନ୍ତେ ପ୍ରଥମ କାରଣ । ପୁତ୍ର ପରିତ୍ରାଣର ପ୍ରଦାନ କାରଣ । ପୁତ୍ର ଜଳରେ ପକାଇଥିବା ରଜ୍ଜୁ ବୁଡ଼ି ଯିବାଠାରୁ ରକ୍ଷା ପାଇଥିଲେ । ଠିକ୍ ସେହିପରି ମନୁଷ୍ୟ, ଅନୁଗ୍ରହ, ଖ୍ରୀଷ୍ଟ, ରକ୍ତ, ତାହାଙ୍କ ଅଧିକାର, ବିଶ୍ୱାସ ଓ କର୍ମଦ୍ୱାରା ଧାର୍ମିକ ଗଣିତ ହୁଏ ଓ ଯେଉଁମାନେ, "କେବଳ ବିଶ୍ୱାସ" ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇ ପାରିବେ ବୋଲି ବିଶ୍ୱାସୀ କରନ୍ତି, ସେମାନେ ଭ୍ରାନ୍ତଶିକ୍ଷାର ଶୀକାର ହୋଇଅଛନ୍ତି । ବିଶ୍ୱାସ ମନୁଷ୍ୟର ପରିତ୍ରାଣ ଯୋଜନାର, ଏକ ଅଂଶ ମାତ୍ର । କିନ୍ତୁ ମନୁଷ୍ୟର ପରିତ୍ରାଣ ଯୋଜନାର ପ୍ରତ୍ୟେକ ଅଂଶ, ମନୁଷ୍ୟର ପରିତ୍ରାଣ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ।

❖❖❖

ଷଷ୍ଠଦଶ–କାରଣ

# ଏହା ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ ବୋଲି ଶିକ୍ଷା ଦିଏ

(It teaches that man is saved by the Blood of Christ)

## ୧. ଐଶ୍ୱରିକ ସ୍ତରରେ ରକ୍ତର ମୂଲ୍ୟ :

ପ୍ରତ୍ୟେକ ଯୁଗରେ ରକ୍ତର ଏକ ପ୍ରଧାନ୍ୟତା ଓ ଶକ୍ତି ରହିଅଛି । ରକ୍ତବଳିର ଅର୍ଥ ପ୍ରାଣବଳି । କାରଣ "...ରକ୍ତ ହିଁ ପ୍ରାଣ...।" (ଦ୍ୱିତୀୟ ବିବରଣ ୧୨:୨୩) । ପ୍ରତି ଯୁଗରେ ସଦାପ୍ରଭୁ ରକ୍ତବଳି ଲୋଡିଥିଲେ । ଏତଦ୍ୱାରା ରକ୍ତର ପ୍ରାଧାନ୍ୟତା ବୁଝିପାରୁ । ନିମନ୍ଲିଖିତ ବାକ୍ୟାଂଶରେ ରକ୍ତର ପ୍ରାଧାନ୍ୟତା ଆହୁରି ବିପୁଳ ଭାବେ ବୁଝି ପାରିବା ।

୧) ସମୟର ଆରମ୍ଭ ବେଳାରେ ହେବଲ, "...ନିଜ ପଲର ପ୍ରଥମଜାତ କେତେକ ପଶୁ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ ।" (ଆଦି ୪:୪) । ତାହା ସଦାପ୍ରଭୁଙ୍କ ଗ୍ରାହ୍ୟ ହେଲା । କିନ୍ତୁ ତାହାଙ୍କ ଭ୍ରାତାଙ୍କ ଭୂମ୍ୟୁତ୍ପନ୍ନ ଫଳ ଉତ୍ସର୍ଗ ସଦାପ୍ରଭୁ ଗ୍ରାହ୍ୟ କଲେ ନାହିଁ । (୪ ଓ ୫ ପଦ) । ହେବଲଙ୍କ ରକ୍ତବଳିଦାନ, ଖ୍ରୀଷ୍ଟଙ୍କ ରକ୍ତବଳିଦାନ ସାଦୃଶ୍ୟ ଅଟେ, ଯାହା ଜଗତର ପ୍ରତ୍ୟେକ ମନୁଷ୍ୟର ପାପକ୍ଷମା ନିମନ୍ତେ ଢ଼ଳା ଯାଇଥିଲା ।

୨) ସଦାପ୍ରଭୁଙ୍କ ମିତ୍ର, ବିଶ୍ୱସ୍ତ ଅବ୍ରାହାମ ରକ୍ତବଳିଦାନ ପ୍ରାଧାନ୍ୟତା ଜ୍ଞାତ ଥିଲେ । ସେ ଆପଣା ପ୍ରତିଜ୍ଞାତ ପୁତ୍ର ଇସ୍ହାକକୁ ବଳି ଦେବା ନିମନ୍ତେ ଆଜ୍ଞାପିତ ହେବା ସମୟରେ, ବଳିଦାନ ଦେବାକୁ ପଛେଇ ନ ଥିଲେ । ସେ ଇସ୍ହାକଙ୍କ ବଦଳେ ଲତାରେ ବଦ୍ଧଶୃଙ୍ଗ ଏକ ମେଷ ପାଇ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଦେଲେ । (ଆଦି ୨୨:୧-୧୯) ।

୩) ନିସ୍ତାର ପର୍ବ ପାଳନ, ଦୈବିକ ଜଗତରେ ରକ୍ତର ପ୍ରାଧାନ୍ୟତା ପ୍ରମାଣିତ କରେ । ସଦାପ୍ରଭୁ, ଇଶ୍ରାଏଲୀୟ ସନ୍ତାନମାନେ ମିସର ବନ୍ଧନରୁ ମୁକ୍ତ ହେବା ରାତ୍ରି, ବଧ ଶାବକର ରକ୍ତ ଗୃହଦ୍ୱାରର ଦୁଇ ଜାବୁବନ୍ଧ ଓ କପାଳୀ ଉପରେ ଲଗାଇବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ସଦାପ୍ରଭୁ ପ୍ରତିଜ୍ଞା କରି କହିଥିଲେ, "ଏଣୁକରି ତୁମ୍ଭେମାନେ ଯେଉଁ ଯେଉଁ ଗୃହରେ ଥାଅ, ସେହି ସେହି ଗୃହରେ ସେହି ରକ୍ତ ଚିହ୍ନ ସ୍ୱରୂପେ ରହିବ, ଆଉ ଆମ୍ଭେ ମିସର୍ ଦେଶକୁ ଦଣ୍ଡ ଦେବା ସମୟରେ ସେହି ରକ୍ତ ଦେଖିଲେ, ତୁମ୍ଭମାନଙ୍କ ଛାଡି ଆଗକୁ ଯିବା, ସଂହାରକ ଆଘାତ ତୁମ୍ଭମାନଙ୍କ ପ୍ରତି ଘଟିବ ନାହିଁ ।" (ଯାତ୍ରା ୧୨:୧୩) । ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁଙ୍କ ଆଜ୍ଞା ପାଳନ

କଲେ ଓ ସେମାନଙ୍କ ମଧ୍ୟରୁ କାହାର ମୃତ୍ୟୁ ନ ଘଟିଲା । ଏହି ଘଟଣା ଆମ୍ଭମାନଙ୍କୁ ନିମନ୍ତେ ଏକ ଦୃଷ୍ଟାନ୍ତ ସ୍ୱରୂପ ଏଟେ । ମନୁଷ୍ୟମାନଙ୍କ ନିମନ୍ତେ ଏକ ବିଗ୍ଭର ଓ ବିନାଶର ଦିନ ଉପସ୍ଥିତ ହେବ, "...ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସୁସମାଗ୍ଭର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦେବେ ।" (୨ୟ ଥେସ ୧:୭-୮) । ମେଷଶାବକର ରକ୍ତ ଦ୍ୱାରା ଈଶ୍ରାଏଲୀମାନେ ରକ୍ଷା ପାଇଥିବା ସଦୃଶ୍ୟ, ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ଖ୍ରୀଷ୍ଟିୟାନମାନେ ସେ ଦିନରେ ରକ୍ଷା ପାଇବା । ଯେଉଁମାନେ ଆପଣା ଆପଣା ବସ୍ତ୍ର ଖ୍ରୀଷ୍ଟଙ୍କ ରକ୍ତରେ ଧୌତ କରି ଅଛନ୍ତି, ସେମାନଙ୍କ ସହ ମିଳିତ ଭାବେ ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରଶଂସାଗାନ କରିବା, କେତେ ଆନନ୍ଦକର ବିଷୟ !

୪) ନିୟମ ପୁସ୍ତକ ରକ୍ତ ଦ୍ୱାରା ମୁଦ୍ରିତ ହୋଇଥିବାରୁ, ଈଶ୍ୱରଙ୍କ ଯୋଜନାରେ ରକ୍ତର ପ୍ରଧାନ୍ୟତାର ସାକ୍ଷ୍ୟ ଦିଏ । ମୋଶାଙ୍କ ଦ୍ୱାରା ସଦାପ୍ରଭୁଙ୍କ ଦତ୍ତ ଆଜ୍ଞାପାଳନ କରିବା ନିମନ୍ତେ ଈଶ୍ରାଏଲ ସନ୍ତାନମାନେ ଇଚ୍ଛା ପ୍ରକାଶ କରିଥିଲେ । ଦାହନ ବଳି, ସମାଧାନ ବଳି ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଉଥିଲା । ବଳି ପଶୁର ରକ୍ତ ସଦାପ୍ରଭୁ ଓ ମନୁଷ୍ୟ ମଧ୍ୟସ୍ତ ନିୟମକୁ ମୁଦ୍ରାଙ୍କିତ କରୁଥିଲା । ଏହି ବିଷୟ ଗୁଡ଼ିକର ବିପୁଳ ବର୍ଣ୍ଣନା ଯାତ୍ରା ୨୪:୬-୮ ଓ ଏବ୍ରୀ ୯:୧୯-୨୦ ପଦରେ ପଢ଼ିଥାଉଁ ।

୫) ସମାଗମ ତମ୍ବୁ ଓ ତନ୍ମଧ୍ୟସ୍ଥ ପରିଚର୍ଯ୍ୟାର ପାତ୍ରଗୁଡ଼ିକ ରକ୍ତ ଦ୍ୱାରା ପ୍ରତିଷ୍ଠିତ କରାଯାଉଥିଲା । "ଆହୁରି ମଧ୍ୟ ସେ ତମ୍ବୁସ୍ଥ ଓ ପରିଚର୍ଯ୍ୟାର ସମସ୍ତ ପାତ୍ର ଉପରେ ସେହିପରି ରକ୍ତ ସେଚନ କଲେ । ପୁଣି ବ୍ୟବସ୍ଥାନୁସାରେ ରକ୍ତ ଦ୍ୱାରା ଶୁଚୀକୃତ ହୁଏ, ଆଉ ରକ୍ତପାତ ବିନା ପାପମୋଚନ ହୁଏ ନାହିଁ ।" (ଏବ୍ରୀ ୯:୨୨) ।

୬) ଯିହୂଦୀୟ ବ୍ୟବସ୍ଥାନୁଯାୟୀ ବିଭିନ୍ନଭାବେ ଅସଂଖ୍ୟ ପଶୁ ବଳି ଦିଆଯାଉଥିବା ସତ୍ତ୍ୱେ ପାପମୋଚନ ହୋଇ ନ ଥିଲା । "କାରଣ ବ୍ୟବସ୍ଥା ଆଗାମୀ ଉତ୍ତମ ଉତ୍ତମ ଛାୟାସ୍ୱରୂପ ହୋଇ ସେହିସବୁ ବିଷୟର ଅବିକଳ ମୂର୍ତ୍ତି ନ ହେବାରୁ ଯାଜକମାନଙ୍କର ବର୍ଷକୁ ବର୍ଷ ସର୍ବଦା ସେହି ଏକ ପ୍ରକାର ବଳି ଉତ୍ସର୍ଗ କରିବା ଦ୍ୱାରା ଉପାସକମାନଙ୍କୁ କଦାପି ସିଦ୍ଧ କରିପାରେ ନାହିଁ, ଯଦି କରିଥାଆନ୍ତା, ତେବେ ଉପାସକମାନେ ଥରେ ଶୁଚୀକୃତ ହୋଇ ବିବେକରେ ଆଉ ପାପର ବୋଧ ନ ପାଇବାରୁ ସେହିସବୁ ବଳିର ଉତ୍ସର୍ଗ କଅଣ ନିବୃତ୍ତ ହୋଇ ନ ଥାଆନ୍ତା ? କିନ୍ତୁ ସେହିସବୁ ବଳିର ବର୍ଷକୁ ବର୍ଷ ପାପ ସ୍ମରଣ କରାଯାଏ, କାରଣ ବୃଷ ଓ ଛାଗର ରକ୍ତ ଯେ ପାପ ହରଣ କରିବ ଏହା ଅସମ୍ଭବ ।" (ଏବ୍ରୀ ୧୦:୧-୪) । "ବର୍ଷକୁ ବର୍ଷ" ପ୍ରତିବର୍ଷ ଏକ ପ୍ରକାର ବଳି ଅର୍ପଣ କରାଯାଇଥିଲା । ଈଶ୍ରାଏଲର ବଳିପୀଠ ଉପରେ ଢ଼ଳା ଯାଇଥିବା ସମସ୍ତ ରକ୍ତ,

ମନୁଷ୍ୟର ପାପ ଧୌତ କରି ପାରି ନ ଥିଲା । ତାହା ହେଲେ ପଶୁ ବଳିଦାନର ଉଦ୍ଦେଶ୍ୟ କଅଣ ଥିଲା । ଏହା କେବଳ ପାପର ଭାର, ଆଉ ଏକ ବର୍ଷକୁ ଘୁଞ୍ଚି ଯିବାରେ ସାହାଯ୍ୟ କରୁଥିଲା । ଏକ ବର୍ଷ ଶେଷରେ ପୁନଃର୍ବାର ବଳି ଦେବା ଆବଶ୍ୟକ ପଡୁଥିଲା । ଏହା ପୁରାତନ ବ୍ୟବସ୍ଥାର ପ୍ରଥା । ଯୀଶୁଖ୍ରୀଷ୍ଟଙ୍କ ଅମୂଲ୍ୟ ରକ୍ତ ଦ୍ୱାରା ପାପମୋଚନ ହେବା ପର୍ଯ୍ୟନ୍ତ ମୋଶାଙ୍କ ବ୍ୟବସ୍ଥାର ବଳିଦାନର ପ୍ରଥା ପ୍ରଚଳିତ ଥିଲା ।

୭) ଏବ୍ରୀ ନବମ ଓ ଦଶମ ଅଧ୍ୟାୟରେ ବଳିପଶୁର ରକ୍ତ ଓ ଖ୍ରୀଷ୍ଟଙ୍କ ରକ୍ତର ତୁଳନା ବର୍ଣ୍ଣନା କରାଯାଇଅଛି । (୧) ପ୍ରଥମ ବ୍ୟବସ୍ଥା ରକ୍ତଦ୍ୱାରା ପ୍ରତିଷ୍ଠିତ ହେବା ସଦୃଶ୍ୟ, ନୂତନ ବ୍ୟବସ୍ଥା ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମୁଦ୍ରିତ ହୋଇଅଛି । (୨) ଇଶ୍ରାଏଲ ଜାତିର ପାପର ଭାର ପଶୁବଳିର ରକ୍ତଦ୍ୱାରା, ବର୍ଷକୁ ବର୍ଷ ଘୁଞ୍ଚ ଯାଉଥିଲା । କିନ୍ତୁ ଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ସର୍ବତ୍ରଭାବେ ପାରୁ ମୁକ୍ତ କରେ । (୩) "ଆପଣାର ଓ ଲୋକମାନଙ୍କ ଆଜ୍ଞାନକୃତ ପାପ" ନିମନ୍ତେ ପବିତ୍ର ସ୍ଥାନରେ ବର୍ଷକୁ ଥରେ ବଳିପଶୁର ରକ୍ତ ନେଇ ପ୍ରଧାନ ଯାଜକ ମହାପବିତ୍ର ସ୍ଥାନରେ ପ୍ରବେଶ କରୁଥିଲେ । କିନ୍ତୁ ଆମ୍ଭମାନଙ୍କ ସିଦ୍ଧ ପ୍ରଧାନ ଯାଜକ ମନୁଷ୍ୟ ସମାଜର ପାପମୋଚନ ନିମନ୍ତେ ଆପଣାର ଆପଣା ରକ୍ତ ଢ଼ାଳି ଦେଇ ଅଛନ୍ତି । ମନୁଷ୍ୟର ପାପମୋଚନ କରି ସେ ସ୍ୱର୍ଗାହରଣ କଲେ ଓ ପିତା ପରମେଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ବସି, ଆମ୍ଭମାନଙ୍କ ନିମନ୍ତେ ବିଜ୍ଞାପନ କରୁଅଛନ୍ତି ।

୮) ସାରାଂଶ :- "...ରକ୍ତପାତ ବିନା ପାପମୋଚନ ହୁଏ ନାହିଁ ।" (ଏବ୍ରୀ ୯:୨୨) ।

**୨. ମନୁଷ୍ୟର ପାପମୋଚନ ନିମନ୍ତେ ଖ୍ରୀଷ୍ଟରକ୍ତ ଢ଼ଳା ଯାଇଥିଲା ।**

ଉପରୋକ୍ତ ବିଷୟ ନେଇ ପବିତ୍ର ଧର୍ମଶାସ୍ତ୍ରରେ ବିପୁଳଭାବେ ବର୍ଣ୍ଣନା କରାଯାଇଅଛି । ଖ୍ରୀଷ୍ଟଙ୍କ ଦ୍ୱାରା ମାନବ ସମାଜରୁ ମୁକ୍ତି ପୁରାତନ ନିୟମରେ, ତଥା ନୂତନ ନିୟମର ବର୍ଣ୍ଣନା କରାଯାଇଅଛି ।

୧) ଖ୍ରୀଷ୍ଟଙ୍କ କ୍ଷତଠାରୁ ଆମ୍ଭେମାନେ ସୁସ୍ଥତା ପ୍ରାପ୍ତ ହୋଇଅଛୁ, ଏହା ଭାବବାଦୀ ଯିଶାଇୟ ଭବିଷ୍ୟତ୍‌ବାଣୀ ଦ୍ୱାରା ପ୍ରକଟ କରିଥିଲେ । "ଆମ୍ଭେମାନେ ସମସ୍ତେ ବିପଥଗାମୀ ହୋଇଅଛୁ, ଆଉ ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇ ଅଛନ୍ତି । ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ, ବଧ ସ୍ଥାନକୁ ନିଆଯିବା ମେଷପାଳକ ତୁଲ୍ୟ, ଲୋମଛେଦକମାନଙ୍କ ସମ୍ମୁଖରେ ନୀରବ ମେଷ ତୁଲ୍ୟ ହୋଇ ସେ ଆପଣା ମୁଖ ଫିଟାଇଲେ ନାହିଁ ।" (ଯିଶାଇୟ ୫୩:୫-୬) ।

୨) ପାପକ୍ଷମା ନିମନ୍ତେ ଏକ ନିର୍ଝର ଖୋଲାଯିବା ବୋଲି ଭାବବାଦୀ ଯିଶାଇୟ ଭାବବାଦୀ

ଦ୍ୱାରା ପ୍ରକଟ କରିଥିଲେ । "ସେଦିନ ପାପ ଓ ଅଶୁଚିତାର ନିମନ୍ତେ ଦାଉଦ ବଂଶର ଓ ଯିରୂଶାଲମର ନିବାସୀଗଣର ପ୍ରତି ଏକ ନିର୍ଝର ଖୋଲାଯିବ ।" (ଯିଖରିୟ ୧୩:୧)। ଏହି ଭାବବାଦୀ ସଫଳ ହୋଇଅଛି, ଯୀଶୁଖ୍ରୀଷ୍ଟ ହିଁ ସେହି ନିର୍ଝର ଅଟନ୍ତି ।

୩) ଯୀଶୁଖ୍ରୀଷ୍ଟ, ପ୍ରଭୁଭୋଜ ପାଳନର ପ୍ରଥା ଆରମ୍ଭ କରିବା ସମୟରେ କହିଥିଲେ, କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହୋଇଅଛି । ଏ ମୋହର ସେହି ରକ୍ତ । (ମାଥିଉ ୨୬:୨୮) ।

୪) "...ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ, ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ...।" (୧ମ କରିନ୍ଥୀ ୧୫:୧-୪) । ଏହାହିଁ ସୁସମାଚାରର ବାସ୍ତବତା ।

୫) ଖ୍ରୀଷ୍ଟଙ୍କ ଦୁଃଖଭୋଗ ବିଷୟରେ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, "...ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" (ରୋମୀୟ ୫:୮) ।

୬) "ଖ୍ରୀଷ୍ଟଙ୍କଠାରୁ ପୃଥକ୍ ଇଶ୍ରାଏଲର ପ୍ରଜାସତ୍ତ୍ୱ ରହିତ, ପ୍ରତିଜ୍ଞାମୂଳକ ନିୟମରେ ନିରାଂଶ. ପୁଣି ଜଗତରେ ଭରସାହୀନ ଓ ଈଶ୍ୱରହୀନ...।" ବିଜାତୀୟମାନେ ! ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା, "ନିକଟସ୍ଥ ହୋଇ ଅଛନ୍ତି ।" (ଏଫିସୀ ୨:୧୧-୧୩) ।

୭) ଖ୍ରୀଷ୍ଟଙ୍କ ରକ୍ତ ପ୍ରତ୍ୟେକ ଜାତି, ପ୍ରତ୍ୟେକ ଭାଷାବାଦୀ, ପ୍ରତ୍ୟେକ ଦେଶଭାଷୀ ନିମନ୍ତେ ପାତିତ ହୋଇଅଛି । ଯୀଶୁଖ୍ରୀଷ୍ଟ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ "ମୃତ୍ୟୁ ଆସ୍ୱାଦନ" କରି ଅଛନ୍ତି । (ଏବ୍ରୀ ୨:୯) । ଯୋହନଙ୍କ ଲିଖିତ ପ୍ରକାଶିତ ବାକ୍ୟରେ ଲେଖାଯାଏ, "...କାରଣ ତୁମ୍ଭେ ହତ ହୋଇଥିଲ, ପୁଣି ଆପଣା ରକ୍ତ ଦ୍ୱାରା ସମସ୍ତ ଗୋଷ୍ଠୀ, ଭାଷାବାଦୀ, ବଂଶ ଓ ଜାତି ମଧ୍ୟରୁ ଈଶ୍ୱରଙ୍କ ନିମନ୍ତେ ଲୋକମାନଙ୍କୁ କ୍ରୟ କରିଅଛ ।" (ପ୍ରକାଶିତ ୫:୯) ।

୮) ଆମ୍ଭେମାନେ ଖ୍ରୀଷ୍ଟଙ୍କ ରକ୍ତ ପାପରୁ ମୁକ୍ତ ହୋଇଅଛୁ ବୋଲି ପ୍ରେରିତ ପିତର ଆପଣା ପତ୍ରରେ ଜଣାନ୍ତି । "...ତୁମ୍ଭମାନଙ୍କ ପିତୃପୁରୁଷଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାର ଠାରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ୍ୟ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛୁ ।" (୧ମ ପିତର ୧:୧୮-୧୯) ।

୯) ଆମ୍ଭେମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପାପରୁ ମୁକ୍ତ ହୋଇଅଛୁ ବୋଲି ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି । "ତାହାଙ୍କ ଅନୁଗ୍ରହରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା

ପ୍ରାପ୍ତ ହୋଇଅଛୁ ।" (ଏଫିସୀ ୧:୭) ।

୧୦) ଯୋହନଙ୍କ ଦର୍ଶନର ଶୁକ୍ଳବସ୍ତ୍ର ପରିହିତ ଜଣେ, "...ମେଷଶାବକଙ୍କ ରକ୍ତରେ ଆପଣା ଆପଣା ଧୋଇ ଶୁକ୍ଳବସ୍ତ୍ର ଧାରଣ କରିଥିଲେ ।" (ପ୍ରକାଶିତ ବାକ୍ୟ ୭:୧୪) ।

## ୩. ଆମ୍ଭେମାନେ କିପରି ଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହେଉ ?

ବାଇବଲରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବିଶ୍ୱାସୀ, ପାପୀ ମନୁଷ୍ୟ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଅନ୍ତି ବୋଲି ଜାଣନ୍ତି । କିନ୍ତୁ ପ୍ରକୃତ ସତ୍ୟ ହେଲା, ଯଦିଓ ଖ୍ରୀଷ୍ଟ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ମୃତ୍ୟୁବରଣ କରିଅଛନ୍ତି । (ଏବ୍ରୀ ୨:୯), କେବଳ କେତେକ ମନୁଷ୍ୟ ମାତ୍ର ପରିତ୍ରାଣ ପ୍ରାପ୍ତ ହେବେ । (ମାଥିଉ ୭:୧୩-୧୪) । ପାପକ୍ଷମା ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମନୁଷ୍ୟ ଆଶୀର୍ବାଦ ପ୍ରାପ୍ତି ନିମନ୍ତେ, କେତୋଟି ସର୍ତ୍ତ ପାଳନ କରିବା ଆବଶ୍ୟକ । ସେହି ସର୍ତ୍ତ ଗୁଡ଼ିକ କଅଣ ଯାହା ଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପାପରୁ ଧୌତ ହୋଇ ପାରିବା ?

୧) ଖ୍ରୀଷ୍ଟଙ୍କ ମୃତ୍ୟୁ ସମୟରେ ଖ୍ରୀଷ୍ଟଙ୍କ ରକ୍ତ ପାତିତ ହୋଇଥିଲା । (ଯୋହନ ୧୯:୩୪) । ମନୁଷ୍ୟର ପାପରୁ ମୁକ୍ତ ନିମନ୍ତେ ତାହାକୁ ଏହି ରକ୍ତର ନିକଟବର୍ତ୍ତୀ ହେବାକୁ ହେବ । ତାହା କି ସମ୍ଭବପର ? ଯେଉଁଠାରେ (ଅର୍ଥାତ୍ ଖ୍ରୀଷ୍ଟଙ୍କ ମୃତ୍ୟୁରେ) ଖ୍ରୀଷ୍ଟଙ୍କ ରକ୍ତ ପାତିତ ହୋଇଥିଲା, ସେହି ଦ୍ୱାର ବିଷୟରେ ପ୍ରେରିତ ପାଉଲ ଆମ୍ଭମାନଙ୍କୁ ରୋମୀୟ ୬:୩-୪ ପଦରେ ବୁଝାଇ ଦେଇ ଅଛନ୍ତି, "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜଣାନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉଥାପିତ୍ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।" ବର୍ତ୍ତମାନ ସମୟରେ ଆମ୍ଭେମାନ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କ ପତିତ ରକ୍ତର ନିକଟବର୍ତ୍ତୀ ହେଉଁ । ଅତଏବ, ବାପ୍ତିସ୍ମ ଗ୍ରହଣ କରିବା ପରିତ୍ରାଣ ପ୍ରାପ୍ତିର ଏକ ସର୍ତ୍ତ । (ମାର୍କ ୧୬:୧୬) । ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ବୋଲି ପ୍ରେରିତ ପିତର ପ୍ରେରିତ ୨:୩୮ରେ କହିଅଛନ୍ତି । ବାପ୍ତିଜିତ ହୋଇ ଆପଣା ପାପ ଧୌତ କର ବୋଲି ହନନିୟ, ପାଉଲଙ୍କୁ ଆଜ୍ଞା ଦେଇଥିଲେ । (ପ୍ରେରିତ ୨୨:୧୬) । ଅନୁତପ୍ତ ଖ୍ରୀଷ୍ଟ ବିଶ୍ୱାସୀ ଖ୍ରୀଷ୍ଟଙ୍କ ମରଣରେ (ଅର୍ଥାତ୍ ଯେଉଁଠାରେ ରକ୍ତ ପାତିତ ହୋଇଥିଲା) ବାପ୍ତିଜିତ ହୋଇ ପାପକ୍ଷମା ପ୍ରାପ୍ତ ହୁଏ ।

୨) ପ୍ରେରିତ ୨୦:୨୮ ପଦରେ ଖ୍ରୀଷ୍ଟଙ୍କ ରକ୍ତ କେଉଁଠାରେ ପାପମୋଚନ କରିଥାଏ, ବର୍ଣ୍ଣନା

କରାଯାଇଅଛି । ଯାହା କହେ, "ତୁମ୍ଭେମାନେ ନିଜ ନିଜ ବିଷୟରେ ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତେ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ସ୍ୱରୂପ ନିଯୁକ୍ତ କରିଅଛନ୍ତି,ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ ।" ମଣ୍ଡଳୀକୁ ଆପଣା ରକ୍ତ ଦେଇ ଖ୍ରୀଷ୍ଟକ୍ରୟ କରିଅଛନ୍ତି । ମଣ୍ଡଳୀକୁ କ୍ରୟ କରିବା ନିମନ୍ତେ ଖ୍ରୀଷ୍ଟଙ୍କ ସମସ୍ତ ରକ୍ତ ଢ଼ଳା ଯାଇଥିବାରୁ ରକ୍ତ ଦ୍ୱାରା ପରିଷ୍କୃତ ହେବାକୁ ଇଚ୍ଛୁକ ମୁଁ, ସେହି ମଣ୍ଡଳୀ ଅନ୍ତର୍ଭୁକ୍ତ ହେବା ନିତାନ୍ତ ଆବଶ୍ୟକ । ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ବିଶ୍ୱାସ କରି, ମନପରିବର୍ତ୍ତନ କରି ବାପ୍ତିଜିତ ହୋଇଅଛନ୍ତି । ସେମାନଙ୍କୁ ଖ୍ରୀଷ୍ଟ ଆପଣା ରକ୍ତ ଦ୍ୱାରା କ୍ରୀତ ମଣ୍ଡଳୀରେ ସଂଯୁକ୍ତ କରନ୍ତି । (ପ୍ରେରିତ ୨:୩୭-୪୭) । ପାପୀ ମନୁଷ୍ୟ ଈଶ୍ୱରଙ୍କ ଠାରେ ବିଶ୍ୱାସ କରି, ମନପରିବର୍ତ୍ତନ କରି ବାପ୍ତିଜିତ ହେବା ପ୍ରତ୍ୟେକ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ହୋଇ ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି । ଏଠାରେ ପରିତ୍ରାଣର ଆନନ୍ଦ ପ୍ରତିଜ୍ଞା କରାଯାଇଅଛି । "କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।" (ଏଫିସୀ ୫:୨୩) ।

୩) ଖ୍ରୀଷ୍ଟଙ୍କ ରକ୍ତ କିପରି ଆମ୍ଭମାନଙ୍କୁ କିପରି ପରିଷ୍କାର କରେ ପ୍ରେରିତ ଯୋହନ, ଆପଣା ପତ୍ରରେ ବର୍ଣ୍ଣନା କରନ୍ତି । "କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁଁ । ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି । ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (୧ମ ଯୋହନ ୧;୭) । ପ୍ରେରିତ ଯୋହନ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ମଣ୍ଡଳୀର ସଭ୍ୟ ଅର୍ଥାତ୍ ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ଏଠାରେ କୁହାଯାଇଅଛି । ଯଦି ମଣ୍ଡଳୀର ସଭ୍ୟମାନେ "ଜ୍ୟୋତିରେ ଆଚରଣ" କରି, ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ "ପରସ୍ପର ସହଭାଗିତା"ରେ ରୁହନ୍ତି, ଖ୍ରୀଷ୍ଟଙ୍କ ରକ୍ତ ସେମାନଙ୍କ ସମସ୍ତ ପାପରୁ ପରିଷ୍କାର କରିପାରେ । ତାହାଙ୍କ ରକ୍ତ ସଦାସର୍ବଦା ଖ୍ରୀଷ୍ଟିୟାନମାନଙ୍କୁ ପରିଷ୍କାର କରୁଥାଏ ଓ ଶୁଦ୍ଧ କରୁଥାଏ । କେତେ ମହତ୍ତର ପ୍ରତିଜ୍ଞା ! ଈଶ୍ୱର ଯେପରି ଜ୍ୟୋତିର୍ନିବାସୀ ସେପରି ଖ୍ରୀଷ୍ଟିୟାନମାନେ ଜ୍ୟୋତିରେ ଆଚରଣ କରିବା ସର୍ତ୍ତ ଉପରେ ଏହି ପ୍ରତିଜ୍ଞା ନିର୍ଭର କରେ । ଯେ କେହି ଖ୍ରୀଷ୍ଟ ଶିକ୍ଷାରୂପ ଜ୍ୟୋତିରୁ ବିମୁଖ ହୋଇଅଛନ୍ତି । ତାହାଙ୍କ ବିଷୟରେ କୁହାଯାଏ, "ଭାବି ଦେଖ, ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପଦଦଳିତ କରିଅଛି, ନିୟମରେ ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରୀକୃତ ହୋଇଥିଲା, ତାହାଙ୍କୁ ସମାନ୍ୟ ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନତା କରିଅଛି, ସେ କେତେ ଗୁରୁତର ଦଣ୍ଡର ଯୋଗ୍ୟ ନ ହେବ ।" (ଏବ୍ରୀ ୧୦:୨୯) ।

❖❖❖

## ସପ୍ତଦଶ–କାରଣ

# ପରିତ୍ରାଣ ନିମନ୍ତେ ମନୁଷ୍ୟର ହୃଦୟ-ପରିବର୍ତ୍ତନ ଆବଶ୍ୟକତା ବିଷୟରେ ଏହା ଶିକ୍ଷା ଦିଏ

## (It teaches that a change of heart is indispensable to man's Salvation)

୧. ପରିଚୟ :

ଯେଉଁ ଧର୍ମପଥ ଦ୍ୱାରା ମନୁଷ୍ୟ ହୃଦୟର ପରିବର୍ତ୍ତନ ହୁଏ ନାହିଁ, ତାହା ଖ୍ରୀଷ୍ଟଙ୍କ ଧର୍ମପଥ ନୁହେଁ । ମନୁଷ୍ୟର ହୃଦୟ ସେହି ସ୍ଥାନ ଯେଉଁଠାରୁ ମନୁଷ୍ୟର ଆଲୋଚନା ଓ କର୍ମ ପ୍ରବାହିତ ହୁଏ । ମନୁଷ୍ୟର ହୃଦୟ ପାପ ଆବର୍ଜନାରେ ପରିପୂର୍ଣ୍ଣ ଥିଲେ, ତାହାର କର୍ମ ମଧ ପାପମୟ ଥାଏ । "କାରଣ ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟାଗମନ, ଚୌର୍ଯ୍ୟ, ମିଥ୍ୟାସାକ୍ଷ୍ୟ ଓ ନିନ୍ଦା ବାହାରେ ।" (ମାଥିଉ ୧୫:୧୯) । ସମସ୍ତ ଘୋରତମ ଆଲୋଚନା ହୃଦୟରୁ ଜାତ ହୁଏ । ଜଳର ଉତ୍ପତ୍ତି ସ୍ଥଳ ଶୁଦ୍ଧ ରହିଲେ, ଝରଣାର ଜଳ ଶୁଦ୍ଧ ରହିବା ଆମ୍ଭମାନଙ୍କ କର୍ମ ପରିଶୁଦ୍ଧ ହେବା ନିମନ୍ତେ, ଆମ୍ଭମାନଙ୍କ ହୃଦୟ ପରିବର୍ତ୍ତନ ହେବା ଆବଶ୍ୟକ । ହୃଦୟ ପରିବର୍ତ୍ତନରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟମାନେ ବିଶ୍ୱାସ କରନ୍ତି ନାହିଁ ବୋଲି ଅନେକେ ନିନ୍ଦା କରନ୍ତି । କିନ୍ତୁ ଏହି ନିନ୍ଦାରେ ସତ୍ୟତା ନାହିଁ । ହୃଦୟର ପରିବର୍ତ୍ତନର ପ୍ରକୃତ ଅର୍ଥ ଅଜ୍ଞାତ ଈର୍ଷାପରାୟଣ ଲୋକେ ଏପରି ଅନେକ କରନ୍ତି । ହୃଦୟର ପରିବର୍ତ୍ତନ ବିଷୟରେ ଅନେକେ ଅନେକ ଭାବେ ଚର୍ଚ୍ଚା କରନ୍ତି । କିନ୍ତୁ ଏହାର ପ୍ରକୃତ ଅର୍ଥ ଧର୍ମଶାସ୍ତ୍ରରେ ପରମେଶ୍ୱର ଲିଖିତ କରିଅଛନ୍ତି ।

୨. ମନୁଷ୍ୟର ଦ୍ୱିସ୍ୱଭାବ :–

"ହୃଦୟ" ମନୁଷ୍ୟ ଜୀବନର କେନ୍ଦ୍ର ବିନ୍ଦୁ । ମନୁଷ୍ୟର ଶାରୀରିକ ହୃଦୟ, ଏକ ମାଂସମୟ ଜୀବାଙ୍ଗ, ଯାହା ଦ୍ୱାରା ମନୁଷ୍ୟର ଶରୀରରେ ରକ୍ତ ପ୍ରବାହିତ ହୁଏ । ସୁସମାଚାର ଦ୍ୱାରା ଏହି ମାଂସ ପିଣ୍ଡୁଳାରେ ପରିବର୍ତ୍ତନ ଆସେ, ବୋଲି ଅନେକ ବିଶ୍ୱାସ କରନ୍ତି ଏ ଶିକ୍ଷା ଦିଅନ୍ତି । ଅନେକ ସମୟରେ ଲୋକେ ଆପଣା ଛାତିରେ ବାମ ଭାବରେ ହାତ ରଖି, "ମୁଁ ଏଠାରେ ଉତ୍ତମ ଅନୁଭବ କରୁଅଛି ବୋଲି କହିବା ଶୁଣି ଥାଉଁ ।" ହୃଦୟର ପରିବର୍ତ୍ତନର ଅର୍ଥ ମନୁଷ୍ୟ ଶରୀରର ମାଂସପିଣ୍ଡୁଳାର ପରିବର୍ତ୍ତନ ନୁହେଁ, ମନୁଷ୍ୟ ଶରୀର ଓ ଆତ୍ମା ବିଶିଷ୍ଟ ଜୀବୀ । ଶରୀର ଓ ଆତ୍ମା ହୃଦୟର ଭିନ୍ନ ଭିନ୍ନ ହୃଦୟ ଅଛି । ମନୁଷ୍ୟର ଦ୍ୱିସ୍ୱଭାବ ବିଷୟରେ ପ୍ରେରିତ ପାଉଲ କହନ୍ତି, "...ଆମ୍ଭେମାନେ କ୍ଳାନ୍ତି ହେଉଁ ନାହିଁ, କିନ୍ତୁ ଆମ୍ଭମାନଙ୍କ ବାହ୍ୟ ପୁରୁଷ କ୍ଷୟ ପାଇଲେ ସୁଦ୍ଧା ଆମ୍ଭମାନଙ୍କ ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀକୃତ ହେଉଅଛି ।" (୨ୟ

କରିନ୍ଥୀ ୪:୧୬) । ମନୁଷ୍ୟର ଶାରିରୀକ ହୃଦୟର ସମସ୍ୟା ହେଲେ, ମନୁଷ୍ୟ ମୃତ୍ୟୁବରଣ କରିବ । ଏହାର ଉଦାହରଣ ୨ୟ ଶାମୁୟେଲ ୧୮:୧୪ ପଦରେ ପଢ଼ିଥାଉଁ, ଯୋୟେବ, "...ଆପଣା ହସ୍ତରେ ତିନୋଟି ବେଞ୍ଚା ନେଇ ଅବଶାଲୋମ ଅଲୋନବୃକ୍ଷରେ ଜୀବିତ ଥାଉ ଥାଉ ତାହା ଦେହରେ ବିନ୍ଧିଲା ଓ ସେ ମୃତ୍ୟୁବରଣ କରିଥିଲେ । "କିନ୍ତୁ ମନୁଷ୍ୟର ଆତ୍ମିକ ହୃଦୟ ବିଦୀର୍ଣ୍ଣ ହେଲେ, ଶାରିରୀକ ଭାବେ କ୍ଷତି ଘଟେ ନାହିଁ । ଉଦାହରଣ ସ୍ୱରୂପ, ପେଣ୍ଟିକଷ୍ଟ ଦିନରେ ପିତରଙ୍କ ପ୍ରସଙ୍ଗ ଶୁଣି, "...ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା, ପୁଣି ସେମାନେ ପିତର ଓ ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ଭାଇମାନେ ଆମ୍ଭେମାନେ କଅଣ କରିବା ?" (ପ୍ରେରିତ ୩:୩୭) । ଏହି ଯିହୂଦୀମାନଙ୍କ ହୃଦୟ ସୁସମାଚାର ଶ୍ରବଣରେ ବିଦୀର୍ଣ୍ଣ ହୋଇଥିଲା, କିନ୍ତୁ ସେମାନେ ଶାରିରୀକ ଭାବେ ଜୀବିତ ଥିଲେ । କିନ୍ତୁ ଅବଶାଲମଙ୍କ ଶାରିରୀକ ହୃଦୟ ଆଘାତ ପାଇବାରୁ ସେ ମୃତ୍ୟୁବରଣ କରିଥିଲେ । ମନୁଷ୍ୟର ଦୁଇ ହୃଦୟ, ଦୁଇ ଅସ୍ତ୍ର ଦ୍ୱାରା ବିଦୀର୍ଣ୍ଣ ହୋଇଥାଏ । ମନୁଷ୍ୟର ଆନ୍ତରିକ ପୁରୁଷ ସୁସମାଚାରର ସ୍ପର୍ଶରେ ପରିବର୍ତ୍ତିତ ହୋଇଥାଏ । ଏହି ପରିବର୍ତ୍ତିତ ହୃଦୟ ଈଶ୍ୱରଙ୍କ ନିକଟକୁ ଫେରି ଆସେ । ହୃଦୟ ବିଷୟରେ ପବିତ୍ର ଧର୍ମଶାସ୍ତ୍ର ବିପୁଳଭାବେ ବର୍ଣ୍ଣନା କରାଯାଏ ।

**୩. ଅନ୍ତର ହୃଦୟର ବିଭିନ୍ନ କାର୍ଯ୍ୟ :-**

୧) ମନୁଷ୍ୟର ହୃଦୟ ଅର୍ଥାତ୍ ବିବେକ (Intelect) । ତାହା ଚିନ୍ତାକରେ :- "ଯୀଶୁ ସେମାନଙ୍କ ମନର ଚିନ୍ତା ଜାଣି କହିଲେ, ତୁମ୍ଭେମାନେ ଆପଣା ଆପଣା ମନରେ କାହିଁକି କୁଚିନ୍ତା କରୁଅଛ ?" (ମାଥିଉ ୯:୪) ।

ଖ) ଆଲୋଚନା କରେ :- "...ତୁମ୍ଭେମାନେ ଆପଣା ଆପଣା ମନରେ କାହିଁକି ତର୍କବିତର୍କ କରୁଅଛ ?" (ମାର୍କ ୨:୯) ।

ଗ) . ବୁଝେ :- "...ହୃଦୟରେ ବୁଝିବେ ...।" (ମାଥିଉ ୧୩:୧୫) ।

ଘ) ବିଶ୍ୱାସକରେ :- "...ମନୁଷ୍ୟ ହୃଦୟରେ ବିଶ୍ୱାସ କରେ...।" (ରୋମୀୟ ୧୦:୧୦) । ମନୁଷ୍ୟର ହୃଦୟ ଚିନ୍ତା କରେ, ଆଲୋଚନା କରେ, ବୁଝେ ଓ ବିଶ୍ୱାସ କରେ ବୋଲି ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦିଏ । ମନୁଷ୍ୟର ଏହି ଗୁଣକୁ ମନୁଷ୍ୟ ବିବେକ କହେ, କିନ୍ତୁ ଈଶ୍ୱରଙ୍କ ବାକ୍ୟ "ହୃଦୟ" କହେ । ଅର୍ଥାତ୍ ବାକ୍ୟରେ ଯାହାକୁ ହୃଦୟ କୁହାଯାଏ, ମନୁଷ୍ୟ ତାହାକୁ "ବିବେକ" କହେ ।

୨) ମନୁଷ୍ୟ ହୃଦୟ ମନୁଷ୍ୟ ଭାବନାର ସ୍ଥାନ :-

କ) ତୁଚ୍ଛ କରେ :- "...ଶାଉଲଙ୍କର କନ୍ୟା ମୀଖଲ ଝରକା ଦେଇ ଅନାଇ ଦାଉଦଙ୍କୁ ସଦାପ୍ରଭୁଙ୍କ ସମ୍ମୁଖରେ କୁଦିବାର ଓ ନାଚିବାର ଦେଖିଲା, ଏଣୁ ସେ ମନେ ମନେ ତାଙ୍କୁ ତୁଚ୍ଛ କଲା ।" (୨ୟ ଶାମୁୟେଲ ୬:୧୬) ।

ଖ) ବାଞ୍ଛା କରେ :- "ଭାଇମାନେ, ସେମାନେ ଯେପରି ପରିତ୍ରାଣ ପାଆନ୍ତି, ଏହା ମୋହର ହୃଦୟର ବାଞ୍ଛା ଏବଂ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କ ଛାମୁରେ ମୋହର ପ୍ରାର୍ଥନା ।" (ରୋମୀୟ ୧୦:୧) ।

ଗ) ପ୍ରେମ କରେ :- "ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଈଶ୍ୱରଙ୍କୁ ପ୍ରେମ କର ।" (ମାଥିଉ ୨୨:୩୭) ।

ଘ) ବିଶ୍ୱାସ କରେ :- "ତୁମ୍ଭେ ସର୍ବାନ୍ତକରଣ ସହିତ ସଦାପ୍ରଭୁ ଠାରେ ବିଶ୍ୱାସ କରି ମନୁଷ୍ୟର ହୃଦୟ ମନୁଷ୍ୟର ଭାବନା କଳ୍ପନାର କେନ୍ଦ୍ର । ମନୁଷ୍ୟର ହୃଦୟ ଘୃଣା କରେ, ତୁଚ୍ଛ କରେ ଇଚ୍ଛା କରେ, ପ୍ରେମ କରେ ଓ ଭରସା କରେ ବୋଲି ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ଜଣାଏ ।"

୩) ହୃଦୟ ମନୁଷ୍ୟର ସେହି ସ୍ଥାନ, ଯେଉଁଠାରେ ମନୁଷ୍ୟ :-

କ) ସ୍ଥିର କରେ :- ମନୁଷ୍ୟ "...ହୃଦୟରେ ସ୍ଥିର କରେ...।" (୧ମ କରିନ୍ଥୀ ୭:୩୭) ।

ଖ) ହୃଦୟ ଚିନ୍ତା କରେ । (ଏବ୍ରୀ ୪:୧୨)

ଗ) ଆସକ୍ତ ରହେ :- "...ଯେପରି ସେମାନେ ହୃଦୟର ଏକାଗ୍ରତାରେ ପ୍ରଭୁଙ୍କ ପ୍ରତି ଆସକ୍ତ ହୋଇ ରୁହନ୍ତି...।" (ପ୍ରେରିତ ୧୧:୨୩) ।

ଘ) ଆଜ୍ଞାବହ ହୁଏ :- "...ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ ।" (ରୋମୀୟ ୬:୧୭) ।

ମନୁଷ୍ୟ ନିର୍ଣ୍ଣୟ କରେ, ଚିନ୍ତା କରେ, ଆସକ୍ତ ହୁଏ ଓ ଆଜ୍ଞାବହ ହୁଏ ।

୪) ମନୁଷ୍ୟର ହୃଦୟ, ମନୁଷ୍ୟର ଆତ୍ମଜ୍ଞାନ :-

କ) "ପୁଣି ଯେକୌଣସି ବିଷୟରେ ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ, ସେ ବିଷୟରେ ତଦ୍ୱାରା ତାହାଙ୍କ ଛାମୁରେ ଆପଣାମାନଙ୍କର ହୃଦୟ ସ୍ଥିର କରି ପାରିବା, କାରଣ ଈଶ୍ୱର ଆମ୍ଭମାନଙ୍କ ହୃଦୟଠାରୁ ମହାନ୍ ଓ ସେ ସମସ୍ତ ଜାଣନ୍ତି । ହେ ପ୍ରିୟମାନେ, ଆମ୍ଭମାନଙ୍କ ହୃଦୟ ଯଦି ଆମ୍ଭମାନଙ୍କୁ ଦୋଷୀ ନ କରେ, ତାହାହେଲେ ଈଶ୍ୱରଙ୍କ ଛାମୁରେ ଆମ୍ଭମାନଙ୍କର ସାହସ ଅଛି ।" (୧ମ ଯୋହନ ୩:୨୦,୨୧) । ମନୁଷ୍ୟର ଆତ୍ମଜ୍ଞାନ ମନୁଷ୍ୟକୁ ଦୋଷୀ ବା ନିର୍ଦ୍ଦୋଷୀ ସାବ୍ୟସ୍ତ କରେ । ଏହିଆତ୍ମଜ୍ଞାନକୁ ଈଶ୍ୱରଙ୍କ ବାକ୍ୟରେ "ହୃଦୟ" କୁହାଯାଏ ।

ଉପରୋକ୍ତ ବାକ୍ୟାଂଶରୁ ମନୁଷ୍ୟର ଅନ୍ତରଆତ୍ମା ଆଲୋଚନା କରେ, କଳ୍ପନା କରେ ଓ ଆତ୍ମସାକ୍ଷୀ ଦିଏ ବୋଲି ବୁଝିପାରୁ । ଏହି ଅନ୍ତର ଆତ୍ମା ମନୁଷ୍ୟର ଆନ୍ତରିକ ସ୍ୱଭାବ ।

## ୪. ହୃଦୟ ପରିବର୍ତ୍ତନ :-

୧) ସଂପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ :- ମନୁଷ୍ୟର ବିବେକ, ଭାବନା, ଅଭିଳାଷର ପରିବର୍ତ୍ତନ

ନ ହେଲେ, ମନୁଷ୍ୟର ସଂପୂର୍ଣ୍ଣ ପରିବର୍ତ୍ତନ ହୁଏ ନାହିଁ । ମନ୍ଦଭାବନାରୁ ଉତ୍ତମ ଭାବନା, ଦୁଷ୍ଟ ଆଲୋଚନା ଠାରୁ ଉତ୍ତମ ଆଲୋଚନାକୁ ଈଶ୍ୱରଙ୍କ ବାକ୍ୟର ଅଜ୍ଞାନତାଠାରୁ ଜ୍ଞାନକୁ, କୁଅଭିଳାଷକୁ, ଉତ୍ତମ ଅଭିଳଆଷକୁ, ଜାଗତିକ ପ୍ରେମରୁ ଐଶ୍ୱରିକ ପ୍ରେମକୁ, ଜାଗତିକ ଭରସାକୁ ଠାରୁ ଦୈବିକ ଭରସାକୁ, ଅଧାର୍ମିକ କାର୍ଯ୍ୟ କଳାପରୁ ଧାର୍ମିକତାକୁ, ଅନାଜ୍ଞାବହତା ଠାରୁ ଆଜ୍ଞାବହତାକୁ ଦୋଷୀକୃତ ଆତ୍ମଜ୍ଞାନ ଠାରୁ ନିର୍ମଳ ଆତ୍ମଜ୍ଞାନକୁ ମନୁଷ୍ୟର ହୃଦୟ ପରିବର୍ତ୍ତନ ହେବା ଆବଶ୍ୟକ । ଏପରି ପରିବର୍ତ୍ତନ ବିନୁ ପରିତ୍ରାଣ ପ୍ରାପ୍ତ ହେବା ଅସମ୍ଭବ ।

୨) ମନୁଷ୍ୟର ହୃଦୟ କିପରି ପରିବର୍ତ୍ତିତ ହୁଏ ?

କ) ସତ୍ୟ ସାକ୍ଷୀ ଦ୍ୱାରା ମନୁଷ୍ୟର ବିବେକ ପରିବର୍ତ୍ତିତ ହୁଏ । ସତ୍ୟସାକ୍ଷୀ ଦ୍ୱାରା ମନୁଷ୍ୟ ଆଲୋଚନାର ପରିବର୍ତ୍ତିତ ହୁଏ । ଯୀଶୁଖ୍ରୀଷ୍ଟଙ୍କ ଦର୍ଶନରେ ଥୋମାସଙ୍କ ଆଲୋଚନାରେ ବୁଝିବାର, ବିଶ୍ୱାସରେ ପରିବର୍ତ୍ତିତ ଆସିଲା । ଅବିଶ୍ୱାସୀ ଥୋମାସକୁ ଯୀଶୁ କହିଲେ, "...ଏ ଆଡେ ତୁମ୍ଭର ଆଙ୍ଗୁଳି କଢ଼ାଇ ମୋହର ହାତ ଦେଖ ଓ ହାତ କଢ଼ାଇ ମୋହର କଣ୍ଠଦେଶରେ ଦିଅ, ଅବିଶ୍ୱାସୀ ନ ହୋଇ ବିଶ୍ୱାସୀ ହୁଅ ।" (ଯୋହନ ୨୦:୨୪-୨୯) । "ଥୋମା ତାହାଙ୍କୁ ଉତ୍ତର ଦେଲେ, ମୋହର ପ୍ରଭୁ, ମୋହର ଈଶ୍ୱର ।" ଅନ୍ୟ ଏକ ଉଦାହରଣ :- କିଛି ବର୍ଷପୂର୍ବେ ଏକ ନାବିକର ମାତାପିତା, ସେମାନଙ୍କ ପୁତ୍ର ମୃତ୍ୟୁବରଣ କରିଅଛନ୍ତି ବୋଲି ସମ୍ବାଦ ପାଇଲେ । ସେମାନଙ୍କ ଭାବନା, କଳ୍ପନା , ବିଶ୍ୱାସ, ଭରସାରେ ପରିବର୍ତ୍ତନ ଆସିଲା । ପୁଣି କିଛି ଦିନ ପରେ ପିତାମାତା ଅନ୍ୟ ଏକ ସମ୍ବାଦ ପାଇଲେ ଯେ, ତାହାଙ୍କ ପୁତ୍ର ଜୀବିତ ଅଛନ୍ତି । ଏହି ବାର୍ତ୍ତା ସେମାନଙ୍କ ଚିନ୍ତାର, ଆଲୋଚନାର ବିଶ୍ୱାସର ପରିବର୍ତ୍ତନ କଲା । ଆମ୍ଭମାନଙ୍କ ବିବେକ ପ୍ରାପ୍ତ ସାକ୍ଷ୍ୟର ସ୍ୱାଧୀନ । ଈଶ୍ୱରଙ୍କ ବାକ୍ୟ ସେହି ସତ୍ୟ ସାକ୍ଷ୍ୟ, ଯାହା ମନୁଷ୍ୟର ବିବେକ ପରିବର୍ତ୍ତନ କରିପାରେ । ପ୍ରେରିତ ଯୋହନ ଲେଖନ୍ତି, "...ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" (ଯୋହନ ୨୦:୩୧) । "ଅତଏବ, ବିଶ୍ୱାସରୁ ଶ୍ରବଣ ଜାତ ହୁଏ ଓ ଶ୍ରବଣରୁ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ।

ଖ) ପ୍ରାପ୍ତ ସତ୍ୟସାକ୍ଷ୍ୟ ଦ୍ୱାରା ମନୁଷ୍ୟର ଭାବନାରେ ପରିବର୍ତ୍ତନ ଆସେ । ଆଶା, ଭରସା, ପ୍ରେମ ପ୍ରଭୃତି ଭାବ ବିଶ୍ୱାସର ପ୍ରତିଫଳ । ସନ୍ତୋଷ, କିଅବା ଦୁଃଖ ସାକ୍ଷୀ ବିଶ୍ୱାସ ଉପରେ ନିର୍ଭର କରେ, ଖ୍ରୀଷ୍ଟଙ୍କ ସତ୍ୟସାକ୍ଷୀ ବିଶ୍ୱାସ ପ୍ରତିଫଳ ମନୁଷ୍ୟ ହୃଦୟରେ ମନ୍ଦରୁ ଉତ୍ତମତାକୁ ଜାଗତିକ ପ୍ରେମଠାରୁ ଖ୍ରୀଷ୍ଟଙ୍କଠାରେ ପ୍ରେମକୁ ପରିବର୍ତ୍ତିତ ହେବା ନିମନ୍ତେ ଇଚ୍ଛା ଜନ୍ମ ହୁଏ ।

ଗ) ମନୁଷ୍ୟର "ଇଚ୍ଛା" ଉପରେ ମନୁଷ୍ୟର ବିଶ୍ୱାସର ପ୍ରଭାବ ଥାଏ । ଖ୍ରୀଷ୍ଟ ଏକ ପ୍ରବଞ୍ଚକ ମନେ କରି, ଶାଉଲ ତାହାଙ୍କୁ ଅମାନ୍ୟ କରିବାକୁ ଦୃଢ଼ ନିର୍ଣ୍ଣୟ ନେଇଥିଲେ । ସେ ଖ୍ରୀଷ୍ଟିୟାନମାନଙ୍କୁ ତାଡନା କରିବା ନିମନ୍ତେ ଦୃଢ଼ ନିଶ୍ଚୟତାରେ ଦମେସ୍କକ ନଗରକୁ ଯାତ୍ରା ଆରମ୍ଭ କରିଥିଲେ । ଶାଉଲଙ୍କ ନିକଟରେ ଲିଖିତ ନୂତନ ନିୟମ ନ ଥିଲା, କିନ୍ତୁ ସ୍ୱୟଂ ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ତାହାଂକୁ ପରିବର୍ତ୍ତିତ କରିଥିଲା । ସେ ତାହାଙ୍କୁ ବାପ୍ତିଜିତ ହୋଇ ଆପଣା ପାପରୁ ଧୌତ ହେବାକୁ ଆଜ୍ଞାପିତ ହୋଇଥିଲେ । (ପ୍ରେରିତ ୨୪:୧୬) ସେ ବିନା ଦ୍ୱିଧାରେ ତାହାଙ୍କ ଆଜ୍ଞା ପାଳନ କରିଥିଲେ । ଗୋଟିଏ ଅବାଧ ଦୃଦୟ ବିଶ୍ୱାସ ଦ୍ୱାରା ପରିବର୍ତ୍ତିତ ହେଲା । ଖ୍ରୀଷ୍ଟଙ୍କଠାରେ ଜୀବନ ଆଜ୍ଞାବହତାରେ ବହୂମାନ, ଓ ଅବାଧର ଦଣ୍ଡ ବିଷୟରେ ସେ ଜ୍ଞାତ ହୋଇ ଖ୍ରୀଷ୍ଟଙ୍କ ଆଜ୍ଞାରେ ଆଜ୍ଞାବହ ହୋଇ, ବାପ୍ତିଜିତ ହୋଇ ଆପଣା ପାପ ଧୌତ କରିଥିଲେ । ଆଜ୍ଞାବହ ହୃଦୟ, ମନୁଷ୍ୟ ପରିତ୍ରାଣ ନିମନ୍ତେ ନିତାନ୍ତ ଆବଶ୍ୟକ । ହୃଦୟ ସହ ଆଜ୍ଞାବହ ଦ୍ୱାରା ମନୁଷ୍ୟ ପାପରୁ ମୁକ୍ତହୋଇ ଧାର୍ମିକତାର ଦାସ ହୋଇଥାଏ । "ମୃତ୍ୟୁଜନକ ପାପ କିମ୍ବା ଧାର୍ମିକତା ଜନକ ଆଜ୍ଞାବହତା, ଏହା ମଧ୍ୟରୁ ଯାହା ନିକଟରେ ତୁମ୍ଭେମାନେ ଆଜ୍ଞାବହ ହେବା ନିମନ୍ତେ ଆପଣା ଆପଣାକୁ ଦାସ ରୂପେ ସମର୍ପଣ କର, ଅର୍ଥାତ୍ ଯାହାର ଆଜ୍ଞାପାଳନ କର, ତାହାର ଯେ ତୁମ୍ଭେମାନେ ଦାସ ଅଟ, ଏହା କଅଣ ଜାଣ ନାହିଁ? ଈଶ୍ୱରଙ୍କ ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ ଯେଉଁମାନେ କି ପୂର୍ବରେ ଦାସ ଥିଲ, ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇଅଛ, ହୃଦୟ ସହ ସେଥିର ଆଜ୍ଞାବହ ହୋଇ ଅଛ ।" (ରୋମୀୟ ୬:୧୭:୧୮) । ପୂର୍ଣ୍ଣ ହୃଦୟ ସହ ସଂପୂର୍ଣ୍ଣ ପରିବର୍ତ୍ତନ. ପରିତ୍ରାଣର ଏକମାତ୍ର ମାର୍ଗ । ଅନାବହତାର ହୃଦୟ, ସଦାପ୍ରଭୁ ଦୃଷ୍ଟିରେ ଗ୍ରାହ୍ୟଯୋଗ୍ୟ ନୁହେଁ । .

୪) ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହତା, ଆମ୍ଭମାନଙ୍କ ଅନ୍ତରକୁ ଆନନ୍ଦିତ କରେ । ମନୁଷ୍ୟ ଯେବେ ଖ୍ରୀଷ୍ଟଙ୍କ ଆଜ୍ଞାରେ ବିଶ୍ୱାସ କରେ, ତାହା ପାଳନ ନ କରିବା ପର୍ଯ୍ୟନ୍ତ ମନୁଷ୍ୟର ଅନ୍ତରରେ ଶାନ୍ତି ପାଏ ନାହିଁ । ଉଦାହରଣ ସ୍ୱରୂପ :- ବାପ୍ତିଜିତ ହେବା ଏକ ଆଜ୍ଞା ଅଟେ—ଏହି ଆଜ୍ଞାପାଳନ ବିନୁ ପାପକ୍ଷମା ପାଇବା ଅସମ୍ଭବ ବୋଲି ବିଶ୍ୱାସ କଲେ, ମନୁଷ୍ୟ ଏହି ଆଜ୍ଞାପାଳନ କରିବା ପର୍ଯ୍ୟନ୍ତ ମନଶାନ୍ତି ପାଇପାରେନାହିଁ । "ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।" (୧ମ ପିତର ୩:୨୧) । ଯଥାର୍ଥ କର୍ମ କରିବାର ପ୍ରତିଫଳ, ମନୁଷ୍ୟର ଅନ୍ତର ଶାନ୍ତି, ସମାଧାନ ପ୍ରାପ୍ତି ହୁଏ । ମନୁଷ୍ୟ, ସେ ପାପୀ ବୋଲି ବିଶ୍ୱାସ ନ କଲେ,

ତାହାର ଅନ୍ତର ବାଧାପ୍ରାପ୍ତ ହୁଏ ନାହିଁ । ତେଣୁକରି ଅସଂଖ୍ୟ ଲୋକେ ଅନାଜ୍ଞାବହତାରେ ଜୀବନ ଯାପନ କରୁଅଛନ୍ତି । ଏହା ଶାଉଲଙ୍କ ଜୀବନର ସତ୍ୟ ଥିଲା । ଖ୍ରୀଷ୍ଟଙ୍କ ଦର୍ଶନ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଶାଉଲ ସଂପୂର୍ଣ୍ଣ ସୁବିବେକରେ, ଖ୍ରୀଷ୍ଟିୟାନମାନଙ୍କୁ ତାଡନା କରୁଥିଲେ । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ବାପ୍ତିଜିତ ହେବାରୁ ତାହାଙ୍କ ବିବେକର ପରିବର୍ତ୍ତନ ହେଲା ।

ଯେବେ ମନୁଷ୍ୟର ବିବେକ, ଭାବନା, ଅଭିଳାଷର ପରିବର୍ତ୍ତନ ହୁଏ, ମନୁଷ୍ୟର ସଂପୂର୍ଣ୍ଣ ହୃଦୟର ପରିବର୍ତ୍ତନ ହୁଏ । ଯେଉଁମାନେ ପରିବର୍ତ୍ତନ ବିଷୟରେ ଶିକ୍ଷା ଦେଉଅଛନ୍ତି, ସେମାନେ ପରିବର୍ତ୍ତନ ବିଷୟରେ ସଂପୂର୍ଣ୍ଣ ଭାବେ ଶିକ୍ଷା ଦେଉ ନାହାନ୍ତି । ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ନିମନ୍ତେ ପ୍ରାପ୍ତି ନିମନ୍ତେ ମନୁଷ୍ୟର ସଂପୂର୍ଣ୍ଣ ଅନ୍ତରର ପରିବର୍ତ୍ତନ ଆବଶ୍ୟକ । ଉପରୋକ୍ତ ବାଖ୍ୟାନରୁ କେଉଁ ଧାର୍ମିକ ସଂଗଠନ ସଂପୂର୍ଣ୍ଣ, ଯଥାର୍ଥ ବିଷୟ ଘୋଷିତ କରୁଅଛି ବୋଲି ଜାଣିପାରୁ ?

❖❖❖

# ଅଷ୍ଟାଦଶ–କାରଣ
# ପ୍ରାର୍ଥନା ବିଷୟରେ ଏହାର ଶିକ୍ଷା ଓ ପ୍ରଥା
## (Its teaching and practice concerning Prayer)

### ୧. ପରିଚୟ :

ଆଜିର ଆଧୁନିକ ସମାଜ ପ୍ରାର୍ଥନାକୁ ପ୍ରାଧାନ୍ୟତା ଦିଏ ନାହିଁ । ଏହା ସେମାନଙ୍କ ଅଳ୍ପ ବିଶ୍ୱାସର ପ୍ରତିଫଳ । "ପ୍ରାର୍ଥନା" ଆମ୍ଭମାନଙ୍କ ଈଶ୍ୱରଙ୍କ ଠାରେ ଓ ତାହାଙ୍କ ବାକ୍ୟରେ ଆମ୍ଭମାନଙ୍କ ବିଶ୍ୱାସର ପରୀକ୍ଷା । ଅବିଶ୍ୱାସୀମାନଙ୍କ ପ୍ରାର୍ଥନା ପ୍ରାନ୍ତରରେ ଏକ ସ୍ୱର ଯାହାର ଉତ୍ତର ପାଏନାହିଁ । କିନ୍ତୁ ବିଶ୍ୱାସୀ ନିମନ୍ତେ ପ୍ରାର୍ଥନା ଏକ ମାର୍ଗ, ଯାହା ଦ୍ୱାରା ସେ ସଦାପ୍ରଭୁଙ୍କ ସାନ୍ନିଧ୍ୟର ନିକଟବର୍ତ୍ତୀ ହୁଏ । ଅନେକ ଧାର୍ମିକ ନେତାମାନେ ପ୍ରାର୍ଥନା ବିଷୟରେ ଶିକ୍ଷା ଦିଅନ୍ତି । ପ୍ରଚାର କରନ୍ତି, ଗୃହରେ ପ୍ରାର୍ଥନା କରନ୍ତି, ସମାଜରେ ପ୍ରାର୍ଥନା କରନ୍ତି, କିନ୍ତୁ ପ୍ରାର୍ଥନା ବିଷୟକ ପରମେଶ୍ୱରଙ୍କ ନିୟମ ବିଷୟରେ ଅଜ୍ଞ ଅଟନ୍ତି ।

### ୨. ଆଦ୍ୟ ମଣ୍ଡଳୀ ପ୍ରାର୍ଥନାଶୀଳ ମଣ୍ଡଳୀ ଥିଲା :

(କ) ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ପରିତ୍ରାଣ ପ୍ରାପ୍ତ ତିନି ସହସ୍ର ଖ୍ରୀଷ୍ଟିୟାନମାନଙ୍କ ବିଷୟରେ କୁହାଯାଏ । "ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।" (ପ୍ରେରିତ ୨:୪୧-୪୨) ।

(ଖ) ଯିହୂଦୀୟ ମହାସଭା ଦ୍ୱାରା ତାଡ଼ିତ ପିତର ଓ ଯୋହନଙ୍କ ନିମନ୍ତେ ଖ୍ରୀଷ୍ଟୀୟ ସମାଜ, ଏକ ଚିତ୍ତରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । (ପ୍ରେରିତ ୪:୨୪) ।

(ଗ) ଯିରୁଶାଲମ୍ ମଣ୍ଡଳୀରେ ଖାଦ୍ୟ ପରିବେଷଣରେ ସମସ୍ୟା ଉପୁଜିବାରୁ, ଖାଦ୍ୟ ପରିବେଷଣ ନିମନ୍ତେ ସୁଖ୍ୟାତି ସଂପନ୍ନ ଏବଂ ଆତ୍ମା ଓ ଜ୍ଞାନରେ ପରିପୂର୍ଣ୍ଣ ସାତ ଜଣଙ୍କୁ ନିଯୁକ୍ତି କରିବାକୁ ଦ୍ୱାଦଶ ଶିଷ୍ୟଗଣ ସ୍ଥିର କଲେ । ଆପେ, "...ପ୍ରାର୍ଥନାରେ ଓ ବାକ୍ୟ ପରିଚର୍ଯ୍ୟାରେ ଏକାଗ୍ରଭାବେ ଲାଗି ରହିଲେ ।" (ପ୍ରେରିତ ୬:୪) ।

(ଘ) ରାଜା ହେରୋଦ ପିତରଙ୍କୁ କାରାଗାରରେ ରୁଦ୍ଧ କରିବାରୁ, "...ତାଙ୍କ ନିମନ୍ତେ ମଣ୍ଡଳୀ ଏକାଗ୍ର ଭାବରେ ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରାଯାଉଥିଲା ।" (ପ୍ରେରିତ ୧୨:୫) ।

(ଙ)　ପାଉଲ ଓ ଶୀଲା ଫିଲିପ୍ କାରାଗାରରେ ରୁଦ୍ଧ ହୋଇ ସଙ୍ଗୀତ କୀର୍ତ୍ତନ ଓ ପ୍ରାର୍ଥନା ଦ୍ୱାରା ସମୟ ବିତାଇଥିଲେ । (ପ୍ରେରିତ ୧୬:୨୫) ।

(ଚ)　ପାଉଲ, ଏଫିସୀ ମଣ୍ଡଳୀର ଅଧକ୍ଷମାନଙ୍କ ସହିତ କଥାବାର୍ତ୍ତା କରିବା ପରେ, "...ଜାନୁପାତ କରି ସେମାନଙ୍କ ସହିତ ପ୍ରାର୍ଥନା କଲେ ।" (ପ୍ରେରିତ ୨୦:୩୬) ।

(ଛ)　କୂପ୍ରବାସୀ ଖ୍ରୀଷ୍ଟିୟାନମାନଙ୍କ ଠାରୁ ବିଦାୟ ନେବା ସମୟରେ ପାଉଲ ଓ ତାହାଙ୍କ ସାଥିମାନେ ସମୁଦ୍ରକୂଳରେ ଜାନୁପାତି ପ୍ରାର୍ଥନା କରିବାର ଦୃଶ୍ୟ ଆମ୍ଭେମାନେ ପ୍ରେରିତ ୨୧:୪-୫ରେ ପଢ଼ିପାରୁଁ ।

(ଜ)　ମଣ୍ଡଳୀ ଗୁଡିକ ନିରନ୍ତର ପ୍ରାର୍ଥନାରେ ଲାଗି ରହିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (୧) ରୋମୀୟ ମଣ୍ଡଳୀକୁ :- "...ପ୍ରାର୍ଥନାରେ ଏକାଗ୍ରଭାବେ ନିବିଷ୍ଟ ଥାଅ ।" (ରୋମୀୟ ୧୨:୧୨) । (୨) କରିନ୍ଥୀ ମଣ୍ଡଳୀକୁ :- "ପ୍ରାର୍ଥନାରେ ନିବିଷ୍ଟ ଚିତ୍ତ ରୁହ ।" (୧ମ କରିନ୍ଥୀ ୭:୫) । (୩) ଏଫିସୀ ମଣ୍ଡଳୀକୁ :- "ସର୍ବ ପ୍ରକାର ପ୍ରାର୍ଥନା ଓ ନିବେଦନରେ ସର୍ବଦା ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କର... ।" (ଏଫିସୀ ୬:୧୮) । (୪) ଫିଲିପ୍ ମଣ୍ଡଳୀକୁ :- "କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତୀ ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଣ ।" (୫) କଲସୀ ମଣ୍ଡଳୀକୁ :- "ପ୍ରାର୍ଥନାରେ ଏକାଗ୍ରହେ୍ ନିବିଷ୍ଟ ଥାଅ, ପୁଣି ଧନ୍ୟବାଦ ସହ ସେଥିରେ ଜାଗ୍ରତ ଥାଅ ।" (କଲସୀ ୪:୨) । (୬) ଥେସଲନୀକୀ ମଣ୍ଡଳୀକୁ :- "ନିରନ୍ତର ପ୍ରାର୍ଥନା କର, ସବୁ ଅବସ୍ଥାରେ ଧନ୍ୟବାଦ ଦିଅ, କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଏହା ଈଶ୍ୱରଙ୍କ ଅଭିମତ ।" (୧ମ ଥେସଲନୀକୀ ୫:୧୭-୧୮) ।

ଉପରୋକ୍ତ ବାଖ୍ୟାନରୁ ଏହା ସ୍ପଷ୍ଟ ହୁଏ ଯେ, ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକ ପ୍ରାର୍ଥନାଶୀଳ ସଂସ୍ଥା । ପ୍ରାର୍ଥନା ବିନୁ କୌଣସି ସଂସ୍ଥା, ଆଧାତ୍ମିକ ସଂସ୍ଥା ସ୍ୱରୂପ ପରିଗଣିତ ହେବ ନାହିଁ ।

(ଝ)　ମଣ୍ଡଳୀର ସ୍ଥାପକ ଯୀଶୁଖ୍ରୀଷ୍ଟ ପ୍ରାର୍ଥନାରେ ବିଶ୍ୱାସ କରୁଥିଲେ ଓ ଅନେକ ସମୟ ପ୍ରାର୍ଥନାରେ ବିତାଉଥିଲେ । (୧) ସେ ବାପ୍ତିଜିତ ହେବା ପରେ ଏବଂ ଆପଣା ପରିଚର୍ଯ୍ୟା ଆରମ୍ଭ କରିବା ପୂର୍ବରୁ ସେ ପ୍ରାର୍ଥନା କରି ଆପଣା ପରିଚର୍ଯ୍ୟା ଆରମ୍ଭ କରିଥିଲେ । (ଲୂକ ୩:୨୧) । (୨)ସେ ଆପଣାର ଦ୍ୱାଦଶ ଶିଷ୍ୟମାନଙ୍କୁ ମନୋନୀତ କରିବା ପୂର୍ବ ରାତ୍ରି ପ୍ରାର୍ଥନାରେ ବିତାଇଥିଲେ । "ସେହି ସମୟରେ ସେ ଦିନେ ପ୍ରାର୍ଥନା କିରବା ନିମନ୍ତେ ପର୍ବତକୁ ବାହାରି ଯାଇଥିଲେ, ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା

କରୁ କରୁ ସମସ୍ତ ରାତ୍ରି ଯାପନ କଲେ ।" (ଲୂକ୍ ୬:୧୨) । (୩) "ଲୋକ ସମୂହ ବିଦାୟ ଦେଲା ଉତ୍ତାରେ ସେ ପ୍ରାର୍ଥନା କରିବା ନିମନ୍ତେ ଅନ୍ତର ହୋଇ ପର୍ବତ ଉପରକୁ ଗଲେ ଆଉ ସନ୍ଧ୍ୟା ହେଲା ପରେ ସେ ସେଠାରେ ଏକାକୀ ଥିଲେ ।" (ମାଥିଉ ୧୪:୨୩) । (୪) "ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।" (ମାର୍କ ୧:୩୫) । (୫) "ମାତ୍ର ସେ ନିର୍ଜନ ସ୍ଥାନମାନଙ୍କରେ ରହି ପ୍ରାର୍ଥନା କରୁଥିଲେ ।" (ଲୂକ୍ ୫:୧୬) । (୬) ଶିଷ୍ୟମାନଙ୍କୁ ସେ ଶେଷ ଆଦେଶ ଦେବାପରେ, ହସ୍ତ ଉତ୍ତୋଳନ କରି ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ । (ଯୋହନ ୧୭ପର୍ବ) । (୭) ସେ ଶତ୍ରୁ ହସ୍ତରେ ସମର୍ପିତ ହେବା ପୂର୍ବେ, ପିତର, ଯାକୁବ ଓ ଯୋହନଙ୍କୁ ସାଙ୍ଗରେ ନେଇ ଗେଥଶିମାନୀ ତୋଟାରେ ତିନିଥର ପ୍ରାର୍ଥନା କରିଥିଲେ । (୮) ସେ କ୍ରୁଶରେ ହତ ହୋଇଥିବା ସମୟରେ ପ୍ରାର୍ଥନା କରିଥିଲେ । (ଲୂକ୍ ୨୩:୩୪-୪୬) ।

ମଣ୍ଡଳୀର ସ୍ଥାପକ ଯୀଶୁଖ୍ରୀଷ୍ଟ ଏକ ପ୍ରାର୍ଥନାଶୀଳ ବ୍ୟକ୍ତି ଥିବାରୁ ମଣ୍ଡଳୀର ସଭ୍ୟମାନେ ମଧ୍ୟ ତାହାଙ୍କ ଆଦର୍ଶକୁ ଅନୁସରଣ କରିବା ଆବଶ୍ୟକ । ଯୀଶୁଖ୍ରୀଷ୍ଟ ଏକ ପ୍ରାର୍ଥନାଶୀଳ ବ୍ୟକ୍ତିଥିଲେ । ପ୍ରାର୍ଥନା ବିନୁ କେହି ତାହାଙ୍କ ଶିଷ୍ୟ ହୋଇ ପାରିବ ନାହିଁ ।

## ୩. ପ୍ରାର୍ଥନାର ଉତ୍ତର ଈଶ୍ୱରଙ୍କ ସର୍ତ୍ତଯୁକ୍ତ :

ଯେଉଁ ଧାର୍ମିକ ସଂସ୍ଥା ଗୁଡିକ ପ୍ରାର୍ଥନାର ପ୍ରାଧାନ୍ୟତା ପ୍ରଚାର କରନ୍ତି, ସେମାନେ ପ୍ରାର୍ଥନାର ଉତ୍ତରରେ, ଜଡିତ ସର୍ତ୍ତଗୁଡିକ ଜଣାନ୍ତି ନାହିଁ । ସବୁ ସମୟରେ ସଦାପ୍ରଭୁ ଆମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି ନାହିଁ । ଯାକୁବ ଲେଖନ୍ତି, "ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ ।" (ଯାକୁବ ୪:୩) । ସମସ୍ତଙ୍କ ପ୍ରାର୍ଥନା ଶୁଣାଯିବ ନାହିଁ, କିନ୍ତୁ ଯେଉଁମାନେ ତାହାଙ୍କ ସର୍ତ୍ତପାଳନ କରନ୍ତି, ସେମାନଙ୍କ ପ୍ରାର୍ଥନା ସଦାପ୍ରଭୁ ଶ୍ରବଣ କରନ୍ତି ।

(କ) ଧାର୍ମିକମାନଙ୍କ :- "କାରଣ ଧାର୍ମିକମାନଙ୍କ ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତୀ ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ; କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ ।" (୧ମ ପିତର ୩:୧୨) ।

(ଖ) ଈଶ୍ୱରଙ୍କ ଆଜ୍ଞାପାଳନ :- "ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେହିସବୁ ତାହାଙ୍କଠାରୁ ପାଇଥାଉ, କାରଣ ଆମ୍ଭେମାନେ ତାହାଙ୍କର ଆଜ୍ଞା ପାଳନ କରୁ, ପୁଣି ତାହାଙ୍କ ଦୃଷ୍ଟିରେ ଯାହା ଯାହା ସନ୍ତୋଷଜନକ ତାହା କରିଥାଉ ।" (୧ମ ଯୋହନ

୩:୨୨) । ଅପର ପକ୍ଷରେ କହିବାକୁ ଗଲେ,ଯେଉଁମାନେ ତାହାଙ୍କ ଆଜ୍ଞାପାଳନ କରନ୍ତି ନାହିଁ, ସେମାନଙ୍କ ପ୍ରାର୍ଥନା ସଦାପ୍ରଭୁ ଶୁଣନ୍ତି ନାହିଁ ।

(ଗ) ବିଶ୍ୱାସରେ ପ୍ରାର୍ଥନା :- "କିନ୍ତୁ ସେ କିଛିମାତ୍ର ସନ୍ଦେହ ନକରି ବିଶ୍ୱାସ ସହ ପ୍ରାର୍ଥନା କରେ, ଯେ ସନ୍ଦେହ କରେ, ସେ ବାୟୁରେ ଇତଃସ୍ତତଃ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ୍ୟ । ସେପରି ଲୋକ ପ୍ରଭୁଙ୍କଠାରୁ କିଛି ପାଇବ ବୋଲି ମନେ ନକରୁ...।" (ଯାକୁବ ୧:୬-୭) । ପ୍ରତିଜ୍ଞାତ ବିଷୟ ସେ ଆମ୍ଭମାନଙ୍କୁ ପ୍ରଦାନ କରିବେ ବୋଲି ବିଶ୍ୱାସ କରୁ । ସେ ଯାହା ପ୍ରତିଜ୍ଞା କରି ଅଛନ୍ତି, ତାହାଙ୍କ ଠାରେ ବିଶ୍ୱାସରେ ପ୍ରାର୍ଥନା କରୁ, କାରଣ ଶ୍ରବଣରୁ ବିଶ୍ୱାସ ଜାତହୁଏ । (ରୋମୀୟ ୧୦:୧୭) ।

(ଘ) ବିଶ୍ୱାସରେ ପ୍ରାର୍ଥନା କର, "ପୁଣି, ପିତା ଯେପରି ପୁତ୍ରଙ୍କଠାରେ ମହିମାନ୍ୱିତ ହୁଅନ୍ତି, ଏଥିନିମନ୍ତେ ତୁମ୍ଭେମାନେ ମୋ ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ତାହା ମୁଁ କରିବି ।" (ଯୋହନ ୧୪:୧୩-୧୪) ।

(ଙ) ପରମେଶ୍ୱରଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା କର :- "ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି ।" (୧ମ ଯୋହନ ୫:୧୪) । ଦୈବିକ ଇଚ୍ଛା ନ ଥାଇ, ଆମ୍ଭେମାନେ ଯାହା କିଛି ମାଗୁ ତାହା ପ୍ରାପ୍ତ ହୋଇ ନଥାଉ ।

(ଚ) କ୍ଷମାଶୀଳ ହେଉ :- "..ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କର ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ ନାହିଁ ।" (ମାଥିଉ ୬:୧୫) । ଆମ୍ଭମାନଙ୍କ ବିରୁଦ୍ଧରେ ପାପ କରିଥିବା ବ୍ୟକ୍ତିମାନଙ୍କୁ ଆମ୍ଭେମାନେ କ୍ଷମା ନ କଲେ, ଆମ୍ଭେମାନେ ପ୍ରଭୁଙ୍କଠାରୁ କ୍ଷମାପ୍ରାପ୍ତ ହେବା ନାହିଁ ।

(ଛ) ଆମ୍ଭମାନଙ୍କ ଆତ୍ମିକ ସ୍ଥିତି :- "ଯଦି ତୁମ୍ଭେମାନେ ମୋ ଠାରେ ରୁହ, ଆଉ ମୋହର ବାକ୍ୟ ତୁମ୍ଭମାନଙ୍କ ଠାରେ ରୁହେ; ତାହାହେଲେ ଯେକୌଣସି ବିଷୟ ଇଚ୍ଛାକର, ତାହା ମାଗ, ଆଉ ତୁମ୍ଭମାନଙ୍କ ନିମନ୍ତେ ତାହା ସାଧିତ ହେବ ।" (ଯୋହନ ୧୫:୭) । ଆମ୍ଭମାନଙ୍କ ହୃଦୟର ସ୍ଥିତି, ପ୍ରଭୁଙ୍କ ବାକ୍ୟାନୁଯାୟୀ ନ ଥିଲେ, ଆମ୍ଭମାନଙ୍କ ପ୍ରାର୍ଥନା ସେ ଶୁଣିବ ନାହିଁ ।

(ଜ) ସଦ୍ ଉଦ୍ଦେଶ୍ୟରେ ପ୍ରାର୍ଥନା କରୁ :- "ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ ।" (ଯାକୁବ ୪:୩) । ମନ୍ଦ ଅଭିପ୍ରାୟରେ ପ୍ରାର୍ଥନା ସଦାପ୍ରଭୁଙ୍କ ଗ୍ରାହ୍ୟଯୋଗ୍ୟ ନୁହେଁ ।

## ୪. ପାପୀ ମାନଙ୍କ ନିମନ୍ତେ ପ୍ରାର୍ଥନା :

(କ) ପାପୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଏକ ପ୍ରଥା ଯାହା ଆମ୍ଭମାନଙ୍କ ବିଶ୍ଳେଷଣର ବିଷୟ ବସ୍ତୁ । ଉପରୋକ୍ତ ବାଖ୍ୟାନରୁ, ଆମ୍ଭମାନଙ୍କ ପ୍ରାର୍ଥନା ଗ୍ରହଣଯୋଗ୍ୟ, ହେବା ନିମନ୍ତେ କେତୋଟି ସର୍ତ୍ତ ଆବଶ୍ୟକ ବୋଲି ଜାଣି ପାରିଲୁ । ଖ୍ରୀଷ୍ଟିୟାନମାନେ କି ପାପୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଉଚିତ୍ ?

(୧) ଯୀଶୁ, ତାହାଙ୍କୁ କ୍ରୁଶରେ ହତ କରିଥିବା ଜନତା ନିମନ୍ତେ ପ୍ରାର୍ଥନା କରିଥିଲେ, "ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ... ।" (ଲୂକ ୨୩:୩୪) ।

(୨) ଯୀଶୁ, ଆମ୍ଭମାନଙ୍କୁ ପାପୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ନିମନ୍ତେ ଶିକ୍ଷା ଦିଅନ୍ତି, "... ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମକର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର ।" (ମାଥିଉ ୫:୪୪) । (୩) ପ୍ରେରିତ ପାଉଲ ଈଶ୍ରାଏଲ ଗୋଷ୍ଠୀ ନିମନ୍ତେ ପ୍ରାର୍ଥନା କରୁଥିଲେ । "... ସେମାନେ ଯେପରି ପରିତ୍ରାଣ ପାଆନ୍ତି, ଏହା ମୋହର ହୃଦୟର ବାଞ୍ଛା ଏବଂ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କ ଛାମୁରେ ମୋହର ପ୍ରାର୍ଥନା ।" (ରୋମୀୟ ୧୦:୧) ।

ପାପୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ବାକ୍ୟାନୁସାରେ ଅଟେ । ଏତଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଓ ପାଉଲଙ୍କ ଆଦର୍ଶ ଅନୁସରଣ ଅଛୁଁ ।

(ଖ) 'Mourner's bench' ପ୍ରାର୍ଥନା ପଦ୍ଧତି କି ସମର୍ଥନ କିରବା ?

(୧) 'Mourner's bench'ର ଅର୍ଥ କଅଣ ? :- ପରିତ୍ରାଣର ସର୍ତ୍ତପାଳନ ନ କରିବା ସତ୍ତ୍ୱେ, ପାପୀ ନିମନ୍ତେ ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା । ଏହା ଏକ ସୁପରିଚିତ ପ୍ରଥା । କ୍ଷମାପ୍ରାପ୍ତିର ନିୟମ ପାଳନ ବିନୁ, ଏହି ପ୍ରାର୍ଥନା ପ୍ରତିଫଳ ଅନେକେ ପରିତ୍ରାଣ ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରନ୍ତି । ଏହା କି ସମ୍ଭବପର· ? ପରମେଶ୍ୱର ଆପଣାର ନିୟମ କି ମନୁଷ୍ୟର ପ୍ରାର୍ଥନା ଦ୍ୱାରା ପରିବର୍ତ୍ତନ କରିବେ ?

(୨) "ସଦାପ୍ରଭୁ ପରମେଶ୍ୱର ମନୁଷ୍ୟର ମଙ୍ଗଳ ନିମନ୍ତେ ଅନେକ ପ୍ରକାର ନିୟମ ସ୍ଥାପନ କରିଅଛନ୍ତି, ତାହାଙ୍କ ନିୟମ ପାଳନ ନ କରି, ତାହାଙ୍କ ଠାରୁ ଆଶୀର୍ବାଦ ପ୍ରାର୍ଥନା କରିବା ତାହାଙ୍କୁ ଅବମାନ ଦେବା ସମାନ । ଜ୍ଞାନୀ ଶଲୋମନ କହନ୍ତି, "ଯେଉଁ ଲୋକ ବ୍ୟବସ୍ଥା ଶୁଣିବାରୁ କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ ।" (ହିତ ୨୮:୯) ।

ଉଦାହରଣ ସ୍ୱରୂପ :- ପ୍ରକୃତିର ନିୟମ ଅନୁସରଣ କଲେ ଚାଷୀ ଉତ୍ତମ ଫସଲ କାଟି ପାରିବ । ପ୍ରକୃତିର ନିୟମ ହେଲା ମାଟି ହଳ କରି, ପ୍ରଚୁର ଜଳର ଯୋଜନା କରି, ବୀଜ ବୁଣିଲେ ଉତ୍ତମ ଫସଲ କାଟି ପାରିବ । କିନ୍ତୁ ଚାଷୀ ମାଟି ହଳ ନକରି ଜଳର ଯୋଜନା ନକରି, ବୀଜ ନବୁଣି କେବଳ ପ୍ରାର୍ଥନା କଲେ, ଉତ୍ତମ ଫସଲ କାଟି ପାରିବ ନାହିଁ । ଏପରି ଚାଷୀର ପ୍ରାର୍ଥନା ସଦାପ୍ରଭୁ ଶ୍ରବଣ କରିବେ ନାହିଁ । ବରଂ ଅପମାନିତ ହେବେ । ଆମ୍ଭେମାନେ ସଦାପ୍ରଭୁଙ୍କ ଦତ୍ତ ନିୟମ ପାଳନ କଲେ ସେ ଆମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କରିବେ ।

(୩) ସଦାପ୍ରଭୁଙ୍କ ଠାରେ କ୍ଷମାପ୍ରାପ୍ତିର କି କୌଣସି ନିୟମ ଅଛି ? ମନୁଷ୍ୟ ସେହି ନିୟମ ପାଳନ କରିବା ପୂର୍ବେ ସଦାପ୍ରଭୁଙ୍କ ଠାରେ ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରିବା କି ଅନାବଶ୍ୟକ ? ଏତଦ୍ୱାରା ମନୁଷ୍ୟ ପରମେଶ୍ୱରଙ୍କ ଇଚ୍ଛା ପାଳନ ନ କରି, ଆପଣା ଇଚ୍ଛା ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ଅଜ୍ଞତାର ବିଷୟ । ପାପୀମାନଙ୍କ ନିମନ୍ତେ ପାପକ୍ଷମା ପ୍ରାପ୍ତି ନିମନ୍ତେ ଏକ ପଦ୍ଧତି ଅଛି, ଯାହା ହେଲା :- (୧) ବିଶ୍ୱାସ (ଏବ୍ରୀ ୧୧:୬), ମନପରିବର୍ତ୍ତନ (ଲୂକ୍ ୧୩:୩), ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ୱୀକାର (ମାଥିଉ ୧୦:୩୨, ପ୍ରେରିତ ୩:୩୭), ପାପକ୍ଷମା ନିମନ୍ତେ ଜଳରେ ବୁଡ଼ନ ଦ୍ୱାରା ଆପଣାର ପାପ ଧୌତ କରିବା (ପ୍ରେରିତ ୨:୩୮, ୨୨:୧୬) Mourners bench ପଦ୍ଧତିନୁଯାୟୀ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମନୁଷ୍ୟଙ୍କୁ କଅଣ କରିବାକୁ ହେବ, ବର୍ଣ୍ଣନା କରାଯାଏ ନାହିଁ । କିନ୍ତୁ ପରମେଶ୍ୱରଙ୍କ ଆଜ୍ଞାପାଳନ ବିନୁ ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରିବା ନିମନ୍ତେ ଉତ୍ସାହିତ କରାଯାଏ । ଅର୍ଥାତ୍ "ପ୍ରଭୋ, ତୁମ୍ଭର ଇଚ୍ଛା ନୁହେଁ, ମୋହର ଇଚ୍ଛା ସଫଳ ହେଉ ।" ଏହା କି ଶାସ୍ତ୍ରନୁଯାୟୀ ! ଏପରି ଭାବେ କୌଣସି ପାପୀ ପରିତ୍ରାଣ ପ୍ରାପ୍ତ ହେବା ବାକ୍ୟରେ ଲିଖିତ ହୋଇ ନାହିଁ । ପରିତ୍ରାଣ ପ୍ରାପ୍ତି ନିମନ୍ତେ, ପାପୀମାନଙ୍କୁ Mourners bench ପାଳନ କରିବାର ପ୍ରତିଫଳ ଶୂନ୍ୟ ।

**୫. ପାପୀମାନଙ୍କ ନିମନ୍ତେ ଯୀଶୁଙ୍କ ପ୍ରାର୍ଥନା :**

(୧) ଯୀଶୁଖ୍ରୀଷ୍ଟ କ୍ରୁଶାର୍ପିତ ହୋଇ ପିତାଙ୍କ ଠାରେ ପ୍ରାର୍ଥନା କରିଥିଲେ । "... ପିତଃ, ଏମାନଙ୍କୁ କ୍ଷମାକର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ"(ଲୂକ୍ ୨୩:୩୪) । ଯୀଶୁଖ୍ରୀଷ୍ଟ ସର୍ବଦା ପିତା ପରମେଶ୍ୱରଙ୍କ ଇଚ୍ଛା ପାଳନ କରୁଥିଲେ ଓ ସେ ଐଶ୍ୱରିକ ନିୟମ ବିରୁଦ୍ଧରେ ସେ ପିତାଙ୍କୁ ପ୍ରାର୍ଥନା କରି ନ ଥିଲେ । କିଅବା, ସେହି ମୁହୂର୍ତ୍ତରେ ସେମାନଙ୍କୁ କ୍ଷମା କରିବାକୁ ସେ ଦାବୀ କରି ନ ଥିଲେ । ତାହାଙ୍କ ପ୍ରାର୍ଥନା ସେହି ସମୟରେ ହିଁ ସଫଳ ହୋଇ ନ ଥିଲା ।

(୨) କେବେ ତାହାଙ୍କ ପ୍ରାର୍ଥନା କେବେ ସଫଳ ହୋଇଥିଲା ? ନିସ୍ତାର ପର୍ବର ପଚାଶତମ ଦିବସ ଅର୍ଥାତ୍ ପେଣ୍ଟିକଷ୍ଟ ଦିବସ ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ପ୍ରାର୍ଥନାର ଉତ୍ତର ଆସି ନ ଥିଲା । ତାହାର ପ୍ରମାଣ ? ସଦାପ୍ରଭୁ ମନୁଷ୍ୟର ପାପକ୍ଷମା କଲେ, ସେ ଆଉ ତାହାର ପାପ ସ୍ମରଣ କରନ୍ତି ନାହିଁ । ପେଣ୍ଟିକଷ୍ଟ ଦିନରେ ପିତର ସୁସମାଚାରର ପ୍ରଥମ ପ୍ରସଙ୍ଗରେ କହିଥିଲେ, "... ସମସ୍ତ ଇଶ୍ରାଏଲକୂଳ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରି ଅଛନ୍ତି ।" (ପ୍ରେରିତ ୨:୩୬) । ଏହି ବାକ୍ୟ ଦ୍ୱାରା ଏହା ପ୍ରମାଣିତ ହୁଏ ଯେ, ସେମାନଙ୍କ ପାପ, ପେଣ୍ଟକଷ୍ଟ ଦିନ ପର୍ଯ୍ୟନ୍ତ କ୍ଷମା ହୋଇ ନ ଥିଲା । (ପ୍ରେରିତ ୨:୩୬) । ଯଦି ହୋଇଥାନ୍ତା ପରମେଶ୍ୱର ପ୍ରଭୁ ସ୍ମରଣ କରି ନ ଥାନ୍ତେ । ସେହିଦିନ ସେମାନେ ପିତରଙ୍କ ପ୍ରଚାରିତ ପ୍ରସଙ୍ଗରେ ବିଶ୍ୱାସ କରି, ମନ ପରିବର୍ତ୍ତନ କରି, ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇଥିଲେ । (ପ୍ରେରିତ ୨:୩୮) । ତିନି ସହସ୍ର ଯିହୂଦୀମାନେ ପାପକ୍ଷମା ନିମନ୍ତେ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ । (ପ୍ରେରିତ ୨:୪୧-୪୭) । ସେମାନେ ପାପକ୍ଷମାର ନିୟମର ଆଜ୍ଞାଧିନ ହୋଇଥିଲେ ଓ ଯୀଶୁଙ୍କ ପ୍ରାର୍ଥନା ସଫଳ ହୋଇଥିଲା ।

ଉପରୋକ୍ତ ବାଖ୍ୟାନରୁ ଏହା ପ୍ରମାଣିତ ହୁଏ ଯେ, ପାପକ୍ଷମାର ନିୟମର ପାଳନ ବିନୁ, ପାପୀମାନଙ୍କ ନିମନ୍ତେ କରାଯିବା ପ୍ରାର୍ଥନା ଈଶ୍ୱରଙ୍କ ନିକଟରେ ଗ୍ରାହ୍ୟଯୋଗ୍ୟ ନୁହେଁ । ବାକ୍ୟାନୁଯାୟୀ ପ୍ରାର୍ଥନା କେତେ ଶକ୍ତିଯୁକ୍ତ ! କିନ୍ତୁ ଈଶ୍ୱରଙ୍କ ଇଚ୍ଛାନୁଯାୟୀ କରାଯାଇ ନ ଥିବା ପ୍ରାର୍ଥନା ଫଳ ଶୂନ୍ୟ ।

❖❖❖

ଊଣବିଂଶତମ–କାରଣ

# ଏହା ଶାସ୍ତ୍ରୀୟ ବାପ୍ତିସ୍ମ ଶିକ୍ଷା ଦିଏ ଓ ପ୍ରଦାନ କରେ

## (It teaches and administers scriptural Baptism)

୧. ପରିଚୟ :

Quarters ଏବଂ Christian Scientist ଦ୍ୱୟ ସଂସ୍ଥା ବ୍ୟତୀତ, ଅନ୍ୟ କୌଣସି ମଣ୍ଡଳୀରେ ବାପ୍ତିସ୍ମ ବିନୁ କେହି ସଭ୍ୟତା ଗ୍ରହଣ କରିପାରେ ନାହିଁ । ଏତଦ୍ୱାରା ଖ୍ରୀଷ୍ଟିୟ ସମାଜରେ ବାପ୍ତିସ୍ମର ପ୍ରାଧାନ୍ୟତା ବୁଝିପାରୁ । ଏହି କାରଣ ତଥା ଶାସ୍ତ୍ରୀୟ କାରଣରୁ ଆମ୍ଭମାନଙ୍କୁ ବାପ୍ତିସ୍ମ ବିଷୟରେ ସଂପୂର୍ଣ୍ଣଭାବେ ଜାଣିବା ଆବଶ୍ୟକ । ଅନେକ କାରଣରୁ ଏହା ଏକ କାରଣ ଯାହା ନିମନ୍ତେ ମୁଁ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଭ୍ୟତ୍ୱ ଗ୍ରହଣ କରିଅଛି । ମୁଁ ଏପରି ଏକ ମଣ୍ଡଳୀର ସଭ୍ୟ ଅଟେ ଯାହା କେବଳ ଧର୍ମଶାସ୍ତ୍ର ଶିକ୍ଷାଦିଏ । ଏହା ସିଦ୍ଧାନ୍ତରେ, ଆରାଧନାରେ ଶିକ୍ଷା ଦେବାରେ ସଦାପ୍ରଭୁଙ୍କ ମନ ମୁତାବକ କାର୍ଯ୍ୟ କରେ ଓ ପାଳନ କରେ ।

୨. କିଏ ବାପ୍ତିଜିତ ହେବା ଆବଶ୍ୟକ ? :

ଏହା ଏକ ଧର୍ମଶାସ୍ତ୍ରୀୟ ପ୍ରଶ୍ନ ଅଟେ । ଏହାର ଉତ୍ତର ଧର୍ମଶାସ୍ତ୍ରରେ ହିଁ ଲିଖିତ ଅଛି । ସେ ଗୁଡିକ ହେଲା :-

(୧) ଶିକ୍ଷା କରିଥିବା ବ୍ୟକ୍ତିମାନଙ୍କୁ, "ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାଗତିକ ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଶିକ୍ଷା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର...।" (ମାଥିଉ ୨୮:୧୯) ।

(୨) ବିଶ୍ୱାସ କରିଥିବା ବ୍ୟକ୍ତିମାନଙ୍କୁ :- ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ।

(୩) ଆପଣା ପାପ ବିଷୟରେ ଅନୁତପ୍ତ ବ୍ୟକ୍ତିମାନଙ୍କୁ :- "ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨: ୩୮) ।

(୪) ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିଥିବା ବ୍ୟକ୍ତିଗଣ : (୧) କୂଶଦେଶୀୟ ନଂପୁସକ ବାପ୍ତିଜିତ ହେବା ପୂର୍ବେ, "...ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର, ଏହା ମୁଁ

ବିଶ୍ୱାସ କରୁଅଛି ।" (ପ୍ରେରିତ ୮:୩୭) ବୋଲି ସ୍ୱୀକାର କରିଥିଲେ । ବାପ୍ତିଜିତ ହେବା ପୂର୍ବେ ଯୀଶୁ ଈଶ୍ୱରଙ୍କ ପୁତ୍ର ବୋଲି ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱୀକାର କରିବା ଆବଶ୍ୟକ । (ମାଥିଉ ୧୦:୩୨) । (୨) ଏହି ବିଷୟ ଆପଣା ମୁଖ ଦ୍ୱାରା ସ୍ୱୀକାର କରିବା ଆବଶ୍ୟକ । (ରୋମୀୟ ୧୦:୧୦) । ଅର୍ଥାତ୍ ଲିଖିତ ପୂର୍ବକ, କିଅବା ହସ୍ତ ଉତ୍ତୋଳନ କରିବା ଦ୍ୱାରା, କିଅବା ମସ୍ତକ ନତ କରିବା ଦ୍ୱାରା ସ୍ୱୀକାର ନ କରି, ମନୁଷ୍ୟମାନଙ୍କ ସମ୍ମୁଖରେ ଆପଣା ମୁଖ ଦ୍ୱାରା ସ୍ୱୀକାର କରିବା ଆବଶ୍ୟକ ।

ଉପରୋକ୍ତ ବାଖ୍ୟାନ ଦ୍ୱାରା ଶିକ୍ଷା, ବିଶ୍ୱାସ, ମନପରିବର୍ତ୍ତନ ଓ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ପରେ ବାପ୍ତିଜିତ ନେବା ଆବଶ୍ୟକ ବୋଲି ବୁଝି ପାରିଲୁ । "ଶିଶୁ ବାପ୍ତିସ୍ମ" ଏହି ଦୈବିକ ପଥକୁ ଅନୁସରଣ ନ କରି, ସ୍ୱଇଚ୍ଛା ପାଳନ କରାଯାଏ । "ଶିଶୁ ସମୟରେ ବାପ୍ତିସ୍ମ ଓ ବୟସ ଆସିବାପରେ ଶିକ୍ଷା, ବିଶ୍ୱାସ, ମନପରିବର୍ତ୍ତନ ଓ ସ୍ୱୀକାର ।" ସେମାନଙ୍କ ପ୍ରଥା ଶିଶୁମାନଙ୍କୁ ବାପ୍ତିସ୍ମ ଦେଇ, ମନୁଷ୍ୟମାନେ ଦୈବିକ ମାର୍ଗକୁ ବିସର୍ଜନ କରି, ଈଶ୍ୱରଙ୍କ ବାକ୍ୟକୁ କଳୁଷିତ କରୁଅଛନ୍ତି । କାରଣ ବାପ୍ତିଜିତ ହେବା ପୂର୍ବରୁ ଶିକ୍ଷା, ବିଶ୍ୱାସ, ମନପରିବର୍ତ୍ତନ, ସ୍ୱୀକାର କରିବା ଆବଶ୍ୟକ ବୋଲି ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦିଏ ।

ଖ୍ରୀଷ୍ଟଙ୍କ ମଣ୍ଡଳୀର ଭ୍ରାତୃବୃନ୍ଦ "ଜଳରେ ପରିତ୍ରାଣ" ଉପରେ ଅଧିକ ପ୍ରାଧାନ୍ୟତା ଦିଅନ୍ତି ବୋଲି ଅନ୍ୟମାନେ ନିନ୍ଦା କରନ୍ତି । ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ "ବାଇବଲ"ରେ ବିଶ୍ୱାସ କରୁ । ଈଶ୍ୱରଙ୍କ ଦତ୍ତ ପରିତ୍ରାଣ ଶିକ୍ଷା, ବିଶ୍ୱାସ, ମନପରିବର୍ତ୍ତନ କରି ବାପ୍ତିସ୍ମ ଗ୍ରହଣ କରିବା ଶାସ୍ତ୍ରୀୟ ବାପ୍ତିସ୍ମ । ଅନ୍ୟ କୌଣସି ବାପ୍ତିସ୍ମ ଈଶ୍ୱରଙ୍କ ଗ୍ରାହ୍ୟ ନୁହେଁ ।

## ୩. ବାପ୍ତିସ୍ମ କଅଣ ଆବଶ୍ୟକ କରେ ? :

ଛିଞ୍ଚା, ଢଳା କିଅବା ବୁଡ଼ନ ? ଏହି ତିନି ପ୍ରକାର ବାପ୍ତିସ୍ମରୁ କେବଳ ଏକମାତ୍ର ସତ୍ୟ ଅଟେ, "ବାପ୍ତିସ୍ମ" ଏକ କ୍ରିୟା । ଏହା କିପରି ଗ୍ରହଣ କରାଯିବ ସେ ପଦରେ ହିଁ କୁହାଯାଇଅଛି । ଛିଞ୍ଚିବା, ଢ଼ାଳିବା, ବୁଡ଼ନ ଏକ ଏକ ଭିନ୍ନ ଭିନ୍ନ କ୍ରିୟା । ବାପ୍ତିସ୍ମର ଅର୍ଥ ବୁଡ଼ିତ ହେବା ହେଲେ, ତାହା 'ଜଳ ଛିଞ୍ଚିବା' ବା 'ଜଳ ଢ଼ାଳିବା' ନୁହେଁ । ବାଇବଲରେ ବାପ୍ତିସ୍ମ କିପରି ଗ୍ରହଣ କରିବା ଆବଶ୍ୟକ ଲିଖିତ ହୋଇ ନୁହେଁ, କିନ୍ତୁ "Baptize" ପଦରେ ହିଁ ଆମ୍ଭେମାନେ ଏହାର ଅର୍ଥ ବୁଝିପାରୁ । ଯଦି "Baptize"ର ଅର୍ଥ ଛିଞ୍ଚିବା, ତାହା 'ବୁଡ଼ନ' କିଅବା 'ଢ଼ାଳିବା' ନୁହେଁ । "Baptize"ର ଅର୍ଥ ବୁଡ଼ନ, ଛିଞ୍ଚା ବା ଢ଼ଳା ବାପ୍ତିସ୍ମ ତିନୋଟି ଅର୍ଥ ହୋଇ ନ ପାରେ । ଏହାର ପ୍ରକୃତ ଅର୍ଥ ନିମ୍ନଲିଖିତ ତାଲିକାରେ ବିପୁଳ ଲିଖିତ ହୋଇଅଛି ।

**ପ୍ରତ୍ୟେକ ଧରଣ ବାପ୍ତିସ୍ମର ଆବଶ୍ୟକତା :**

| ବାପ୍ତିସ୍ମ | ଡୁବନ | ଛିଞ୍ଚା | ଢ଼ଳା |
|---|---|---|---|
| ୧) ଜଳ (ପ୍ରେରିତ ୮:୩୬) | ଅଛି | ହଁ | ହଁ |
| ୨) ବହୁତ ଜଳ (ଯୋହନ ୩:୨୩) | ଅଛି | ନାହିଁ | ନାହିଁ |
| ୩) ଜଳ ଭିତରେ ଓହ୍ଲାଇବା (ପ୍ରେରିତ ୮:୩୬) | ଅଛି | ନାହିଁ | ନାହିଁ |
| ୪) ବାପ୍ତିଜକ ଓ ବାପ୍ତିଜିତ ହେବା ବ୍ୟକ୍ତି ଦୁହେଁ ଜଳ ଭିତରକୁ ଓହ୍ଲାଇବା (ପ୍ରେରିତ ୨:୩୮-୩୯) | ଅଛି | ନାହିଁ | ନାହିଁ |
| ୫) ଜଳ ସମାଧି (ରୋମୀୟ ୬:୪) | ହଁ | ନାହିଁ | ନାହିଁ |
| ୬) ଏକ ପୁନଃରୁତ୍ଥାନ (କଲସୀ ୨:୧୨) | ହଁ | ନାହିଁ | ନାହିଁ |
| ୭) ନୂତନ ଜନ୍ମ (ଯୋହନ ୩:୫) | ହଁ | ନାହିଁ | ନାହିଁ |
| ୮) ଶରୀର ଧୌତ (ଏବ୍ରୀ ୧୦:୨୨) | ହଁ | ନାହିଁ | ନାହିଁ |
| ୯) ଜଳ ଉପରକୁ ଉଠି ଆସିବା (ପ୍ରେରିତ ୮:୩୯, ମାଥିଉ ୩:୧୬) | ହଁ | ନାହିଁ | ନାହିଁ |

ଯେଉଁମାନେ ଛିଞ୍ଚା ଓ ଢ଼ଳା ବାପ୍ତିସ୍ମ ଦିଅନ୍ତି, ସେମାନେ ଶେଷଦିନରେ ଉପରୋକ୍ତ ବାକ୍ୟ ଗୁଡ଼ିକ ଦ୍ୱାରା ବିଚାରିତ ହେବେ । ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ଶେଷଦିନରେ ଆମ୍ଭମାନଙ୍କ ବିଚାରକର୍ତ୍ତା । (ପ୍ରକାଶିତ ୨୦:୧୨) ।

"ଛିଞ୍ଚା" ବାପ୍ତିସ୍ମ ଈଶ୍ୱର ବାକ୍ୟରେ ଲିଖିତ ହୋଇ ନାହିଁ, କାରଣ ଆଦିମ ମଣ୍ଡଳୀରେ ଏହି ବାପ୍ତିସ୍ମ ଦିଆଯାଉ ନ ଥିଲା । "ପୁଣି ଆମ୍ଭେ ତୁମ୍ଭମାନଙ୍କ ଉପରେ ଶୁଚି ଜଳ ଛିଞ୍ଚିବା, ତହିଁରେ ତୁମ୍ଭେମାନେ ଶୁଚି ହେବ, ତୁମ୍ଭମାନଙ୍କର ସବୁ ଅଶୌଚରୁ ଓ ତୁମ୍ଭମାନଙ୍କର ସକଳ ପ୍ରତିମାଗଣଠାରୁ ଆମ୍ଭେ ତୁମ୍ଭମାନଙ୍କୁ ଶୁଚି କରିବା ।" (ଯିହିଜିକଲ ୩୬:୨୫) । ଏହା ମୋଶାଙ୍କ ଯୁଗରେ ପ୍ରଚଳିତ ପ୍ରଥା । ଏହି ଶୁଚି ଜଳର ପ୍ରସ୍ତୁତିର ବିବରଣ ଆମ୍ଭେମାନେ ଗଣନା ୧୯:୧-୧୦ ପଦଗୁଡ଼ିକରେ ପଢ଼ିପାରୁଁ ।

**୪. ଅନ୍ୟମାନଙ୍କ ସାକ୍ଷ୍ୟ :**

୧. ମାର୍ଟିନ୍ ଲୁଥର୍ :- "ବାପ୍ତିସ୍ମ ଏକ ଗ୍ରୀକ୍ ଯାହାର ଅର୍ଥ ଡୁବନ । ଆମ୍ଭେମାନେ ଯେବେ ଡୁବନ ଦେଉ ସଂପୂର୍ଣ୍ଣଭାବେ ଜଳରେ ବୁଡ଼ାଉ ।"

୨. ଜୋନ୍ କାଲ୍‌ଭିନ୍ :- "ବାପ୍ତିସ୍ମର ଅର୍ଥ ନିଶ୍ଚିତଭାବେ ଡୁବନ । ଏହା ଆଦ୍ୟ ଖ୍ରୀଷ୍ଟଙ୍କ

ମଣ୍ଡଳୀର ପ୍ରଥା ଥିଲା ।"

୩. ଜୋନ୍ ଯେସଲି :- "ଆଦ୍ୟ ପ୍ରଥା ପ୍ରକାରେ ବାପ୍ତିସ୍ମରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ଜଳରେ ସମାଧି ପ୍ରାପ୍ତ ହୋଇଥାଉଁ ।"

୪. ଲେମେନ୍ କୋଲେମନ୍ :- "ବାପ୍ତିସ୍ମର ସରଳ ଅର୍ଥ ବୁଡାଇବା ବା ଡୁବାଇବା ।"

୫. ଏଡିନ୍ ବର୍ଗ ମହାକୋଷ :- "ପ୍ରେରିତମାନଙ୍କ ସମୟରେ ବାପ୍ତିସ୍ମ ପ୍ରଥା ବହୁତ ସରଳ ଥିଲା, ବାପ୍ତିଜିତ ହେବା ବ୍ୟକ୍ତିଙ୍କୁ ନଦୀରେ କିଅବା ବହୁତ ଜଳରେ ଡୁବନ ଦିଆଯାଉଥିଲା ।"

୬. ଲିଡେଲ୍ ଓ ସ୍କଟ୍ :- "Baptizo"ର ଅର୍ଥ ଡୁବାଇବା ବା ବୁଡାଇବା ।

୭. ଥାୟେର୍ :- "Baptizo-ଅର୍ଥ ଡୁବାଇବା-ଜଳରେ ବୁଡାଇବା ।"

୮. ଗ୍ରୀକ୍ କାଥିଲିକ୍ ମଣ୍ଡଳୀ :- "ଡୁବନ ହିଁ ପ୍ରାଚୀନ ପ୍ରଥା ବୋଲି ସ୍ୱୀକାର କରେ ।"

୯. ରୋମାନ୍ କାଥିଲିକ୍ :- "ଡୁବନ ହିଁ ପ୍ରାଚୀନ ଓ ପ୍ରକୃତ ପ୍ରଥା ।"

୧୦. ଚର୍ଚ୍ଚ ଅଫ୍ ଇଂଲଣ୍ଡ :- "ଡୁବନ ହିଁ ପ୍ରକୃତ ପ୍ରାଚୀନ ପ୍ରଥା ବୋଲି ସ୍ୱୀକାର କରେ ।"

୧୧. ମେଥିଡିଷ୍ଟ ମଣ୍ଡଳୀ :- ଅନୁରୋଧ କରିବା ବ୍ୟକ୍ତିମାନଙ୍କୁ ଏହି ମଣ୍ଡଳୀ ଜଳରେ ଡୁବାଇ ବାପ୍ତିସ୍ମ ଦିଏ ।

## ୫. ଅସତ୍ୟ ବାପ୍ତିସ୍ମର ଉତ୍ପତ୍ତି :

(୧) ଖ୍ରୀ.ଜ. ୨୫୧ ମସିହାରେ ସର୍ବପ୍ରଥମେ Novation ନାମକ ଶଯ୍ୟାଗ୍ରସ୍ତ ବ୍ୟକ୍ତି ପ୍ରଥମ ଅସତ୍ୟ ବାପ୍ତିସ୍ମର ଗ୍ରହଣ କରିଥିଲେ । ଆରମ୍ଭରେ ଏହି ପ୍ରକାର ବାପ୍ତିସ୍ମ କେବଳ, ମୃତ୍ୟୁଶଯ୍ୟାର ରୋଗୀମାନଙ୍କୁ ଦିଆଯାଉଥିଲା । କ୍ରମଶଃ ସର୍ବଜନ ନିମନ୍ତେ ଏହା ଏକ ପ୍ରଥା ରୂପେ ପ୍ରଚଳିତ ହେଲା ।

(୨) ରୋମାନ୍ କାଥିଲିକ୍ ବିଷପ Karl Hefeleଙ୍କ ଭାଷାରେ, "ରୋଗୀମାନଙ୍କ ମଙ୍ଗଳ ନିମନ୍ତେ ଏହି ବୈଦିକ ପ୍ରଥା ଆରମ୍ଭ କରାଯାଇଥିଲା" ବୋଲି ସେ ଆପଣା ପୁସ୍ତକରେ ବ୍ୟକ୍ତକରି ଅଛନ୍ତି । (History of Church Councils, page 153) ଛିଞ୍ଚା ବାପ୍ତିସ୍ମକୁ ବୈଦିକ ବାପ୍ତିସ୍ମ ବୋଲି କୁହାଗଲା, କାରଣ ତାହା ରୋଗୀମାନଙ୍କୁ ଦିଆଯାଉଥିଲା । କାଥିଲିକ୍ ମଣ୍ଡଳୀ ଏହି ବାପ୍ତିସ୍ମ ଶାସ୍ତ୍ରଗତ ବୋଲି ଦାବୀ ନ କରି, ଏହି ପ୍ରଥା ଏହି ମଣ୍ଡଳୀ ଦ୍ୱାରା ପ୍ରବେଶ କରାଯାଇଥିଲା ବୋଲି ସ୍ୱୀକାର କରେ ।

(୩) ତଥାପି ଖ୍ରୀ.ଜ. ୧୩୧୧ ପର୍ଯ୍ୟନ୍ତ ଛିଞ୍ଚା ବାପ୍ତିସ୍ମ କାଥିଲିକ୍ ମଣ୍ଡଳୀ ଦ୍ୱାରା ସ୍ୱୀକୃତ ପ୍ରଥା ନ ଥିଲା । Johnson cyclopidea, vol. ରେ ଲେଖାଯାଏ । ବୈଦିକ ବାପ୍ତିସ୍ମ ବା ଛିଞ୍ଚା ବାପ୍ତିସ୍ମ ଦୀର୍ଘକାଳରୁ ପ୍ରଚଳିତ ହୋଇ ଆସୁଥିବାରୁ, ଏହି ପ୍ରଥା ମୃତ୍ୟୁଶଯ୍ୟାରୁ

ମଣ୍ଡଳୀରେ ପ୍ରବେଶ କରିଅଛି ।

ଉପରୋକ୍ତ ବାସ୍ତବତା ବିଷୟରେ କୌଣସି କାଥଲିକ୍ କିଅବା ପ୍ରଟେଷ୍ଟାଣ୍ଟ ବିଦ୍ୱାନ ବ୍ୟକ୍ତି ଅସ୍ୱୀକାର କରି ନ ପାରେ । ଛିଞ୍ଚା ବାପ୍ତିସ୍ମର ଉତ୍ପତ୍ତି ରୋମନ୍ କାଥଲିକ୍ ମଣ୍ଡଳୀ । ଈଶ୍ୱରଙ୍କ ଇଚ୍ଛା ଅଦଳବଦଳ କରିବାକୁ ସେମାନଙ୍କୁ ଅଧିକାର ଅଛି ବୋଲି ରୋମନ୍ କାଥଲିକ୍ ଦାବୀ କରନ୍ତି । ମୁଁ ଏହି ଦାବୀରେ ସମ୍ମତ ନୁହେଁ । ଜଗତରେ କୌଣସି ବ୍ୟକ୍ତିଙ୍କର କିଅବା ସଂସ୍ଥାର ଈଶ୍ୱରଙ୍କ ଇଚ୍ଛା ବଦଳାଇବାରେ ଅଧିକାର ନାହିଁ ।

**୬. କାହିଁକି ବାପ୍ତିଜିତ ହେବା ଆବଶ୍ୟକ :**

ଅନେକଙ୍କ ମନରେ ଏହି ପ୍ରଶ୍ନ ଉଠେ, "ଆମ୍ଭେମାନେ କାହିଁକି ବାପ୍ତିଜିତ ହେବା ଆବଶ୍ୟକ ?" ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ 1 ଆସ ଆମ୍ଭେମାନେ ଯତ୍ନଭାବେ ଏହାର ଉତ୍ତର ଅନ୍ୱେଷଣ କରୁ । ବାପ୍ତିସ୍ମ ବିଷୟରେ ଶତାଧିକଭାବେ ନୂତନ ନିୟମରେ ଲିଖିତ ହୋଇଥିବାରୁ ଏହା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ କେତେ ମହତ୍ତ୍ୱପୂର୍ଣ୍ଣ ବୁଝିପାରୁ । ଏହା ଅନେକ ବିବାଦର କାରଣ ଓ ଚର୍ଚ୍ଚିତ ବିଷୟ ବସ୍ତୁ ।

ଏହି ପ୍ରଶ୍ନର ଉତ୍ତର ମନୁଷ୍ୟ ଦେଇପାରେ ନାହିଁ । କିନ୍ତୁ କେବଳ ବାଇବଲ ଦେଇପାରେ । ଯେଉଁମାନେ ପ୍ରକୃତରେ ଯୀଶୁଖ୍ରୀଷ୍ଟଙ୍କ ଅନୁସରଣ କରିବାକୁ ଚାହାନ୍ତି, ସେମାନେ ପ୍ରତ୍ୟେକ ପରିତୃପ୍ତ ହେବେ । ଈଶ୍ୱରଙ୍କ ବାକ୍ୟରେ ଏହି ପ୍ରଶ୍ନର ଉତ୍ତର ।

(୧) ସମସ୍ତ ଧର୍ମକର୍ମ ସାଧନ କରିବା ନିମନ୍ତେ, ପାପରହିତ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟ ବାପ୍ତିଜିତ ହୋଇଥିଲେ । (ମାଥିଉ ୩:୧୫) ।

(୨) ଏହା ଏକ ଆଜ୍ଞା । (ପ୍ରେରିତ ୪୦:୪୮ ଓ ମାଥିଉ ୨୮:୧୯) ।

(୩) ଶୁଚି ବିବେକ ପାଇବାର ଏକମାତ୍ର ମାର୍ଗ (୧ମ ପିତର ୩:୨୦-୨୧) ।

(୪) ଯେପରି ଜଣେ ଆନନ୍ଦମୟ ଜୀବନଯାପନ କରିପାରିବ । (ପ୍ରେରିତ ୮:୩୯, ୧୬:୩୩-୩୪) ।

(୫) ଖ୍ରୀଷ୍ଟଙ୍କଠାରେ ପ୍ରବେଶ କରିବାର ଏକମାତ୍ର ପ୍ରଥା । (ଗାଲାତୀ ୩:୨୭) ।

(୬) ଖ୍ରୀଷ୍ଟଙ୍କ ମୃତ୍ୟୁରେ ସହଭାଗୀ ହେବାର ଏକମାତ୍ର ପ୍ରଥା । (ରୋମୀୟ ୬:୩) ।

(୭) ଖ୍ରୀଷ୍ଟଙ୍କ ସହ ପୁନଃରୁତ୍ଥିତ ହେବାର ସୁବର୍ଣ୍ଣ ସୁଯୋଗ । (କଲସୀ ୨:୧୨) ।

(୮) ନୂତନ ଜୀବନଯାପନ କରିବାର ସୁବର୍ଣ୍ଣ ସୁଯୋଗ । (ରୋମୀୟ ୬:୪) ।

(୯) ବାପ୍ତିଜିତ ହୋଇ ସ୍ୱର୍ଗରାଜ୍ୟରେ ପ୍ରବେଶ କରିଥାଉଁ । (ଯୋହନ ୩:୫) ।

(୧୦) ବାପ୍ତିସ୍ମ ଦ୍ୱାରା ଆମ୍ଭମାନଙ୍କ କୃତ ସମସ୍ତ ପାପ ଧୌତ ହୁଏ । (ପ୍ରେରିତ କାର୍ଯ୍ୟ ୨୨:୧୬) ।

(୧୧) ବାପ୍ତିସ୍ମ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେଉ । (ମାର୍କ ୧୬:୧୬, ପିତର ୩:୨୧) ।

(୧୨) ବାପ୍ତିଜିତ ହେବା ଲୋକେ ଈଶ୍ୱରଙ୍କ ସଂକଳ୍ପର ଆଜ୍ଞାବହ ହୁଅନ୍ତି । (ଲୂକ ୭:୩୦) ।

(୧୩) ପପାକ୍ଷମା ପ୍ରାପ୍ତ ହୁଏ । (ପ୍ରେରିତ ୨:୩୮) ।

ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ନାହିଁ ବୋଲି ବିବାଦ କରିବା ବ୍ୟକ୍ତିମାନେ ଗ୍ରୀକ୍‌ପଦ "ବାପ୍ତିସ୍ମ" ପାପକ୍ଷମା ନିମନ୍ତେ ନ ହୋଇ ପାପକ୍ଷମା ପ୍ରାପ୍ତ ହେବା ବ୍ୟକ୍ତିମାନେ ବାପ୍ତିଜିତ ହେବା ଆବଶ୍ୟକ ବୋଲି ବିବାଦ କରନ୍ତି ।

ପାପକ୍ଷମା ନିମନ୍ତେ ବାପ୍ତିସ୍ମର ଆବଶ୍ୟକତା ଅଗ୍ରାହ୍ୟ କରିବା ବ୍ୟକ୍ତିମାନେ ପାପକ୍ଷମା ହେବାପରେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ ବୋଲି ମନେ କରନ୍ତି । ସେମାନଙ୍କ ଏହି ବିଶ୍ୱାସ ମିଥ୍ୟା ବୋଲି ନିମ୍ନଲିଖିତ ବାଖ୍ୟାନ ପ୍ରମାଣିତ କରେ । ପ୍ରେରିତ ୨:୩୮ ପଦ ବିଭିନ୍ନ ଅନୁବାଦନୁଯାୟୀ :

(୧) King James :- "ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ ।"

(୨) American Standard :- "ମନପରିବର୍ତ୍ତନ କରି ବାପ୍ତିଜିତ ହେଉନ୍ତୁ...ପାପକ୍ଷମା ନିମନ୍ତେ...।"

(୩) Rotherham :- "ପିତର ସେମାନଙ୍କୁ କହିଲେ", ମନପରିବର୍ତ୍ତନ କରନ୍ତୁ ବାପ୍ତିସ୍ମ (ବୁଡ଼ନ) ଗ୍ରହଣ କରନ୍ତୁ...ପାପକ୍ଷମା ନିମନ୍ତେ ।

(୪) Modern Speech :- "ମନପରିବର୍ତ୍ତନ କରନ୍ତୁ", ପିତର ଉତ୍ତର ଦେଲେ ବାପ୍ତିଜିତ ହୁଅନ୍ତୁ, ପାପକ୍ଷମା ନିମନ୍ତେ ।

(୫) Modern English :- "ଆପଣା ମନକୁ ପରିବର୍ତ୍ତନ କରନ୍ତୁ ଓ ବାପ୍ତିଜିତ ହୁଅନ୍ତୁ...ପାପରୁ ମୁକ୍ତ ହୁଅନ୍ତୁ ।"

(୬) Twentith Century :- "ମନପରିବର୍ତ୍ତନ କରନ୍ତୁ, ପ୍ରେରିତ ପିତର ଉତ୍ତର ଦେଲେ ଏବଂ ପାପକ୍ଷମା ନିମନ୍ତେ ବାପ୍ତିଜିତ ହୁଅନ୍ତୁ ।"

(୭) Anderson :- "ମନପରିବର୍ତ୍ତନ କରି ଏବଂ ବାପ୍ତିଜିତ ହୁଅନ୍ତୁ ଯେପରି ପରିତ୍ରାଣ ପ୍ରାପ୍ତ ହୋଇ ପାରିବେ ।"

(୮) Anderson :- "ପରିବର୍ତ୍ତିତ ହୁଅନ୍ତୁ (Anderson), ପରିତ୍ରାଣ ପ୍ରାପ୍ତି ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ ।"

(୯) R.A. Knox's Translation (Catholic, Copyright, 1944 by Sheed and ward Inc.) "ପିତର ସେମାନଙ୍କୁ କହିଲେ, ମନ ପରିବର୍ତ୍ତନ କରି ବାପ୍ତିଜିତ ହୁଅନ୍ତୁ, ଯେପରି ଆପଣଙ୍କ ପାପକ୍ଷମା ହୋଇପାରେ ।"

(୧୦) Centenary Translation of the new testament :- "ମନପରିବର୍ତ୍ତନ

କରନ୍ତୁ" ପିତର ଉତ୍ତର ଦେଲେ, ପାପକ୍ଷମା ନିମନ୍ତେ ବାପ୍ତିଜିତ ହେଉନ୍ତୁ ।

(୧୧) The Riverside New testament by Welliam G. Ballantine :- "ପିତର କହିଲେ, ମନପରିବର୍ତ୍ତନ କରନ୍ତୁ ଓ ବାପ୍ତିଜିତ ହୁଅନ୍ତୁ...ପାପକ୍ଷମା ନିମନ୍ତେ ।"

(୧୨) Williams Tyndales Translation, 1534:- "ପିତର ସେମାନଙ୍କୁ କହିଲେ, ମନପରିବର୍ତ୍ତନ କରନ୍ତୁ, ବାପ୍ତିଜିତ ହୁଅନ୍ତୁ, ...ପାପକ୍ଷମା ପ୍ରାପ୍ତ ହୁଅନ୍ତୁ ।"

(୧୩) ........ :- "ଆଉ ପିତର କହିଲେ, ମନପରିବର୍ତ୍ତନ କରନ୍ତୁ... ପ୍ରତ୍ୟେକ ଡୁବନ ଗ୍ରହଣ କରନ୍ତୁ, ... ଯେପରି ପାପରୁ ମୁକ୍ତ ହୋଇପାରିବେ ।"

(୧୪) English Revised version, 1881 :- "ପିତର ସେମାନଙ୍କୁ କହିଲେ, ମନପରିବର୍ତ୍ତନ କରନ୍ତୁ, ବାପ୍ତିଜିତ ହୁଅନ୍ତୁ,...ପାପକ୍ଷମା ପ୍ରାପ୍ତ ହୁଅନ୍ତୁ ।"

(୧୫) American Bible Union Translation, 1869 :- "ମନପରିବର୍ତ୍ତନ କରନ୍ତୁ, ବାପ୍ତିଜିତ ହୁଅନ୍ତୁ,... ପାପକ୍ଷମା ପ୍ରାପ୍ତ ହୁଅନ୍ତୁ ।"

(୧୬) Morden Readers Bible (Malton) :- "ଆପଣମାନେ ମନପରିବର୍ତ୍ତନ କରି ବାପ୍ତିଜିତ ହେଉନ୍ତୁ,...ପାପକ୍ଷମା ନିମନ୍ତେ ।"

(୧୭) Emphatic Diaglotte :- "ମନପରିବର୍ତ୍ତନ କରନ୍ତୁ, ବାପ୍ତିଜିତ ହୁଅନ୍ତୁ,...ପାପକ୍ଷମା ପ୍ରାପ୍ତ ହୁଅନ୍ତୁ ।"

(୧୮) Moffat Translation :- "ପିତର କହଲେ, ମନପରିବର୍ତ୍ତନ କରନ୍ତୁ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ବାପ୍ତିଜିତ ହୁଅନ୍ତୁ,...ପାପକ୍ଷମା ପ୍ରାପ୍ତ ହେବା ।"

(୧୯) God Speed's Translation :- "ଆପଣମାନେ ମନପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ ଏବଂ ପ୍ରତ୍ୟେକେ ବାପ୍ତିଜିତ ହୁଅନ୍ତୁ,...ତଦ୍ୱାରା ଆପଣମାନଙ୍କ ପାପକ୍ଷମା ହେବ ।"

(୨୦) Weymouth's Modern Speech (Robertson Revision) :-"ପିତର ଉତ୍ତର ଦେଲେ, ମନପରିବର୍ତ୍ତନ କରନ୍ତୁ, ପ୍ରତ୍ୟେକ ବାପ୍ତିଜିତ ହୁଅନ୍ତୁ,.. ପାପକ୍ଷମା ପ୍ରାପ୍ତ ହୁଅନ୍ତୁ ।"

(୨୧) Syrice Version :- "ମନପରିବର୍ତ୍ତନ କରନ୍ତୁ ଓ ବାପ୍ତିଜିତ ହୁଅନ୍ତୁ ।"

(୨୨) "ପିତର ସେମାନଙ୍କୁ କହିଲେ, ମନପରିବର୍ତ୍ତନ କରି ବାପ୍ତିଜିତ ହୁଅନ୍ତୁ,... ପାପକ୍ଷମା ପ୍ରାପ୍ତ ହେବେ ।"

(୨୩) Douay version (Catholic) :- "ମନପରିବର୍ତ୍ତନ କରନ୍ତୁ ବାପ୍ତିଜିତ ହୁଅନ୍ତୁ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ... ପାପକ୍ଷମା ନିମନ୍ତେ ।"

(୨୪) Warrell Translation of the new Teastament :-"ପିତର ସେମାନଙ୍କୁ

କହିଲେ. ମନପରିବର୍ତ୍ତନ କରନ୍ତୁ, ପାପକ୍ଷମା ନିମନ୍ତେ ବାପ୍ତିଜିତ ହୁଅନ୍ତୁ, ପବିତ୍ର ଆତ୍ମାଙ୍କ ବରଦାନ ପାଇବ ।"

ଅନେକେ "ବାପ୍ତିଜିତ" ହେବା ମନୁଷ୍ୟର କର୍ତ୍ତବ୍ୟ ବୋଲି ଦାବୀ କରନ୍ତି । କିନ୍ତୁ ଏହା କେବଳ ଏକ କର୍ତ୍ତବ୍ୟ ନୁହେଁ । "ଖ୍ରୀଷ୍ଟିୟାନର କର୍ତ୍ତବ୍ୟ" ଗୁଡିକକୁ ମନୁଷ୍ୟକୁ ଆଜୀବନର ପାଳନ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ :- (୧) ପରମେଶ୍ୱରଙ୍କୁ ସ୍ତୁତିଗାନ କରିବା ମନୁଷ୍ୟର କର୍ତ୍ତବ୍ୟ । କିନ୍ତୁ ଥରେ ମାତ୍ର "ସ୍ତୁତିଗାନ" କରିବା ଦ୍ୱାରା ମନୁଷ୍ୟର କର୍ତ୍ତବ୍ୟ ସମାପ୍ତି ହୁଏ ନାହିଁ । (୨) ପ୍ରାର୍ଥନା କରିବା ମନୁଷ୍ୟର କର୍ତ୍ତବ୍ୟ, କିନ୍ତୁ ଥରେ ପ୍ରାର୍ଥନା କରିବା ଦ୍ୱାରା ମନୁଷ୍ୟର କର୍ତ୍ତବ୍ୟ ପାଳନରେ ସମାପ୍ତି ହୁଏ ନାହିଁ । ସମସ୍ତ ଖ୍ରୀଷ୍ଟୀୟ କର୍ତ୍ତବ୍ୟ ଖ୍ରୀଷ୍ଟିୟାନମାନଙ୍କୁ ଜୀବନସାରା ପାଳନ କରିବା ଆବଶ୍ୟକହୁଏ । ଯେଉଁ ପ୍ରଚାରମାନେ, "ବାପ୍ତିସ୍ମ"କୁ ଏକ ଖ୍ରୀଷ୍ଟିୟାନ କର୍ତ୍ତବ୍ୟ ବୋଲି ମନେ କରନ୍ତି, ସେମାନେ ଆପଣା ମଣ୍ଡଳୀର ସଭ୍ୟମାନଙ୍କୁ ପ୍ରତି ସପ୍ତାହରେ ଥରେ/ଦ୍ୱିଥର ବାପ୍ତିସ୍ମ ଦେବା ଆବଶ୍ୟକ । କିନ୍ତୁ "ବାପ୍ତିସ୍ମ" ଏକ ଆଜ୍ଞା, ଯାହା ପାଳନ କରି ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ପ୍ରବେଶ କରିଥାଉଁ । ଧର୍ମଶାସ୍ତ୍ରନୁଯାୟୀ ବାପ୍ତିସ୍ମ ମନୁଷ୍ୟକୁ ପ୍ରବେଶ ଥରେ ମାତ୍ର ଗ୍ରହଣ କରି, ଖ୍ରୀଷ୍ଟଙ୍କ ଶରୀରରୂପେ ମଣ୍ଡଳୀରେ ପ୍ରବେଶ କରେ ।

❖❖❖

## ବିଂଶତମ–କାରଣ

# ଈଶ୍ୱରଙ୍କ ସନ୍ତାନ ପାପ କଲେ ଅନନ୍ତଜୀବନ ହରାଇବ ବୋଲି ଏହା ଶିକ୍ଷା ଦିଏ

**(It teaches that a child of God can so sin as to be eternally lost)**

**୧. ପରିଚୟ :**

"ଈଶ୍ୱରଙ୍କ ସନ୍ତାନ ପାପ କରି ଅନନ୍ତଜୀବନ କେବେ ବି ହରାଇବ ନାହିଁ " ବୋଲି ଏହି ସିଦ୍ଧାନ୍ତ ଅତ୍ୟନ୍ତ ପୁରାତନ ଅଟେ । ଏହି ସିଦ୍ଧାନ୍ତ ବାଇବଲର ପୃଷ୍ଠାରେ ମଧ୍ୟ ପଢ଼ିଥାଉଁ । ଶତ ଶତ ଶତାବ୍ଦୀ ପୂର୍ବେ ଏହି ସିଦ୍ଧାନ୍ତ ଏଦନ ଉଦ୍ୟାନରେ ଶୟତାନ ଦ୍ୱାରା ପ୍ରଚାରିତ ହୋଇଥିଲା । ନିଷେଧିତ ଫଳ ଖାଇବା ଦିନ ସେମାନେ ନିଶ୍ଚିତଭାବେ ମୃତ୍ୟୁବରଣ କରିବେ ବୋଲି ସଦାପ୍ରଭୁଙ୍କ ଆଜ୍ଞା ଦେବା ସତ୍ତ୍ୱେ, ଶତାୟନ କହିଲେ,... ତୁମ୍ଭେମାନେ କୌଣସିରୂପେ ମରିବ ନାହିଁ ।" (ଆଦି ୩:୪) । ଅର୍ଥାତ୍ "ତୁମ୍ଭେ ପତିତ ହୋଇ, ବିନିଷ୍ଟ ହୋଇ ବିଚାରିତ ହେବ ନାହିଁ ।" ବୋଲି ଶୟତାନ ସେମାନଙ୍କୁ ଶିକ୍ଷା ଦେଇଥିଲା । କିନ୍ତୁ ଈଶ୍ୱରଙ୍କ ବାକ୍ୟ ମନୁଷ୍ୟର ଯନ୍ତ୍ରଣା, ଓ ବିଭିନ୍ନ ଉଦାହରଣ ଦ୍ୱାରା ଏହି ଶିକ୍ଷା ମିଥ୍ୟା ବୋଲି ପ୍ରମାଣିତ ହୁଏ । "ବିଶ୍ୱାସ ଭ୍ରଷ୍ଟତା" ଅସମ୍ଭବ ବୋଲି ଶିକ୍ଷା ଦେଇ, ଶୟତାନ ମନୁଷ୍ୟର ପତନ ହେବାରେ ଉତ୍ସାହିତ କରେ । ଏହି ସିଦ୍ଧାନ୍ତ ଶିକ୍ଷା ଦେଉଥିବା ମଣ୍ଡଳୀରେ ସଭ୍ୟତ୍ୱ ଗ୍ରହଣ କରିବାକୁ ମୁଁ ଆଦୌ ଇଚ୍ଛା କରେ ନାହିଁ ।

**୨. ଈଶ୍ୱରଙ୍କ ସନ୍ତାନ, ପତିତ ହେବାର ସମ୍ଭାବନା ଅଛି ବୋଲି ଈଶ୍ୱରଙ୍କ ବାକ୍ୟ ଶିକ୍ଷାଦିଏ :**

(୧) ପତିତ ନ ହେବା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ କେତୋଟି ବିଷୟରେ ଯତ୍ନ ଆବଶ୍ୟକ, "ଅତଏବ, ହେ ଭାଇମାନେ ତୁମ୍ଭେମାନେ ଆପଣା ଆପଣା ଆହ୍ୱାନ ଓ ମନୋନୟନକୁ ସ୍ଥିର କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୁଅ, ଏପରି କଲେ ତୁମ୍ଭେମାନେ କେବେହେଁ ଝୁଣ୍ଟିପଡିବ ନାହିଁ।" ( ୨ୟ ପିତର ୩:୪) । "କିପରି କହିଲେ" ତାହାର ଉତ୍ତର ସେହି ଅଧ୍ୟାୟର ପୂର୍ବ ବଚନରେ ପଢ଼ିପାରୁଁ । ଅର୍ଥାତ୍ "ଏପରି ନ କଲେ" ଖ୍ରୀଷ୍ଟିୟାନ ନିଶ୍ଚିତଭାବେ ପତିତ ହେବେ । ଖ୍ରୀଷ୍ଟିୟାନ ଆପଣା ଆହ୍ୱାନ ଓ ମନୋନୟନକୁ ସ୍ଥିର କରିବା ନିମନ୍ତେ ନିରନ୍ତର ଯତ୍ନଶୀଳ ହେବା ଆବଶ୍ୟକ ।

(୨) କରିନ୍ଥୀୟ ଖ୍ରୀଷ୍ଟିୟାନମାନେ ଯେପରି ପତିତ ନ ହୁଅନ୍ତି, ଏଥିନିମନ୍ତେ ସତର୍କିତ କରାଯାଇଥିଲେ । "ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ,ସେ ଯେପରି

ପତିତ ନ ହୁଏ, ଏଥିନିମନ୍ତେ ସେ ସାବଧାନ ହେଉ ।" (୧ମ କରିନ୍ଥୀ ୧୦:୧୨) । ଖ୍ରୀଷ୍ଟିୟାନ ପତିତ ହେବାର ସମ୍ଭାବନା ନ ଥିଲେ, ଏହି ସତର୍କତା ଲିଖିତ ହୋଇ ନ ଥାନ୍ତା । କୌଣସି ମନୁଷ୍ୟ କିଅବା ଭବନ ପତିତ ହେବାର ସମ୍ଭାବନା ଥିଲେ, ଆପଣ କି ସାବଧାନ ହୁଅ, ଯେପରି ପତିତ ନ ହୁଅ, ବୋଲି କହିବେ ନାହିଁ ? ଠିକ୍ ସେହିପରି ମନୁଷ୍ୟ ଯେପରି ପତିତ ନ ହୁଏ, ମନୁଷ୍ୟର ପତନ ଯେପରି ନ ହୁଏ, ପବିତ୍ର ଆତ୍ମା କି ସର୍ତକ କରିବେ ନାହିଁ ?

(୩) ସେ ନିର୍ବାଚିତ ହେବେ ବୋଲି ପାଉଲ ଜ୍ଞାତ ଥିଲେ । ସେ କହିଲେ ଅନ୍ୟ ଲୋକମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ଏଥିପାଇଁ ମୋହର ଶରୀରକୁ କଷ୍ଟ ଦେଇ ବଶରେ ଦାସକରି ରଖୁଅଛି । (୧ମ କରିନ୍ଥୀ ୯:୨୭) । ତାହାଙ୍କ ବିନଷ୍ଟ ହେବାର ସମ୍ଭାବନା ବିଷୟରେ ସେ ଜ୍ଞାତ ଥାଇ ପାଉଲ ଆପଣା ଶରୀରକୁ ବଶରେ ରଖିଥିଲେ ।

(୪) ଈଶ୍ୱରଙ୍କ ସନ୍ତାନ ବିଶ୍ୱାସ ପରିତ୍ୟାଗ କଲେ, ପତିତ ହୁଏ । "ହେ ଭାଇମାନେ ସାବଧାନ ଯେପରି ଜୀବନ୍ତ ଈଶ୍ୱରଙ୍କ ଠାରୁ ବିମୁଖକାରୀ ଦୁଷ୍ଟ ଅବିଶ୍ୱାସୀ ହୃଦୟ କାହାରିଠାରେ ନ ଥାଏ ।" (ଏବ୍ରୀ ୩:୧୨) ।

(୫) ଖ୍ରୀଷ୍ଟିୟାନମାନେ ଅନୁଗ୍ରହରୁ ପତିତ ହେବେ ବୋଲି ଗାଲାତୀୟ ଖ୍ରୀଷ୍ଟିୟାନମାନଙ୍କୁ ଶିକ୍ଷା ଦେଇଥିଲେ । ତୁମ୍ଭେମାନେ ଯେତେ ଲୋକ ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହେବାକୁ ଚାହୁଅଛ, ତୁମ୍ଭେମାନେ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ ହୋଇଅଛ, ତୁମ୍ଭେମାନେ ଅନୁଗ୍ରହରୁ ପତିତ ହୋଇଅଛ । (ଗାଲାତୀ ୫:୪) । ସେମାନେ ମୋଶାଙ୍କ ବ୍ୟବସ୍ଥା ଦ୍ୱାରା ଧାର୍ମିକ ଗଣିତ ହେବାକୁ ଇଚ୍ଛାକରି ସେମାନେ ବିଶ୍ୱାସ ଭ୍ରଷ୍ଟ ହେଲେ । ଖ୍ରୀଷ୍ଟିୟାନମାନେ ବିଶ୍ୱାସ ଭ୍ରଷ୍ଟ ହେବା ଅସମ୍ଭବ ବୋଲି ଶିକ୍ଷା ଦେଉଥିବା ସତ୍ତ୍ୱେ, ଏଠାରେ ବିଶ୍ୱାସ ଭ୍ରଷ୍ଟତା ଘଟିଥିଲା । ମନେ ରଖନ୍ତୁ :- (୧) ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ମନୁଷ୍ୟ ପରିତ୍ରାଣ ପାଏ । (ଏଫିସୀ ୨:୮) । (୨) ଖ୍ରୀଷ୍ଟିୟାନ ଅନୁଗ୍ରହରୁ ପତିତ ହେବାର ସମ୍ଭାବନା ଅଛି । (ଗାଲାତୀ ୫:୪) ।

(୬) ଖ୍ରୀଷ୍ଟିୟାନ ମଧ୍ୟ ବିନଷ୍ଟ ହୋଇପାରେ । ଖ୍ରୀଷ୍ଟିୟାନମାନେ ପାପ କଲେ, ତାହାର ପୂର୍ବସ୍ଥିତିରୁ ଅଧିକ ଦୁସ୍ଥିତିକୁ ପତିତ ହୁଏ । "ଯେଣୁ ସେମାନେ ଯଦି ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନ ଦ୍ୱାରା ସଂସାରର ଅଶୁଚିତାରୁ ରକ୍ଷାପାଇ ପୁନଃର୍ବାର ସେଥିର ବନ୍ଧନରେ ଆବଦ୍ଧ ହୋଇ ପରାସ୍ତ ହୁଅନ୍ତି । ତାହାହେଲେ ସେମାନଙ୍କ ପ୍ରଥମ ଦଶା ଅପେକ୍ଷା ଅଧିକ ମନ୍ଦ ହୁଏ । କାରଣ ଧାର୍ମିକତାର ମାର୍ଗ ଜାଣି ଆପଣମାନଙ୍କ ନିକଟରେ ସମର୍ପିତ ପବିତ୍ର ଆଜ୍ଞାରୁ ବିମୁଖ ହେବା ଅପେକ୍ଷା ବରଂ ସେହି ମାର୍ଗ ନ ଜାଣିବା ସେମାନଙ୍କ ପକ୍ଷରେ

ଭଲ ହୋଇଥାଆନ୍ତା । କୁକୁର ଆପଣା ବାନ୍ତି ଖାଇବାକୁ ପୁନଃର୍ବାର ଫେରେ । ଏହି ସତ୍ୟ ଦୃଷ୍ଟାନ୍ତ ବାକ୍ୟ ସେମାନଙ୍କ ପ୍ରତି ଘଟିଅଛି ।" (୧) ସଂସାରର ଅଶୁଚିତା ଫେରି ଯାଇଅଛନ୍ତି । (୨) ସଂସାରର ବନ୍ଧନରେ ଆବଦ୍ଧ ହୋଇ ପରାସ୍ତ ହୁଅନ୍ତି । (୩) ପ୍ରଥମ ଦଶାରୁ ଶେଷ ଦଶା ଅଧିକ ମନ୍ଦ ହୁଏ । ଖ୍ରୀଷ୍ଟିୟାନ ଯଦି ପାପକରି ବିନଷ୍ଟ ନ ହୁଏ, ... ତେବେ ପ୍ରଥମ ଦଶା ଶେଷଦଶାରୁ କାହିଁକି ଆହୁରି ମନ୍ଦ ହେବ ବୋଲି ଲେଖାଯାଏ ? ଖ୍ରୀଷ୍ଟିୟାନ ସ୍ୱର୍ଗକୁ ଗଲେ ତାହା କି ମନ୍ଦ ଦଶା ?

(୭) ବିଶ୍ୱାସ ଭ୍ରଷ୍ଟତାର ସିଦ୍ଧାନ୍ତ, ବୀଜବପନ ଦୃଷ୍ଟାନ୍ତ ଦ୍ୱାରା ଅସତ୍ୟ ବୋଲି ପ୍ରମାଣିତ ହୁଏ । (ମାଥିଉ ୧୩:୩-୮, ୧୮-୨୩, ଲୂକ ୮:୪-୧୫) । ବୀଜବପନର ଦୃଷ୍ଟାନ୍ତରେ ବୀଜ-ଈଶ୍ୱରଙ୍କ ବାକ୍ୟ, ବପନକାରୀ ସୁସମାଚାର ପ୍ରଚାରକ । (ଲୂକ ୮:୧୫) । ପଥପାର୍ଶ୍ୱରେ ପଡିବା ବୀଜର ସଦୃଶ୍ୟ ମନୁଷ୍ୟ ବାକ୍ୟ ଗ୍ରହଣ କରି ନ ଥିଲା, କିଅବା ଖ୍ରୀଷ୍ଟିୟାନ ହୋଇ ନ ଥିଲା । ଦ୍ୱିତୀୟ ଧରଣ ବ୍ୟକ୍ତିମାନେ ବାକ୍ୟ ଗ୍ରହଣ କରନ୍ତି, କିନ୍ତୁ ତାଡନା ଯୋଗୁଁ ଖ୍ରୀଷ୍ଟଙ୍କୁ ପରିତ୍ୟାଗ କରନ୍ତି । ସେମାନେ ବାକ୍ୟର ଆଜ୍ଞାବହ ହୋଇ ଖ୍ରୀଷ୍ଟିୟାନ ହୁଅନ୍ତି କିନ୍ତୁ କୌଣସି ଫଳ ଫଳନ୍ତି ନାହିଁ । (ମାଉ ୧୩:୨୦-୨୧, ଲୂକ ୮:୧୩) । ସେମାନଙ୍କ ବିଷୟରେ ବାକ୍ୟ କୁହେ, "ଯେ କୌଣସି ଗଛ ଭଲ ଫଳ ନ ଫଳେ, ତାହା ହଣା ଯାଇ ନିଆଁରେ ପକାଯାଏ ।" (ମାଥିଉ ୭:୧୯) । ତୃତୀୟ ଧରଣର ବ୍ୟକ୍ତିମାନେ, ସାଂସରିକ ଚିନ୍ତା ଓ ଧନର ମାୟା ହେତୁ ଫଳହୀନ ହୁଅନ୍ତି । (ମାଥିଉ ୧୩:୨୨, ଲୂକ ୮:୧୪) । ସେମାନେ ବାକ୍ୟ ଗ୍ରହଣ କରନ୍ତି କିନ୍ତୁ ପରେ ପତିତ ହୁଅନ୍ତି । ଏହି ଦୃଷ୍ଟାନ୍ତ ଖ୍ରୀଷ୍ଟୀୟ ସମାଜରେ ଏକ ଜାଜ୍ୱଲମାନ ଉଦାହରଣ ।

(୮) ଦ୍ରାକ୍ଷାଲତା ଓ ତାହାର ଶାଖା ଖ୍ରୀଷ୍ଟିୟାନ ପତିତ ହେବାର ଦୃଷ୍ଟାନ୍ତ । "ମୋଠାରେ ଥିବା ଯେକୌଣସି ଶାଖା ଫଳ ନ ଫଳେ, ତାହା ସେ କାଟି ପକାନ୍ତି, ଆଉ ଯେକୌଣସି ଶାଖା ଫଳ ଫଳେ, ଅଧିକ ଫଳ ପାଇବା ନିମନ୍ତେ ସେ ତାହା ସେ ପରିଷ୍କାର କରନ୍ତି,...କେହି ଯେବେ ମୋ'ଠାରେ ନ ରହେ, ତାହାହେଲେ ସେ ଶାଖା ପରି ବାହାରେ ପକାଇ ଦିଆଯାଏ, ଓ ଶୁଖିଯାଏ ପୁଣି ଲୋକେ ସେଗୁଡାକ ଏକାଠି କରି ନିଆଁରେ ପକାଇ ଦିଅନ୍ତି ଓ ସେଗୁଡାକ ପୋଡିଯାଏ ।" (ଯୋହନ ୧୫:୨-୬) । "ମୋ'ଠାରେ ରହିବା ପ୍ରତ୍ୟେକ ଶାଖା" ବୋଲି ଯୀଶୁ କହି ଅଛନ୍ତି । ଯେଉଁମାନେ ଖ୍ରୀଷ୍ଟରୂପ ଦ୍ରାକ୍ଷାଲତାରେ ସଂଲଗ୍ନ ନୁଅନ୍ତି, ସେମାନେ ବାହାରେ ପଡି ଶୁଖିଯାଇ, ନିଷ୍ଫଳ ହୁଅନ୍ତି । ଏହାହିଁ ସେମାନଙ୍କ ପତନର କାରଣ । ଶୁଖି ଯାଇଥିବା ଶାଖା ଗୁଡିକ ଲୋକେ ଯେପରି ଏକାଠି କରି ନିଆଁରେ ପକାଇ ଦିଅନ୍ତି । ଖ୍ରୀଷ୍ଟଙ୍କ ବିଚ୍ୟୁତ୍ ଖ୍ରୀଷ୍ଟିୟାନମାନେ ଅନନ୍ତ ଜୀବନ ହାରଇବେ ଓ ଅଗ୍ନିକୁଣ୍ଡରେ ପତିତ ହେବେ । (ମାଥିଉ ୫:୨୨) ।

(୯) ଦାସମାନଙ୍କୁ ତୋଡା ସମର୍ପଣ କରି ବିଦେଶକୁ ଯାତ୍ରା କରିଥିବା ମୁନିବଙ୍କ ଦୃଷ୍ଟାନ୍ତ ଦ୍ୱାରା, ଖ୍ରୀଷ୍ଟଙ୍କ ସେବକ ମଧ ପତିତ ହେବ ବୋଲି ଜାଣିପାରୁ । (୧) ମୁନିବ ଆପଣା ଦାସମାନଙ୍କୁ କାର୍ଯ୍ୟ ସମର୍ପଣ କରିଥିଲେ । (୨) ସେମାନଙ୍କ ମଧ୍ୟରୁ ଦୁଇଜଣ ବିଶ୍ୱସ୍ତ ଥିଲେ ଓ ପ୍ରଶଂସା ପ୍ରାପ୍ତ ହେଲେ । ତୃତୀୟ ଦାସ ଅବିଶ୍ୱସ୍ତ, ଦୁଷ୍ଟ ଓ ଅଳସୁଆ । ମୁନିବ ସେହି ଅକର୍ମଣ ଦାସକୁ ରୋଦନ ଓ ଦନ୍ତର କିଡିମିଡି ଥିବା ଅନ୍ଧକାର ସ୍ଥାନରେ ପକାଇ ଦେବାକୁ ଆଜ୍ଞା ଦେଇଥିଲେ । (୩) ଅତଏବ ପ୍ରଭୁଙ୍କ ନିଜ ଆପଣାର ଦାସ ମଧ ଅନନ୍ତ ଭାବେ ବିନଷ୍ଟ ହେବାର ସମ୍ଭାବନା ଅଛି ।

(୧୦) ଶେଷଦିନରେ ଯୀଶୁ କେତେକଙ୍କୁ ଆପଣା ନିକଟକୁ ସଂଗ୍ରହ କରିବେ, ଓ କେତେକଙ୍କୁ ଅନନ୍ତ ଅଗ୍ନିକୁଣ୍ଡରେ ନିକ୍ଷିପ୍ତ କରିବାକୁ ଆଜ୍ଞା ଦେବେ । "ମନୁଷ୍ୟପୁତ୍ର ଆପଣା ଦୂତମାନଙ୍କୁ ବିଘ୍ନଜନକ ବିଷୟ ଓ ଅଧର୍ମଚାରୀମାନଙ୍କୁ ସଂଗ୍ରହ କରିବେ, ପୁଣି ସେମାନଙ୍କୁ ଅଗ୍ନିକୁଣ୍ଡରେ ନିକ୍ଷେପ କରିବେ, ସେଠାରେ ରୋଦନ ଓ ଦନ୍ତର କିଡିମିଡି ହେବ । ଯେଉଁମାନେ ବିଘ୍ନର କାରଣ ଓ ଅଧର୍ମଚାରୀ ସେମାନେ ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବେ ।"

(୧୧) ଯୀଶୁଖ୍ରୀଷ୍ଟ ଲାଅଦିକୀୟ ମଣ୍ଡଳୀକୁ କହିଥିଲେ, "ଏଣୁ ତୁମ୍ଭେ ଶୀତଳ କି ଉଷ୍ଣ ନ ହୋଇ ଈଷଉଷ୍ଣ ହେବାରୁ ଆମ୍ଭେ ତୁମ୍ଭକୁ ଆପଣା ମୁଖରୁ ଉଦ୍‌ଗାର କରିବାକୁ ଯାଉଅଛୁ ।" (ପ୍ରକା: ୩:୧୬) । ମୁଖରୁ ଉଦ୍‌ଗାର ! ଖ୍ରୀଷ୍ଟିୟାନମାନେ ପତିତ ହେଲେ, ଖ୍ରୀଷ୍ଟଙ୍କ ଦ୍ୱାରା ଉଦ୍‌ଗାରିତ ହେବେ ।

(୧୨) ଶେଷକାଳରେ କେତେକ ଖ୍ରୀଷ୍ଟିୟାନମାନେ ବିଶ୍ୱାସ ପରିତ୍ୟାଗ କରିବେ । (୧ମ ତୀମଥି ୪:୧-୩) । ସେମାନେ ଖ୍ରୀଷ୍ଟ ବିଶ୍ୱାସୀ । କିନ୍ତୁ ଅସତ୍ୟ ଶିକ୍ଷା, ଅସତ୍ୟ ମାର୍ଗ ଅବଲମ୍ବନ କରି ବିଶ୍ୱାସ ପରିତ୍ୟାଗ କରିବେ । ସେମାନଙ୍କ ବିଷୟରେ କୁହାଯାଏ, "ସେମାନେ ସେମାନଙ୍କର ପୂର୍ବ ପ୍ରତିଜ୍ଞା ଲଙ୍ଘନ କରିବାରୁ ଦଣ୍ଡନୀୟ ହୁଅନ୍ତି ।" (୧ମ ତୀମଥି ୫:୧୨) ।

(୧୩) ଖ୍ରୀଷ୍ଟିୟାନ ଯାହା ବୁଣିବ, ତାହାହିଁ କାଟିବ । "ଭ୍ରାନ୍ତ ନ ହୁଅ, ଈଶ୍ୱର ବିଦ୍ରୂପର ପାତ୍ର ନୁହନ୍ତି, କାରଣ ମନୁଷ୍ୟ ବୁଣେ; ତାହାହିଁ କାଟିବ । ଯେଣୁ ଯେ ଆପଣା ଶରୀର ଉଦ୍ଦେଶ୍ୟରେ ବୁଣେ, ସେ ଶରୀରରୁ ଉତ୍ପନ୍ନ କ୍ଷୟଣୀୟ ଶସ୍ୟ କାଟିବ, କିନ୍ତୁ ଯେ ଆତ୍ମାଙ୍କ ଉଦ୍ଦେଶ୍ୟରେ ବୁଣେ, ସେ ଆତ୍ମାଙ୍କଠାରୁ ଉତ୍ପନ୍ନ ଅନନ୍ତ ଜୀବନରୂପ କାଟିବ । ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତରେ ନ ହେଉ, କାରଣ କ୍ଳାନ୍ତ ନ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା ।" (ଗାଲାତୀ ୬:୭-୯) । ଏହି ସାର୍ବଜନୀନ ନିୟମ ଗାଲାତୀ ଖ୍ରୀଷ୍ଟିୟାନମାନଙ୍କୁ କୁହାଯାଇ ଥିବାରୁ, ଏହା ଖ୍ରୀଷ୍ଟିୟାନ ବା ଅଣଖ୍ରୀଷ୍ଟିୟାନ ପ୍ରତ୍ୟେକଙ୍କ ନିମନ୍ତେ ଦତ୍ତ ହୋଇଅଛି । ଖ୍ରୀଷ୍ଟିୟାନ ଶାରିରୀକ ବୀଜ ବୁଣିଲେ, ଫଳ

ମଧ୍ୟ ଶାରିରୀକ ପାଇବ, ଆତ୍ମିକ ବୀଜ ବୁଣିଲେ, କ୍ଳାନ୍ତ ନ ହେଲେ ଅନନ୍ତ ଜୀବନରୂପ ଫଳ ପ୍ରାପ୍ତ ହେବ । ଏହା ଈଶ୍ୱରଙ୍କ ଅପରିବର୍ତ୍ତନୀୟ ନିୟମ ।

(୧୪) ପାପ କରୁଥିବା ବିଶ୍ୱାସୀମାନେ, ମରଣ ଦଣ୍ଡରେ ସମ୍ମୁଖୀନ ହେବେ । "ହେ ମୋହର ଭାଇମାନେ ତୁମ୍ଭମାନଙ୍କ ମଧ୍ୟରୁ ଯଦି କେହି ସତ୍ୟ ପଥରୁ ଭ୍ରାନ୍ତ ହୁଏ , ପୁଣି କେହି ତାହାକୁ ଫେରାଇ ଆଣେ, ତେବେ ସେ ପାପୀକୁ ଭ୍ରାନ୍ତିପଥରୁ ଫେରାଇ ଆଣେ, ସେ ଯେ ସେ ତାହାର ଆତ୍ମାକୁ ମୃତ୍ୟୁରୁ ରକ୍ଷାକରେ ଓ ବହୁତ ପାପ ଆଚ୍ଛାଦନ କରେ, ଏହା ଜାଣ ।" (ଯାକୁବ ୫:୧୯-୨୦) । ପାପରେ ପତିତ ବିଶ୍ୱାସୀମାନେ ମଧ୍ୟ ଦଣ୍ଡିତ ହେବେ, କାରଣ ଅବିଶ୍ୱାସୀମାନେ ତ ଆତ୍ମିକ ଭାବେ ମୃତ ଅଟନ୍ତି । (ଏଫିସୀ ୨:୧-୫) । ଅତଏବ ବିଶ୍ୱାସୀମାନେ ପଥଭ୍ରଷ୍ଟ ହେଲେ ଦଣ୍ଡିତ ହେବେ ।

(୧୫) ଭାତୃମାନଙ୍କ ବିରୁଦ୍ଧରେ ପାପ କରି, ସେମାନଙ୍କ ଅଧୋଗତିର କାରଣ ହେଉ । "ଏଣୁ ଯେଉଁ ଦୁର୍ବଳ ଭ୍ରାତା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁଭୋଗ କଲେ, ସେ ତୁମ୍ଭ ଜ୍ଞାନ ଦ୍ୱାରା ନଷ୍ଟ ହେଉଅଛି ।" (୧ମ କରିନ୍ଥୀ ୮:୧୧) । ଏହା ଦ୍ୱିତୀୟ ମରଣ । (ପ୍ରକାଶିତ ୨୦:୧୪) । ପ୍ରଥମ ମରଣ ଶାରିରୀକ ମରଣ । "ଥରେ ପରିତ୍ରାଣ ପ୍ରାପ୍ତ" ଖ୍ରୀଷ୍ଟିୟାନ ପାପ କଲେ, ନିଶ୍ଚିତ ଭାବେ ଅନନ୍ତ ଜୀବନ ହରାଇବେ ।

(୧୬) ଖ୍ରୀଷ୍ଟଙ୍କ ଅନେକ ଶିଷ୍ୟମାନେ ତାହାଙ୍କୁ ପରିତ୍ୟାଗ କରି ଚାଲି ଯାଇଥିଲେ । "ସେହି ସମୟଠାରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖ ହୋଇ ବାହାରିଗଲେ, ପୁଣି ତାହାଙ୍କ ସାଙ୍ଗରେ ଆଉ ଗମନାଗମନ କଲେ ନାହିଁ ।" (ଯୋହନ ୬:୬୬) । ତାହାଙ୍କୁ ପରିତ୍ୟାଗ କରି ଚାଲି ଯାଇଥିବା ଶିଷ୍ୟମାନେ ଅନନ୍ତକାଳ ନିମନ୍ତେ ବିନଷ୍ଟ ହୋଇଥିଲେ ।

(୧୭) ଈଶ୍ୱରଙ୍କ ସନ୍ତାନ ମିଥ୍ୟା କହି, ସେହି ଅବସ୍ଥାରେ ମୃତ୍ୟୁବରଣ କଲେ ବିନଷ୍ଟ ହେବେ । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ହନନୀୟ ଓ ସଫୀରା ନାମକ ଖ୍ରୀଷ୍ଟିୟାନ ଦମ୍ପତ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ପାପକରି ମୃତ୍ୟୁବରଣ କରିବା ଘଟଣା ପଢ଼ିଥାଉଁ । ସେମାନଙ୍କ ବିଷୟରେ ବାକ୍ୟରେ ଲେଖାଯାଏ, "...ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ, ଏହାହିଁ ଦ୍ୱିତୀୟ ମୃତ୍ୟୁ । ଖ୍ରୀଷ୍ଟିୟାନ ମିଥ୍ୟାବସ୍ଥାରେ ଜୀବନଯାପନ କଲେ, ନିଶ୍ଚିତଭାବେ ବିନଷ୍ଟ ହେବେ ।"

(୧୮) ଯଦି ଈଶ୍ୱରଙ୍କ ସନ୍ତାନ ବିନଷ୍ଟ ହେବାର ସମ୍ଭାବନା ନାହିଁ, ଶୟତାନ କି ଏତେ ମୂର୍ଖ ! ଗତ ଛଅ ହଜାର ବର୍ଷରୁ ଶୟତାନ ମନୁଷ୍ୟ ସମାଜକୁ ବିନଷ୍ଟ କରିବାରେ ଶତଚେଷ୍ଟା କରୁଅଛି । ସେ ପ୍ରତ୍ୟେକ ଆତ୍ମାଙ୍କୁ ବିନଷ୍ଟ କରିବା ନିମନ୍ତେ ଗର୍ଜିତ ସିଂହ ସଦୃଶ୍ୟ ଖୋଜି ବୁଲୁଅଛି ।

୩.	କେତୋଟି ପ୍ରମାଣ :-

୧)	"ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ମୋହର ବାକ୍ୟ ଶୁଣି ମୋହର ପ୍ରେରଣ କର୍ତ୍ତାଙ୍କୁ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ପୁଣି ସେ ବିଚାରିତ ନ ହୋଇ ବରଂ, ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛି ।" (ଯୋହନ ୫:୨୪) । ଏହି ପଦନୁଯାୟୀ ଅନେକେ ଥରେ ଅନନ୍ତ ଜୀବନ ପ୍ରାପ୍ତ ହେବା ଲୋକେ ବିନଷ୍ଟ ହେବେ ନାହିଁ ବୋଲି ବାଦବିବାଦ କରନ୍ତି । ଏକ ବାକ୍ୟ ଅନ୍ୟ ବାକ୍ୟ ବିରୁଦ୍ଧରେ କହେ ନାହିଁ ।

ଏହି ବିଷୟ ସ୍ପଷ୍ଟଭାବେ ବୁଝିବା ନିମନ୍ତେ, ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ସାହାଯ୍ୟ କରିବ । ଯୀଶୁଖ୍ରୀଷ୍ଟ ମୃତ୍ୟୁ ଭୋଗିବା ପୂର୍ବେ କହିଥିଲେ, "ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପତିତ ହେଉଅଛି, ଏ ମୋହର ସେହି ରକ୍ତ ।" (ମାଥିଉ ୨୬:୨୮) । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ତାହାଙ୍କ ଶରୀରରେ ପ୍ରବାହିତ ହେବା ସମୟରେ ଯୀଶୁ ଏହା ବାକ୍ୟ କରିଥିଲେ । ଯୋହନ ୫:୨୪ ମଧ୍ୟ ଯୀଶୁ, ଆଗାମୀ ବିଚାର ବିଷୟରେ କହି ଅଛନ୍ତି । ଯେଉଁମାନେ ମରଣ ପର୍ଯ୍ୟନ୍ତ କିଅବା ବିଚାର ଦିନ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିବେ ସେମାନେ ଅନନ୍ତ ଜୀବନ ପ୍ରାପ୍ତ ହେବେ । (ପ୍ରକାଶିତ ୨:୧୦) ।

ବିଶ୍ୱାସୀମାନେ ଅନନ୍ତ ଜୀବନ ପ୍ରାପ୍ତ ହୋଇ ଅଛନ୍ତି, ଏହା ଦୁଇ ଭାବରେ କୁହାଯାଇପାରେ । (୧) ପ୍ରତିଜ୍ଞାରେ, (୨) ଯୀଶୁ "...ଯେଉଁ ଅନନ୍ତ ଜୀବନ ପିତାଙ୍କ ସଙ୍ଗରେ..ଅଛନ୍ତି ।" (୧ମ ଯୋହନ ୧:୨) । ବିଶ୍ୱାସୀ ଏହି ଜଗତରେ ଥିବା ବେଳେ, ଅନନ୍ତ ଜୀବନ ପ୍ରାପ୍ତ ହୋଇ ନ ଥାଏ ବୋଲି ବାଇବଲ୍ ଅନେକ ବାକ୍ୟ ସାକ୍ଷ୍ୟ ଦିଏ ।

(୧) "ପୁଣି ପୃଥିବୀର ଧୂଳିରେ ଯେଉଁମାନେ ଶୟନ କରନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଜାଗି ଉଠିବେ । କେବଳ ଅନନ୍ତ ଜୀବନ ଓ କେତେକ ଲଜ୍ଜା ଓ ଅନନ୍ତ ଅବଜ୍ଞା ଭୋଗ ପାଇଁ ଉଠିବେ ।" (ଦାନିଏଲ ୧୨:୨) । (୨) ଖ୍ରୀଷ୍ଟିୟାନ ମାନେ ଅନନ୍ତ ଜୀବନର ଭରସା ପ୍ରାପ୍ତ ହୋଇ ଅଛନ୍ତି । (ତିତସ ୧:୧-୨) । ଆମେ ଯାହା ପ୍ରାପ୍ତ ହୋଇଥିଲୁ, ତାହା ନିମନ୍ତେ ଆମେ "ଭରସା କରିବା" ଆବଶ୍ୟକ ନାହିଁ । (ରୋମୀୟ ୮:୨୫) । (୩) "ସେ ପ୍ରତ୍ୟେକ ଲୋକକୁ ନିଜ ନିଜ କର୍ମନୁସାରେ ଫଳ ଦେବେ, ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ ।" (ରୋମୀୟ ୨:୬-୭) । ବିଶ୍ୱାସୀମାନେ ଶେଷରେ ଅନନ୍ତ ଜୀବନ ପ୍ରାପ୍ତ ହେବେ । (ରୋମୀୟ ୬:୨୨) । ବିଚାର ଦିନରେ ଧାର୍ମିକମାନେ ଅନନ୍ତ ଜୀବନକୁ ଓ ଅନନ୍ତ ଶାସ୍ତିରେ ପ୍ରବେଶ କରିବେ । (ମାଥିଉ ୨୫:୪୬) । ପରଲୋକରେ ଧାର୍ମିକମାନେ ଅନନ୍ତ ଜୀବନ ପ୍ରାପ୍ତ ହେବେ । (ମାର୍କ ୧୦:୩୦) ।

୨)· "ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିବ ? କି କ୍ଲେଶ କି ସଙ୍କଟ, କି ତାଡନା କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍‌ଗ ? ....ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ ।" (ରୋମୀୟ ୮:୩୫-୩୯) । ଏହି ବାକ୍ୟ ଆମ୍ଭମାନଙ୍କ ପ୍ରତି ଖ୍ରୀଷ୍ଟଙ୍କ ପ୍ରେମ ବିଷୟ ବର୍ଣ୍ଣନା କରେ, କିନ୍ତୁ ଖ୍ରୀଷ୍ଟଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ବିଷୟରେ କୁହାଯାଏ ନାହିଁ । ଖ୍ରୀଷ୍ଟିୟାନମାନଙ୍କ ଖ୍ରୀଷ୍ଟଙ୍କ ପ୍ରତି ପ୍ରେମ କମି, ଜଗତିକ ବିଷୟରେ ପ୍ରେମ ଅଧିକ ହେଲେ, ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ ହେବାର ସମ୍ଭାବନା ଅଛି । (୧) "ମୁଁ ଯେପରି ମୋହର ପିତାଙ୍କ ଆଜ୍ଞା ପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଯାଏ । ସେ ପ୍ରକାରେ ତୁମ୍ଭେମାନେ ଯେବେ ମୋହର ଆଜ୍ଞା ପାଳନ କର, ତାହାହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ ।" (ଯୋହନ ୧୫:୧୦) । (୨) "...ଈଶ୍ୱରଙ୍କ ପ୍ରେମରେ ଆପଣାମାନଙ୍କୁ ସ୍ଥିର କରି ରଖ ।" (ଯିହୂଦା ୨୧) । ଅର୍ଥାତ୍ ଈଶ୍ୱରଙ୍କ ପ୍ରେମରେ ସ୍ଥିର ନ ରହିଲେ, ଅନନ୍ତ ଜୀବନ ହରାଇବୁ ।

୩) "ଯେକେହି ଈଶ୍ୱରଙ୍କଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ, ଆଉ ସେ ଈଶ୍ୱରଙ୍କଠାରୁ ଜାତ ହେବାରୁ ପାପ କରି ପାରେ ନାହିଁ ।" (୧ମ ଯୋହନ ୩:୯) । "ଈଶ୍ୱରଙ୍କ ବୀଜ" ତାହାଠାରେ ରହେ, ତେଣୁ କରି ସେ ପାପ କରି ପାରେ ନାହିଁ ପ୍ରେରିତ ଯୋହନ ଏଠାରେ ବ୍ୟକ୍ତ କରନ୍ତି । ଈଶ୍ୱରଙ୍କ ବାକ୍ୟ ହିଁ ସେହି ବୀଜ । (ଲୂକ ୮:୧୧) । ଶୟତାନ ସେହି ବୀଜ ଚୋରି କରିବାର ସମ୍ଭାବନା ଅଛି । (ଲୂକ ୮:୧୨) । ଖ୍ରୀଷ୍ଟିୟାନ କେବେ ବି ପାପ କରେ ନାହିଁ ବୋଲି ଉପରୋକ୍ତ ବାକ୍ୟର ଅର୍ଥ ନୁହେଁ । କାରଣ ଅନ୍ୟ ସ୍ଥାନରେ ସେ କହନ୍ତି, (୧) ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁ, ତାହା ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ, ପୁଣି ଆମ୍ଭମାନଙ୍କରଠାରେ ସତ୍ୟ ନାହିଁ । (୧ମ ଯୋହନ ୧:୮) । (୨) "ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ ତେବେ ସେ ଆମ୍ଭମାନଙ୍କର ପାପକ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ୍ ଅଟନ୍ତି ।" (୯ମ ପଦ) । "ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର, ଏଥିନିମନ୍ତେ ମୁଁ ଏହସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଛନ୍ତି ।" (୧ମ ଯୋହନ ୨:୧) । (୪) "...କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷ ବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ ।" (୧ମ ଯୋହନ ୨:୧) ।

୪) ରୋମୀୟ ୭:୧୫-୨୫ ପଦରେ ବର୍ଣ୍ଣିତ ବାକ୍ୟକୁ ଲୋକେ, ଖ୍ରୀଷ୍ଟିୟାନର ଶରୀର ପାପ କରେ, କିନ୍ତୁ ଆତ୍ମା ନିର୍ଦ୍ଦୋଷ ବୋଲି ମନେ କରନ୍ତି । ମନୁଷ୍ୟ ଯେଉଁ ବୀଜ ବୁଣେ, ସେହି ଫଳ ପାଇବ । (ଗାଲାତି ୬:୬-୭) । ମନୁଷ୍ୟର ଶରୀର ପାପ କଲେ ମନୁଷ୍ୟର ଶରୀର ନରକକୁ ଯିବ କିନ୍ତୁ ତାହାର ଆତ୍ମା ସ୍ୱର୍ଗକୁ ଯିବ ବୋଲି ଅର୍ଥ ଦିଏ । ଏହା କେତେ ଅସଙ୍ଗତ ବିଷୟ । କିନ୍ତୁ ଉପରୋକ୍ତ ବାକ୍ୟର ଅର୍ଥ ହେଲା :-
(୧) ମନୁଷ୍ୟର ଆତ୍ମା ମନୁଷ୍ୟ ଶରୀରକୁ ପାପ ବଶ କରାଏ । (ରୋମୀୟ ୬:୧୨) ।
(୨) ମନୁଷ୍ୟର ପାପ ମନୁଷ୍ୟର ଆତ୍ମାଜାତ ଅଟେ । (୧ମ କରିନ୍ଥୀ ୨:୧୧) ।
(୩) କେତୋଟି ପାପ ମନୁଷ୍ୟର ହୃଦୟରୁ ଉଦ୍‌ଭାବିତ ହୋଇ, ଶରୀର ଦ୍ୱାରା ସାଧିତ ହୁଏ । (ମାଥିଉ ୭:୨୧-୨୩) ।

୫) "ଯଦି ତାହାରି କର୍ମ ପୋଡିଯିବ, ତା'ର କ୍ଷତି ହେବ, ତେବେ ସେ ପୁରସ୍କାର ପାଇବ ।" (୧ମ କରିନ୍ଥୀ ୩:୧୫) । ଖ୍ରୀଷ୍ଟିୟାନ ପାପ କଲେ, ତାହାଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଡାଇ ନେଇଯାଇଥିବା ବ୍ୟକ୍ତିଙ୍କ କାର୍ଯ୍ୟ ବିଫଳ ହୁଏ, କିନ୍ତୁ ସେ ନିଜେ ବିନଷ୍ଟ ହେବେ ନାହିଁ । ଏହା ତାହାଙ୍କ ନିମନ୍ତେ କ୍ଷତି, କିନ୍ତୁ ସେ ନିଜେ ରକ୍ଷା ପାଇବେ । କରିନ୍ଥୀୟ ଖ୍ରୀଷ୍ଟିୟାନମାନେ ପ୍ରେରିତ ପାଉଲ କାର୍ଯ୍ୟର ପ୍ରତିଫଳ । ସେ ସେମାନଙ୍କୁ ମଧ୍ୟରୁ କେହି କେହି ପତିତ ହେବେ ବୋଲି ଭୟ ପ୍ରକାଶ କରିଥିଲେ ।

୬) "ଯେଉଁ ପରିତ୍ରାଣ ଶେଷକାଳରେ ପ୍ରକାଶିତ ହେବା ପାଇଁ ପ୍ରସ୍ତୁତ ହୋଇଅଛି, ସେଥିନିମନ୍ତେ ତୁମ୍ଭେମାନେ ଈଶ୍ୱରଙ୍କ ଶକ୍ତିରେ ବିଶ୍ୱାସ ଦ୍ୱାରା ସୁରକ୍ଷିତ ହେଉଅଛ ।" (୧ମ ପିତର ୧:୫) । ଆମ୍ଭେମାନେ ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ପରିତ୍ରାଣରେ ସୁରକ୍ଷିତ ହୋଇ ଆସୁଅଛୁ । ଶକ୍ତ ପରମେଶ୍ୱର ଠାରେ ବିଶ୍ୱାସ କରିବା ଆମ୍ଭମାନଙ୍କ ଆଶା । ଆମ୍ଭେମାନେ ବିଶ୍ୱାସ ପରିତ୍ୟାଗ କଲେ, ଅସୁରକ୍ଷିତ ହେବୁ, ପରମେଶ୍ୱରଙ୍କ ଶକ୍ତି ଆମ୍ଭମାନଙ୍କୁ ରକ୍ଷା କରି ପାରିବ ନାହିଁ ।

୭) "ସେମାନେ ଆମ୍ଭମାନଙ୍କ ମଧ୍ୟରୁ ବାହାରି ଗଲେ, କିନ୍ତୁ ଆମ୍ଭମାନଙ୍କ ଦଳର ଲୋକ ନ ଥିଲେ, କାରଣ ଯଦି ଆମ୍ଭମାନଙ୍କ ଦଳର ଲୋକ ହୋଇଥାଆନ୍ତେ, ତେବେ ଆମ୍ଭମାନଙ୍କ ସହିତ ରହି ଥାଆନ୍ତେ, କିନ୍ତୁ ସମସ୍ତେ ଯେ ଆମ୍ଭମାନଙ୍କ ଦଳର ଲୋକ ନୁହନ୍ତି, ଏହା ଯେପରି ପ୍ରକାଶ ପାଇବ, ଏନିମନ୍ତେ ସେମାନେ ବାହାରି ଗଲେ ।" (୧ମ ଯୋହନ ୨:୧୯) । ପୂର୍ବବାକ୍ୟରୁ ଏଠାରେ "ଖ୍ରୀଷ୍ଟାରୀ" ମାନଙ୍କ ବିଷୟରେ କୁହାଯାଏ ବୋଲି ଜାଣିପାରୁ । ଏହି ଖ୍ରୀଷ୍ଟାରୀମାନେ ପ୍ରେରିତମାନଙ୍କ ଠାରୁ ପୃଥକ୍ ହୋଇ ଅନ୍ୟ ସିଦ୍ଧାନ୍ତ ପ୍ରଚାର କରୁଥିଲେ । ସେମାନେ "ପ୍ରେରିତମାନଙ୍କ ଦଳ"ର ଲୋକ ନ ଥିଲେ , ସେମାନେ ପ୍ରେରିତମାନଙ୍କ ଶିକ୍ଷାରୁ ପୃଥକ୍ ଶିକ୍ଷା ପ୍ରଚାର କରୁଥିଲେ ।

୮)	"ମନୁଷ୍ୟ ପ୍ରତି ଯେଉଁ ପରୀକ୍ଷା ସ୍ୱାଭାବିକ, ତାହା ଛଡା ଅନ୍ୟ ପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟି ନାହିଁ, କିନ୍ତୁ ଈଶ୍ୱର ବିଶ୍ୱାସୀ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରିପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ, ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ ।" (୧ମ କରିନ୍ଥୀ ୧୦:୧୩) । ବିଶ୍ୱସ୍ତ ପରମେଶ୍ୱର ପରୀକ୍ଷିତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଉଦ୍ଧାରର ପଥ ପ୍ରସ୍ତୁତ କରନ୍ତି । ଖ୍ରୀଷ୍ଟିୟାନମାନେ ସେହି ଉଦ୍ଧାର ପଥର ସୁଯୋଗର ସଦ୍‌ବ୍ୟବହାର କରିବା ଆବଶ୍ୟକ । ପୂର୍ବବଚନ କହେ, "ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପତିତ ନହୁଏ, ଏତନ୍ନିମନ୍ତେ ସେ ସାବଧାନ ହେଉ ।" (୧ମ କରିନ୍ଥୀ ୧୦:୧୨) ।

୯)	"ମୋ ମେଷସବୁ ମୋହର ସ୍ୱର ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି, ପୁଣି ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ, ଆଉ ସେମାନେ କଦାପି କେବେ ହେଁ ବିନଷ୍ଟ ହେବେ ନାହିଁ, ପୁଣି କେହି ମୋ ହସ୍ତରୁ ସେମାନଙ୍କୁ ହରଣ କରିବ ନାହିଁ ।" (ଯୋହନ ୧୦:୨୭-୨୮) । ଏହି ସୁନ୍ଦର ପ୍ରତିଜ୍ଞା ସର୍ତ୍ତଯୁକ୍ତ । ସର୍ତ୍ତ ହେଲା, "...ସେମାନେ ମୋ ପଛେ ପଛେ ଚାଲନ୍ତି ।" ହିଂସ୍ରକ ଜନ୍ତୁ ଯେପରି ମେଷମାନଙ୍କୁ ଛିନ୍ନଭିନ୍ନ କରେ, ଖ୍ରୀଷ୍ଟିୟାନମାନଙ୍କୁ ଶୟତାନ ପଥଭ୍ରଷ୍ଟ କରି ଛିନ୍ନଭିନ୍ନ କରେ । (ଯୋହନ ୧୦:୧୨) । ଉପରୋକ୍ତ ବାକ୍ୟଗୁଡିକରୁ, ଈଶ୍ୱରଙ୍କ ସନ୍ତାନ ପାପ କଲେ, ଅନନ୍ତ ଜୀବନ ହରାଇବ ବୋଲି ପ୍ରମାଣିତ ହୁଏ ।

❖❖❖

## ଏକବିଂଶତମ–କାରଣ

# "ଶିଶୁମାନେ ଶୁଦ୍ଧ ଓ ସରଳଭାବେ ଜନ୍ମଗ୍ରହଣ କରନ୍ତି, କିନ୍ତୁ କଳୁଷିତ ନୁହନ୍ତି" ବୋଲି ଏହା ଶିକ୍ଷା ଦିଏ

**(Because it teaches that infants are born Pure and innocent rather than depraved !)**

### ୧. ପରିଚୟ :

ଅନେକେ ଅଜ୍ଞଭାବେ ପୁରୁଷାନୁକ୍ରମିକ ଭାବେ ପାପ ସଂକ୍ରମେ ବୋଲି ମଣ୍ଡଳୀର ଏହି ନିୟମକୁ ସମ୍ମତ କରନ୍ତି । ପୁରୁଷନୁକ୍ରମିକ ଭାବେ ଅର୍ଥାତ୍ ପିତାଠାରୁ ସନ୍ତାନମାନଙ୍କୁ ପାପ ସଂକ୍ରମିବ । ଏକ ସିଦ୍ଧାନ୍ତ ଅନୁଯାୟୀ ପିତାମାତାଙ୍କ ପାପର କଳୁଷିତା ସହ ମନୁଷ୍ୟ ଏହି ଧାରାରେ ଜନ୍ମ ନିଅନ୍ତି ବୋଲି ଏହି ସିଦ୍ଧାନ୍ତର ଭାବ ।

### ୨. ଏକ ପାପ ଅନ୍ୟ ଏକ ପାପକୁ କଢ଼ାଏ :

"ପୁରୁଷାନୁକ୍ରମିକ ପାପ" ଭ୍ରାନ୍ତି ସିଦ୍ଧାନ୍ତରୁ "ଶିଶୁ ବାପ୍ତିସ୍ମ" ରୂପ ଭ୍ରାନ୍ତ ସିଦ୍ଧାନ୍ତ ଜନ୍ମ ନେଇଥିଲା । Methodist ମଣ୍ଡଳୀର ସ୍ଥାପକ John Wesley ଙ୍କ ଅନୁଯାୟୀ "କିଏ ବାପ୍ତିସ୍ମ ନେବା ଆବଶ୍ୟକ ? କେବଳ ବୟପ୍ରାପ୍ତ ନା ଶିଶୁମାନେ ମଧ୍ୟ ?" ଏହାର ଉତ୍ତର ଈଶ୍ୱରଙ୍କ ବାକ୍ୟରୁ ବୁଝିବା ।

"ସର୍ବପ୍ରଥମେ ଶିଶୁମାନେ ଆଦ୍ୟପାପରେ ପାପୀ । ତେଣୁକରି ସେମାନେ ବାପ୍ତିଜିତ ହେବା ଆବଶ୍ୟକ । ବାପ୍ତିସ୍ମ ଦ୍ୱାରା ସେମାନଙ୍କ ପାପ ଧୌତ ନ ହେଲେ, ସେମାନେ ପରିତ୍ରାଣ ପ୍ରାପ୍ତ ହେବେ ନାହିଁ । ଶିଶୁମାନେ ପାପ ସହିତ ଜନ୍ମ ଗ୍ରହଣ କରୁଥିବାରୁ, ଈଶ୍ୱରଙ୍କ କ୍ରୋଧର ପାତ୍ର ଅଟନ୍ତି । ଈଶ୍ୱର କ୍ରୋଧର ପାତ୍ର ମନୁଷ୍ୟମାନେ ଅନନ୍ତ ଦଣ୍ଡରେ ଦଣ୍ଡିତ ହେବେ । ...ତେଣୁକରି ଶିଶୁମାନେ ଆଦ୍ୟପାପରୁ ଧୌତ ହେବା ନିମନ୍ତେ ବାପ୍ତିଜିତ ହେବା ଆବଶ୍ୟକ ।" (Wesley's works, Miscellaneous Vol. 2, P-16.)

ଆଦ୍ୟପାପରୁ ମୁକ୍ତ ହେବା ନିମନ୍ତେ ଶିଶୁମାନେ ବାପ୍ତିଜିତ ହେବା ଆବଶ୍ୟକ ବୋଲି Neanderଙ୍କ ପୁସ୍ତକ–Church History, Vol. 1, P-426, 427 ଲିଖିତ ହୋଇଅଛି ।

### ୨. କେତୋଟି ବାକ୍ୟର ବିଶ୍ଳେଷଣ :

୧) ଏହି ସିଦ୍ଧାନ୍ତର ସପକ୍ଷବାଦୀମାନେ ଗୀତ ୧୪:୨–୩ ବଚନ ଗୁଡ଼ିକର ଉଲ୍ଲେଖନ କରନ୍ତି, ଯାହା କହେ, "ବିବେକି ଓ ପରମେଶ୍ୱରଙ୍କ ଅନ୍ୱେଷଣକାରୀ କେହି ଅଛି କି

ନାହିଁ, ଏହା ଦେଖିବା ପାଇଁ ସଦାପ୍ରଭୁ ସ୍ୱର୍ଗରୁ ମନୁଷ୍ୟ-ସନ୍ତାନଗଣ ପ୍ରତି ନିରୀକ୍ଷଣ କଲେ । ସେ ସମସ୍ତେ ବିପଥରେ ଯାଇଅଛନ୍ତି, ସେମାନେ ଏକତ୍ର ଅଶୁଚି ହୋଇଅଛନ୍ତି; ସୁକର୍ମଚାରୀ କେହି ନାହିଁ, ଜଣେ ହେଁ ନାହିଁ ।" ଏହି ପଦ ପ୍ରତ୍ୟେକ ମନୁଷ୍ୟ କୁକର୍ମକାରୀ ବୋଲି କହେ, କିନ୍ତୁ ଏହି ସ୍ଥିତି ସହ ସେ ଜନ୍ମ ଗ୍ରହଣ କରେ ନାହିଁ । "ସେ ସମସ୍ତେ ବିପଥରେ ଯାଇଅଛନ୍ତି, ସେମାନେ ଏକତ୍ର ଅଶୁଚି ହୋଇ ଅଛନ୍ତି ।" (୩ୟ ପଦ) ଅର୍ଥାତ୍ ସେମାନେ ଜନ୍ମରୁ କଳୁଷିତ ନୁହନ୍ତି, ବରଂ ଏ ଜଗତରେ ଜନ୍ମଗ୍ରହଣ କରି ପାପ କରି କଳୁଷିତ ହୁଅନ୍ତି ।

୨) ଏହି ସିଦ୍ଧାନ୍ତର ସପକ୍ଷବାଦୀମାନେ "ଦେଖ, ଅପରାଧରେ ମୁଁ ନିର୍ମିତ ହେଲି ଓ ପାପରେ ମୋ ମାତା ଗର୍ଭରେ ଧାରଣ କଲା ।" (ଗୀତ ୫୧:୫) । ଦାଉଦଙ୍କ ଏହି ବାକ୍ୟ ଉଲ୍ଲେଖ କରନ୍ତି । କିନ୍ତୁ ଏହି ବାକ୍ୟରୁ ଶିଶୁମାନେ ପାପ ସହିତ ଜନ୍ମଗ୍ରହଣ କରନ୍ତି ବୋଲି କୁହେ ନାହିଁ । ଶିଶୁଙ୍କ ମାତା ଗର୍ଭଧାରଣ କରୁ କରୁ ଶିଶୁକୁ ଜନ୍ମଦିଏ ନାହିଁ । ଶିଶୁ ଜନ୍ମଗ୍ରହଣ କରିବା ପୂର୍ବେ ମାତା ପାପୀ, କିନ୍ତୁ ତାହାଙ୍କ ପାପ ଶିଶୁକୁ ସଂକ୍ରମେ ନାହିଁ ।

୩) "ସେହି ଅନାଜ୍ଞାବହ ସନ୍ତାନମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ୟ ଏକ ସମୟରେ ଆମ୍ଭମାନଙ୍କ ଶାରୀରିକ ଅଭିଳାଷ ଅନୁସାରେ ଜୀବନ ଯାପନ କରି ଶାରୀରିକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ । ପୁଣି ଅନ୍ୟମାନଙ୍କ ପରି ସୁଦ୍ଧ ସ୍ୱାବାବତଃ କ୍ରୋଧର ପାତ୍ର ଥିଲୁ ।" (ଏଫି ୨:୩) । ଏଠାରେ ଉଲ୍ଲେଖିତ "ସ୍ୱଭାବତଃ"ର ଅର୍ଥ "ପୁରୁଷାନୁକ୍ରମିକ ଭାବେ ନୁହେଁ ।"

୪) "ଦୁଷ୍ଟମାନେ ଗର୍ଭରୁ ବିପଥଗାମୀ ସେମାନେ ଜନ୍ମଠାରୁ ମିଥ୍ୟା କହି କହି ବିପଥରେ ଗମନ କରନ୍ତି ।" (ଗୀତ ୫୮:୮) । ଶିଶୁମାନେ ଏହି ଜଗତରେ ଜନ୍ମଗ୍ରହଣ କରି ପାପକରି ବିପଥଗାମୀ ହୁଅନ୍ତି, ଜନ୍ମ ପୂର୍ବରୁ ନୁହେଁ ।

**୩. ଏହି ସିଦ୍ଧାନ୍ତର ବିପରିତ ବାକ୍ୟ :**

୧) ମନୁଷ୍ୟମାନେ ଶିଶୁବସ୍ଥାରେ ନୁହେଁ । କିନ୍ତୁ ବୟୋପ୍ରାପ୍ତ ହୋଇ ପାପ କରନ୍ତି । "ତହିଁରେ ସଦାପ୍ରଭୁ ତହିଁରେ ସୁଗନ୍ଧ ଆଘ୍ରାଣ କରି ମନେ ମନେ କହିଲେ ମନୁଷ୍ୟ ହେତୁରୁ ଆଉ ପୃଥିବୀକୁ, ଅଭିଶାପ ଦେବା ନାହିଁ, ଯଦ୍ୟପି ବାଲ୍ୟକାଳଠାରୁ ମନୁଷ୍ୟର ମନର କଳ୍ପନା ମନ୍ଦ,....।" (ଆଦି ୮:୨୧) । ମନୁଷ୍ୟର କଳ୍ପନା ଯଦି ବାଲ୍ୟବସ୍ଥାରେ ମନ୍ଦ ହୁଏ, ତେବ ସେ ଶିଶୁବସ୍ଥାରେ ନିର୍ଦ୍ଦୋଷ ଅଟେ ।

୨) ମନୁଷ୍ୟର ଆତ୍ମା, ତାହାର ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କଠାରୁ ଦତ୍ତ । "ପୁଣି, ଧୂଳି ପୂର୍ବପରି ମୃତ୍ତିକାରେ ଲୀନ ହେବ, ଆଉ ଆତ୍ମାଦାତା, ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରିଯିବ ।" (ଉପଦେଶକ ୧୨:୭) । ପରମେଶ୍ୱର କି ଆମ୍ଭମାନଙ୍କୁ ଅପରାଧପୂର୍ଣ୍ଣ ଆତ୍ମା ଦିଅନ୍ତି ?

୩) ଶିଶୁମାନେ ଅପରାଧି ନୁହନ୍ତି, କାରଣ ସଦାପ୍ରଭୁ ଅପରାଧି ନୁହନ୍ତି । ପ୍ରେରିତ ପାଉଲ ଆଥାନୀ ନଗରର ଆରାୟପାଗର ମଧ୍ୟସ୍ଥଳରେ ଠିଆ ହୋଇ କହିଲେ, "...ଆପଣମାନଙ୍କର ମଧ୍ୟରୁ ସୁଦ୍ଧା କେତେକ କହି ଅଛନ୍ତି, ଆମ୍ଭେମାନେ ମଧ୍ୟ ତାହାଙ୍କ ବଂଶ ।" (ପ୍ରେରିତ ୧୭:୨୮) । ପରମେଶ୍ୱରଙ୍କର ବଂଶରୁ ଜାତ କେହି କଳୁଷିତ ହେବେ ନାହିଁ, କାରଣ ପରମେଶ୍ୱର କଳୁଷିତ ନୁହନ୍ତି । କେହି ପରମେଶ୍ୱରଙ୍କୁ ଦୋଷୀ ସାବ୍ୟସ୍ତ କରିପାରେ ନାହିଁ, କେବେ ତାହାଙ୍କ ଦ୍ୱାରା ଜାତ ଶିଶୁମାନେ କିପରି ଦୋଷୀ ସାବ୍ୟସ୍ତ ହେବେ ?

୪) ପିତାମାତାଙ୍କ ଦୋଷ ସନ୍ତାନମାନଙ୍କ ଉପରେ ବର୍ତ୍ତିବ ନାହିଁ, ପବିତ୍ର ଆତ୍ମା ଯିହିଜିକଲଙ୍କ ଦ୍ୱାରା ପ୍ରକଟ କରି ଅଛନ୍ତି । "ଯେଉଁ ପ୍ରାଣୀ ପାପକରେ, ସେହି ମରିବ, ପୁତ୍ର ପିତାର ଅଧର୍ମର ଭାର ବହିବ ନାହିଁ । କିଅବା ପିତା ପୁତ୍ରର ଅଧର୍ମର ଭାର ବହିବ ନାହିଁ, ଧାର୍ମିକର ଧାର୍ମିକତା ତାହାରି ଉପରେ ବର୍ତ୍ତିବ ଓ ଦୁଷ୍ଟର ଦୁଷ୍ଟତା ତାହାରି ଉପରେ ବର୍ତ୍ତିବ ।" (ଯିହିଜିକଲ ୧୮:୨୦) । ଧର୍ମ ଓ ଅଧର୍ମର ପ୍ରତିଫଳ କର୍ମକାରୀ ଉପରେ ବର୍ତ୍ତିବ, ଅନ୍ୟ ଉପରେ ବର୍ତ୍ତିବ ନାହିଁ । ଯେଉଁମାନେ ଶିଶୁ ପିତାର ପାପର ଭାର ବହନ କରେ ବୋଲି ବିଶ୍ୱାସ କରନ୍ତି, ଏହି ବାକ୍ୟ ଅମାନ୍ୟ କରନ୍ତି ।

୫) ଏକ ଛୋଟ ଶିଶୁ ଦୋଷୀ ବା ଅପରାଧି ନୁହେଁ, କାରଣ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ନିମନ୍ତେ ମନୁଷ୍ୟକୁ ଏକ ଶିଶୁ ସଦୃଶ୍ୟ ହେବା ଆବଶ୍ୟକ । "ଯୀଶୁ କହିଲେ. ମୁଁ ତୁମ୍ଭମାନଙ୍କୁ ସତ୍ୟ କହିଅଛି, ତୁମ୍ଭେମାନେ ଫେରି ସାନ ପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ । (ମାଥିଉ ୧୮:୩) । ଅନେକ ଧାର୍ମିକ ନେତାମାନେ ଶିଶୁମାନେ ଜନ୍ମର ପାପୀ ବୋଲି ପ୍ରଚାର କରୁଅଛନ୍ତି । ଶିଶୁମାନେ ଦୋଷୀ ଓ ଅପରାଧି ହୋଇଥିଲେ ଯୀଶୁ କି ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ନିମନ୍ତେ ଶିଶୁମାନଙ୍କ ସଦୃଶ୍ୟ ହେବା ଆବଶ୍ୟକ ବୋଲି କହିଥା'ନ୍ତେ ?

୬) ମହାରାଜା ଦାଉଦ ତାହାଙ୍କ ଶିଶୁ ପୁତ୍ର ପାପରେ ଜନ୍ମନେଇ ପାପରେ ମୃତ୍ୟୁ ଭୋଗିଲେ ବୋଲି ମନେ କରି ନ ଥିଲେ । କାରଣ ତାହାଙ୍କ ପୁତ୍ର ମୃତ୍ୟୁ ଭୋଗିବାରୁ ସେ

କହିଲେ, "...ମୁଁ, ତାହା ନିକଟକୁ ଯିବି, ମାତ୍ର ସେ ମୋ ନିକଟକୁ ଫେରି ଆସିବ ନାହିଁ ।" (୨ୟ ଶାମୁୟେଲ ୧୨:୨୩) ।

୭) ପାପ ଏକ ମନୁଷ୍ୟରୁ ଅନ୍ୟ ମନୁଷ୍ୟକୁ ସଞ୍ଚାମେ ନାହିଁ । ଆଜ୍ଞାଲଂଘନ ହିଁ ପାପ । ଯେକେହି ପାପକରେ, ସେ ମଧ୍ୟ ବ୍ୟବସ୍ଥା ଲଂଘନ କରେ, କାରଣ ବ୍ୟବସ୍ଥା ଲଂଘନ ହିଁ ପାପ ।" (୧ମ ଯୋହନ ୩:୪) । ଦ୍ୱିତୀୟରେ ବାକ୍ୟ କହେ, "ସତ୍କର୍ମ କରିବାକୁ ଜାଣି ତାହା କରେ ନାହିଁ, ତାହାର ପାପ ହୁଏ ।" (ଯାକୁବ ୪:୧୭) । ଆଜ୍ଞା ପୁରୁଷାନୁକ୍ରମେ ସଂକ୍ରମେ ନାହିଁ । କାରଣ ଏହା ସଂକ୍ରମିବା ସ୍ୱଭାବ ନୁହେଁ ।

୮) ଶିଶୁମାନଙ୍କ ପରିତ୍ରାଣ ନିମନ୍ତେ ସଦାପ୍ରଭୁ କୌଣସି ଯୋଜନା କରି ନାହାନ୍ତି, କାରଣ ସେମାନେ ସୁରକ୍ଷିତ । ପରମେଶ୍ୱରଙ୍କ ଦୃଷ୍ଟିରେ ନିର୍ଦ୍ଦୋଷୀ ଓ ନିଷ୍ପାପୀ ।

❖❖❖

## ଦ୍ୱିବିଂଶତମ–କାରଣ

# "ପବିତ୍ର ଆତ୍ମାଙ୍କ ଆଲୌକିକ ପ୍ରଦର୍ଶନ ସମାପ୍ତ ହୋଇଅଛି ବୋଲି ଏହା ଶିକ୍ଷା ଦିଏ

### (It teaches that the miraculous manifestation of the spirit have ceased)

**୧. ପରିଚୟ :**

ପବିତ୍ର ଆତ୍ମାଙ୍କ ପ୍ରତ୍ୟକ୍ଷ ପ୍ରଭାବ ଦ୍ୱାରା ସେମାନେ କଥା କହୁ ଅଛନ୍ତି ଓ ଆଶ୍ଚର୍ଯ୍ୟ କର୍ମ କରୁଅଛନ୍ତି ବୋଲି ଅନେକ ଧାର୍ମିକ ସଂସ୍ଥା ଦାବୀ କରନ୍ତି । ଏହିପରି ଦାବୀ ଦ୍ୱାରା ଧର୍ମଜଗତରେ ଅନେକ ବିଶୃଙ୍ଖଳା ସୃଷ୍ଟି ହେଉଅଛି, ଏବଂ ଏହି ସ୍ୱଭାବେ ବିଶ୍ଳେଷଣ କରିବା ଆବଶ୍ୟକ । ଯଦି ବାଇବଲ ଆଶ୍ଚର୍ଯ୍ୟକର୍ମ ସାଧନକାରୀ ଦାନ ଚିରନ୍ତନ ବୋଲି ଶିକ୍ଷା ଦେଉଥାଏ, ମୁଁ ଅସତ୍ୟ ଦଳର ସମର୍ଥନ କରୁଅଛି । କିନ୍ତୁ ଯଦି ବାଇବଲ ଆଶ୍ଚର୍ଯ୍ୟକର୍ମ ସାଧନକାରୀ ଦାନର ଉଦ୍ଦେଶ୍ୟ ସଂପୂର୍ଣ୍ଣ ହେବା ପରେ, ତାହା ବିଲୁପ୍ତ ହୋଇଅଛି ବୋଲି ଶିକ୍ଷା ଦେଉଅଛି, ତେବେ ଅପରପକ୍ଷ ଲୋକେ ଅସତ୍ୟର ଅବଲମ୍ବନ କରୁଅଛନ୍ତି ।

**୨. ଖ୍ରୀଷ୍ଟ, ଅନେକ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲେ :**

୧) ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା ପ୍ରମାଣିତ କରିବା ନିମନ୍ତେ, ତାହାଙ୍କୁ ଅନେକ ଆଶ୍ଚର୍ଯକର୍ମ କରିବା ଆବଶ୍ୟକ ଥିଲା । ସେ ଆଶ୍ଚର୍ଯ୍ୟକର୍ମ ସାଧନ ନଥିଲେ, ମନୁଷ୍ୟ ସମାଜ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବ ଅସମ୍ଭବ ହୋଇଥା'ନ୍ତା । ଖ୍ରୀଷ୍ଟଙ୍କକୃତ କର୍ମସକଳ ତାହାଙ୍କ ଐଶ୍ୱରିକତାର ପ୍ରମାଣକୁ ସ୍ଥିର କରିଥିଲା । ଯିହୂଦୀୟ ନେତା ତାହାଙ୍କୁ ସ୍ୱୀକାର କରି କହିଥିଲେ, "...ହେ ଗୁରୁ ଆପଣ ଯେ ଈଶ୍ୱରଙ୍କଠାରୁ ଆଗତ ଗୁରୁ ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି । ଈଶ୍ୱର ସାଙ୍ଗରେ ନ ଥିଲେ ସେହିସବୁ କେହି କରିପାରେ ନାହିଁ ।" (ଯୋହନ ୩:୨) । ତାହାଙ୍କ ଆଶ୍ଚର୍ଯ୍ୟକର୍ମ ଯୋଗୁଁ ସେ "ପରମେଶ୍ୱରଙ୍କଠାରୁ ଆଗତ ଶିକ୍ଷକ"ଙ୍କ ନାମରେ ପରିଚିତ ହୋଇଥିଲେ ।

୨) "ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ ସେହିସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ । କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର, ଯେ ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏସମସ୍ତ

ଲେଖାଯାଇଅଛି ।" (ଯୋହନ ୨୦:୩୦) । ତାହାଙ୍କ କୃତ ଅନେକ ଆଶ୍ଚର୍ଯ୍ୟକର୍ମ ପବିତ୍ର ବାଇବଲର୍ ଲିଖିତ ହୋଇଅଛି । (୧) ଜନ୍ମାନ୍ଧ ଦୃଷ୍ଟି ଶକ୍ତି ପାଇଥିଲେ । (ଯୋହନ ୯:୧-୧୨) । (୨) ଖଞ୍ଜ ଲୋକେ ଚାଲିବାକୁ ଶକ୍ତି ପାଇଲେ । (ମାଥିଉ ୨୧:୧୪) । (୩) କୃଷ୍ଟୀମାନେ ସୁସ୍ଥ ହେଲେ । (ଲୂକ ୧୭:୧୧-୧୯) । ବଧିର, ଶ୍ରବଣ ଶକ୍ତି ପାଇଲେ । (ମାର୍କ ୭:୩୧-୩୭) । (୫) ରୋଗୀମାନେ ସୁସ୍ଥ ହେଲେ । (ମାଥିଉ ୮:୩୧-୧୭) । (୬) ଭୂତ ଛଡାଇ ଥିଲେ । (୭) ସମୁଦ୍ରରେ ଚାଲି ଥିଲେ । (୮) ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟା ସ୍ତ୍ରୀ ପିଲାପିଲିମାନଙ୍କୁ କେବଳ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ଖାଦ୍ୟ ପରିବେଷଣ କରିଥିଲେ । (୯) ତୁଫାନ ଓ ସମୁଦ୍ର ତାହାଙ୍କ ଆଜ୍ଞା ପାଳନ କରିଥିଲେ । (ମାଥିଉ ୮:୨୭) । (୧୦) ମୃତ ଲାଜରଙ୍କୁ ମୃତ ଯାଇରସଙ୍କ କନ୍ୟା ଓ ନାଇନ ବିଧବାର ମୃତ ପୁତ୍ରକୁ ଜୀବନ ପ୍ରଦାନ କରିଥିଲେ । ଈଶ୍ୱରଙ୍କ ପୁତ୍ର ବୋଲି ସାକ୍ଷ୍ୟ ବୋଲି ପ୍ରମାଣିତ ହେଲେ । "ସେ ମଧ୍ଯ ଆପଣା ଦୁଃଖଭୋଗ ଉତ୍ତାରେ ଅନେକ ପ୍ରମାଣ ଦ୍ୱାରା ସେମାନଙ୍କ ନିକଟରେ ନିଜକୁ ସଜୀବ ଦେଖାଇଲେ,...।" (ପ୍ରେରିତ ୧:୩) ।

୩) ଯୀଶୁଙ୍କ କୃତ ଆଶ୍ଚର୍ଯ୍ୟକର୍ମ ସକଳ, ମନୁଷ୍ୟମାନଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବା ନିମନ୍ତେ ଲିଖିତ ହୋଇଅଛି । ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ସେହି ସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ । କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏସମସ୍ତ ଲେଖାଯାଇଅଛି ।" (ଯୋହନ ୨୦:୩୦-୩୧) । ଖ୍ରୀଷ୍ଟଙ୍କ କୃତ ଆଶ୍ଚର୍ଯ୍ୟକର୍ମ ସକଳ ଲେଖିବାର କାରଣ ବିଶ୍ୱାସ ଜନ୍ମାଇବା ନିମନ୍ତେ । ଅପରପକ୍ଷରେ କହିବାକୁ ଗଲେ, ଅନେକ ଆଶ୍ଚର୍ଯ୍ୟକର୍ମ ଲିଖିତ ହୋଇନାହିଁ । କାରଣ ବିଶ୍ୱାସ ଜନ୍ମାଇବା ନିମନ୍ତେ ସେ ଗୁଡିକର ଆବଶ୍ୟକତା ନାହିଁ । କିଅବା ବର୍ତ୍ତମାନ ଯୁଗରେ ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା ପ୍ରମାଣିତ କରିବା ପାଇଁ ଆଶ୍ଚର୍ଯ୍ୟକର୍ମର ଆବଶ୍ୟକତା ନାହିଁ । ବିଶ୍ୱାସ ଜନ୍ମିବା ନିମନ୍ତେ ଅନେକ ପ୍ରମାଣ ଥିବା ସର୍ତ୍ତେ, ଆଶ୍ଚର୍ଯ୍ୟକର୍ମର ପ୍ରୟୋଜନୀୟତା ଅନୁଭବ କରିବା, ତାହାଙ୍କୁ ଅବମାନ କରିବା ସମାନ ।

**୩. ଶୁଭବାର୍ତ୍ତାର ସତ୍ୟତା ପ୍ରମାଣିତ କରିବା ନିମନ୍ତେ :**

୧) ସୁସମାଚାର ପ୍ରଥମ ପ୍ରଚାରକମାନଙ୍କୁ ଯୀଶୁଙ୍କ ବାର୍ତ୍ତା ପ୍ରଚାର କରିବା ନିମନ୍ତେ ପବିତ୍ର ଆତ୍ମାଙ୍କ ପ୍ରତ୍ୟକ୍ଷ ପ୍ରଭାବ ଆବଶ୍ୟକତା ଥିଲା । ସେ ଯୁଗରେ ନୂତନ ନିୟମ ଲିଖିତଭାବେ

ନ ଥିବାରୁ ଆଶ୍ଚର୍ଯ୍ୟକ୍ରିୟା ସକଳ ସେମାନଙ୍କ ବାର୍ତ୍ତାକୁ ପ୍ରମାଣସିଦ୍ଧ କରିଥିଲା । ଏତଦ୍‌ବ୍ୟତୀତ ମନୁଷ୍ୟମାନେ କିପରି ଶୁଦ୍ଧ ସୁସମାଚାର ଗ୍ରହଣ କରିପାରି ଥା'ନ୍ତେ ?

୨) ସୁସମାଚାରର ପ୍ରଚାର ନିମନ୍ତେ ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବେ ବୋଲି ପ୍ରତିଜ୍ଞାତ ହୋଇଥିଲେ । (ପ୍ରରିତ ୧:୪-୫) । ପ୍ରତିଜ୍ଞା ବିଷୟକ କେତୋଟି ସତ୍ୟତା :-

(କ) "...ସେତେବେଳେ ତୁମ୍ଭେମାନେ କଅଣ କହିବ, ସେ ବିଷୟରେ ପୂର୍ବରୁ ଚିନ୍ତିତ ହୁଅ ନାହିଁ, କିନ୍ତୁ ସେହି ଦଣ୍ଡରେ ତୁମ୍ଭମାନଙ୍କୁ ଯାହା ଦିଆଯିବ, ତାହା କୁହ, କାରଣ ତୁମ୍ଭେମାନେ ବକ୍ତା ନୁହଁ, ମାତ୍ର ପବିତ୍ର ଆତ୍ମା ବକ୍ତା ଅଟନ୍ତି ।" (ମାର୍କ ୧୩:୧୧) । ଶିଷ୍ୟମାନେ ପ୍ରତିଜ୍ଞାତ ହୋଇ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ କଥା କହିଥିଲେ ।

(ଖ) ଯୀଶୁଖ୍ରୀଷ୍ଟ ଯେଉଁ ଯେଉଁ ବିଷୟ ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ, ସେ ସବୁ ବିଷୟ ପବିତ୍ର ଆତ୍ମା ସେମାନଙ୍କୁ ମନେ ପକାଇ ଦେଇଥିଲେ । "...ସେହି ସାହାଯ୍ୟକାରୀ, ଅର୍ଥାତ୍ ଯେଉଁ ପବିତ୍ରଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭକୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହି ସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।" (ଯୋହନ ୧୪:୨୬) ।

(ଗ) ପବିତ୍ରଆତ୍ମା ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ସାକ୍ଷ୍ୟ ଦେବା ଆବଶ୍ୟକ ଥିଲା । "ପିତାଙ୍କ ନିକଟରୁ ମୁଁ ତୁମ୍ଭମାନଙ୍କ ନିକଟକୁ ଯେଉଁ ସାହାଯ୍ୟକାରୀଙ୍କୁ ପ୍ରେରଣ କରିବି, ପିତାଙ୍କଠାରୁ ବହିର୍ଗତ ସେହି ସତ୍ୟମୟ ଆତ୍ମା ଆସିଲେ ମୋ ବିଷୟରେ ସାକ୍ଷ୍ୟଦେବେ ।" (ଯୋହନ ୧୫:୨୬) ।

(ଘ) ପବିତ୍ରଆତ୍ମା ସେମାନଙ୍କୁ ସଂପୂର୍ଣ୍ଣ ସତ୍ୟକୁ କଢ଼ାଇବେ ବୋଲି ଯୀଶୁ ପ୍ରତିଜ୍ଞା କରିଥିଲେ । "...ସେ, ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ, କାରଣ ସେ ଆପଣାଠାରୁ କଥା କହିବେ ନାହିଁ, ମାତ୍ର ଯାହା ଯାହା ଶୁଣିବେ, ସେହିସବୁ କହିବେ, ପୁଣି ଆଗାମୀ ବିଷୟସବୁ ତୁମ୍ଭମାନଙ୍କୁ ଜଣାଇବେ ।" (ଯୋହନ ୧୬:୧୩) ।

(ଙ) ପବିତ୍ରଆତ୍ମାଙ୍କ ଦ୍ୱାରା ଶିଷ୍ୟମାନେ ଶକ୍ତିପ୍ରାପ୍ତ ହେବେ ବୋଲି ପ୍ରତିଜ୍ଞା ପ୍ରାପ୍ତ ହୋଇଥିଲେ । "ତୁମ୍ଭମାନେ ଏହି ସମସ୍ତ ବିଷୟର ସାକ୍ଷୀ ଅଟ । ଆଉ ଦେଖ, ମୋହର ପିତା ଯାହା ପ୍ରତିଜ୍ଞା କରି ଅଛନ୍ତି । ତାହା ମୁଁ ତୁମ୍ଭମାନଙ୍କ ନିକଟକୁ ପଠାଉଅଛି, କିନ୍ତୁ ଉର୍ଦ୍ଧ୍ୱରୁ ଶକ୍ତିପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ତୁମ୍ଭେମାନେ ଏହି ନଗରର ରହିଥାଅ ।" (ଲୂକ ୨୪:୪୮-୪୯) । ଉର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ହୋଇ ସେମାନେ ସୁସମାଚାର ପ୍ରଚାର କରିଥିଲେ ଓ ସେମାନଙ୍କ ପ୍ରଚାର ସେମାନଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସତ୍ୟ ବୋଲି,

ପ୍ରମାଣିତ ହୋଇଥିଲା । "ସର୍ବସୃଷ୍ଟିକୁ ସୁସମାଚାର ପ୍ରଚାର କର, ବୋଲି ଯୀଶୁଖ୍ରୀଷ୍ଟ ଆପଣା ଏକାଦଶ ଶିଷ୍ୟମାନଙ୍କୁ ଆଜ୍ଞା ଦେବା ସମୟରେ, ପ୍ରତିଜ୍ଞା ମଧ କରିଥିଲେ । "ଆଉ ବିଶ୍ୱାସୀମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ । ସେମାନେ ମୋ ନାମରେ ଭୂତ ଛଡାଇବେ । ନୂତନ ନୂତନ ଭାଷାରେ କଥା କହିବେ, ହସ୍ତରେ ସର୍ପ ଧରିବେ, ପୁଣି ପ୍ରାଣୀନାଶକ କୌଣସି ପଦାର୍ଥପାନ କଲେ ସେମାନଙ୍କର କିଛି କ୍ଷତି ହେବ ନାହିଁ, ସେମାନେ କିଛି କ୍ଷତି ହେବ ନାହିଁ, ସେମାନେ ପୀଡିତମାନଙ୍କ ଉପରେ ହସ୍ତ ଥୋଇଲେ, ସେମାନେ ସୁସ୍ଥ ହେବେ ।" (ମାର୍କ ୧୬:୧୭-୧୮) । କେଉଁ ଉଦ୍ଦେଶ୍ୟରେ ଚିହ୍ନ ଦତ୍ତ ହୋଇଥିଲା ? ଉତ୍ତର ଆମ୍ଭେମାନେ ୨୦ପଦରେ ପଢ଼ିପାରୁଁ । "କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ, ଆଉ ପ୍ରଭୁ ସେମାନଙ୍କ ସହବର୍ତ୍ତୀ ହୋଇ ଅନୁବର୍ତ୍ତୀ ଚିହ୍ନଗୁଡିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ ।" "...ତାହା ତ ପ୍ରଥମରେ ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଶ୍ରବଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିକଟରେ ପ୍ରମାଣସିଦ୍ଧ ହେଲା ।" (ଏବ୍ରୀ ୨:୩-୪) ।

ଉପରୋକ୍ତ ବିଶ୍ଳେଷଣରୁ ଏହି ଦୁଇ ବିଷୟ ପ୍ରମାଣିତ ହୁଏ ଯେ, (କ) ଶୁଦ୍ଧ ଓ ପବିତ୍ର ସୁସମାଚର ସଂପୂର୍ଣ୍ଣଭାବେ ପ୍ରେରିତମାନେ ପ୍ରଚାର କରିବା ନିମନ୍ତେ ପବିତ୍ର ଆତ୍ମାଙ୍କ ଅବତରଣ ଆବଶ୍ୟକ ଥିଲା । ଭ୍ରାନ୍ତ ମନୁଷ୍ୟର ଦୁର୍ବଳ ସ୍ମରଣ ଶକ୍ତି ଉପରେ ସୁସମାଚାର ପ୍ରଚାରର ସଂପୂର୍ଣ୍ଣ ଭାର ନ୍ୟସ୍ତ ନ କରି, ପବିତ୍ରଆତ୍ମାଙ୍କ ସାହାଯ୍ୟ ପ୍ରଦାନ କରାଗଲା । (ଖ) ଦ୍ୱିତୀୟରେ, ଆଶ୍ଚର୍ଯ୍ୟକ୍ରିୟା ଦ୍ୱାରା ସେମାନଙ୍କ ସୁସମାଚାର ପ୍ରଚାର କାର୍ଯ୍ୟ ପ୍ରମାଣସିଦ୍ଧ ହେଲା ।

୩) ପ୍ରେରିତ ୨:୧-୪ ପଦରେ ପ୍ରତିଜ୍ଞାନୁଯାୟୀ ପବିତ୍ର ଆତ୍ମା ପ୍ରେରିତମାନଙ୍କ ଉପରେ ଅବତରଣ କରିଥିଲେ ।

(କ) ପବିତ୍ରଆତ୍ମା ସେମାନଙ୍କୁ ସମସ୍ତ ସତ୍ୟରେ କଢ଼ାଇ ନେବେ ବୋଲି ପ୍ରତିଜ୍ଞା କରାଯାଇଥିଲା । ପ୍ରେରିତ ୨:୪ ପଦରେ ପବିତ୍ର ଆତ୍ମା ସେମାନଙ୍କ ପରଭାଷାରେ କଥା କହିବାକୁ ଶକ୍ତି ଦେଇଥିଲେ ।

(ଖ) ପ୍ରଭୁ, ଅଦ୍ଭୁତ ଚିହ୍ନ ସେମାନଙ୍କ ଅନୁବର୍ତ୍ତୀ ହେବ ବୋଲି ପ୍ରତିଜ୍ଞା କରିଥିଲେ । "...ପ୍ରେରିତମାନଙ୍କ ଦ୍ୱାରା ମଧ ଅନେକ ଅଦ୍ଭୁତ କର୍ମ ଓ ଲକ୍ଷଣ ସାଧିତ ହେବାକୁ ଲାଗିଲା ।" (ପ୍ରେରିତ ୨:୪୩) ।

ପ୍ରଭୁଙ୍କ ଦତ୍ତ ଅନେକ ଚିହ୍ନ ମଧ୍ୟରୁ, "ପରଭାଷାରେ କଥା କହିବା" ଏକ ଚିହ୍ନ । (ମାର୍କ ୧୬:୧୭) । ପେଣ୍ଟିକଷ୍ଟ ଦିନରେ ପ୍ରେରିତମାନେ ଅନ୍ୟଭାଷାରେ କଥା କହିବାକୁ ଶକ୍ତି ପାଇଥିଲେ । ଆକାଶତଳେ ଥିବା ପ୍ରତ୍ୟେକ ଦେଶରୁ ଯିହୂଦୀମାନେ

ସେ ଦିନ ଯିରୁଶାଲମରେ ଉପସ୍ଥିତ ଥିଲେ ।`(୨:୫) । "...ପ୍ରତ୍ୟେକ ଜଣ ଆପଣା ଆପଣା ଭାଷାରେ ସେମାନଙ୍କୁ କଥା କହୁଥିବା ଶୁଣିବାରୁ ହତବୁଦ୍ଧି ହେଲେ ।" (୨:୬) । ସେମାନେ ପରସ୍ପରକୁ କହିଲେ, "...ଆମ୍ଭେମାନେ କିପରି ପ୍ରତ୍ୟେକ ଜଣ ଆପଣା ଆପଣା ଜନ୍ମଭୂମିର ଭାଷାରେ କଥା ଶୁଣୁଅଛୁ ? (୨:୮) । ସେମାନେ ବ୍ୟକ୍ତ କରୁଥିବା ଭାଷା, ଅଦରକାରୀ ଶବ୍ଦ ବା ଭାଷା ନ ଥିଲା, କିନ୍ତୁ ଯେଉଁ ଦେଶର ଭାଷାରେ ସେମାନେ ପ୍ରଭୁଙ୍କ ମହିମା କରିଥିଲେ, ସେ ଦେଶବାସୀ ସେ ଭାଷା ବୁଝି ପାରିଥିଲେ ।" ଆଜିର ମନୁଷ୍ୟମାନେ ଯେଉଁମାନେ ପରଭାଷାରେ କଥା କହୁ ଅଛନ୍ତି ବୋଲି ଦାବୀ କରୁଅଛନ୍ତି, ସେମାନେ ଅର୍ଥହୀନ ଶବ୍ଦ ବ୍ୟକ୍ତ କରୁଅଛନ୍ତି । ସେମାନେ କି Spanish, French ଓ Latin ଭାଷା ଶିକ୍ଷା ନ କରି କଥା କହି ପାରିବେ ? ଅନେକ ଆଶ୍ଚର୍ଯ୍ୟକର୍ମ ମଧ୍ୟରୁ ପରଭାଷାରେ କଥା କହିବା ଏକ ଆଶ୍ଚର୍ଯ୍ୟକର୍ମ ଥିଲା । ସେମାନେ ରୋଗୀମାନଙ୍କୁ ସୁସ୍ଥକଲେ, ଦୁଷ୍ଟ ଆତ୍ମାମାନଙ୍କୁ ଛଡାଇଲେ ଏବଂ ଅନେକ ଆଶ୍ଚର୍ଯ୍ୟକର୍ମ କରିଥିଲେ ।

୪) ବିଜାତୀୟମାନଙ୍କ ଉପରେ ପବିତ୍ରଆତ୍ମା ଅବତରଣ କରିଥିଲେ । (ପ୍ରେରିତ ୧୦:୪୪) । ଏହାର ଉଦ୍ଦେଶ୍ୟ ଭିନ୍ନ ଥିଲା । ଏହା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବୋଲି ପ୍ରେରିତ ପିତର ସାକ୍ଷ୍ୟ ଦେଇଥିଲେ । (ପ୍ରେରିତ ୧୧:୧୫-୧୬) ।

(କ) ପବିତ୍ରଆତ୍ମାଙ୍କ ଦ୍ଵାରା ବାପ୍ତିସ୍ମର ପ୍ରୟୋଜନ ଦ୍ଵାରା, ଏହାର ଉଦ୍ଦେଶ୍ୟର ସଫଳତା ପ୍ରମାଣିତ ହୁଏ । ବିଜାୟୀମାନଙ୍କୁ ବାପ୍ତିସ୍ମ ଦେବା ବିଷୟରେ ପ୍ରେରିତ ପିତର ଯିହୂଦୀୟନେତାମାନଙ୍କୁ ଯିରୁଶାଲମରେ ବିଶ୍ଳେଷଣ କରିଥିଲେ । (ପ୍ରେରିତ ୧୧:୧-୧୮) । ଉଦ୍ଦେଶ୍ୟର ସଫଳତା ପୂର୍ଣ୍ଣ ହେବାରୁ, ତାହାର ପ୍ରୟୋଜନୀୟତା ଆଉ ନ ଥିଲା ।

(ଖ) ପବିତ୍ରଆତ୍ମାଙ୍କ ଦ୍ଵାରା ବାପ୍ତିଜିତ ହୋଇ କର୍ଣ୍ଣୀଲିୟ ଓ ତାହାଙ୍କ ପରିବାର ପରିତ୍ରାଣ ପ୍ରାପ୍ତ ହୋଇ ନ ଥିଲେ । ପେଣ୍ଟିକଷ୍ଟ ଦିନରେ ଯିହୂଦୀମାନେ ସୁସମାଚାର ଶ୍ରବଣ କରି, ଆଜ୍ଞାବହ ହୋଇ ବାପ୍ତିଜିତ ହେବା ସଦୃଶ୍ୟ, ବିଜାତୀୟମାନଙ୍କୁ ଈଶ୍ଵରଙ୍କ ବାକ୍ୟ ଶ୍ରବଣକରି ଆଜ୍ଞାବହ ହେବା ଆବଶ୍ୟକ ଥିଲା । ଏଥିପୂର୍ବେ ସେମାନଙ୍କୁ ପ୍ରଭୁ ଦର୍ଶନ ଦେଇ କହିଥିଲେ, "ଯେ ସମସ୍ତ ବାକ୍ୟ ଦ୍ଵାରା ତୁମ୍ଭେ ଓ ତୁମ୍ଭର ସମସ୍ତ ପରିବାର ପରିତ୍ରାଣ ପାଇବ, ସେ ତୁମ୍ଭକୁ କହିବେ ।" (ପ୍ରେରିତ ୧୧:୧୩-୧୪) । କର୍ଣ୍ଣଲୀୟ ଓ ତାହାଙ୍କ ପରିବାର ପବିତ୍ରଆତ୍ମାଂଙ୍କ ଦ୍ଵାରା ପରିପୂର୍ଣ୍ଣ ହୋଇ ପରିତ୍ରାଣ ପ୍ରାପ୍ତ ନ ହୋଇ, ପିତରଙ୍କ ମୁଖରୁ ନିର୍ଗତ ଈଶ୍ଵରଙ୍କ ବାକ୍ୟ ପାଳନ ଦ୍ଵାରା ପରିତ୍ରାଣ ପ୍ରାପ୍ତ

ହୋଇଥିଲେ ।

୪. **କେବଳ ପ୍ରେରିତମାନେ ଆଶ୍ଚର୍ଯ୍ୟକର୍ମ କରିବା ନିମନ୍ତେ, ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିପ୍ରାପ୍ତ ହୋଇଥିଲେ :**

ଆଶ୍ଚର୍ଯ୍ୟକର୍ମ କରିବାର ଶକ୍ତି କେବଳ ପ୍ରେରିତମାନଙ୍କୁ ଦିଆଯାଇଥିଲା । ଏହି ସମ୍ମାନ ଆଉ କୌଣସି ଖ୍ରୀଷ୍ଟିୟାନ ପ୍ରାପ୍ତ ହୋଇ ନ ଥିଲେ । ଯେଉଁମାନେ ପ୍ରେରିତମାନଙ୍କ ହସ୍ତାର୍ପଣ ଦ୍ୱାରା ପବିତ୍ରଆତ୍ମାଙ୍କ ଶକ୍ତିରେ ପରିପୂର୍ଣ୍ଣ ହୋଇଥିଲେ । ସେମାନେ ପବିତ୍ରଆତ୍ମାଙ୍କ ଶକ୍ତି ଅନ୍ୟମାନଙ୍କୁ ଦେବାରେ ସମର୍ଥ ନ ଥିଲେ ।

୧) ଶମିରୋଣୀୟମାନେ ଦୁଇ ପ୍ରେରିତମାନଙ୍କ ଦ୍ୱାରା ପବିତ୍ରଆତ୍ମାଙ୍କ ଆଶ୍ଚର୍ଯ୍ୟ ଦାନ ପ୍ରାପ୍ତ ହୋଇଥିଲେ । "ଶମିରୋଣର ଲୋକମାନେ ଯେ, ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରିଅଛନ୍ତି, ଏହା ଯେତେବେଳେ ଯିରୂଶାଲମରେ ଥିବା ପ୍ରେରିତମାନେ ଶୁଣିଲେ, ସେତେବେଳେ ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ ନିକଟକୁ ପଠାଇଲ । ସେମାନେ ଯାଇ ସେହି ଲୋକମାନେ ଯେପରି ପବିତ୍ରଆତ୍ମା ପ୍ରାପ୍ତ ହୁଅନ୍ତି, ଏଥିନିମନ୍ତେ ସେମାନଙ୍କ ପାଇଁ ପ୍ରାର୍ଥନା କଲେ । କାରଣ ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କାହାରି ଉପରେ ଅବତୀର୍ଣ୍ଣ ହୋଇ ନ ଥିଲେ । କେବଳ ସେମାନେ ପ୍ରଭୁଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ସେତେବେଳେ ସେମାନେ ସେମାନଙ୍କ ହସ୍ତାର୍ପଣ କଲେ, ଆଉ ସେମାନେ ପବିତ୍ରଆତ୍ମା ପ୍ରାପ୍ତ ହେଲେ ।" (ପ୍ରେରିତ ୮:୧୪-୧୭) । ଏହି ଶମିରୋଣୀୟମାନେ ବାପ୍ତିଜିତ ହୋଇ, ପ୍ରେରିତ ୨:୨୮ ପଦ ପ୍ରକାରେ ପବିତ୍ରଆତ୍ମାଙ୍କ ବର ପାଇଥିଲେ, କିନ୍ତୁ ପ୍ରେରିତମାନଙ୍କ ହସ୍ତାର୍ପଣ କରିବା ପରେ ପବିତ୍ରଆତ୍ମାଙ୍କ ଦ୍ୱାରା ଆଶ୍ଚର୍ଯ୍ୟ କର୍ମ କରିବାର ଶକ୍ତି ପାଇ ନ ଥିଲେ । ଯିରୂଶାଲମର ପ୍ରେରିତମାନେ ପିତର ଓ ଯୋହନଙ୍କୁ ପ୍ରେରଣ କଲେ ଓ ସେମାନଙ୍କ ହସ୍ତାର୍ପଣ ଦ୍ୱାରା ଶମିରୋଣୀୟ ଖ୍ରୀଷ୍ଟିୟାମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଅନେକ ଆଶ୍ଚର୍ଯ୍ୟକର୍ମ କରିଥିବା ଫିଲିପଙ୍କ ହସ୍ତାର୍ପଣ ଦ୍ୱାରା ସେମାନେ କାହିଁକି ପବିତ୍ର ଆତ୍ମା ପ୍ରାପ୍ତ ହୋଇ ନ ଥିଲେ ? (ପ୍ରେରିତ ୮:୫-୮) । ଉତ୍ତର ହେଲା :- ଯେହେତୁ ସେ ଜଣେ ପ୍ରେରିତ ନ ଥିଲେ । ଫିଲପଙ୍କର ଶକ୍ତି ଥିଲେ, ଯିରୂଶାଲମରୁ ଦୁଇ ପ୍ରେରିତମାନଙ୍କ ଆସିବାର ଆବଶ୍ୟକ ନଥିଲା ।

୨) ପ୍ରେରିତମାନଙ୍କ ହସ୍ତାର୍ପଣ ଦ୍ୱାରା ଫିଲିପ ପବିତ୍ରଆତ୍ମାଙ୍କ "ଆଶ୍ଚର୍ଯ୍ୟକର୍ମ ଦାନ" ପ୍ରାପ୍ତ ହୋଇଥିଲେ । ଲେଖାଯାଏ, "ପୁଣି ଫିଲିପର ଶମିରୋଣର ପ୍ରଧାନ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ଘୋଷଣା କରିବାକୁ ଲାଗିଲେ । ଆଉ, ଲୋକ ସମୂହ ଫିଲିପଙ୍କ କଥା ଶୁଣି ଓ ତାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଦେଖି ଏକଚିତ୍ତରେ ତାଙ୍କ

କଥାରେ ମନୋଯୋଗ କରୁଥିଲେ । ...ନଗରରେ ମହା ଆନନ୍ଦ ହେଲା ।" (ପ୍ରେ:କା: ୮:୫-୮) । ଫିଲିପ ଆଶ୍ଚର୍ଯ୍ୟକର୍ମ କରିବାକୁ କିପରି ଶକ୍ତିପ୍ରାପ୍ତ ହୋଇଥିଲେ ? ଏହାର ଉତ୍ତର ଆମ୍ଭେମାନେ ପ୍ରେରିତ ୬:୧-୬ ପଦରେ ପଢ଼ିଥାଉଁ, ସେଠାରେ ପ୍ରେରିତମାନଙ୍କ ପ୍ରତ୍ୟକ୍ଷ ହସ୍ତାର୍ପଣ ଦ୍ୱାରା ଯିରୁଶାଲମ ମଣ୍ଡଳୀରେ ପରିଚର୍ଯ୍ୟା କରିବାକୁ ସାତଜଣ ମନୋନୀତ ହେବା ବିଷୟ ପଢ଼ିପାରୁଁ । ସ୍ତିଫାନ୍ ସେମାନଙ୍କ ମଧ୍ୟରୁ ଜଣେ ।

ଗ) ପାଉଲଙ୍କ ଦ୍ୱାରା ବାପ୍ତିଜିତ ଦ୍ୱାଦଶ ଏଫିସୀୟ ପୁରୁଷମାନେ ତାହାଙ୍କ ହସ୍ତାର୍ପଣ ଦ୍ୱାରା ପବିତ୍ରଆତ୍ମା ପ୍ରାପ୍ତ ହୋଇଥିଲେ । (ପ୍ରେରିତ ୧୯:୧-୭) । ଏହି ଦ୍ୱାଦଶ ପୁରୁଷ ପବିତ୍ର ଆତ୍ମାଙ୍କ ବର ପାଇବା ସଙ୍ଗେ ସଙ୍ଗେ ପାଉଲଙ୍କ ହସ୍ତାର୍ପଣ ଦ୍ୱାରା ବାପ୍ତିଜିତ ହୋଇଥିଲେ । "ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ, ପବିତ୍ରଆତ୍ମାଙ୍କ ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ ।" (ପ୍ରେରିତ ୧୯:୬) ।

**୫. ଆଶ୍ଚର୍ଯ୍ୟକର୍ମର ଶକ୍ତିର ସମାପନ :**

୧) ଆଶ୍ଚର୍ଯ୍ୟକର୍ମ କରିବାର ଶକ୍ତି, କେବଳ ପ୍ରେରିମାନଙ୍କ ହସ୍ତାର୍ପଣ ଦ୍ୱାରା ସମ୍ଭବପର ହୋଇଥିଲା ବୋଲି ଉପରୋକ୍ତ ବିଶ୍ଳେଷଣରୁ ବୁଝି ପାରିଲୁ । ଅତଏବ ଶେଷ ପ୍ରେରିତଙ୍କ ମୃତ୍ୟୁପରେ, ଆଶ୍ଚର୍ଯ୍ୟକର୍ମ ସାଧନ କରିବାକୁ ଶକ୍ତି ମଧ୍ୟ ସମାପନ ହେଲା ଏବଂ ହସ୍ତାର୍ପଣ ଦ୍ୱାରା ଆଶ୍ଚର୍ଯ୍ୟକର୍ମ ସାଧନ ହେବାର ଶକ୍ତି ପ୍ରାପ୍ତ ଲୋକମାନଙ୍କ ମୃତ୍ୟୁପରେ ଆଶ୍ଚର୍ଯ୍ୟକର୍ମ ସାଧନ କରିବା ସମାପ୍ତ ହେଲା ।

୨) ଏଫିସୀ ୪:୮-୧୩ ପଦଗୁଡିକରେ ପ୍ରେରିତ ପାଉଲ ଆଶ୍ଚର୍ଯ୍ୟକର୍ମ ସାଧନର ସମୟାବଧୀ ବର୍ଣ୍ଣନା କରିଅଛନ୍ତି । "...ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଲେ, ଅର୍ଥାତ୍ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣନୁସାରେ ପୂର୍ଣ୍ଣବୟସ୍କ ପୁରୁଷ ହେଉ ।" (୧୩ପଦ) । ଖ୍ରୀଷ୍ଟଙ୍କ ଜ୍ଞାନ ବିଷୟରେ ପୂର୍ଣ୍ଣ ବୟସ୍କ ହେବା ପର୍ଯ୍ୟନ୍ତ ଅର୍ଥାତ୍ ନୂତନ ନିୟମ ପରିପୂର୍ଣ୍ଣଭାବେ ଲିଖିତ ହେବା ପର୍ଯ୍ୟନ୍ତ ଆଶ୍ଚର୍ଯ୍ୟକର୍ମ ସାଧନକାରୀ ଶକ୍ତି ଏ ଜଗତରେ ଥିଲା । ପ୍ରକାଶିତ ବାକ୍ୟ ଲେଖନର ସମାପ୍ତିପରେ ଆଶ୍ଚର୍ଯ୍ୟ ସଧାନ କରିବାର ଶକ୍ତି ଦ୍ୱାରା ବାକ୍ୟ ପ୍ରମାଣିତ କରିବାର ପ୍ରୟୋଜନ ନ ଥିଲା ।

୩) ପ୍ରଥମ କରିନ୍ଥୀ ୧୨ପର୍ବରେ ପବିତ୍ରଆତ୍ମାଙ୍କ ବରଦାନ ବିଷୟରେ ବର୍ଣ୍ଣନା କରିବା ପରେ, ୧୩ମ ପଦରେ ସେ ପବିତ୍ରଆତ୍ମାଙ୍କ ପ୍ରତ୍ୟକ୍ଷ କର୍ମର ସମାପ୍ତି ହେବ ବୋଲି ପ୍ରେରିତ ପାଉଲ ବର୍ଣ୍ଣନା କରିଅଛନ୍ତି । "...କିନ୍ତୁ ଯଦି ଭାବବାଣୀ ଥାଏ ତାହା ଲୋପ ପାଇବ, ଯଦି ପରଭାଷା ଥାଏ, ସେହିସବୁ ନିବୃତ୍ତି ହେବ, ଯଦି ଜ୍ଞାନ ଥାଏ, ତାହା

ଲୋପ ପାଇବ । କାରଣ ଆମ୍ଭେମାନେ ଆଂଶିକଭାବେ ଜାଣୁ ଓ ଆଂଶିକଭାବେ ଭାବବାଣୀ କହୁ । କିନ୍ତୁ ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ ପାଇବ ।" (୧ମ କରିନ୍ଥୀ ୧୩:୮-୧୦) । ଆଶ୍ଚର୍ଯ୍ୟକର୍ମ ସାଧନ କରିବାର ଶକ୍ତି ଚିରନ୍ତନ ନ ଥିଲା । ଭାବବାଣୀ ଲୋପ ହେବ, ପରଭାଷା ନିବୃତ୍ତି ହେବ, ଜ୍ଞାନ ଲୋପ ହେବ, କେବେ ? ଉତ୍ତର :- "ସିଦ୍ଧ ବିଷୟ ଉପସ୍ଥିତ ହେଲେ ।" (୧୦ମ ପଦ) । ସେମାନେ ପରମେଶ୍ୱରଙ୍କ ଇଚ୍ଛା ଓ ଜ୍ଞାନ ଆଂଶିକଭାବେ ଜ୍ଞାତ ଥିଲେ ଓ ଆଂଶିକଭାବେ ଭାବବାଣୀ ଦ୍ୱାରା ବ୍ୟକ୍ତ କରିଥିଲେ । "ସିଦ୍ଧ" ବିଷୟର ଉପସ୍ଥିତ ଦ୍ୱାରା ଆଂଶିକ ବିଷୟର ଲୋପ ପାଇଅଛି । "ପ୍ରକାଶିତ ବାକ୍ୟ"ର ଲେଖନ ସହ ପବିତ୍ର ଧର୍ମଶାସ୍ତ୍ରର ଲେଖନ ସମାପ୍ତି ହୋଇଅଛି । ଅତଏବ ଆଶ୍ଚର୍ଯ୍ୟକର୍ମ ସାଧନ ଶକ୍ତି ମଧ୍ୟ ସମାପ୍ତି ହୋଇଅଛି ।

୪) ଆଶ୍ଚର୍ଯ୍ୟକର୍ମ ସାଧନ "ଶକ୍ତି"ର "ଉଦ୍ଦେଶ୍ୟ" ସଂପୂର୍ଣ୍ଣ ହେବାପରେ ତାହାର ସମାପ୍ତି ହୋଇଅଛି । ଅର୍ଥାତ୍–ଈଶ୍ୱରଙ୍କ ସଂପୂର୍ଣ୍ଣ ଇଚ୍ଛାର ପ୍ରମାଣସିଦ୍ଧ ସହ ପ୍ରକଟନ ହେବ । ଆଜି ଆଶ୍ଚର୍ଯ୍ୟକର୍ମ ସାଧନ କରୁଅଛନ୍ତି ବୋଲି ଦାବୀ କରିବା ବାଇବଲ ଲେଖନ ଅସଂପୂର୍ଣ୍ଣ ଅଛି ବୋଲି କହିବା ସମାନ । ନୂତନ ପ୍ରକଟନର ପ୍ରମାଣ କରିବାର ଆବଶ୍ୟକତା ଥିଲେ, ଆଶ୍ଚର୍ଯ୍ୟକର୍ମ ସାଧନର ଆବଶ୍ୟକ ପଡିବ । ପ୍ରେରିତମାନଙ୍କ ସମସ୍ତ ସତ୍ୟରେ କଢ଼ାଇ ନେଇ ଯାଇଥିବାରୁ (ଯୋହନ ୧୬:୧୩) । (ଆଂଶିକଭାବେ ନୁହେଁ)– "ପ୍ରକାଶିତ ବାକ୍ୟ"ର ଲେଖନ ଦ୍ୱାରା ପବିତ୍ର ଧର୍ମଶାସ୍ତ୍ର ଲେଖନ ସମାପ୍ତ ହୋଇଅଛି । ଈଶ୍ୱରଙ୍କ ସଂପୂର୍ଣ୍ଣ ଇଚ୍ଛାରେ ଯେକେହି ଯୋଗ ବିଯୋଗ କରେ । ସେ ଶାପଗ୍ରସ୍ତ ହେବେ । "ଯେଉଁମାନେ ଏହି ପୁସ୍ତକ ଭାବବାଣୀକୁ ଶ୍ରବଣ କରନ୍ତି, ସେମାନଙ୍କର ପ୍ରତ୍ୟେକ ଜଣକୁ ମୁଁ ସାକ୍ଷ୍ୟ ଦେଇ କହୁଅଛି, କେହି ଯଦି ଏହିସବୁ ସଙ୍ଗରେ କିଛି ଯୋଗକରେ, ତେବେ ଏହି ପୁସ୍ତକରେ ଲିଖିତ କ୍ଲେଶ ଗୁଡିକ ଈଶ୍ୱର ତାହା ପ୍ରତି ଘଟାଇବେ, ପୁଣି କେହି ଯଦି ଏହି ଭାବାବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ, ତେବେ ଈଶ୍ୱର ଏହି ପୁସ୍ତକରେ ଲିଖିତ ଜୀବନବୃକ୍ଷ ଓ ପବିତ୍ର ନଗରୀରେ ତାହାର ଅଂଶ ଲୋପ କରିବେ ।" (ପ୍ରକାଶିତ ବାକ୍ୟ ୨୨:୧୮-୧୯) । କୌଣସି ନୂତନ ପ୍ରକାଶନ ନାହିଁ, କିଅବା ତାହା ପ୍ରମାଣିତ କରିବା ନିମନ୍ତେ କୌଣସି ଆଶ୍ଚର୍ଯ୍ୟକର୍ମର ଆବଶ୍ୟକତା ନାହିଁ ।

❖❖❖

## ତ୍ରୟୋବିଂଶତମ–କାରଣ

# ଏହାର ଶାସ୍ତ୍ରୀୟ ଶିକ୍ଷା ଏବଂ ପ୍ରଭୁଭୋଜ ପାଳନର ପ୍ରଥା

**(Its scriputral teaching and Observation of the Lord's Supper)**

### ୧. ସ୍ମରଣାର୍ଥ ପ୍ରଥା :

ଖ୍ରୀଷ୍ଟଙ୍କ ମଣ୍ଡଳୀ, "ପ୍ରଭୁଭୋଜ ପାଳନ" ପ୍ରଥାକୁ ଏକ ସ୍ମରଣାର୍ଥକ ପ୍ରଥା ରୂପେ ପାଳନ କରେ । ଖ୍ରୀଷ୍ଟଙ୍କ ମରଣାର୍ଥେ ଏହା ଏକ ପବିତ୍ର ପ୍ରଥା । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀ କି କହନ୍ତି, "କାରଣ ମୁଁ ପ୍ରଭୁଙ୍କଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି, ତାହା ଏହି, ଶତ୍ରୁହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି ପାତ୍ରରୁ ପାନକର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛୁ ।" (୧ମ କରିନ୍ଥୀ ୧୧:୨୩–୨୬) । ଏହି ବାକ୍ୟାଂଶରେ "ମୋତେ ସ୍ମରଣ କର" ବୋଲି ଦୁଇଥର କୁହାଯାଇଅଛି । ଏହି ବିଷୟ ଲୂକ ୨୨:୧୯–୨୩ ପଦରେ ଯୀଶୁ ଉଲ୍ଲେଖ କରିବା ବିଷୟ ପଢ଼ିପାରିଥାଉଁ । କେବଳ ତାହାଙ୍କ ମରଣ ନୁହେଁ, ତାହାଙ୍କ ଜନ୍ମ, ଜୀବନ ଶୈଳୀ, ଶିକ୍ଷା ମଧ୍ୟ ପ୍ରଭୁଭୋଜ ପାଳନ ସମୟରେ ସ୍ମରଣ କରିଥାଉଁ ।

ଖ୍ରୀଷ୍ଟଙ୍କ ସ୍ମରଣାର୍ଥେ ଏହି ପ୍ରଥା ପାଳନ କରିବା ନିମନ୍ତେ ଖ୍ରୀଷ୍ଟ ଆଜ୍ଞା ଦେଇଥିଲେ । ତଥାପି ଅନେକେ ଖ୍ରୀଷ୍ଟଙ୍କ ଏହି ଆଜ୍ଞା ସ୍ମରଣ କରନ୍ତି ନାହିଁ । ଭାବବାଣୀ ଯିରିମିୟଙ୍କ ଦ୍ୱାରା ସଦାପ୍ରଭୁ କହନ୍ତି, "କନ୍ୟା କି ଆପଣା ଅଳଙ୍କାର ଓ ବିବାହିତା କନ୍ୟା କି ଆପଣା ଭୂଷଣ ପାସୋରି ପାରେ ? ତଥାପି ଆମ୍ଭର ଲୋକେ ଆମ୍ଭକୁ ଅସଂଖ୍ୟ ଦିନ ପାସୋରି ଅଛନ୍ତି ?" (ଯିରିମିୟ ୨:୩୨) ।

### ୨) ଏହି ସ୍ମରଣାର୍ଥେ ପ୍ରଥା ଦ୍ୱାରା ଖ୍ରୀଷ୍ଟଙ୍କ ମୃତ୍ୟୁ ପ୍ରଚାରିତ ହୁଏ :

"କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହିପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ ।" (୧ମ୍ କରିନ୍ଥୀ ୧୧:୨୬) । ଅତଏବ ପ୍ରତ୍ୟେକ ଯୁଗ ନିମନ୍ତେ ଏହି ପ୍ରଥା ନିରବ ସାକ୍ଷୀ । ଯେକୌଣସି ସ୍ଥାନରେ ଏହି ପ୍ରଥା ପାଳିତ ହୁଏ, ସେଠାରେ ଖ୍ରୀଷ୍ଟଙ୍କ ମରଣ, ପୁନରୁତ୍ଥାନ ଓ ଦ୍ୱିତୀୟ ଆଗମନ ପ୍ରଚାରିତ ହୁଏ । ଏକ ସୈନିକର କବର, ଯେପରି ତାହାଙ୍କ ଦେଶପ୍ରତି ତ୍ୟାଗ

ସ୍ମରଣ କରାଏ, "ପ୍ରଭୁଭୋଜ ପାଳନ"ର ପ୍ରଥା ଯେପରି ଖ୍ରୀଷ୍ଟଙ୍କ ସମସ୍ତ ମନୁଷ୍ୟଜାତି ନିମନ୍ତେ ଈଶ୍ୱରଙ୍କ ପୁତ୍ରଙ୍କ ତ୍ୟାଗ ସ୍ମରଣ କରାଯାଏ । ଯେଉଁମାନେ ଏହି ପ୍ରଥାରେ ଭାଗୀ ହୁଅନ୍ତି ନାହିଁ, ସେମାନେ ସନ୍ତାନର ପାତ୍ର ।

୩) ଏହି ସ୍ମରଣାର୍ଥେ ପ୍ରଥାରେ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ପ୍ରଚାରିତ ହୁଏ :

"କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ, ପ୍ରଚାର କରୁଅଛ ।" (୧ମ କରିନ୍ଥୀ ୧୧:୨୬) । ଅନ୍ୟ ପକ୍ଷରେ କହିବାକୁ ଗଲେ, ଏହି ପ୍ରଥା ଦ୍ୱାରା ଖ୍ରୀଷ୍ଟଙ୍କ ମରଣ ପ୍ରଚାରିତ ହେଉଅଛି । ଏହା ଏକ ସାପ୍ତାହିକ ସ୍ମରଣାର୍ଥେ ପ୍ରଥା । ଅତୀତରେ ତାହାଙ୍କ ମୃତ୍ୟୁ ଓ ଭବିଷ୍ୟତରେ ତାହାଙ୍କ ପୁନଃରୁତ୍ଥାନ ପ୍ରଚାରିତ ହୁଏ ।

୪) ଏହି ପ୍ରଥା ଦ୍ୱାରା "ନୂତନ ନିୟମ" ପ୍ରଚାରିତ ହୁଏ :

"... ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ", (୧ମ କରିନ୍ଥୀ ୧୧:୨୫) । ପରମେଶ୍ୱର ଓ ମନୁଷ୍ୟ ମଧ୍ୟରେ ସ୍ଥାପିତ ନୂତନ ନିୟମର ସ୍ମରଣାର୍ଥେ ଚିହ୍ନ, ଏହି "ପାନ ପାତ୍ର" ।

୨. ପ୍ରଭୁଭୋଜ ପାଳନର ସମୟ ବ୍ୟବଧାନ :

୧) ଆରାଧନାର ଏକ ଅଂଶ । ପ୍ରଭୁ ଭୋଜନ ପାଳନ କେତେ ସମୟ ବ୍ୟବଧାନରେ ପାଳନ କରିବା ଆବଶ୍ୟକ ? ଏହା କି ମନୁଷ୍ୟ ନିରୂପଣ କରିପାରେ ? ପରମେଶ୍ୱରଙ୍କ ଆରାଧନାର ପଦ୍ଧତିର ନିୟମ ନିର୍ଦ୍ଧାରଣ କରିବା ମନୁଷ୍ୟ ଅଧିକୃତ ନୁହେଁ । ଏହା କେବଳ ପରମେଶ୍ୱରଙ୍କ ଅଧିକାର । ସଦାପ୍ରଭୁ ପରମେଶ୍ୱର ଏକ ବିଭାଗର ଖ୍ରୀଷ୍ଟିୟାନମାନଙ୍କ ମାସିକ ଓ ଅନ୍ୟ ଏକ ବିଭାଗର ଖ୍ରୀଷ୍ଟିୟାନମାନଙ୍କୁ ସାପ୍ତାହିକ ଭାବେ ପାଳନ କରିବା ନିମନ୍ତେ କି ଆଜ୍ଞା ଦେଇ ଅଛନ୍ତି ? କଦାପି ନୁହେଁ, ମନୁଷ୍ୟ ଆପଣା ସ୍ୱନୀତି ପରମେଶ୍ୱରଙ୍କ ନିୟମରେ ସଂପୃକ୍ତ କରି, ଆପଣା ଆପଣା ସ୍ୱଇଚ୍ଛାରେ ଆରାଧନା କରୁଅଛନ୍ତି । ପରମେଶ୍ୱରଙ୍କ ବାକ୍ୟରେ ଯଦି ପ୍ରଭୁଭୋଜ ପାଳନର ସମୟ ବ୍ୟବଧାନ ଲେଖଆଯାଇ ନ ଥାନ୍ତା, ତାହାହେଲ ମନୁଷ୍ୟ ଆପଣା ଇଚ୍ଛାରେ ପାଳନ କରିବା ଦ୍ୱାରା ପାପ ହୋଇ ନ ଥାନ୍ତା ।

୨) ପ୍ରଥମ ଶତାବ୍ଦୀରେ ସ୍ଥାପିତ "ଖ୍ରୀଷ୍ଟଙ୍କ ମଣ୍ଡଳୀ, ...ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ" ଥିଲେ । (ପ୍ରେରିତ ୨:୪୨) । ଅର୍ଥାତ୍ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ନିୟମିତ ଭାବେ ପ୍ରଭୁଭୋଜ ପାଳନ କରୁଥିଲେ । ଏହା ସେମାନଙ୍କ ନିମନ୍ତେ "ସୁଯୋଗ-ସୁବିଧା"ର

ପ୍ରଥା ନ ଥିଲା । ଏହି ପ୍ରଥାର ପ୍ରଧାନ୍ୟତା ନଥିଲେ, ଥିୟଫୁଲଙ୍କୁ ବୈଦ୍ୟ ଲୂକ ଉଲ୍ଲେଖ କରି ନ ଥାନ୍ତେ ।

୩) ତ୍ରୋୟାର ଖ୍ରୀଷ୍ଟିୟାନମାନେ ପ୍ରତି ସପ୍ତାହର ପ୍ରଥମ ଦିନରେ ରୋଟୀ ଭାଙ୍ଗିବା ନିମନ୍ତେ ଏକତ୍ରିକ ହେଉଥିଲେ । "ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହେଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟମ ହୋଉଥିବାରୁ...।" (ପ୍ରେ:କା: ୨୦:୭) । ଏହି ବାକ୍ୟ ଆମ୍ଭମାନଙ୍କୁ କେତୋଟି ସତ୍ୟତା ପ୍ରମାଣିତ କରେ ।

କ) ସେମାନଙ୍କ ସପ୍ତାହର ପ୍ରଥମଦିନରେ ଏକତ୍ରିତ ହେବା ବାକ୍ୟନୁଯାୟୀ ଥିଲା, ନଚେତ୍ ପ୍ରେରିତ ପାଉଲ, ସେମାନଙ୍କ କାର୍ଯ୍ୟକୁ ନିମନ୍ତେ ଦୋଷୀ ସାବ୍ୟସ୍ତ କରିଥା'ନ୍ତେ ।

ଖ) ସେମାନେ ମୁଖ୍ୟତଃ ପ୍ରଭୁଭୋଜ ପାଳନ କରିବା ନିମନ୍ତେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହୋଇଥିଲେ । କେଉଁ ଦିନ ? ଅବଶ୍ୟ ସପ୍ତାହରେ "ପ୍ରଥମ ଦିନ" ନଥାଇ କୌଣସି ସପ୍ତାହ ନାହିଁ, କିଅବା କୌଣସି ସପ୍ତାହର ଦୁଇଟି "ପ୍ରଥମ ଦିନ" ନାହିଁ ।

ଗ) "ପ୍ରତି ସପ୍ତାହର ପ୍ରଥମଦିନ" ବୋଲି ତ ଉଲ୍ଲେଖ କରାଯାଇ ନାହିଁ ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠିପାରେ । ଯିହୂଦୀମାନଙ୍କୁ ସଦାପ୍ରଭୁ "ପ୍ରତି ବିଶ୍ରାମର ଦିନ ପବିତ୍ରରୂପେ ପାଳନ କରିବାକୁ ସ୍ମରଣ କର", ବୋଲି ଆଜ୍ଞା ନ ଦେଇ "ବିଶ୍ରାମ ଦିନ ପବିତ୍ରରୂପେ ପାଳନ କରିବାକୁ ସ୍ମରଣ କର ।" (ଯାତ୍ରା ୨୦:୭) ବୋଲି ଆଜ୍ଞା ଦେଇଥିଲେ । ପ୍ରଥମ ଶାତବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରେରିତମାନଙ୍କ ଶିକ୍ଷାନୁଯାୟୀ ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନ କରୁଥିଲେ । ଆମ୍ଭେମାନେ ମଧ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କର ଅନୁସରଣ କରୁ ।

ଘ) ଆମ୍ଭେମାନେ ସମସ୍ତେ ଜାଣୁ ଯେ, ସପ୍ତାହର ପ୍ରଥମ ଦିବସ ଖ୍ରୀଷ୍ଟଙ୍କ ପୁନଃରୁଥାନ ଦିବସ ପାଳନ କରାଯାଏ । ଖ୍ରୀଷ୍ଟଙ୍କ ପୁନଃରୁଥାନ ସାପ୍ତାହିକ ଭାବେ ସ୍ମରଣ କରିବା ସମୟରେ, ଖ୍ରୀଷ୍ଟଙ୍କ ମରଣ ବର୍ଷକୁ ଥରେ, କିଅବା ଛଅମାସକୁ ଥରେ, ମାସକୁ ଥରେ ସ୍ମରଣ କରିବା କି ଯୁକ୍ତିଯୁକ୍ତ ?

ଙ) କରିନ୍ଥୀର ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେବା ସମୟରେ "ପ୍ରଭୁଭୋଜ" ପାଳନ କରୁଥିଲେ । ସେମାନେ ଆପଣା ଆପଣା କ୍ଷୁଧା ତୃଷ୍ଣା ମେଣ୍ଟାଇବା ନିମନ୍ତେ ଏହି ପ୍ରଥାକୁ ଅସତ୍‌ବ୍ୟବହାର କରିଥିବାରୁ ପ୍ରେରିତ ପାଉଲ ସେମାନଙ୍କୁ ଭର୍ତ୍ସନା କରିଥିଲେ । ଦ୍ୱିତୀୟରେ ଦାନ ସଂଗ୍ରହ ବିଷୟରେ ପାଉଲ ସେମାନଙ୍କୁ ଆଜ୍ଞା ଦେଇ କହିଥିଲେ, "ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡିବ ନାହିଁ,

ଏଥିନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି ସଞ୍ଚୟ କରି ରଖ ।" (୧ମ କରିନ୍ଥୀ ୧୬:୨) । ଅତଏବ ଏହି ବାକ୍ୟାଂଶରୁ ପ୍ରମାଣିତ ହୁଏ ଯେ, ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରତି ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନ କରୁଥିଲେ ।

**୩) ପ୍ରଭୁଭୋଜ ପାଳନରେ କିଏଁ ସହଭାଗୀ ହୋଇପାରେ :**

କ) ପ୍ରେରିତ ୨:୪୨, ପ୍ରେରିତ ୨୦:୭, ୧ମ କରିନ୍ଥୀ ୧୧:୩୦ ପଦ ଗୁଡ଼ିକରେ ମଣ୍ଡଳୀର ସଭ୍ୟମାନେ ଏହି ପ୍ରଥାରେ ସହଭାଗୀ ହୋଇଥିଲେ ବୋଲି ଜାଣିପାରୁ ।

ଖ) ଯେଉଁମାନେ ଖ୍ରୀଷ୍ଟଙ୍କ ରାଜ୍ୟର ପ୍ରଜା ଅଟନ୍ତି– "ଏଣୁ ମୋହର ପିତା ଯେପରି ମୋ ନିମନ୍ତେ ରାଜ୍ୟ ନିରୂପଣ କଲେ, ମୁଁ ମଧ୍ୟ ସେପରି ତୁମ୍ଭମାନଙ୍କ ନିମନ୍ତେ ନିରୂପଣ କରୁଅଛି । ଯେପରି ତୁମ୍ଭେମାନେ ମୋହର ରାଜ୍ୟରେ ମୋ ମେଜରେ ଭୋଜପାନ କରିବ, ପୁଣି ସିଂହାସନରେ ଉପବେଶନ କରି ଇସ୍ରାଏଲରକ ଦ୍ୱାଦଶ ଗୋଷ୍ଠୀ କି ଶାସନ କରିବ ।" (ଲୂକ ୨୨:୨୯-୩୦) । ଖ୍ରୀଷ୍ଟଙ୍କ ରାଜ୍ୟର ପ୍ରଜାମାନଙ୍କୁ ଏହି ସୌଭାଗ୍ୟ ଦତ୍ତ ହୋଇଅଛି ।

ଗ) ଏହା "ପ୍ରଭୁଙ୍କ ଭୋଜନ" ଓ "ପ୍ରଭୁଙ୍କ ମେଜ" । ତେଣୁକରି ଯେଉଁମାନେ ପ୍ରଭୁଙ୍କଠାରେ ଅଛନ୍ତି, ସେମାନେ ଏହି ଭୋଜନରେ ସହଭାଗୀ ହେବେ ।

ଘ) କିଏ ପ୍ରଭୁଭୋଜ ପାଳନରେ ସହଭାଗୀ ହେବା ମନୁଷ୍ୟର ଅଧିକାର ବଶରେ ନାହିଁ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "କିନ୍ତୁ ମନୁଷ୍ୟକୁ ପରୀକ୍ଷା କରୁ, ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ ଓ ଏହି ପାତ୍ରରୁ ପାନ କରୁ ।" (୧ମ କରିନ୍ଥୀ ୧୧:୨୮) । ଖ୍ରୀଷ୍ଟିୟାନ ଆପଣାର ପରୀକ୍ଷା କରୁ, ଅନ୍ୟର ନୁହେଁ । ଏହା ଖ୍ରୀଷ୍ଟିୟାନର ଖ୍ରୀଷ୍ଟଙ୍କ ସହ ସହଭାଗିତା । (୧ମ କରିନ୍ଥୀ ୧୦:୧୬) ।

**କେତୋଟି ପ୍ରଶ୍ନ :**

୧) ପ୍ରତି ସପ୍ତାହରେ "ପ୍ରଭୁଭୋଜ ପାଳନ" କଲେ, ଏହାର ପବିତ୍ରତା କି କ୍ଷୀଣ ହୁଏ ନାହିଁ ବୋଲି ଅନେକେ ପ୍ରଶ୍ନକରି ଥାଆନ୍ତି । କଦାପି ନୁହେଁ , ଆମ୍ଭେମାନେ ଯେପରି ସାପ୍ତାହିକ ଭାବେ ଆରାଧନା କରୁ, ସେହିପରି ସାପ୍ତାହିକ ଭାବେ ପ୍ରଭୁଭୋଜରେ ସହଭାଗୀ ହେଉ ।

୨) ଯୋଗ୍ୟଭାବେ କିଅବା ଅଯୋଗ୍ୟଭାବେ ପ୍ରଭୁଭୋଜ ପାଳନର ଅର୍ଥ କଅଣ ? (୧ମ କରିନ୍ଥୀ ୧୧:୨୭) । ଏଠାରେ ଖ୍ରୀଷ୍ଟିୟାନ ପ୍ରଭୁଭୋଜରେ ପାଳନର ପଦ୍ଧତି ବିଷୟରେ କୁହାଯାଏ, ମନୁଷ୍ୟ ସ୍ୱଯୋଗ୍ୟତା ବିଷୟରେ କୁହାଯାଏ ନାହିଁ ।

୩) "ଏହି ପାତ୍ରର ଅର୍ଥ କଅଣ ?" (୧ମ କରିନ୍ଥୀ ୧୧:୨୫) । ଏଠାରେ ପାତ୍ରର ଅର୍ଥ, ପାତ୍ରର ଥିବା ଦ୍ରାକ୍ଷାରସ ।

୪) ପ୍ରଭୁଭୋଜରେ ଗ୍ରହଣ କରୁଥିବା "ରୋଟୀ" ପ୍ରଭୁଙ୍କ ଆପଣା ଶରୀର ଓ "ଦ୍ରାକ୍ଷାରସ" ଖ୍ରୀଷ୍ଟଙ୍କ ସ୍ୱରକ୍ତର ପରିବର୍ତ୍ତନ ହୁଏ କି ? "Consubstantiation" ଓ "Transubstantiation" ବୋଲି ଏହି ସିଦ୍ଧାନ୍ତ କାଥଲିକ୍ ସମାଜରେ ପ୍ରଚଳିତ । ଯାଜକଙ୍କ ପ୍ରାର୍ଥନା ଦ୍ୱାରା ରୋଟୀ ଖ୍ରୀଷ୍ଟଙ୍କ ଶରୀର ଓ ଦ୍ରାକ୍ଷାରସ ଖ୍ରୀଷ୍ଟଙ୍କ ରକ୍ତରୂପେ ପରିବର୍ତ୍ତିତ ହୁଏ ବୋଲି ସେମାନଙ୍କ ବିଶ୍ୱାସ । କିନ୍ତୁ ଯୀଶୁ ରୋଟୀ ଓ ଦ୍ରାକ୍ଷାରସ ତାହାଙ୍କ ମରଣ, ସମାଧି ଓ ପୁନଃରୁତ୍ଥାନ ସ୍ମରଣ କରିବା ନିମନ୍ତେ ଆଦେଶ ଦେଇ ଅଛନ୍ତି । ଏହା ହିଁ ନୂତନ ନିୟମ ।

❖❖❖

# ଚର୍ତୁବିଂଶତମ–କାରଣ

# ଗୀତ ଗାଇବାରେ ଏହା ବାକ୍ୟ ଅନୁସରଣ କରେ

**(It has scriptural music in worship !).**

୧. **ପରିଚୟ :**

୧) ପ୍ରତ୍ୟେକ ଧାର୍ମିକ ସଂଗଠନ, ନୂତନ ନିୟମର ଆରାଧନାରେ ଗୀତ ଗାୟନ ଏକ ଅଂଶ ବୋଲି ସମ୍ମତ ଅଟନ୍ତି । କିନ୍ତୁ ଏହି ଗୀତ ଗାୟନ ମନୁଷ୍ୟର କଣ୍ଠସ୍ୱର ଜନିତ କିଅବା ଯାନ୍ତ୍ରିକ ସଂଗୀତ ଓ ବିଷୟରେ ଏକମତ ନୁହନ୍ତି । ନୂତନ ନିୟମର ଶିକ୍ଷକ, ନିନ୍ଦକ, ଇତିହାସିକ ପ୍ରତ୍ୟେକ ନୂତନ ନିୟମର ଗୀତ ଗାୟନ ବିଷୟରେ ସ୍ପଷ୍ଟଭାବେ ବ୍ୟକ୍ତ କରିଅଛନ୍ତି ।

୨) ଏହି ପୁସ୍ତକର ପ୍ରଥମ ଅଧ୍ୟାୟରୁ, ପୁସ୍ତକ କର୍ତ୍ତା ଖ୍ରୀଷ୍ଟଙ୍କ ମଣ୍ଡଳୀର ମୌଳିକ ସୂତ୍ର ଉଲ୍ଲେଖ କରି ଆସୁଅଛନ୍ତି । ଯାହା ହେଲା, "ବାଇବଲ ଯାହା କହେ ତାହା କହୁ; ଯେଉଁ ବିଷୟରେ ମୌନ ରହେ, ସେ ବିଷୟରେ ମୌନ ରହୁ ।" ଏହି ମୌଳିକ ସୂତ୍ର ଯୋଗୁଁ, ନୂତନ ନିୟମରେ ବାଦ୍ୟ ସଂଗୀତ ବ୍ୟବହୃତ ହୁଏ ନାହିଁ ।

୨. **ନୂତନ ନିୟମର ଗୀତ ଗାୟନ :**

୧) ନୂତନ ନିୟମରେ ଗୀତ ଗାୟନର କେତୋଟି ଘଟଣା (କ) "ପୁଣି ସେମାନେ ସ୍ତବ ଗାନ କଲା ଉତ୍ତାରେ ଜୀତପର୍ବତକୁ ବାହାରି ଗଲେ ।" (ମାଥିଉ ୨୬:୩୦) । (ଖ) "କିନ୍ତୁ ପ୍ରାୟ ମଧ୍ୟରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ ।" (ପ୍ରେରିତ ୧୬:୨୫) । "ଏଥିପାଇଁ ମୁଁ ବିଜାତିମାନଙ୍କ ମଧ୍ୟରେ ତୁମ୍ଭର ପ୍ରଶଂସା କରିବି, ଆଉ ତୁମ୍ଭ ନାମର କୀର୍ତ୍ତନ କରିବି ।" (ରୋମୀୟ ୧୫:୯) । (ଗ) "...ଆତ୍ମା ଦ୍ୱାରା ସ୍ତୁତିଗାନ କରିବି, ପୁଣି ସହିତ ମଧ ସ୍ତୁତିଗାନ କରିବି ।" (୧ମ କରିନ୍ଥୀ ୧୪:୧୫) । (ଘ) "ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତଗାନ କର ।" (ଏଫିସୀ ୫:୧୯) । (ଙ) "ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ; ତୁମ୍ଭେମାନେ ପରସ୍ପରରକୁ ସଂପୂର୍ଣ୍ଣ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନକର ।" (କଲସୀ ୩:୧୬) । (ଚ) "... ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣା କରିବି, ସମାଜ

ମଧ୍ୟରେ ତୁମ୍ଭର ପ୍ରଶଂସା ଗାନ କରିବି ।" (ଏବ୍ରୀ ୨:୧୨) । (ଛ) "ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାରକାରୀ ଓଷ୍ଠାଧରର ଫଳ ନିତ୍ୟ ଉତ୍ସର୍ଗ କରୁ ।" (ଏବ୍ରୀ ୧୩:୧୫) । (ଜ) "ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ଦୁଃଖଭୋଗ କରୁଅଛ ? ସେ ପ୍ରାର୍ଥନା କରୁ । କେହି କଅଣ ଆନନ୍ଦିତ ଅଟେ ? ସେ ଗୀତଗାନ କରୁ ।" (ଯାକୁବ ୫:୧୩) ।

୨) ଖ୍ରୀଷ୍ଟ, ଆରାଧନାରେ ଯାନ୍ତ୍ରିକ ସଂଗୀତର ବ୍ୟବାହର ବିଷୟରେ ଉଲ୍ଲେଖ କରି ନାହାନ୍ତି । ଖ୍ରୀଷ୍ଟଙ୍କ ମଣ୍ଡଳୀ, ଏକ ନୂତନ ନିୟମର ସଂସ୍ଥା ଏବଂ ନୂତନ ନିୟମରେ ଆରାଧନାର ଆବଶ୍ୟକ ବିଷୟ ଗୁଡିକ କୁହାଯାଇଅଛି । ନୂତନ ନିୟମର ଆରାଧନା କ୍ରମରେ ଯାନ୍ତ୍ରିକ ସଙ୍ଗୀତ ବ୍ୟବହାର ବିଷୟର କିଛି କୁହାଯାଏ ନାହିଁ । ଏଦ୍ୱାରା ଏହା ପ୍ରମାଣିତ ହୁଏ ଯେ, ଯେଉଁମାନେ ଆରାଧନାରେ ଯାନ୍ତ୍ରିକ ସଙ୍ଗୀତ ବ୍ୟବହାର କରୁଅଛନ୍ତି, ସେମାନେ ବାକ୍ୟନୁଯାୟୀ ଆରାଧନା ନକରି, ସ୍ୱଇଚ୍ଛାରେ ଆରାଧନା କରୁଅଛନ୍ତି । ଆମ୍ଭେମାନେ ଆଧାତ୍ମିକ ବିଷୟରେ ଆପଣା ସ୍ୱନୀତି, ସ୍ୱଇଚ୍ଛା ଯୋଗ ନକରୁ ।

୩) ଦୁଇ ପ୍ରକାର ଆଜ୍ଞାଗୁଡିକ ରହିଅଛି :- ନିର୍ଦ୍ଦିଷ୍ଟ (Specific) ଓ ସାଧାରଣ (Generic), ଉଦାହରଣ ସ୍ୱରୂପ :- "ତୁମ୍ଭେ ଗୋଫର୍ କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କର ।" (ଆଦି ୬:୧୪) । ଏହା ନୋହଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଆଜ୍ଞା । ସଦାପ୍ରଭୁ ଅନ୍ୟ କୌଣସି କାଷ୍ଠ ବ୍ୟବାହର ନ କରିବା ନିମନ୍ତେ ଆଜ୍ଞା ଦେବା ଅନାବଶ୍ୟକ । ଯଦି ସଦାପ୍ରଭୁ "କାଷ୍ଠରେ ଗୋଟିଏ ଜାହାଜ ନିର୍ମାଣ କର" ବୋଲି ଆଜ୍ଞା ଦେଇ ଥାଆନ୍ତି, ନୋହ ଯେକୌଣସି କାଷ୍ଠରେ ନିର୍ମାଣ କରିଥିଲେ, ପାପ ହୋଇ ନ ଥାଆନ୍ତା । ଠିକ୍ ସେହିପରି ପ୍ରଭୁ ଆମ୍ଭମାନଙ୍କ ହୃଦୟ ସହ ଗୀତ ଗାଇବା ନିମନ୍ତେ ଆଜ୍ଞା ଦେଇ ଥିବାରୁ, ଯାନ୍ତ୍ରିକ ସଙ୍ଗୀତ ବ୍ୟବହାର ନ କରିବା ନିମନ୍ତେ ଆଜ୍ଞା ଦେବା ଅନାବଶ୍ୟକ ।

**୩. ଯାନ୍ତ୍ରିକ ସଙ୍ଗୀତ ବିଷୟରେ କେତୋଟି ବିଶ୍ଳେଷଣ :**

**୧) ପ୍ରଥମ ଯୁକ୍ତି :**

(କ) ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପଯୋଗୀ । (୨ୟ ତୀମଥି ୩:୧୬,୧୭) ।

(ଖ) ଯାନ୍ତ୍ରିକ ସଙ୍ଗୀତରେ ବ୍ୟବହାର ବିଷୟରେ ନୂତନ ନିୟମରେ ଲିଖିତ ହୋଇନାହିଁ ।

(ଗ) ଅତଏବ, ଆରାଧନାରେ ଯାନ୍ତ୍ରିକ ସଙ୍ଗୀତ ଏକ ଉତ୍ତମ କାର୍ଯ୍ୟ ନୁହେଁ ।

**୨) ଦ୍ୱିତୀୟ ଯୁକ୍ତି :**

(କ) ଯାହା ଲିଖିତ ହୋଇଅଛି, ତାହା ଅତିକ୍ରମ ନକରୁ । (୧ମ କରିନ୍ଥୀ ୪:୬) ।
(ଖ) ନୂତନ ନିୟମରେ ଯାନ୍ତ୍ରିକ ସଙ୍ଗୀତର ବ୍ୟବହାର ବିଷୟରେ ଲିଖିତ ହୋଇନାହିଁ ।
(ଗ) ଏତଏବ, ଯାନ୍ତ୍ରିକ ସଙ୍ଗୀତ ବ୍ୟବହାର କରିବା ଲିଖିତ ବାକ୍ୟ ଅତିକ୍ରମ କରିବା ।

୩) **ତୃତୀୟ ଯୁକ୍ତି :**

(କ) "ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ।
(କ) ନୂତନ ନିୟମରେ ଯାନ୍ତ୍ରିକ ବାଦ୍ୟ ବ୍ୟବହୃତ ହେବା ଘଟଣା ବିଷୟରେ ଲିଖିତ ହୋଇନାହିଁ ।
(ଗ) ଅତଏ. ଏହା ପ୍ରମାଣିତ ହୁଏ ଯେ, "ଯାନ୍ତ୍ରିକ ବାଦ୍ୟ" ବିଶ୍ୱାସରୁ ଜାତ ନୁହେଁ ।

୪) **ଚତୁର୍ଥ ଯୁକ୍ତି :**

(କ) "ଆମ୍ଭମାନଙ୍କ ଜୀବନ ଓ ଧର୍ମ ପରାୟଣତା ନିମନ୍ତେ ଆବଶ୍ୟକୀୟ ବିଷୟ ସଦାପ୍ରଭୁ ଆମ୍ଭମାନଙ୍କୁ ଦାନ କରି ଅଛନ୍ତି ।" (୨ୟ ପିତର ୧:୩) ।
(ଖ) ଯାନ୍ତ୍ରିକ ବାଦ୍ୟ ଆମ୍ଭମାନଙ୍କୁ ନୂତନ ନିୟମରେ ଦତ୍ତ ହୋଇନାହିଁ ।
(ଗ) ଅତଏବ, ଆମ୍ଭମାନଙ୍କ ଜୀବନ ଓ ଧର୍ମପରାୟଣତା ନିମନ୍ତେ "ଯାନ୍ତ୍ରିକ ବାଦ୍ୟ"ର ଆବଶ୍ୟକତା ନାହିଁ ।

## ୪. ସାଲ୍ଲୋ (Psalloh) :

୧) ଗ୍ରୀକ୍ ପଦ "Psalla"ର ଅର୍ଥ କି "ଯାନ୍ତ୍ରିକ ବାଦ୍ୟ ସହ ସଙ୍ଗୀତ" ନୁହେଁ ବୋଲି ଅନେକେ ଯୁକ୍ତି କରିଥାଆନ୍ତି । ଏହା ଯଦି ସତ୍ୟ ଅଟେ, ତେବେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯାନ୍ତ୍ରିକ ବାଦ୍ୟ ସହ ଗୀତ ଗାୟନ ନ କଲେ ସଦାପ୍ରଭୁଙ୍କ ଆଜ୍ଞା ଲଂଘନ କରୁଅଛନ୍ତି ।

୨) "ସାଲ୍ଲୋ" ପଦର ଅର୍ଥ :- (୧) ବାଳ ଟାଣିବା, (୨) ଧନୁର ଶବ୍ଦ ନିମନ୍ତେ ଟାଣିବା, (୩) ବଢ଼େଇର ସୂତା ଟାଣିବା, (୪) ଯାନ୍ତ୍ରିକ ବାଦ୍ୟ ଦ୍ୱାରା ସ୍ୱର ସୃଷ୍ଟି କରିବା, (୫) ସମସ୍ତ ହୃଦୟ ସହ ପ୍ରଶଂସା ଗାନ କରିବା ।

ପ୍ରଶ୍ନ ଉଠେ, ନୂତନ ନିୟମରେ କେଉଁ ପ୍ରକାରେ ଗୀତ ଗାୟନ କରିବା ଆବଶ୍ୟକ ? "ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତଗାନ କର ।" (ଏଫିସୀ ୫:୧୯), ବୋଲି ନୂତନ ନିୟମରେ ଲିଖିତ ହୋଇଥିବାରୁ ଆସ ଆମ୍ଭେମାନେ ହୃଦୟ ସହ ସଦାପ୍ରଭୁ ପରମେଶ୍ୱରଙ୍କ ଧନ୍ୟବାଦ ଦେଉ ।

## ୫. ଧାର୍ମିକ ନେତାମାନଙ୍କ ମତ :

୧) Presbyterian ମଣ୍ଡଳୀର ସଂସ୍ଥାପକ John Calvin କହିଥିଲେ. "ଧୂପ ଉତ୍ସର୍ଗ,

ଦୀପସ୍ତମ୍ଭ ପ୍ରଭୃତି ପୁରାତନ ନିୟମର ପ୍ରଥା ସଦୃଶ୍ୟ ଯାନ୍ତ୍ରିକ ବାଦ୍ୟ ସଙ୍ଗୀତ ନୂତନ ନିୟମରେ ନିରର୍ଥକ ଅଟେ । ବୃଥାରେ ରୋମନ୍ କାଥଲିକମାନେ ଯିହୂଦୀୟ ପ୍ରଥାକୁ ଅନୁସରଣ କରନ୍ତି ।" (John Calvin's Commentary, Thirty-Three Psalm)

୨) Methodist ଶାଖାର ପ୍ରମୁଖ୍ୟ ବ୍ୟାଖ୍ୟାନ କର୍ତ୍ତା Adam Clarke କହନ୍ତି, "ସଙ୍ଗୀତ ଏକ କଳା । ଏହି କଳାକୁ ମୁଁ ସମାଦର କରେ । କିନ୍ତୁ ଖ୍ରୀଷ୍ଟୀୟ ଆରାଧନାରେ ଯାନ୍ତ୍ରିକ ସଙ୍ଗୀତର ବ୍ୟବହାର ଆଶୀର୍ବାଦ ଯୁକ୍ତ ନ ହୋଇ କ୍ଷତିକାରକ ଅଟେ । ମୁଁ ଏପରି ପ୍ରଥାର ବିରୁଦ୍ଧ ।" (Clarke's Commentary Vol. IV. P.686)

୩) Methodist ମଣ୍ଡଳୀର ସଂସ୍ଥାପକ .... କହନ୍ତି । "ମୁଁ ଯାନ୍ତ୍ରିକ ବାଦ୍ୟର ବିରୁଦ୍ଧ ନୁହେଁ । କିନ୍ତୁ ଏହା ଆଧାତ୍ମିକ ଆରାଧନାରେ ଦେଖା ନ ଯାଉ, କିଅବା ଶୁଣା ନ ଯାଉ ।" (Clarke's Commentary Music. P. 762).

୪) Martin Luther ଏକ ପ୍ରଖ୍ୟାତ ସଂସ୍କରକ କହିଲେ, "ଯାନ୍ତ୍ରିକ ବାଦ୍ୟ ବାଲଦେବତାର ଏକ ଅସ୍ତ୍ର ।" (Mc Clintock E. Strong's Enclopedia, Music Vol. O-764).

୫) Charles H. Spurgon, ବାପ୍ଟିଷ୍ଟ ମଣ୍ଡଳୀର ସୁବିଖ୍ୟାତ ପ୍ରଚାରକ । ଇଂଲଣ୍ଡର ମଣ୍ଡଳୀରମାନଙ୍କର ଦୀର୍ଘ କୋଡିଏ ବର୍ଷ ସହସ୍ର ସହସ୍ର ପ୍ରଜାକୁ ଈଶ୍ୱରଙ୍କ ବାଦ୍ୟ ପ୍ରଚାର କରିଥିଲେ । ସେ କେବେ ବି ଆରାଧନାରେ ଯାନ୍ତ୍ରିକ ବାଦ୍ୟ ବ୍ୟବହାର କରୁ ନ ଥିଲେ । (M.C. Kurfees, Instrumental Music in Worship, P-196).

୬) Conybeare and Howson ଏକ ପ୍ରଖ୍ୟାତ ବାଇବଲ ବିଦ୍ୱାନ ଏଫିସୀ ୫:୧୯ ପଦର ସମୀକ୍ଷାରେ କହନ୍ତି, "..ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗାନ କର...।" କର ବୋଲି ସଦାପ୍ରଭୁ ଆଜ୍ଞା ଦେଇଅଛନ୍ତି, "ଯାନ୍ତ୍ରିକ ବାଦ୍ୟ" ଦ୍ୱାରା ନୁହେଁ । (Life and Epistles of St. Paul P-408).

ଉପରଲିଖିତ ଧାର୍ମିକ ନେତାମାନେ "ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ନ ଥିବା ସତ୍ତ୍ୱେ ଯାନ୍ତ୍ରିକ ବାଦ୍ୟ ବ୍ୟବହାର ନିନ୍ଦା କରିଥିଲେ । ନୂତନ ନିୟମରେ କେହି ଯାନ୍ତ୍ରିକ ସଙ୍ଗୀତ ବିଷୟରେ ଶିକ୍ଷା ଦେଇ ନ ଥିଲେ । ଜଗତର ଅନେକ ଧାର୍ମିକ ନେତା, ଇତିହାସକମାନେ ଯାନ୍ତ୍ରିକ ସଙ୍ଗୀତ ବିଷୟରେ ନିନ୍ଦା କରିଥିଲେ । ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟମାନେ ନୂତନ ନିୟମରେ ଲିଖିତ ନିୟମାବଳୀ ପାଳନ କରନ୍ତି । ନୂତନ ନିୟମରେ ଯାହା ଲିଖିତ

ହୋଇନାହିଁ, ସେ ବିଷୟରେ ମୌନ ରହନ୍ତି ।"

୬. **ଯାନ୍ତ୍ରିକ ବାଦ୍ୟ ସପକ୍ଷରେ କେତୋଟି ଯୁକ୍ତି :**

ଯାନ୍ତ୍ରିକ ବାଦ୍ୟ ବ୍ୟବହାରରେ ଅନେକ ମତବାଦ ପ୍ରସ୍ତାବିତ ହୋଇଅଛି । ତନ୍ମଧ୍ୟରୁ କେତୋଟି :-

୧) ଯାନ୍ତ୍ରିକ ବାଦ୍ୟ ବ୍ୟବହାରରେ ସପକ୍ଷରେ ଏହା କୁହାଯାଏ ଯେ, ଏହା ପୁରାତନ ବ୍ୟବସ୍ଥା କାଳରେ ବ୍ୟବହୃତ ହୋଇଥିଲା । ପୁରାତନ ବ୍ୟବସ୍ଥା ସମୟରେ ଯାନ୍ତ୍ରିକ ବାଦ୍ୟ ସହ ପଶୁବଳି ହୋମବଳି ସୁଗନ୍ଧି ଦ୍ରବ୍ୟ ଉତ୍ସର୍ଗ ପ୍ରଭୃତି ପ୍ରଥାର ମଧ୍ୟ ପ୍ରଚଳିତ ଥିଲା । ନୂତନ ନିୟମର ଆରାଧନାରେ ପ୍ରଭୁଯୀଶୁ ପଶୁବଳି, ଧୂପ ଉତ୍ସର୍ଗ ପ୍ରଭୃତି ଅର୍ନ୍ତଭୁକ୍ତ କରି ନ ଥିବାରୁ ବର୍ତ୍ତମାନ ଆରାଧନାର ଏସବୁର ସ୍ଥାନ ନାହିଁ ବୋଲି ଯଦି ଯୁକ୍ତି କରାଯାଏ, ସେହି କାରଣରୁ ହିଁ ଯାନ୍ତ୍ରିକ ବାଦ୍ୟର ନୂତନ ନିୟମର ଆରାଧନାରେ ସ୍ଥାନ ନାହିଁ । ଖ୍ରୀଷ୍ଟିୟାନମାନେ ପୁରାତନ ବ୍ୟବସ୍ଥାଧିନ ନୁହନ୍ତି ।

୨) ସ୍ୱର୍ଗରେ ମେଷପାଳକଙ୍କ ସମ୍ମୁଖରେ ଚାରି ପ୍ରାଣୀ ଓ ଚବିଶ ପ୍ରାଚୀନ ଉବୁଡ ହୋଇ ପ୍ରଣାମ କଲେ ଓ ସେମାନଙ୍କ ହସ୍ତରେ ବୀଣା ଓ ସାଧୁମାନଙ୍କ ପ୍ରାର୍ଥନାରୂପରେ ଧୂପରେ ପରିପୂର୍ଣ୍ଣ ସୁବର୍ଣ୍ଣ ପାତ୍ର ଥିଲା ବୋଲି ପ୍ରକାଶିତ ୫:୯ ପଦରେ ଲିଖିତ ହୋଇଥିବାରୁ ଆରାଧନାରେ ବୀଣା ବଜାଇବା ଅସଙ୍ଗତ ନୁହେଁ ବୋଲି ଅନେକ ଦାବୀ କରନ୍ତି । "ଧୂପରେ ପରିପୂର୍ଣ୍ଣ ସୁବର୍ଣ୍ଣ ପାତ୍ର.. ।"

୩) ଅନ୍ୟ ଏକ ବର୍ଗର ଲୋକେ ଯାନ୍ତ୍ରିକ ବାଦ୍ୟର ବ୍ୟବହାର କରିବା କିଅବା ବ୍ୟବହାର ନ କରିବା ଏକ ବିଶେଷ ଗୁରୁତର ବିଷୟ ନୁହେଁ ବୋଲି ଦାବୀ କରନ୍ତି । ସଦାପ୍ରଭୁ ଆରାଧନାରେ କୌଣସି ବିଷୟ ଯୋଗ ବା ବିଯୋଗ ନ କରିବାକୁ ଆଜ୍ଞା ଦେଇଥିବା ସତ୍ତ୍ୱେ ସେମାନେ କାହିଁକି "ବିଶେଷ ଗୁରୁତର" ନ ଥିବା କାର୍ଯ୍ୟକୁ ଆରାଧନାରେ ପ୍ରବେଶ କରାଉ ଅଛନ୍ତି ?

୪) ଯାନ୍ତ୍ରିକ ବାଦ୍ୟ ଗୀତ ଗାୟନରେ ଏକ ସହାୟକ ରୂପେ ବ୍ୟବହାର କରନ୍ତି । ସତ୍ୟ ଓ ଆତ୍ମାରେ ଆରାଧନା କରିବାକୁ ଅନାସକ୍ତ ଓ ମନୁଷ୍ୟମାନଙ୍କୁ ବିନୋଦ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାନ୍ତ୍ରିକ ବାଦ୍ୟରେ ସହାୟତା ଲୋଡନ୍ତି । ମନୁଷ୍ୟମାନଙ୍କ ବିନୋଦ ନିମନ୍ତେ ମଣ୍ଡଳୀ ଉପାସନାରେ ଗୀତ ଗାୟନ କରାଯାଏ ନାହିଁ । କିନ୍ତୁ ପରସ୍ପର ଶିକ୍ଷା ଓ ଚେତନା ଦେବା ନିମନ୍ତେ ଗୀତ, ସ୍ତୋତ୍ର, ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । (କଲସୀ ୩:୧୬) । ଯାନ୍ତ୍ରିକ ବାଦ୍ୟ କି ଅନ୍ୟମାନଙ୍କୁ ଶିକ୍ଷା ଓ ଚେତନା ଦେଇପାରେ ? କିନ୍ତୁ ଯାନ୍ତ୍ରିକ ବାଦ୍ୟ ଆମ୍ଭମାନଙ୍କ ଧ୍ୟାନ, ଶିକ୍ଷା ଓ ଚେତନା ପାଇବା ଠାରୁ ଦୂରରେ ରଖେ । ଅତଏବ,

ଯାନ୍ତ୍ରିକ ବାଦ୍ୟ ଗୀତ ଗାୟନରେ ସହାୟକ ନ ହୋଇ, ବିଘ୍ନର କାରଣ ହୁଏ ।

୫) ଅନେକେ ଆପଣା ଆପଣା ଗୃହରେ ଯାନ୍ତ୍ରିକ ବାଦ୍ୟ ବ୍ୟବହାର କରୁଥିବାରୁ, ତାହା ଖ୍ରୀଷ୍ଟଙ୍କ ଆରାଧନାରେ ମଧ୍ୟ ଯୋଗ କରିବା ଇଚ୍ଛା କରନ୍ତି । କିନ୍ତୁ ଆମ୍ଭେମାନେ ଆପଣା ଗୃହରେ ଯାହା ବ୍ୟବହାର କରୁ । ସମସ୍ତ ଆରାଧନାରେ ଯୋଗ କରି ନ ପାରୁ । ଉଦାହରଣ :- ଆମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର ସ୍ମରଣାର୍ଥେ ରୋଟୀ ଓ ରକ୍ତର ସ୍ମରଣାର୍ଥେ ଦ୍ରାକ୍ଷାରସ ସହ ପ୍ରଭୁଭୋଜ ପାଳନ କରୁ । ଖ୍ରୀଷ୍ଟ ଆଜ୍ଞା କରିଥିବା ରୋଟୀ ଓ ଦ୍ରାକ୍ଷାରସ ବିନୁ ଅନ୍ୟ କୌଣସି ଖାଦ୍ୟ ଆମ୍ଭେମାନେ ପ୍ରଭୁଭୋଜ ପାଳନ ବ୍ୟବହାର ନ କରିବା ବେଳେ ଆମ୍ଭେମାନେ କାହିଁକି ପ୍ରଭୁଙ୍କ ଅନାଜ୍ଞାପିତ ଯାନ୍ତ୍ରିକ ବାଦ୍ୟ ଆରାଧନାରେ ଯୋଗ କରିବାକୁ ତତ୍ପର !

୬୫) ଯାନ୍ତ୍ରିକ ବାଦ୍ୟ ବ୍ୟବହାର ନ କରିବା ନିମନ୍ତେ ବାଇବଲରେ ଲିଖିତ ହୋଇନାହିଁ ବୋଲି ଅନେକେ ଯୁକ୍ତି କରିଥାଆନ୍ତି । ଯାନ୍ତ୍ରିକ ବାଦ୍ୟ ବ୍ୟବହାର ନ କରିବାକୁ ଆଦେଶିତ ନ ହୋଇ ଥିବାରୁ, ଏହାର ବ୍ୟବହାର କି ପରମେଶ୍ୱରଙ୍କ ତୁଷ୍ଟଜନକ ? ମାଂସ, ପିଠା କିଅବା ଆମ୍ରରସ ପ୍ରଭୃତି ପ୍ରଭୁଭୋଜ ପାଳନରେ ବ୍ୟବହାର ନ କରିବାକୁ ଲିଖିତ ହୋଇନଥିବାରୁ, ରୋଟୀ ଓ ଦ୍ରାକ୍ଷାରସ ବିନୁ ଅନ୍ୟ ଖାଦ୍ୟ ପଦାର୍ଥ ପ୍ରଭୁଭୋଜ ପାଳନରେ ବ୍ୟବହାର କରିବା କି ଯୁକ୍ତିଯୁକ୍ତ ? ଯେଉଁ ବିଷୟରେ ଆମ୍ଭେମାନେ ଆଜ୍ଞାପିତ ହୋଇ ନାହୁଁ, ସେ ବିଷୟରେ ଚିନ୍ତିତ ନ ହୋଇ, ଲିଖିତ ବାକ୍ୟରେ ଆଜ୍ଞାପିତ ବିଷୟ ସବୁ ପାଳନ ସତ୍ପର ହେଉଁ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "...ଯାହା ଲିଖିତ ହୋଇଅଛି, ତାହା ଅତିକ୍ରମ କର ନାହିଁ ।" (୧ମ କରିନ୍ଥୀ ୪:୬) । ବାକ୍ୟରେ ଲିଖିତ ସର୍ତକତାର ଅବଧାନ କରୁ ।

❖❖❖

## ପଞ୍ଚବିଂଶ–କାରଣ

# ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପରିତ୍ରାଣ ଅଛି

## (Because Salvation is in Christ's Church)

୧. **ପରିଚୟ :**

୧) ଅଧିକାଂଶ ମତଶାଖୀୟ ପ୍ରଚାରକମାନେ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମନୁଷ୍ୟକୁ କୌଣସି ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ ନାହିଁ ବୋଲି ଶିକ୍ଷା ଦିଅନ୍ତି । ଯଦି ସେମାନେ ପରିଚର୍ଯ୍ୟା କରୁଥିବା ମଣ୍ଡଳୀ ବିଷୟରେ ବ୍ୟକ୍ତ କରୁଅଛନ୍ତି, ସେମାନଙ୍କ ମତରେ ସତ୍ୟତା ଅଛି । କିନ୍ତୁ ଯଦି ସେମାନେ ଖ୍ରୀଷ୍ଟଙ୍କ ରକ୍ତ କ୍ରୀତ ମଣ୍ଡଳୀ ବିଷୟରେ ବ୍ୟକ୍ତ କରୁଅଛନ୍ତି, ସେମାନଙ୍କ ମତ ଭ୍ରମ ଅଟେ ।

୨) କୌଣସି ମତଶାଖା ମଣ୍ଡଳୀରେ ଯୋଗହେବା ଦ୍ୱାରା ଯଦି ପରିତ୍ରାଣ ଲବଧି ନହୁଏ, ସେ ମଣ୍ଡଳୀର ସଭ୍ୟ ହେବା କି ଆବଶ୍ୟକ ? ଶିକ୍ଷା ଦେଇ, ପରିଶ୍ରମ କରି ପରିତ୍ରାଣ ନ ଦେଇଥିବା ମଣ୍ଡଳୀର ସଭ୍ୟ କରାଇବାର ପ୍ରତିଫଳ କଅଣ ? ଏପରି ମଣ୍ଡଳୀର ପରିଚର୍ଯ୍ୟା ଦ୍ୱାରା ପରିଶ୍ରମ ବୃଥା ହୁଏ, ମନୁଷ୍ୟର ନୀତି ନିୟମ ମନୁଷ୍ୟର ସ୍ୱପ୍ରଥାର ଅଭିବୃଦ୍ଧି ହୁଏ !

୩) ଯେଉଁ ମଣ୍ଡଳୀରେ ପରିତ୍ରାଣ ନାହିଁ, ତାହା ଖ୍ରୀଷ୍ଟଙ୍କ ମଣ୍ଡଳୀ ହୋଇ ନ ପାରେ, କାରଣ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପରିତ୍ରାଣ ପ୍ରାପ୍ତ ଖ୍ରୀଷ୍ଟିୟାନମାନଙ୍କୁ ପ୍ରଭୁ ଯୋଗ କରନ୍ତି ! (ପ୍ରେରିତ ୨:୪୭) । ଏହା ମୁଁ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବାର ପଞ୍ଚବିଂଶ କାରଣ ।

୨. **ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟହେବା ପରିତ୍ରାଣ ନିମନ୍ତେ ନିତାନ୍ତ ଆବଶ୍ୟକ :**

୧) ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପରିତ୍ରାଣ ଅଛି, କାରଣ ଏହା ଖ୍ରୀଷ୍ଟଙ୍କ ରକ୍ତରେ କ୍ରୀତ ହୋଇଅଛି । "...ଆଉ ଯେଉଁ ମଣ୍ଡଳୀ କି ଈଶ୍ୱର ଆପଣା ରକ୍ତରେ କ୍ରୟ କରିଅଛନ୍ତି....।" (ପ୍ରେରିତ ୨୦:୨୮), ବୋଲି ପାଉଲ ଏଫିସୀ ମଣ୍ଡଳୀକୁ କହିଥିଲେ । କରିନ୍ଥୀ ମଣ୍ଡଳୀକୁ କହନ୍ତି, "... ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣା ଯାଇଅଛ...।" (୧ମ କରିନ୍ଥୀ ୬:୧୯-୨୦) । ବିଶେଷ ମୂଲ୍ୟ ଖ୍ରୀଷ୍ଟଙ୍କ ରକ୍ତ ।

କ) ସଂକ୍ଷେପରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟମାନେ ରକ୍ତକ୍ରୀତ । ଅତଏବ ଖ୍ରୀଷ୍ଟଙ୍କ ମଣ୍ଡଳୀର ବାହାରେ ଥିବା ବ୍ୟକ୍ତିମାନେ ଖ୍ରୀଷ୍ଟଙ୍କ ରକ୍ତରେ କ୍ରୀତ ନୁହନ୍ତି । ଖ୍ରୀଷ୍ଟଙ୍କ ରକ୍ତ ବିନୁ କି କେହି ପରିତ୍ରାଣ ପାଇପାରେ ?

ଖ) ଖ୍ରୀଷ୍ଟଙ୍କ ମଣ୍ଡଳୀ ହିଁ ଖ୍ରୀଷ୍ଟଙ୍କ ରକ୍ତ କ୍ରୀତ । ଅତଏବ ଯେଉଁମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ନାହାନ୍ତି, ସେମାନେ ଖ୍ରୀଷ୍ଟଙ୍କ ରକ୍ତରେ କ୍ରୀତ ନୁହନ୍ତି ।

ଗ) ଖ୍ରୀଷ୍ଟ ଆପଣା ରକ୍ତ ଦ୍ୱାରା ମଣ୍ଡଳୀକୁ କ୍ରୟ କରି ଅଛନ୍ତି । ମଣ୍ଡଳୀ ଯଦି ମୂଲ୍ୟହୀନ ସଂସ୍ଥା, ତାହା ନିମନ୍ତେ ଖ୍ରୀଷ୍ଟ ଆପଣା ରକ୍ତ କାହିଁକି ଢ଼ାଳିବେ ? ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବା ବିନୁ ପରିତ୍ରାଣ ପ୍ରାପ୍ତ ହେଇ ପାରିବେ ବୋଲି ମନେ କରୁଥିବା ବ୍ୟକ୍ତିମାନେ ପିତା ପରମେଶ୍ୱରଙ୍କୁ ଅପରପକ୍ଷେ ନିନ୍ଦା କରୁଅଛନ୍ତି । ମୂଲ୍ୟହୀନ ସଂସ୍ଥା ନିମନ୍ତେ ଆପଣା ପୁତ୍ରଙ୍କ ଅମୂଲ୍ୟ ରକ୍ତ ଢ଼ାଳିବା ଏକ ନିଷ୍ଠୁର ପିତାରୂପେ ତାହାଙ୍କୁ ଆରପ କରନ୍ତି । କିନ୍ତୁ ଆମ୍ଭମାନଙ୍କ ପିତା ଅତ୍ୟନ୍ତ କୃପା ଓ ଦୟାମୟ ପିତା ଅଟନ୍ତି !

୨) ଖ୍ରୀଷ୍ଟଙ୍କ ମଣ୍ଡଳୀରେ ପରିତ୍ରାଣ ଅଛି । କାରଣ ପ୍ରେରିତ ପାଉଲ ମଣ୍ଡଳୀକୁ ଖ୍ରୀଷ୍ଟ ରକ୍ଷା କରନ୍ତି ବୋଲି କହି ଅଛନ୍ତି । "କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ ସେହିପରି ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା ।" (ଏଫିସୀ ୫:୨୩) । ଶରୀର, ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଟେ । (କଲସୀ ୧:୧୮) । ଅତଏବ ଶରୀର ରୂପ ମଣ୍ଡଳୀର ଖ୍ରୀଷ୍ଟ ତ୍ରାଣକର୍ତ୍ତା ଅଟନ୍ତି । ଅତଏବ ଯେଉଁମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ନୁହନ୍ତି, ସେମାନଙ୍କ ଗତି କଅଣ ?

୩) ପରିତ୍ରାଣ ମଣ୍ଡଳୀରେ ଅଛି, ଯେହେତୁ ମଣ୍ଡଳୀରେ, ମନୁଷ୍ୟ ପିତା ପରମେଶ୍ୱରଙ୍କ ସହିତ ମିଳିତ ହେବାର ସୁଯୋଗ ପାଏ । "ଆଉ କ୍ରୁଶ ଦ୍ୱାରା ଶତ୍ରୁତା ବିନାଶ କରି ତଦ୍ୱାରା ଉଭୟକୁ ଏକ ଶରୀର ସ୍ୱରୂପ ଗଠନ କରି ଈଶ୍ୱରଙ୍କ ସହିତ ମିଳିତ କରନ୍ତି।" (ଏଫିସୀ ୨:୧୬) । ଶରୀର ଅର୍ଥ ଖ୍ରୀଷ୍ଟଙ୍କ ମଣ୍ଡଳୀ । (କଲସୀ ୧:୧୮) । ସାରାଂଶ :- (କ) ମନୁଷ୍ୟକୁ ପରମେଶ୍ୱରଙ୍କ ଠାରୁ ଲବଧି ପରିତ୍ରାଣ ପ୍ରାପ୍ତି ନିମନ୍ତେ, ପରମେଶ୍ୱରଙ୍କ ସହ ଶାନ୍ତି ସ୍ଥାପନ କରିବା ଆବଶ୍ୟକ । (ଖ) ଏହି ଶାନ୍ତି ତାହାଙ୍କ ଶରୀରରୂପ ମଣ୍ଡଳୀରେ ସ୍ଥାପିତ ହୁଏ । (ଏଫିସୀ ୨:୧୬) ଓ କଲସୀ ୧:୧୮ । (ଗ) ଅତଏବ ପରିତ୍ରାଣ ପ୍ରାପ୍ତି ନିମନ୍ତେ, ମନୁଷ୍ୟକୁ ମଣ୍ଡଳୀରେ ରହିବା ଆବଶ୍ୟକ ।

୪) ପରିତ୍ରାଣ ମଣ୍ଡଳୀରେ ପ୍ରାପ୍ତି ହୁଏ, କାରଣ ବାକ୍ୟ କହେ ଏହି ପ୍ରଜାମାନଙ୍କୁ ଯୀଶୁଖ୍ରୀଷ୍ଟ ଗୌରବମୟ ଅବସ୍ଥାରେ ଆପଣା ନିକଟରେ ଉପସ୍ଥିତ କରିବେ । "ଯେପରି ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ, ଓ ସମସ୍ତ ପ୍ରକାର ଦୋଷ ରହିତ ହୋଇ ପବିତ୍ର ଓ ଆନନ୍ଦୀୟ ହୁଏ, ଆଉ ଏହିପରି ଗୌରବମୟ ଅବସ୍ଥାରେ ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରନ୍ତି ।" (ଏଫିସୀ ୫:୨୭) । ଖ୍ରୀଷ୍ଟ ମଣ୍ଡଳୀକୁ ଆପଣାରେ ଉପସ୍ଥିତ କରିବେ । ଯଦି ଆମ୍ଭେମାନେ ସେହି ମଣ୍ଡଳୀର ସଭ୍ୟ ନୋହୁଁ, ତେବେ ଆମ୍ଭମାନଙ୍କ ଗତି କଅଣ ହେବ ?

୫) ମନୁଷ୍ୟ ମଣ୍ଡଳୀର ବାହାରେ ପରିତ୍ରାଣ ପ୍ରାପ୍ତ ହୋଇପାରେ ନାହିଁ । କାରଣ ପରିତ୍ରାଣ ପ୍ରାପ୍ତ ହେବା ଖ୍ରୀଷ୍ଟିୟାନମାନଙ୍କୁ, ପ୍ରଭୁ ନିଜେ ମଣ୍ଡଳୀରେ ଯୋଗ କରନ୍ତି । (ପ୍ରେରିତ ୨:୪୭) । ପ୍ରେରିତ ପିତରଙ୍କ ପ୍ରଥମ ସୁସମାଚାର ପ୍ରସଙ୍ଗ ଗ୍ରହଣ କରି ସେ ଦିନ ତିନି ସହସ୍ର ଲୋକେ ବିନଷ୍ଟ ହେବା ଅବସ୍ଥାରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ବାହାରେ ଥିଲେ । କିନ୍ତୁ ପରିତ୍ରାଣ ପ୍ରାପ୍ତ ହୋଇ, ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ । ଏଦ୍ୱାରା ଏହାଁ ପ୍ରମାଣିତ ହୁଏ ଯେ, ମଣ୍ଡଳୀର ସଭ୍ୟମାନେ ପରିତ୍ରାଣ ପ୍ରାପ୍ତ ଓ ବାହାରେ ଥିବା ଲୋକେ ପରିତ୍ରାଣ ପ୍ରାପ୍ତ ନୁହନ୍ତି । ତେବେ ଶିଶୁ ଓ ମାନସିକଭାବେ ଦୁର୍ବଳଙ୍କ ବିଷୟ କଅଣ ? ସେମାନେ ସୁରକ୍ଷିତ, କାରଣ ସେମାନେ ପାପୀ ନୁହନ୍ତି ।

୬) ପରମେଶ୍ୱରଙ୍କ ପରିବାର ଭୁକ୍ତ ହେବାକୁ ଇଚ୍ଛୁକ ପ୍ରତ୍ୟେକଙ୍କ, ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହେବା ଆବଶ୍ୟକ । କାରଣ ଖ୍ରୀଷ୍ଟଙ୍କ ମଣ୍ଡଳୀ ହିଁ ଈଶ୍ୱରଙ୍କ ପରିବାର ଅଟେ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, "ମାତ୍ର ଯେବେ ମୋହର ବିଳମ୍ବ ହୁଏ, ତେବେ ଈଶ୍ୱରଙ୍କ ଗୃହ ଅର୍ଥାତ୍ ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ କିପରି ଆଚରଣ କରିବାକୁ ହୁଏ, ତାହା ଯେପରି ତୁମ୍ଭେ ଜ୍ଞାତ ହୁଅ, ଏହେତୁ ଏହି ସମସ୍ତ ତୁମ୍ଭ ନିକଟକୁ ଲେଖୁଛନ୍ତି ।" (୧ମ ତୀମଥି ୩:୧୫) । ଈଶ୍ୱରଙ୍କ ମନ୍ଦିର ଅର୍ଥାତ୍ ଈଶ୍ୱରଙ୍କ ପରିବାର । ପ୍ରେରିତ ୧୬:୨୯-୩୪ ପଦରେ କାରାଗାର ରକ୍ଷକ ଓ ତାହାଙ୍କ ପରିବାର ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇଥିଲେ ବୋଲି ପଢ଼ିପାରୁ । କର୍ଣ୍ଣଲୀୟ ସପରିବାରେ ଈଶ୍ୱରଙ୍କଠାରେ ଧାର୍ମିକ ଜୀବନ ଯାପନ କରୁଥିଲେ । (ପ୍ରେରିତ ୧୦:୨) । ପରମେଶ୍ୱରଙ୍କ ପରିବାର ଭୁକ୍ତ ପ୍ରତ୍ୟେକ ତାହାଙ୍କ ସନ୍ତାନ ସନ୍ତତି । ପରମେଶ୍ୱରଙ୍କର ଆପଣା ପରିବାରର ବାହାରେ ସନ୍ତାନ ସନ୍ତତି  ନାହାନ୍ତି ।

୭) ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କର ମେଷପାଳକ ଓ ଖ୍ରୀଷ୍ଟିୟାନମାନେ ତାହାଙ୍କ ଖୁଆଡର ମେଷ । ଯୀଶୁ କହିଲେ, "ମୁଁ ଦ୍ୱାର ଯଦି କେହି, ମୋ' ଦେଇ ପ୍ରବେଶ କରେ, ତାହା ହେଲେ ସେ ରକ୍ଷା ପାଇବ ଏବଂ ଭିତରକୁ ଆସି ଓ ବାହାରକୁ ଯାଇ ଚରା ପାଇବ ।" (ଯୋହନ ୧୦:୯) । (କ) ଯୀଶୁଖ୍ରୀଷ୍ଟଙ୍କ ଖୁଆଡ (ମଣ୍ଡଳୀରେ) ପରିତ୍ରାଣ ଅଛି । (ପ୍ରେରିତ) । (ଖ) ଅତଏବ ମଣ୍ଡଳୀରେ ପରିତ୍ରାଣ ଅଛି । ମଣ୍ଡଳୀରେ ପ୍ରବେଶ କରିବା ବିନୁ କେହି ପରିତ୍ରାଣ ପ୍ରାପ୍ତ ହୋଇପାରେ ନାହିଁ ।

୮) ଯୀଶୁଖ୍ରୀଷ୍ଟ ପ୍ରକୃତ ଦ୍ରାକ୍ଷାଲତା । ଖ୍ରୀଷ୍ଟିୟାନମାନେ ସେହି ଦ୍ରାକ୍ଷାଲତାର ଶାଖା । ଶାଖା, ଦ୍ରାକ୍ଷାଲତା ସହ ସଂଯୁକ୍ତ ନ ରହିଲେ ଶୁଖିଯାଏ । (ଯୋହନ ୧୫:୫) । ଯୀଶୁଙ୍କ ବିନା ଆମ୍ଭେମାନେ କିଛି କରି ନ ପାରୁ ।

୯)  "ଆଉ, ଯେଉଁମାନଙ୍କୁ ସେ ପୂର୍ବରୁ ନିରୂପଣ କରିଥିଲେ, ସେମାନଙ୍କୁ ସେ ମଧ୍ୟ ଆହ୍ୱାନ କଲେ, ପୁଣି ଯେଉଁମାନଙ୍କୁ ଆହ୍ୱାନ କଲେ, ସେମାନଙ୍କୁ ସେ ମଧ୍ୟ ଧାର୍ମିକ ବୋଲି ଗଣିଲେ, ଆଉ ଯେଉଁମାନଙ୍କୁ ଧାର୍ମିକ ବୋଲି ଗଣିଲେ, ସେମାନଙ୍କୁ ସେ ମଧ୍ୟ ଗୌରବାନ୍ୱିତ କଲେ ।" (ରୋମୀୟ ୮:୩୦) । ଧାର୍ମିକ ଗଣିତ ନ ହୋଇ କେହି ପରିତ୍ରାଣ ପ୍ରାପ୍ତ ହୁଏ ନାହିଁ । ତାହାଙ୍କ ଶରୀର ରୂପ ମଣ୍ଡଳୀରେ ଆହୂତ ପ୍ରତ୍ୟେକ ବ୍ୟକ୍ତି ଧାର୍ମିକ ଗଣିତ ହୋଇ ପରିତ୍ରାଣ ପ୍ରାପ୍ତ ହୁଏ ।

୧୦)  ଅନ୍ଧକାର ଶକ୍ତି ଗୁଡିକରୁ ମୁକ୍ତ ନ ହୋଇ ପରିତ୍ରାଣ ପ୍ରାପ୍ତ ହେବା ଅସମ୍ଭବ । ପ୍ରେରିତ ପାଉଲ କହନ୍ତି, "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି । 'ପ୍ରେମପୁତ୍ରଙ୍କ ରାଜ୍ୟ' ତାହାଙ୍କ ଶରୀରରୂପ ମଣ୍ଡଳୀ ଅଟେ । ପ୍ରେମପୁତ୍ରଙ୍କ ରାଜ୍ୟ ନିବାସୀମାନେ ଅନ୍ଧକାରର କ୍ଷମତାରୁ ମୁକ୍ତ ହୋଇଅଛନ୍ତି । ଅନ୍ୟପକ୍ଷରେ ଯେଉଁମାନେ  ତାହାଙ୍କ ପ୍ରେମପୁତ୍ରଙ୍କ ରାଜ୍ୟରେ ପ୍ରବେଶ କରି ନାହାନ୍ତି । ସ୍ୱଜାତି ଓ ବିଜାତିମାନ ଯେପରି ଅନ୍ଧକାରରୁ ଆଲୋକ ପ୍ରତି ଓ ଶୟତାନର ଶକ୍ତିରୁ ପ୍ରଥି ଫେରନ୍ତି, ପୁଣି ପାପକ୍ଷମା ଓ ଆମ୍ଭମାନଙ୍କର ବିଶ୍ୱାସ ଦ୍ୱାରା ପବିତ୍ରୀକୃତ ଲୋକମାନଙ୍କ ମଧ୍ୟରେ ଅଧିକାର ପ୍ରାପ୍ତ ହୁଅନ୍ତି... ...।" (ପ୍ରେରିତ ୨୬:୧୭) ।

୧୧)  ମଣ୍ଡଳୀ, ପୁରାତନ ନିୟମର ସମାଗମ ତମ୍ବୁର ସାଦୃଶ୍ୟ ଅଟେ । ସମାଗମ ତମ୍ବୁକୁ ପବିତ୍ର ସ୍ଥାନ ଓ ଅତି ପବିତ୍ର ସ୍ଥାନ ବିଭାଜିତ କରାଯାଇଥିଲା । ମଣ୍ଡଳୀ ପବିତ୍ର ଓ ସ୍ୱର୍ଗ ଅତି ପବିତ୍ର ସ୍ଥାନର ପ୍ରତିରୂପ । (ଏବ୍ରୀ ୮:୯-୧୦) । ମହାଯାଜକଙ୍କୁ ଅତି ପବିତ୍ର ସ୍ଥାନରେ ପ୍ରବେଶ କରିବା ନିମନ୍ତେ, ପବିତ୍ର ସ୍ଥାନ ମଧ୍ୟରୁ ଗମନ କରିବା ଆବଶ୍ୟକ ଥିଲା । ବର୍ତ୍ତମାନ ମଧ୍ୟ ଆମ୍ଭମାନଙ୍କୁ ଅତି ପବିତ୍ର ସ୍ଥାନ ସ୍ୱର୍ଗକୁ ଯିବା ନିମନ୍ତେ ପବିତ୍ର ସ୍ଥାନ ମଧ୍ୟରୁ ଗମନ କରିବା ଆବଶ୍ୟକ ।

**୩.  ମଣ୍ଡଳୀ କି ଏକ ଅଜଣାତ ସଂସ୍ଥା :**

"ପରିତ୍ରାଣ ପ୍ରାପ୍ତି ନିମନ୍ତେ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ କିନ୍ତୁ ଏହି ମଣ୍ଡଳୀର ଏକ ଅଜଣାତ ସଂସ୍ଥା" ବୋଲି ଅନେକ ଦାବୀ କରିଥା'ନ୍ତି ।

**କିନ୍ତୁ ଏହା ସତ୍ୟ ନୁହେଁ :-** (୧) ପେଣ୍ଟିକଷ୍ଟ ଦିନରେ ତିନିସହସ୍ର ଯିହୂଦୀମାନେ ଏହି ସଂସ୍ଥାରେ ସଂଯୁକ୍ତ ହୋଇଥିଲେ । (ପ୍ରେରିତ ୨:୪୧-୪୭) । ତାହା କିପରି ଅଜଣାତ ହୋଇ ରହିପାରେ ? ସେମାନେ ବାପ୍ତିଜିତ ନ ହେବା ପର୍ଯ୍ୟନ୍ତ ମଣ୍ଡଳୀରେ ସଂଯୁକ୍ତ ହୋଇ ନ ଥିଲେ । (ପ୍ରେରିତ ୧୦:୩୪) । (୨) ଯିରୁଶଲମରେ, ଖ୍ରୀଷ୍ଟିୟାନମାନଙ୍କ ପ୍ରତି ଘୋର ତାଡନା ଘଟିଥିବାରୁ ସେମାନେ ସର୍ବତ୍ର ଛନ୍ନିଭିନ୍ନ

ହେଲେ । (ପ୍ରେରିତ ୮:୧) । (୩) ନୂତନ ନିୟମରେ କରିନ୍ଥୀୟ ଗାଲାତୀୟ, ଥେସଲନୀୟକୀୟ ପ୍ରଭୃତି ମଣ୍ଡଳୀମାନଙ୍କୁ ପାଉଲଙ୍କ ଲିଖିତ ପତ୍ର ଗୁଡିକ ଲିଖିତ ହୋଇଅଛି । ତାହା କିପରି ଅଜଣାତ ହୋଇପାରେ ?

୪. ନୈତିକ ପବିତ୍ରତା :

ନୈତିକ ଭାବେ ଉତ୍ତମ, ପବିତ୍ର ବ୍ୟକ୍ତିମାନେ ଖ୍ରୀଷ୍ଟଙ୍କୁ ନ ଗ୍ରହଣ ନ କରି ମଧ୍ୟ ସ୍ୱର୍ଗକୁ ଯିବେ ବୋଲି ଅନେକଙ୍କ ମତ । କିନ୍ତୁ ଏହା ସତ୍ୟ ନୁହେଁ । କାରଣ :-

୧) ଖ୍ରୀଷ୍ଟଙ୍କ ବିନୁ ଯଦି ପରିତ୍ରାଣ ପ୍ରାପ୍ତ ହୋଇଥାନ୍ତା, ଖ୍ରୀଷ୍ଟଙ୍କ ଏହି ଜଗତକୁ ଆସିବାର ଆବଶ୍ୟକତା ନ ଥା'ନ୍ତା । (ଯୋହନ ୩:୧୭) ।

୨) ଖ୍ରୀଷ୍ଟଙ୍କ କ୍ଷତ ଦ୍ୱାରା ଆମ୍ଭେମାନେ ସୁସ୍ଥତା ପ୍ରାପ୍ତ ହୋଇଅଛୁ । (୧ମ ପିତର ୨:୨୪) । କିନ୍ତୁ ଖ୍ରୀଷ୍ଟଙ୍କ ବିନୁ ନୁହେଁ ।

୩) ଖ୍ରୀଷ୍ଟଙ୍କ ମରଣରେ ଆମ୍ଭେମାନେ ଜୀବନ ପ୍ରାପ୍ତ ହୋଇଅଛୁ । (୧ମ କରିନ୍ଥୀ ୧୫:୩) । ଖ୍ରୀଷ୍ଟଙ୍କ ବିନୁ ନୁହେଁ ।

୪) ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ହୁଏ । (ରୋମୀୟ ୪:୨୫) । ଖ୍ରୀଷ୍ଟଙ୍କ ବିନୁ ନୁହେଁ ।

୫) ଖ୍ରୀଷ୍ଟଙ୍କ ରକ୍ତରେ ମନୁଷ୍ୟର ପାପମୋଚନ ହୁଏ । ଖ୍ରୀଷ୍ଟଙ୍କ ବିନୁ ନୁହେଁ । (ଏଫିସୀ ୧:୭) ।

୬) ବିନା ବିଶ୍ୱାସରେ (ଖ୍ରୀଷ୍ଟଙ୍କଠାରେ), ପରମେଶ୍ୱରଙ୍କକ ସନ୍ତୋଷ ପାତ୍ର ହେବା ଅସମ୍ଭବ । (ଏବ୍ରୀ ୧୧:୬))

୭) ମନ ପରିବର୍ତ୍ତନ ନ କଲେ ମନୁଷ୍ୟମାନେ ବିନଷ୍ଟ ହେବେ (ଲୂକ ୧୩:୩) ।

୮) ଖୀଷ୍ଟଙ୍କୁ ଅସ୍ୱୀକାର କରିବା ମନୁଷ୍ୟମାନଙ୍କୁ, ଖ୍ରୀଷ୍ଟ ପିତାଙ୍କ ସମ୍ମୁଖରେ ଅସ୍ୱୀକାର କରିବେ । (ମାଥିଉ ୧୦:୩୩) ।

୯) ଖ୍ରୀଷ୍ଟଙ୍କଠାରେ ବାପ୍ତିଜିତ ନ ହେବା ମନୁଷ୍ୟମାନେ ବିନଷ୍ଟ ହେବେ, କାରଣ ବାପ୍ତିସ୍ମ ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ । (୧ମ ପିତର ୩:୨୦-୨୧) ।

୧୦) ପୁନଃର୍ବାର ଜନ୍ମ ଗ୍ରହଣ ନ କଲେ, କେହି ପରମେଶ୍ୱର ରାଜ୍ୟ ଦେଖି ପାରେ ନାହିଁ । (ଯୋହନ ୩:୫) ।

୧୧) ଯେଉଁମାନେ ସୁସମାଚାରର ଆଜ୍ଞାବହ ହୁଅନ୍ତି ନାହିଁ, ସେମାନଙ୍କ ଉପରେ ପରମେଶ୍ୱରଙ୍କ କ୍ରୋଧ ବର୍ତ୍ତିବ । (୨ୟ ଥେସ-୧:୮) ।

୧୨) ମନୁଷ୍ୟ ମନପରିର୍ତ୍ତନ ନ କଲେ, ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରେ ନାହିଁ । (ମାଥିଉ ୧୮:୩) ।

୧୩) ସତ୍ୟ ଆମ୍ଭମାନଙ୍କ ମୁକ୍ତ କରେ, (ଯୋହନ ୮:୩୨) । ସତ୍ୟ ଜ୍ଞାତ ହେବା ବିନୁ ଆମ୍ଭେମାନେ ପାପରୁ ମୁକ୍ତ ହୋଇ ନ ପାରୁ ।

୧୪) ସତ୍ୟ ପ୍ରତି ଆମ୍ଭେମାନେ ଶ୍ରଦ୍ଧାଭାବ ନ ବହିଲେ, ବିନଷ୍ଟ ହେବା । (୨ୟ ଥେସ- ୨:୧୦) ।

୧୫) ଖ୍ରୀଷ୍ଟଙ୍କ ବିନୁ ମନୁଷ୍ୟ କିଛି କରିପାରେ ନାହିଁ । (ଯୋହନ ୧୫:୫) ।

୧୬) ଖ୍ରୀଷ୍ଟଙ୍କ ବିନୁ ମନୁଷ୍ୟ ପରିତ୍ରାଣ ପାଇପାରେ ନାହିଁ । କାରଣ ଖ୍ରୀଷ୍ଟଙ୍କ ନାମରେ ହିଁ ପରିତ୍ରାଣ ଅଛି । (ପ୍ରେରିତ ୪:୧୨) ।

୧୭) ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀରେ ହିଁ ପରିତ୍ରାଣ ଅଛି । ତାହାଙ୍କ ଶରୀରର ବାହାରେ ମନୁଷ୍ୟ ବିନଷ୍ଟ ହେବ । (ଏଫିସୀ ୫:୨୩) ।

୧୮) କର୍ଣ୍ଣଲୀୟ ଏକ ଉତ୍ତମ, ଧାର୍ମିକ, ପ୍ରାର୍ଥନାଶୀଳ ଓ ଦୟାଳୁ ବ୍ୟକ୍ତି ଥିଲେ । କିନ୍ତୁ ଖ୍ରୀଷ୍ଟଙ୍କଠାରେ ବାପ୍ତିଜିତ ନ ହେବା ପୂର୍ବରୁ ସେ ପରିତ୍ରାଣ ପ୍ରାପ୍ତ ହୋଇ ନ ଥିଲେ । (ପ୍ରେରିତ ୧୧:୧୪) ।

❖❖❖